# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧/୨୦୧୯ (୨୦ ପୃଷ୍ଠା) Bhubaneswar, Friday, February 1/ 2019 ★★★★

୪୫ଶ ଭାଗ ୬୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





DSPL - 377

ଓଡ଼ିଶା ସରକାର



ବିଜୁ ଯୁବ ବାହିନୀ
Biju Yuva Vahini

# ଯୁବ ସମାବେଶ
## ସ୍ୱେଚ୍ଛାସେବାର ଉତ୍ସବ

## ସମ୍ବଲପୁର, ୧ ଫେବୃଆରୀ ୨୦୧୯

'ବିଜୁ ଯୁବ ବାହିନୀ' ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ

ଜିଲ୍ଲା: ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ, ବରଗଡ଼




ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶା ସରକାର

Follow us: @odishabyv @odishabyv



29002/13/0006/1819

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧/୨୦୧୯ | Bhubaneswar, Friday, February 1/2019 | ପୃଷ୍ଠା-୧




## ‘ମାମି’ର ଅଧକ୍ଷା ହେଲେ ଦୀପିକା

ଅଭିନେତ୍ରୀ ଦୀପିକା ପାଦୁକୋନ୍ ମୁମ୍ବାଇ ଏକାଡେମୀ ଅଫ୍ ମୁଭିଂ ଇମେଜ୍ (ଏମ୍ଏଏମ୍ଆଇ)ର ଅଧକ୍ଷା ପଦ ଅଳଙ୍କୃତ କରିଛନ୍ତି।

୧୨

୧୭

## ବୋଲ୍ଟଙ୍କୁ ୫ଉଇକେଟ ସଫଳତା

ଟ୍ରେଣ୍ଟ ବୋଲ୍ଟଙ୍କ ୫ ଉଇକେଟ ସଫଳତା ବଳରେ ନ୍ୟୁଜିଲାଣ୍ଡ ୪ର୍ଥ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ପରାସ୍ତ କରିଛି।



**ଆଜିର ସମ୍ପାଦକୀୟ**

**ସର୍ବତୋଷୀ ବଜେଟ**

**ଆଜିର ମନ୍ତବ୍ୟ**

“ଏନ୍ଏସ୍ଜିରେ ସାମିଲ ହେବା ପାଇଁ ଭାରତ ଅଣୁ-ଅପ୍ରସାର ଚୁକ୍ତିରେ ସ୍ୱାକ୍ଷର କରିବା ଜରୁରୀ।

– ଗେଙ୍ଗ୍ ଶୁଆଙ୍ଗ୍, ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

**କିଛି ତଥ୍ୟ**

ଜୁଲାଇ ୨୦୧୭ ଠାରୁ ମାର୍ଚ୍ଚ ୨୦୧୮ ମଧ୍ୟରେ ସରକାର ମାସିକ ହାରାହାରି ୮୯,୮୮୫ କୋଟି ଟଙ୍କାର ଜିଏସ୍ଟି ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି।

– ଅର୍ଥ ମନ୍ତ୍ରଣାଳୟ


SUDHAKAR
WIRES AND CABLES
THE POWER HIGHWAY
WANTED DEALERS
CONTACT US
93374 27021
sales.cables@sudhakarind.com


# ‘ଖଣି ଲୁଟେରାଙ୍କ କବ୍ଜାରେ ଓଡ଼ିଶା ସରକାର’

ଭୁବନେଶ୍ୱର,୩୧।୧(ବ୍ୟୁରୋ)

- ଭାଜପା ପକେଟ୍‌ରେ ବିଜେଡି
- ବିଜେଡି ପକେଟ୍‌ରେ କଂଗ୍ରେସ
- ଦିଲ୍ଲୀ ସରକାରୀ ସ୍କୁଲ ବୁଲି ଆସନ୍ତୁ ମୁଖ୍ୟମନ୍ତ୍ରୀ
- ଖଣି ଲୁଟେରାଙ୍କ ଉପରେ ବର୍ଷିଲେ ଶ୍ରୀକାନ୍ତ



ଖଣି ଲୁଟେରାଙ୍କ କବ୍ଜାରେ ଓଡ଼ିଶା ସରକାର ରହିଛନ୍ତି। ରାଜ୍ୟରେ ବିରୋଧୀ ଦଳ ବୋଲି କିଛିନାହିଁ। ଶାସକ ବିଜେଡି ଭାଜପାର ପକେଟ୍‌ରେ ରହିଛି। ସେହିପରି ପ୍ରଦେଶ କଂଗ୍ରେସ ବିଜେଡି ପକେଟ୍‌ରେ ରହିଛି। ଦେଶକୁ ଦୀର୍ଘଦିନ ଧରି କଂଗ୍ରେସ, ଭାଜପା ଲୁଟିଛନ୍ତି। ଅନୁରୂପ ଭାବେ ଓଡ଼ିଶାକୁ ବିଜୁ ଜନତା ଦଳ, କଂଗ୍ରେସ ଏବଂ ଭାଜପା ଲୁଟିଛନ୍ତି। ଏଠାରେ ମିଳିତ ଭାବେ ୩ ଦଳର ସରକାର ଚାଲୁଛି। ନିର୍ବାଚନ ସମୟରେ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ବିଜେଡି-ଭାଜପା-କଂଗ୍ରେସ ପରସ୍ପର ବିରୋଧୀ ହେବାର ଅଭିନୟ କରୁଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜରିୱାଲ କହିଛନ୍ତି। ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଗୁରୁବାର ଲୋୟର ପିଏମ୍‌ଜିରେ ଆୟୋଜିତ ସାଧାରଣ ସଭାରେ ଅରବିନ୍ଦ୍ ଏହି କଥା କହି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

କେଜରିୱାଲ ଆହୁରି କହିଛନ୍ତି ଯେ, ଦିଲ୍ଲୀ ବିଜୁଳି ଉତ୍ପାଦନ କରେନାହିଁ। ହେଲେ ଦିଲ୍ଲୀବାସୀଙ୍କୁ ସ୍ୱଳ୍ପ (ପ୍ରାୟ ୟୁନିଟ୍ ପିଛା ୧ଟଙ୍କା) ମୂଲ୍ୟରେ ଶକ୍ତି ସେବା ଯୋଗାଉଛି। ଓଡ଼ିଶା ତ ବିଜୁଳି ଉତ୍ପାଦନ କରୁଥିବା ରାଜ୍ୟ, ଏଠାରେ ବିଦ୍ୟୁତ୍ ଦର (ୟୁନିଟ୍ ପିଛା ୫ ଟଙ୍କା)ଏତେ ଅଧିକା କାହିଁକି। ଏକଦା ଦିଲ୍ଲୀର ସରକାରୀ ସ୍କୁଲଗୁଡ଼ିକର ଅବସ୍ଥା ଓଡ଼ିଶାଠାରୁ ବି ବହୁତ ଖରାପ ଥିଲା। ହେଲେ ଦିଲ୍ଲୀ ସରକାର ତାହାର ରକ୍ଷଣାବେକ୍ଷଣ କରିବା ସହ ଅତ୍ୟାଧୁନିକ ବ୍ୟବସ୍ଥା କରିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଶାବାସୀଙ୍କୁ ଦିଲ୍ଲୀର ସରକାରୀ ସ୍କୁଲ ପରିଦର୍ଶନ କରିବାକୁ ଆମନ୍ତ୍ରଣ କରୁଛି। ବ୍ୟକ୍ତିଗତ ଜୀବନରେ ସ୍ୱଚ୍ଛତା ରକ୍ଷା କରିଥିବାରୁ, ଛାତିରେ ହାତ ବାଡ଼େଇ ସେ ରାଜନୀତି କରିପାରୁଥିବା ଅରବିନ୍ଦ୍ କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବା ପରେ ଅରବିନ୍ଦ୍‌ଙ୍କର ଏହା ପ୍ରଥମ ଓଡ଼ିଶା ଗସ୍ତ ଥିଲା। ରାଜନୈତିକ ☞ପୃଷ୍ଠା–୧୩

# ଆଜି ଅନ୍ତରୀଣ ବଜେଟ

ନୂଆଦିଲ୍ଲୀ,୩୧।୧



ପୀୟୂଷ ଗୋୟଲ

ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଏନ୍‌ଡିଏ ସରକାରଙ୍କ ଅନ୍ତିମ ତଥା ଅନ୍ତରୀଣ ବଜେଟକୁ ଶୁକ୍ରବାର ଲୋକ ସଭାରେ ଉପସ୍ଥାପନ କରିବେ। ଏହି ବଜେଟକୁ ନେଇ ଦେଶବାସୀଙ୍କ ମଧ୍ୟରେ ବହୁ ଆଶାଆକାଂକ୍ଷା ରହିଥିବା ବେଳେ ଗୋୟଲ ପୂର୍ବାହ୍ନ ୧୧ଟାରେ ତାଙ୍କର ବଜେଟ ଭାଷଣ ଆରମ୍ଭ କରିବେ। ତେବେ ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ କମିଟି ବୈଠକରେ ବଜେଟକୁ ଅନୁମୋଦନ କରାଯିବ ଏବଂ ଏହି ଅବସରରେ ବଜେଟ ପୁସ୍ତିକାକୁ ଅର୍ଥ ମନ୍ତ୍ରଣାଳୟରୁ ସଂସଦ ଭବନକୁ ଅଣାଯିବ। ଆସନ୍ତା ମେ’ରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଥିବାରୁ ବଜେଟ ମାଧ୍ୟମରେ ସମସ୍ତଙ୍କୁ ଖୁସି କରିବାକୁ ସରକାର ଯଥାସାଧ୍ୟ ଉଦ୍ୟମ କରିବେ ବୋଲି ଆଶାକରାଯାଉଛି। ବିଶେଷ କରି ଏମ୍ଏସ୍ଏମ୍ଇଙ୍କ ☞ପୃଷ୍ଠା–୧୩

# ୪୫ ବର୍ଷରେ ସର୍ବାଧିକ ବେକାରି

ନୂଆଦିଲ୍ଲୀ,୩୧।୧

ସାଧାରଣ ନିର୍ବାଚନକୁ ଆଉ ୩ ମାସରୁ କମ୍ ସମୟ ବାକି ଥିବାବେଳେ କେନ୍ଦ୍ର ସରକାରଙ୍କ ମୁଣ୍ଡବ୍ୟଥା ବଢ଼ାଇଦେବା ଭଳି ଏକ ରିପୋର୍ଟ ଗୁରୁବାର ପ୍ରକାଶ ପାଇଛି। ଅର୍ଥନୀତିକୁ ସୁଦୃଢ଼ କରିବା ସହ ବାର୍ଷିକ ୨ କୋଟି ଚାକିରି ଆଶାୟୀଙ୍କୁ ନିଯୁକ୍ତି ପ୍ରଦାନର ପ୍ରତିଶ୍ରୁତି ଦେଇ ୨୦୧୪ରେ ଏନ୍‌ଡିଏ କ୍ଷମତାସୀନ ହୋଇଥିଲା। ହେଲେ ୨୦୧୭-୧୮ରେ ଦେଶରେ ସର୍ବାଧିକ ବେକାରି ବୃଦ୍ଧି ପାଇଥିବା ଜାତୀୟ ନମୁନା ସର୍ବେକ୍ଷଣ ଅଫିସ (ଏନ୍ଏସ୍ଏସ୍ଓ) ପକ୍ଷରୁ ଜାରି ସମୀକ୍ଷା ରିପୋର୍ଟରେ କୁହାଯାଇଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଛନ୍ତି। ପକୁଡ଼ି ଛାଣି କର୍ମସଂସ୍ଥାନ ଯୋଗାଡ଼ କରିବାକୁ ଯୁବପିଢ଼ିଙ୍କୁ ପରାମର୍ଶ ☞ପୃଷ୍ଠା–୧୩

**ମୋଦି ସରକାର ହଟହଟା**

- ୨୦୧୭-୧୮ରେ ବେକାରି ହାର ୬.୧%
- ୧୯୭୨-୭୩ ପରେ ଦେଶରେ ଏଭଳି ସ୍ଥିତି ଦେଖିବାକୁ ମିଳି ନ ଥିଲା
- ତଥ୍ୟ ଚପାଇ ହେରଫେର କରିବାକୁ କେନ୍ଦ୍ରର ଉଦ୍ୟମ
- ଜାତୀୟ ବିପର୍ଯ୍ୟୟ ଉପରୁ ପରଦା ହଟିଛି: ରାହୁଲ
- ରିପୋର୍ଟକୁ ଖଣ୍ଡନ କଲା ନୀତି ଆୟୋଗ


NATIONAL EGG CO-ORDINATION COMMITTEE 31.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 85 | 139 | 149 |
| CTC | 87 | 141 | 151 |
| DKL | 87 | 141 | 151 |
| BDK | 89 | 144 | 154 |
| BLS | 89 | 144 | 154 |
| ANG | 87 | 141 | 151 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers


## ଗଞ୍ଜାମ ଜିଲାକୁ ଫେରୁଛି କୁଷ୍ଠ

# ୬ବର୍ଷରେ ୪ହଜାର ରୋଗୀ ଚିହ୍ନଟ

ଆଶୀର୍ବାଦ ରାଉତ

ବ୍ରହ୍ମପୁର ଅଫିସ,୩୧।୧

- ସଚେତନତା ପାଇଁ ଚାଲିଛି ‘ସ୍ପର୍ଶ’
- ଆସନ୍ତା ୧୫ରୁ ଚିହ୍ନଟ ଶିବିର

ସରକାରୀ ଏବଂ ବେସରକାରୀ ସ୍ତରରେ ବହୁ ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ, କୁଷ୍ଠକୁ ନେଇ ଆଜି ମଧ୍ୟ ସାମାଜିକ ଦୃଷ୍ଟିକୋଣ ବଦଳି ନାହିଁ। କୁଷ୍ଠରୋଗୀଙ୍କୁ ଜଣେ ରୋଗୀ ଭାବେ ନୁହଁ, ବରଂ ଜଣେ ଅଭିଶପ୍ତ ମଣିଷରେ ଗଣାଯାଏ। ତାଙ୍କୁ ଛୁଇଁବା କିମ୍ବା ତାଙ୍କ ପାଖରେ ବସିବାକୁ ଆଜି ଯାଏ ପାପ ବୋଲି କୁହାଯାଏ। ଅନ୍ୟପଟେ ଦେଖିବାକୁ ଗଲେ, ଗତ ଏକ ଦଶନ୍ଧି ହେଲା କୁଷ୍ଠ ରୋଗ ଗଞ୍ଜାମରେ କାୟାବିସ୍ତାର କରିବାରେ ଲାଗିଛି। ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି। ଯେଉଁ କୁଷ୍ଠ ଗଞ୍ଜାମ ଜିଲାରୁ ମୂଳପୋଛ ଆଡ଼କୁ ଅଗ୍ରସର ହେଉଥିଲା, ଗତ କିଛିବର୍ଷ ହେଲା ସେହି କୁଷ୍ଠ ପୁଣିଥରେ ଜିଲାକୁ ଫେରୁଛି। ମାତ୍ର ୬ବର୍ଷ ଭିତରେ ୩ ହଜାର ୯୩୨ଜଣ ନୂତନ କୁଷ୍ଠରୋଗୀ ଚିହ୍ନଟ, ଏ ଉକ୍ତିକୁ ପ୍ରମାଣିତ କରୁଛି।

ସରକାରୀ ତଥ୍ୟ କହୁଛି, ୨୦୦୯-୧୦ ରେ ଗଞ୍ଜାମ ଜିଲାରେ ☞ପୃଷ୍ଠା–୨




STORES ONLY AT: BHUBANESWAR: 621, Saheed Nagar, Janpath | BHUBANESWAR: Biju Patnaik International Airport | BHUBANESWAR: 309,District Centre, Chandrasekharpur
BERHAMPUR : Venkatraju Arcade, Sano Bazar | CUTTACK: 558/834, Cantonment Road | ROURKELA: Kesar Bhawan, Main Road | Toll Free: 1800 3131 777 | Open on Sundays

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ଓମ୍
ପରିବାରବର୍ଗ


ସାଇ
ପରିବାରବର୍ଗ


ପିହୁ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified







### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଛାରୁ ବିକ୍ରିହେବ। 9178660666. D-65528

70,000/- booking ଦେଇ Xavier University ପାଖରେ (1200 sqft.) plotର ମାଲିକ ହୁଅନ୍ତୁ। 6371481421. D-65458

Plot on lowest budget Brahmanajharilo, 9km. from BBSR, 16km. from Cuttack 250/- sqft. 7809525452. D-65808

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

Investment plot in BDA commercial zone Pitapali Chaka, sqft.-199/-, 9348048204. D-65348

Bhubaneswar AIIMS Hospital, NMIET, DOON School, ନିକଟରେ 30' roadଥାଇ gharabari plot. 9777553622. D-64769

Residential boundary plot Rs. 450/- blacktop road side Gudiapokhari, Bhubaneswar. 7978632259. D-59847

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

ଭୁବନେଶ୍ୱର Sum Hospital ନିକଟ କାଟେଣୀରେ yellowzone gharabari plot 550/-. 9777553622. D-64777

ପ୍ଲଟ ବିକ୍ରିହେବ। ମୌଜା ବିଜୟ ଚନ୍ଦ୍ରପୁର, ପାରାଦୀପ ଜମି– ଏ୦– ୨୨ ୧/୨ଡି ଓ ଏ୦– ୨୫ଡି ମୋଟ ଏ୦.୪୭ ୧/୨ଅଧେ, ପ୍ଲଟ ୪୭୧ ଖାତା ୩୭, କଛ ନଂ ୩୧ ବିକ୍ରିହେବ। ଯୋଗାଯୋଗ: 7008727988, 9437318118. D-10848

Bhubaneswar ହଂସପାଳ ପାଖରେ ଘରବାରି ବାଉଣ୍ଡାରି plot କିଣି ସଙ୍ଗେସଙ୍ଗେ ଘର କରନ୍ତୁ: 9556403869, 9937355539. D-10830

Palaspalli (Airport area) BDA Duplex 2950 sqft 5BR + 2 bath immediate sale: 8114657714, 7684890328. D-64574

ଭୁବନେଶ୍ୱରରେ ଆଜବେଷ୍ଟସ ଘର 3 phase line ସହ ଖୋଲା ଜାଗା ଆବଶ୍ୟକ। 8018172594. D-59529

1000, 750, 700, 650, 450 sqft. available for office purpose at centrally located Unit-9, 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapalli. Mob: 7789837712, 9861256148. D-10803

5000 sqft. ground floor and 2500 sqft. first floor for godown besides NH-16 Patrapada. 9040551000. D-60940

Five rooms with 3 toilets suitable for Office, Hostel, Storage purpose at Tamando adjacent to NH-16. 9437953285. D-60939




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Improving your health, skin care through expert therapist, excellent offer. 9668374480. D-65544

Herbal full body massage by smart/ expert therapist. Contact: 8338067247. D-65546

New opening ayurvedic body massage smart therapist, Shree herbal. 7750020754. D-65545

Herbal fullbody massage with refreshment by well trained therapist. 7381239385. D-65540

Experience full body massage with us by experts. 06742597822, 7377048581. D-65541

Ayurvedic full body massage ladies/ gents experts therapist. 8338097451 . D-65802

Roshin ayurvedic massage club fully relaxed by smart lady home service facility available. 9937637219. D-65809

Ayurvedic full body massage ladies/ gents experts therapist. 8338097451 . D-65810

### LOST

ମୁଁ ଗିରିଧାରୀ ପ୍ରଧାନ, ମୌଜା– ମଞ୍ଚେଶ୍ୱର, ତହସିଲ–ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ଖାତା ନଂ– ୫୪୦/୯୨୫, ପ୍ଲଟ ନଂ. ୧୬୭୫, ଏସି.୦.୦୨୭.୫ ଡେସିମିଲର ମୂଳ ଆର.ଏସ୍.ଡି ନଂ. ୧୧୦୮୧୬୦୩୮୪୮, ଆଇଡି. ନଂ. ୧୦୮୧୬୦୩୯୦୩ ତା୦୪।୦୪।୨୦୧୬ ରିଖ ରେ ହୋଇଥିଲା ଯାହା ହଜିଯାଇଛି। ଯଦି କେହି ପାଆନ୍ତି, ଯୋଗାଯୋଗ କରନ୍ତୁ: ୯୪୩୭୬୩୧୨୫୯. ଧ–୧୦୮୪୯

### ପ୍ରଥମ ବାର୍ଷିକ ଜନ୍ମଦିବସ



(ସାଇ)
ନବଜ୍ୟୋତି ପତି
ଭିଲିଶାସନ, ନିମାପଡା
ତୁମେ ଦୀର୍ଘାୟୁ ହୁଅ ଓ ତୁମ ଚଳାପଥ ସଦା କୁସୁମିତ ହେଉ, ଆଜି ଏ ପବିତ୍ର ଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ପରିବାରବର୍ଗ। ଧ–୫୬୧୬୫

### ଜନ୍ମଦିନ ଶୁଭେଚ୍ଛା



ପିହୁ
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ସେ ତୋତେ ଦୀର୍ଘାୟୁ କରନ୍ତୁ, ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେମା, ଆଈ, ବଡବାପା, ବଡମାମା, ବାବା, ମାମା, କୁନ୍‌ମୁନ୍ ଅପା, ଆଦିଭାଇ, ଇଶୁଭାଇ ଓ ପଟ୍ଟନାୟକ ପରିବାରବର୍ଗ। ଧ–୧୦୮୫୬

### ଷଷ୍ଠ ଜନ୍ମବାର୍ଷିକ ଶୁଭେଚ୍ଛା



ଓମ୍ ଶତପଥି
୧୧୮୧, ବମିଖାଲ
ତୋର ଆଜି ଷଷ୍ଠ ଜନ୍ମଦିନରେ ଶ୍ରୀଶ୍ରୀଜଗନ୍ନାଥ ଭଲ ମଣିଷ କରି ଦିଅନ୍ତୁ, ଏହା ଆମର ପ୍ରାର୍ଥନା। ତୋର ପାପା, ମାମା, ନାନ୍, ଦର୍ଶିଲ, ସିମି, କାକୁମାନେ, ନାନୀ ଓ ପିଉସାମାନେ, ଅଜା, ଆଈ, ମାମୁ, ନନା, ମା ଓ ପରିବାରବର୍ଗ। ଧ–୧୦୭୫୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୧୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


### ମନେ ପଡ଼ନ୍ତି

#### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ରଜନିକାନ୍ତ ମହାନ୍ତି
ଆବିର୍ଭାବ: ମାଘମାସ ଶୁକ୍ଳ ପକ୍ଷ ନବମୀ
ତିରୋଧାନ: ମାଘ କୃଷ୍ଣ ପକ୍ଷ ଦ୍ୱାଦଶୀ
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା।
ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ଅତ୍ୟନ୍ତ କଷ୍ଟଦାୟକ।
ତୁମର ଆତ୍ମା ଚିରଶାନ୍ତି ଲାଭ କରୁ।
ତୁମର ହତଭାଗ୍ୟ ପରିବାରବର୍ଗ।
ଧ–୧୦୮୦୧

#### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଚର୍ତୁଭୁଜ ପ୍ରଧାନ
ଆବିର୍ଭାବ: ୧୦।୧୧।୧୯୪୧
ତିରୋଧାନ: ୨୨।୦୧।୧୯
ବାପା ଆପଣଙ୍କର ତିରୋଧାନରେ ସମସ୍ତେ ମର୍ମାହତ। [illegible] ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: [illegible] ସମସ୍ତ ପରିବାରବର୍ଗ। ଧ–୧୦୮୪୨

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କମିବ ଶୀତ: ଦାରିଙ୍ଗବାଡ଼ିରେ ୬ ଡିଗ୍ରୀ

ଭୁବନେଶ୍ୱର,୩୧।୧(ବ୍ୟୁରୋ): ରାଜ୍ୟରେ ଗତ କିଛି ଦିନ ହେବ ପ୍ରବଳ ଶୀତ ଅନୁଭୂତ ହେଉଛି। ପାରଦ ୪ ଡିଗ୍ରୀ ତଳକୁ ଖସିଯାଇଛି। ଦୁଇ ତିନି ଦିନ ହେବ ଆଭ୍ୟନ୍ତରୀଣ ଓଡ଼ିଶାକୁ ଶୀତ କିଲ୍‌ବିଲ୍ କରୁଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ଶୀତ ଲହରି ଜାରି ରହିବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଏଥିସହିତ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ବୌଦ୍ଧ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରରେ ପ୍ରବଳ ଶୀତ ଅନୁଭୂତ ହେବ। ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଯିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦାରିଙ୍ଗବାଡିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

**୩ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ**

# ପ୍ରଧାନ ଶିକ୍ଷକଙ୍କୁ ନଣ୍ଡା କଲେ

**ବାରିପଦା ଅଫିସ, ୩୧।୧**

ମୟୂରଭଞ୍ଜ ଜିଲା ଶୂଳିଆପଦା ଥାନା ଅଧୀନ ଏକ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ତିନି ଛାତ୍ରୀଙ୍କୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଗୁରୁବାର ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖି ନଣ୍ଡା କରିଛନ୍ତି। ଖବର ପାଇ ଥାନା ଅଧିକାରୀ ସଞ୍ଜୟ ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। ଛାତ୍ରୀମାନଙ୍କ ଅଭିଭାବକ ଥାନାରେ ଲିଖିତ ଅଭିଯୋଗ କରି ନ ଥିବାରୁ ମାମଲା ରୁଜୁ ହୋଇ ନାହିଁ। ପ୍ରଧାନଶିକ୍ଷକଙ୍କୁ ଥାନାରେ ଅଟକ ରଖାଯାଇଥିବା ଥାନା ଅଧିକାରୀ ସଞ୍ଜୟ କହିଛନ୍ତି। ଅଭିଭାବକ ଅଭିଯୋଗ କରିଛନ୍ତି ଯେ, ଗତ ୨୯ ତାରିଖରେ ସମ୍ପୃକ୍ତ ଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀମାନେ ନିଜ ଘରେ ଘଟଣା ସମ୍ପର୍କରେ ଜଣାଇଥିଲେ। ସେହିଦିନଠାରୁ ପ୍ରଧାନଶିକ୍ଷକ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସ୍କୁଲକୁ ଆସୁ ନ ଥିଲେ। ଗୁରୁବାର ବିଦ୍ୟାଳୟକୁ ପ୍ରଧାନଶିକ୍ଷକ ଆସିବା ପରେ ଗ୍ରାମବାସୀ ତାଙ୍କୁ ଘେରିଯାଇଥିଲେ। ପରେ ଅଟକ ରଖି ତାଙ୍କୁ ନଣ୍ଡା କରିଥିଲେ।

# କାଳିଆ ଯୋଜନା: 'ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ଅର୍ଥ ଫେରାଇ ଅଣାଯିବ'

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

କାଳିଆ ଯୋଜନାରେ ବିଭିନ୍ନ ନେତା ଓ ମନ୍ତ୍ରୀଙ୍କ ସମ୍ପର୍କୀୟ ଏବଂ ଧନୀ ହିତାଧିକାରୀ ତାଲିକାଭୁକ୍ତ ହୋଇଥିବା ଅଭିଯୋଗ ହେଉଛି। ସେମାନଙ୍କ ଆକାଉଣ୍ଟକୁ ଏହି ଯୋଜନା ଅର୍ଥ ଯାଇଥିବା କୁହାଯାଉଛି। ଏଭଳି ଅଭିଯୋଗ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ଓ କୃଷକ ସଶକ୍ତୀକରଣ ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ଯଦି କୌଣସି ଭୁଲବଶତଃ ଅଣ ହିତାଧିକାରୀମାନଙ୍କ ଆକାଉଣ୍ଟକୁ କାଳିଆ ଯୋଜନା ଟଙ୍କା ଯାଇଥିବ ତେବେ ତାହା ଫେରାଇ ଅଣାଯିବ। କାଳିଆ ଯୋଜନା ପାଇଁ ଜାନୁୟାରୀ ୧ ତାରିଖରେ ଚିଠା ହିତାଧିକାରୀ ତାଲିକା ପ୍ରକାଶ ପାଇଥିଲା। ଏଥିରେ ୨୨ ଲକ୍ଷ ହିତାଧିକାରୀ ତାଲିକାଭୁକ୍ତ ହୋଇଥିଲେ। ଏହି ତାଲିକା ପ୍ରତ୍ୟେକ ପଞ୍ଚାୟତରେ ଝୁଲାଯିବା ସହ ୱେବ୍‌ସାଇଟରେ ମଧ୍ୟ ଦିଆଯାଇଥିଲା। ଅଯୋଗ୍ୟ ହିତାଧିକାରୀମାନଙ୍କୁ ନାଲି ଫର୍ମ ପୂରଣ କରି ଦେବାକୁ କୁହାଯାଇଥିଲା। ଯେଉଁମାନେ ସରକାରୀ ଚାକିରି କରିଛନ୍ତି, ଯେଉଁ ବ୍ୟକ୍ତିଙ୍କର ୫ ଏକରରୁ ଊର୍ଦ୍ଧ୍ୱ ଚାଷଜମି ରହିଛି ଏବଂ ଯେଉଁମାନେ ଆୟକର ଦେଉଛନ୍ତି କିମ୍ବା ମୃତ୍ୟୁ ଘଟିଥିଲେ ସେମାନଙ୍କୁ ହିତାଧିକାରୀ ତାଲିକାରୁ ବାଦ ଦେବାକୁ କୁହାଯାଇଛି। ଏ ନେଇ ବହୁ ନାଲି ଫର୍ମ ଆବେଦନ ହସ୍ତଗତ ହୋଇଛି। ପ୍ରାୟ ୧.୫ ଲକ୍ଷ ଲୋକ ସ୍ୱଇଚ୍ଛାରେ ନାଲି ଫର୍ମ ଜରିଆରେ ଏହି ଯୋଜନାରୁ ନିଜକୁ ବାହାର କରି ନେଇଛନ୍ତି ବୋଲି ଗର୍ଗ କହିଛନ୍ତି। ୨୨ ଲକ୍ଷ ତାଲିକାରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କର ନାମ ଥାଇପାରେ। ତେବେ କେବଳ ୧୨.୪୫ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଅର୍ଥ ପଠାଇବା ପୂର୍ବରୁ ଭଲ ଭାବରେ ଯାଞ୍ଚ କରାଯାଇଥିବା ସଚିବ କହିଛନ୍ତି। ଯଦି ଭୁଲବଶତଃ କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଥିବ ତାହା ସଂଶୋଧନ କରାଯିବ। ୨୨ ଲକ୍ଷରୁ ୭ ଲକ୍ଷ ଚାଷୀ ୫ ହଜାର ଟଙ୍କା ବଦଳରେ ୧ ଟଙ୍କା ପାଇଥିବା ରିପୋର୍ଟ ଆସିଛି। ଆକାଉଣ୍ଟ ଯାଞ୍ଚ କରାଯାଉଛି। ୧୨.୪୫ ଲକ୍ଷ ଚାଷୀଙ୍କ ଆକାଉଣ୍ଟରେ ସହାୟତା ରାଶି ଜମା କରାଯାଇ ପାରି ନ ଥିଲା। ଗତ ଜାନୁୟାରୀ ୨୫ ତାରିଖରେ ୨୦ ହଜାର ଚାଷୀଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସମବାୟ ବିଭାଗ ପକ୍ଷରୁ ମଧ୍ୟ ଏ ନେଇ ଯାଞ୍ଚ କରାଯିବ ବୋଲି ସଚିବ କହିଛନ୍ତି।

## ଓଡ଼ିଶା ପୋଲିସ ସଂଘ ଆନ୍ଦୋଳନ ସାମୟିକ ସ୍ଥଗିତ

**କଟକ ଅଫିସ, ୩୧।୧**

କେତେକ ମୌଳିକ ଦାବିନେଇ ଓଡିଶା ପୋଲିସ ସଂଘ(ଓପିଏ) ଫେବୃୟାରୀ ୧ରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିଲା। ତେବେ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ନିମନ୍ତେ ଗୃହ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯିବାରୁ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଗୁରୁବାର ବକ୍ସିବଜାରସ୍ଥିତ ଓପିଏ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସତ୍ୟଜିତ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଫେବୃୟାରୀ ବୈଠକରୁ ସୁଫଳ ନ ମିଳିଲେ ୬ରୁ ସଂଘର ସଦସ୍ୟମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗଦେବେ। ୧୦ରୁ ସମୂହ ଛୁଟିରେ ରହିବା ଲାଗି ଆବେଦନ କରିବେ ବୋଲି ସେ କହିଛନ୍ତି।

## ଘାଟିରେ ଗଛ କାଟି ରାସ୍ତା ଅବରୋଧ କଲେ ମାଓବାଦୀ

**ଦାରିଙ୍ଗବାଡ଼ି/କୋଟଗଡ଼,୩୧।୧(ଡି.ଏନ.ଏ.)**

ମାଓବାଦୀମାନେ ଗତ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତିରୋଧ ଦିବସ ପାଳନ କରିବା ସହ ଗୁରୁବାର ଭାରତ ବନ୍ଦ ଡାକରା ଦେଇ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଗଛ କାଟି ରାସ୍ତା ଅବରୋଧ କରିଥିଲେ। ଦାରିଙ୍ଗବାଡ଼ି ଥାନା କିରିକୁଟି ପଞ୍ଚାୟତ ୫୯ନଂ. ଜାତୀୟ ରାଜପଥର ପକାଲଡ଼ାମି ଘାଟି ଓ କୋଟଗଡ ବ୍ଲକ ଦୁର୍ଗାପଙ୍ଗା ପଞ୍ଚାୟତ ବଣ୍ଡାପିପିଲି ଏବଂ ବାହାଲାଙ୍ଗିଠାରେ ରାଜପଥରେ ବୁଧବାର ରାତିରେ ଗଛ ପକାଇ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧସ୍ଥଳରେ ଏକାଧିକ ଲାଲ୍ ବ୍ୟାନର ଓ ପୋଷ୍ଟର ମଧ୍ୟ ଲଗାଯାଇଥିବା ଗୁରୁବାର ସକାଳେ ଦେଖାଯାଇଥିଲା। ପକାଲଡ଼ାମି ଘାଟି ରାସ୍ତା ଅବରୋଧ କରାଯାଇଥିବାରୁ ବାଲିଗୁଡ଼ାରୁ ସୋରଡ଼ା ଦେଇ ବ୍ରହ୍ମପୁରକୁ ଯାତାୟାତ ବନ୍ଦ ରହିଥିବା ବେଳେ ଦାରିଙ୍ଗବାଡ଼ିରୁ ବାଲିଗୁଡ଼ା, ଫୁଲବାଣୀକୁ ମଧ୍ୟ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସେହିପରି କୋଟଗଡ ବ୍ଲକ ଅଞ୍ଚଳରେ ରାସ୍ତାରେ ଗଛ କାଟି ପକାଯାଇଥିବାରୁ ବାଲିଗୁଡାଠାରୁ ମୁନିଗୁଡାକୁ ଯାତାୟାତରେ ବାଧା ଉପୁଜିଥିଲା। ମାଓବାଦୀମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ତେଣୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ସନ୍ଧ୍ୟା ସୁଦ୍ଧା ପୋଲିସ କୌଣସି ସ୍ଥାନରେ ପହଞ୍ଚି ନ ଥିବାରୁ ରାସ୍ତା ଅବରୋଧ ହଟିନି।

କେନ୍ଦ୍ର ଓ ରାଜ୍ୟ ସରକାର ମାଓବାଦୀଙ୍କ ବିପ୍ଲବୀ ଆନ୍ଦୋଳନକୁ ଶେଷ କରିଦେବା ପାଇଁ ଚଳାଇଥିବା ଯୋଜନାକୁ ମାଓବାଦୀମାନେ ଉକ୍ତ ପୋଷ୍ଟର ଓ ବ୍ୟାନର ମାଧ୍ୟମରେ ବିରୋଧ କରିଛନ୍ତି। ଉଭୟ ସରକାରର ଆଦିବାସୀ, ଦଳିତ, ସରକାରୀ କାର୍ଯ୍ୟ ବିରୋଧରେ ଏକ ହେବାକୁ ଆହ୍ୱାନ ଦିଆଯାଇଛି।

## ୬ବର୍ଷରେ ୪ହଜାର...

ପ୍ରଥମ ପୃଷ୍ଠାରୁ

ମାତ୍ର ୨୭୯ ନୂତନ କୁଷ୍ଠରୋଗୀ ଚିହ୍ନଟ ହୋଇଥିଲେ। ଏହାର ପରବର୍ତ୍ତୀ ବର୍ଷଗୁଡ଼ିକରେ ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇବଢ଼ିଛି। ୨୦୧୭–୧୮ରେ ୭୩୧ ନୂତନ ରୋଗୀ ଚିହ୍ନଟ ହୋଇଥିଲେ। ୨୦୧୮ ଏପ୍ରିଲ୍‌ରୁ ଡିସେମ୍ବର ଭିତରେ ୫୭୨ ରୋଗୀ ଚିହ୍ନଟ ହୋଇ ସାରିଲେଣି। ବର୍ଷ ସରିବାକୁ ଆହୁରି ୩ ମାସ ଥିବା ବେଳେ ରୋଗୀଙ୍କ ସଂଖ୍ୟା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ଏପରିକି ଶିଶୁରୋଗୀଙ୍କ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ରହିଛି। ୨୦୦୯–୧୦ ରେ ଚିହ୍ନଟ ହୋଇଥିବା ମୋଟ ରୋଗୀଙ୍କ ମଧ୍ୟରୁ ଶିଶୁଙ୍କ ସଂଖ୍ୟା ଥିଲା ୪୩ ଅର୍ଥାତ୍ ୧୫.୪ପ୍ରତିଶତ। ୨୦୧୭–୧୮ରେ ଶିଶୁ ରୋଗୀଙ୍କ ସଂଖ୍ୟା ହେଉଛି ୫୪। ୨୦୧୮ ଏପ୍ରିଲ୍‌ରୁ ଡିସେମ୍ବର ଭିତରେ ୪୮ଶିଶୁ କୁଷ୍ଠ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି।

ଏହି ସଂଖ୍ୟା ଗଞ୍ଜାମ ଜିଲାରେ ମାରାତ୍ମକ ହେଉଥିବା କୁଷ୍ଠ ରୋଗକୁ ଦର୍ଶାଉଛି। କୁଷ୍ଠ ରୋଗୀଙ୍କୁ ସମାଜରେ ଏକ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ରୋଗୀମାନେ ସାମାଜିକ ବାସନ୍ଦର ଶିକାର ହୁଅନ୍ତି। ଏନେଇ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ଜାନୁୟାରୀ ୩୦ ତାରିଖରୁ ଫେବୃୟାରୀ ୧୪ତାରିଖ ପର୍ଯ୍ୟନ୍ତ 'ସ୍ପର୍ଶ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଗାଁ କଲ୍ୟାଣ ସମିତି ତରଫରୁ ପ୍ରତ୍ୟେକ ଗ୍ରାମ ଏବଂ ସ୍କୁଲଗୁଡ଼ିକରେ ଆଗାମୀ ଦିନରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି। କୁଷ୍ଠମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କୁ ଶପଥପାଠ କରାଯାଉଛି। ନିଜ ଆଖପାଖରେ କୁଷ୍ଠ ରୋଗୀ ଥିଲେ, ତାଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ ଦିଗରେ ସାହାଯ୍ୟ ପ୍ରଦାନ ସହ ତାଙ୍କୁ ସାମାଜିକ ଭେଦଭାବରୁ ବଞ୍ଚାଇବା ପାଇଁ ସମସ୍ତେ ଶପଥ ନେଉଛନ୍ତି।

ଅନ୍ୟପଟେ ବୃଦ୍ଧି ପାଉଥିବା ସଂଖ୍ୟାକୁ ନେଇ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡା. ତୃପ୍ତିମୟୀ ମହାପାତ୍ରଙ୍କ ଭିନ୍ନମତ ରହିଛି। ତାଙ୍କ କହିବାନୁଯାୟୀ, ପୂର୍ବରୁ କୁଷ୍ଠ ରୋଗୀ ଚିହ୍ନଟ ଶିବିରଗୁଡ଼ିକର ଆୟୋଜନରେ ତ୍ରୁଟି ରହୁଥିଲା। ଫଳରେ ନୂତନ ରୋଗୀ ଚିହ୍ନଟ ହୋଇପାରୁ ନ ଥିଲେ। କିନ୍ତୁ ଗତ କିଛି ବର୍ଷ ହେଲା ଶିବିର ବ୍ୟାପକ ଭାବେ ଆୟୋଜିତ ହେଉଛି। ସେଥି ପାଇଁ ରୋଗୀଙ୍କ ସଂଖ୍ୟା ବଢ଼ିଛି। ରୋଗୀ ଚିହ୍ନଟ ହେବା ପରେ ତାଙ୍କର ଚିକିତ୍ସା ସୁବିଧା କରାଯାଉଛି। ଆବଶ୍ୟକ ଔଷଧ ପ୍ରଦାନ କରାଯାଉଛି। ଆସନ୍ତା ଫେବୃୟାରୀ ୧୫ରୁ ୨୮ତାରିଖ ପର୍ଯ୍ୟନ୍ତ କୁଷ୍ଠରୋଗୀ ଚିହ୍ନଟ ଶିବିର(ଏଲ୍‌ସିଡିସି) ଆୟୋଜନ ହେବ। ଜିଲାର ମୋଟ ୩୮ଲକ୍ଷ ୫୮ହଜାର ୫୮୦ଙ୍କ ପାଖରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୩ ହଜାର ୫୦୨ ଦଳ ଚିହ୍ନଟ ପ୍ରକ୍ରିୟାରେ ସାମିଲ୍ ହେବେ। ଏହି ଦଳରେ ଜଣେ ଆଶା ଏବଂ ଜଣେ ପୁରୁଷ ସ୍ୱେଚ୍ଛାସେବୀ ରହିବେ। ଏମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୭ଶହ ସୁପରଭାଇଜର୍ ରହିବେ। ଘରକୁ ଘର ଯାଇ ରୋଗୀଙ୍କୁ ଚିହ୍ନଟ କରାଯିବ। ଯେଉଁ ଲୋକମାନଙ୍କ ପାଖରେ କୁଷ୍ଠ ଲକ୍ଷଣ ଦେଖାଦେବ ଆଶାକର୍ମୀ ଏବଂ ପୁରୁଷ ସ୍ୱେଚ୍ଛାସେବୀ, ସେମାନଙ୍କ ତାଲିକା ପ୍ରସ୍ତୁତ କରିବେ। ସୁପରଭାଇଜର୍‌ମାନେ ପହଞ୍ଚି ଆବଶ୍ୟକ ପରୀକ୍ଷା କରିବେ। କୁଷ୍ଠ ରୋଗ ଚିହ୍ନଟ ହେଲେ ଏନେଇ ମେଡିକାଲ୍ ଅଫିସର୍‌ଙ୍କୁ ସୂଚନା ଦେବେ। ସମ୍ପୃକ୍ତ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ କରାଯିବ ବୋଲି ଡା. ମହାପାତ୍ର ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଚନ୍ଦ୍ରଙ୍କ ସହ ଶନି ଓ ଶୁକ୍ରଙ୍କ ସଂଯୋଗ ହେତୁ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ସାମାଜିକ ସ୍ତରରେ ସମାଲୋଚନାର ମୃଦୁ ଗୁଞ୍ଜରଣ ଶୁଣିବାକୁ ମିଳିପାରେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବନ୍ଧୁ ମିଳନ, ଦୂରଯାତ୍ରା, ଶୁଭକାର୍ଯ୍ୟରେ ସହଯୋଗ କରିପାରନ୍ତି। ଯାତ୍ରାକାଳରେ ନୂତନ ମୈତ୍ରୀ ସୃଷ୍ଟି ହେବ।

**ବୃଷ**



ଅଷ୍ଟମ ଚନ୍ଦ୍ରଙ୍କ ପାପଗ୍ରହ ସମ୍ବନ୍ଧରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ବନ୍ଧୁବର୍ଗଙ୍କ ସହ ସୁସମ୍ପର୍କ ରହିବ ନାହିଁ। ଆନୁଷ୍ଠାନିକ କାର୍ଯ୍ୟ,ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କିଛି ଜିନିଷ ହଜାଇବା କାରଣରୁ ବିରସ ରହିବେ। ବାଣିଜ୍ୟ,ବ୍ୟବସାୟ,ବିବାଦୀୟ ପରିସ୍ଥିତି ଓ ଯାତ୍ରା କେତେକାଂଶରେ ଫଳପ୍ରଦ ହୋଇପାରେ।

**ମିଥୁନ**



ରବି ଓ ବୁଧଙ୍କ ସଂଯୋଗରୁ ବନ୍ଧୁତା ରହିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତ୍ୟେକ କାମ କରାଇ ନେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଚେଷ୍ଟା କରୁଥିବା ଦିଗରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ଶିଳ୍ପ,ବାଣିଜ୍ୟ,କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ।

**କର୍କଟ**



ମଙ୍ଗଳ ଭାଗ୍ୟସ୍ଥାନରେ କୌଣସି ଶୁଭକାର୍ଯ୍ୟ ସକାଶେ ଅର୍ଥବ୍ୟୟ କରିପାରନ୍ତି। କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବ କିନ୍ତୁ ପରିସ୍ଥିତି ପ୍ରତି ସଜାଗ ରହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ।

**ସିଂହ**



ଆଜିର ଗ୍ରହପ୍ରଭାବରୁ କୌଣସି ମହିଳାଙ୍କ ସାହାଯ୍ୟରେ ସ୍ଥଗିତ କାମକୁ ସମ୍ପୂର୍ଣ୍ଣ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେବେ। ବ୍ୟବସାୟିକ କ୍ଷେତ୍ର, ମାଙ୍ଗଳିକ କାମ, ଆଲୋଚନା ସଭା,ପ୍ରଶାସନ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ।

**କନ୍ୟା**



ଶନି ଯୁକ୍ତ ବୁଧ ଓ ଚନ୍ଦ୍ର କାରଣରୁ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ। ଅଫିସ୍‌ରେ କୌଣସି ଖୋଜୁଥିବା ଅତ୍ୟାବଶ୍ୟକ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇ ପାରନ୍ତି। ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାତ୍ରା କାଳରେ ସମଧର୍ମୀୟ ବ୍ୟକ୍ତି ସହ ସମ୍ପର୍କ ସ୍ଥାପନ ହିତକର ହେବ।

**ତୁଳା**



ବୃହସ୍ପତିଙ୍କ ସୁପ୍ରଭାବରୁ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆପଣାଛାଁଏ ସମାଧାନ ହୋଇଯିବ। ସୁବିଧା,ସୁଯୋଗ ବିଭିନ୍ନ ଦିଗରୁ ଆସି ଜୁଟିବ ଆବଶ୍ୟକତା ମଧ୍ୟ ପୂରଣ ହୋଇପାରିବ। ବାଣିଜ୍ୟାରମ୍ଭ,ଶୁଭ କାର୍ଯ୍ୟ ସମ୍ପାଦନ, ସତ୍‌ସଙ୍ଗ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରାଇବ। ବ୍ୟବସାୟ,ପରିବହନ ବାଧାପ୍ରାପ୍ତ ହେବ ନାହିଁ।

**ବିଛା**



ପାପଗ୍ରହ ପ୍ରଭାବରେ ମନ ଠିକ୍ ନ ରହିବା କାରଣରୁ କୌଣସି କଥାକୁ ଠିକ୍‌ଭାବେ ଶୁଣିପାରିବେ ନାହିଁ କିମ୍ବା ବୁଝି ପାରିବେ ନାହିଁ। ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ମଧ୍ୟ ବିଶୃଙ୍ଖଳିତ ରହିବ। ଆକସ୍ମିକ ଭାବରେ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧିପାଇବା କାରଣରୁ ଚିନ୍ତିତ ରହିବେ। ବ୍ୟବସାୟ,ବାଣିଜ୍ୟ, ପରିବହନ, ନିର୍ମାଣାଦି କାର୍ଯ୍ୟ ଠିକଠାକ୍ ଚାଲିବ।

**ଧନୁ**



ବଳବାନ୍ ଶନିଙ୍କ ହେତୁ ପ୍ରବଳ ବିରୁଦ୍ଧାତ୍ମକ ପରିବେଶରେ ମଧ୍ୟ ସମସ୍ୟା ସମାଧାନରେ ରାସ୍ତା ଖୋଜିବାହାର କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି, ସାହିତ୍ୟ, ଗବେଷଣା, କଳା–ସଂସ୍କୃତି, ବିଦେଶ ଯାତ୍ରା, ମାଙ୍ଗଳିକ କାର୍ଯ୍ୟ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। କଥା ଦେଇଥିବା ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ।

**ମକର**



ଆଜିର କର୍ମଜଞ୍ଜାଳରେ ବ୍ୟସ୍ତ ରହି ବନ୍ଧୁମାନଙ୍କ ଭିଡ଼ରେ ନିଜ ଲୋକଟିର କଥା ଶୁଣିବାକୁ ମଧ୍ୟ ବେଳ ପାଇବେ ନାହିଁ। ଅସାବଧାନତାବଶତଃ କୌଣସି ଜିନିଷ ହଜିଯିବ କିନ୍ତୁ ଅଳ୍ପ ସମୟ ପରେ ମଧ୍ୟ ପାଇଯିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ଆତ୍ମୀୟଙ୍କ ଅଶ୍ରଦ୍ଧା, ଯାତ୍ରା ଓ ବାଣିଜ୍ୟରେ ସମସ୍ୟା ପ୍ରଭୃତିର ସାମନା କରିବାକୁ ପଡ଼ିପାରେ।

**କୁମ୍ଭ**



ଅସାବଧାନତା ଓ ଅନ୍ୟମନସ୍କତା ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଦୂରଯାତ୍ରା,ଅର୍ଥ କାରବାର, ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ। ନିକଟ ସମ୍ପର୍କୀୟଙ୍କ ସହଯୋଗ ପାଇ କାର୍ଯ୍ୟ ହାସଲ କରିପାରିବେ। ଜମିଜମା,କଳକାରଖାନା,ହୋଟେଲ ଶିଳ୍ପ, ଯାତ୍ରା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ମୀନ**



ନିଜର ଆତ୍ମୀୟ ତଥା ସମଶ୍ରେଣୀୟ ବ୍ୟକ୍ତି ମାନଙ୍କ ଈର୍ଷା ଓ ସମାଲୋଚନାର ପାତ୍ର ହେବାକୁ ପଡିପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବଢ଼ିବ। ଅତୀତ ଘଟଣା ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ସାମୟିକ ମନ ଉଦାସ ରହିପାରେ। କର୍ମକ୍ଷେତ୍ର,ପଡ଼ୋଶୀଙ୍କ ସହ ଆଗାମୀ ଶୁଭକାର୍ଯ୍ୟ ସକାଶେ ଆଲୋଚନା ସାଙ୍ଗକୁ ବାଣିଜ୍ୟ,ବ୍ୟବସାୟିକ ସ୍ଥିତି ଭଲ ରହିବ।

ଆଜି ମାଘ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ଫେବୃୟାରୀ ୧ ତାରିଖ, ରାଶି ନକ୍ଷତ୍ର– ମୂଳା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଅଦ୍ୟ ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ଦିବା ଘ୬।୨୫ମି ଗତେ ଘ୭।୧୦ମି. ମଧ୍ୟେ, ଘ୭।୫୪ମି. ଗତେ ଘ୧୦।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ୧୨।୨୨ମି. ଗତେ ଘ୨।୩୬ମି. ମଧ୍ୟେ, ଘ୪।୦୫ମି. ଗତେ ଘ୫।୩୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୩୬ମି. ଗତେ ଘ୧୨।୦୦ମି. ମଧ୍ୟେ ରାହୁକାଳ।




# ଜାନୁୟାରୀରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟପିଲା

**ନୂଆଦିଲ୍ଲୀ,୩୧।୧:** ନୂଆ ବର୍ଷର ପ୍ରଥମ ମାସ ଜାନୁୟାରୀରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କା ଟପିଛି। ଗତ ବର୍ଷ ଡିସେମ୍ବରରେ ୯୪,୭୨୬ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା। ୨୦୧୭ ବର୍ଷର ଏହି ସମୟରେ ୮୯,୮୨୫ କୋଟି ଟଙ୍କା ଆଦାୟ ହୋଇଥିଲା। ତେବେ ଫେବୃୟାରୀ ୨ରେ ଚୂଡ଼ାନ୍ତ ତଥ୍ୟ ପ୍ରକାଶ କରାଯିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି।

# ପିସିଏରୁ ବାହାରିଲେ ୩ ବ୍ୟାଙ୍କ

**ନୂଆଦିଲ୍ଲୀ,୩୧।୧:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତ୍ୱରିତ ସମାଧାନ କାର୍ଯ୍ୟାନୁଷ୍ଠାନ (ପିସିଏ)ରୁ ୩ ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ବାଦ୍ ଦେଇଛି। ବାହାରି ଆସିଥିବା ବ୍ୟାଙ୍କଗୁଡ଼ିକ ହେଲା ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ), ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ। ସେମାନେ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ଗାଇଡଲାଇନ ଅନୁଯାୟୀ ପର୍ଯ୍ୟାପ୍ତ ପଦକ୍ଷେପ ନେଇଥିବାରୁ ଆର୍‌ବିଆଇ ଉକ୍ତ ପଦକ୍ଷେପ ନେଇଛି। କେନ୍ଦ୍ର ସରକାରଙ୍କ ନୀତି ଯୋଗୁ ଉକ୍ତ ୩ଟି ବ୍ୟାଙ୍କ ପିସିଏରୁ ବାହାରି ଆସିଛି ବୋଲି ଉଲ୍ଲେଖ କରି ଆର୍ଥିକ ସେବା ସଚିବ ରାଜୀବ କୁମାର କହିଛନ୍ତି ଯେ, ଏହି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଏଣିକି ଦାୟିତ୍ୱସମ୍ପନ୍ନ ଭାବେ କାର୍ଯ୍ୟ କରିବାକୁ ହେବ।

# ସିବିକେ ମହାନ୍ତି ହେଲେ ଏସ୍‌ସିବି ଅଧୀକ୍ଷକ

## ■ ମେଡିକାଲ କଲେଜର ନୂଆ ପ୍ରିନ୍ସିପାଲ

**କଟକ ଅଫିସ, ୩୧।୧**



ମେଡିସିନ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ସିବିକେ ମହାନ୍ତି ଏସ୍‌ସିବି ମେଡିକାଲର ନୂତନ ଅଧୀକ୍ଷକ ଭାବେ ଗୁରୁବାର ସନ୍ଧ୍ୟାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଅଧୀକ୍ଷକ ପ୍ରଫେସର ପ୍ରସନ୍ନ କୁମାର ଦେବତାଙ୍କଠାରୁ ପ୍ରଫେସର ଡା. ମହାନ୍ତି ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ କହିଛନ୍ତି, ରୋଗୀ ସେବା ସହିତ ପ୍ରଶାସନିକ କାର୍ଯ୍ୟ କିଭଳି ସୁରୁଖୁରୁରେ ହୋଇପାରିବ ସେ ଦିଗରେ ଧ୍ୟାନ ଦେବି । ବିଭିନ୍ନ ସରକାରୀ ଯୋଜନାରୁ ରୋଗୀମାନେ ଯେଭଳି ବଞ୍ଚିତ ନ ହୁଅନ୍ତି ତାହା ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି। ପ୍ରଫେସର ମହାନ୍ତି ୧୯୫୬ ଏପ୍ରିଲ ୨୭ରେ କଟକ ଜିଲା କିଶନନଗର ଥାନା ଅଧୀନ ବାବୁଜଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଜଣେ ଭେଷଜ ବିଶେଷଜ୍ଞ ଭାବେ ସେ ରାଜ୍ୟରେ ବେଶ୍ ଜଣାଶୁଣା।

ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲ କଲେଜର ପ୍ରିନ୍ସିପାଲ ଭାବେ ରେଡିଓଲୋଜି ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଜୟଶ୍ରୀ ମହାନ୍ତି ମଧ୍ୟ ଗୁରୁବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ପ୍ରିନ୍ସିପାଲ ପ୍ରଫେସର ଡାକ୍ତର ସିଦ୍ଧାର୍ଥ ଦାସ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଡା. ଦାସଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନକୁ ସରକାର ବୁଧବାର ଗ୍ରହଣ କରିବା ସହ ତାଙ୍କ ସ୍ଥାନରେ ପ୍ରଫେସର ମହାନ୍ତିଙ୍କୁ ପ୍ରିନ୍ସିପାଲ ଭାବେ ନିଯୁକ୍ତି ଦେଇଥିଲେ।

# ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୬୧.୧%

**ଭୁବନେଶ୍ୱର,୩୧।୧**




ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ନଭେମ୍ବରରେ ୩୦୨ ପଏଣ୍ଟ ଥିଲା। ଡିସେମ୍ବରରେ ଏହା ୧ ପଏଣ୍ଟ ହ୍ରାସ ଘଟି ୩୦୧ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ନଭେମ୍ବରରେ ୩୧୯ ପଏଣ୍ଟ ଥିଲା। ଡିସେମ୍ବରରେ ଏଥିରେ ୨ ପଏଣ୍ଟ ହ୍ରାସ ଘଟି ୩୧୭ ପଏଣ୍ଟ ହୋଇଛି। ରାଉରକେଲାରେ ନଭେମ୍ବରରେ ଏହା ୩୧୩ ପଏଣ୍ଟ ଥିବା ବେଳେ ଏଥିରେ ୪ ପଏଣ୍ଟ ହ୍ରାସ ଘଟି ଡିସେମ୍ବରରେ ୩୦୯ ପଏଣ୍ଟକୁ ଖସିଛି।

ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୦.୭% ମହଙ୍ଗାଭତ୍ତା ପାଉଛନ୍ତି। ଏଥିରେ ୦.୪% ବୃଦ୍ଧି ଘଟି ୬୧.୧% ହୋଇଛି। ଏହା ଫେବୃୟାରୀ ପହିଲାରୁ ଲାଗୁହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନସନ୍ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ସେମାନେ ଓଡ଼ିଶାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଜି ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି।

ବୀମା କର୍ମଚାରୀମାନେ ବର୍ତ୍ତମାନ ୫୪% ମହଙ୍ଗାଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୦.୪% ବୃଦ୍ଧି ଘଟି ୫୪.୪% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃୟାରୀ ପହିଲାରୁ ପାଇବେ। ସରକାରୀ କର୍ମଚାରୀମାନେ ୯% ମହଙ୍ଗାଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୧୨% ହୋଇଛି। ଏମାନେ ଏହାକୁ ପିଛିଲା ଭାବେ ୨୦୧୯ ଜାନୁୟାରୀ ପହିଲାରୁ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବର୍ତ୍ତମାନ ୯% ମହଙ୍ଗାଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଏଥିରେ ୩% ବଢି ୧୨% ହୋଇଛି। ଏହା ସେମାନେ ଜାନୁୟାରୀ ପହିଲାରୁ ପିଛିଲା ଭାବେ ପାଇବେ। ସେହିଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୩୮.୮% ମହଙ୍ଗାଭତ୍ତା ପାଉଛନ୍ତି। ଏଥିରେ ୦.୫୪% ହ୍ରାସ ଘଟି ୧୩୮.୨୬% ହୋଇଛି। ଏମାନେ ଏହି ଡିଏ ଏପ୍ରିଲ ପହିଲାରୁ ପାଇବେ। ସେପ୍ଟେମ୍ବର ୪ ଓ ୫ ଦୁଇଦିନ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନସନ୍ ଓ ପେନସନ୍ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ଫେବୃୟାରୀ ୧ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।






# ମହିଳାଙ୍କ ସମ୍ମାନ ବଢ଼ାଇଛି ଉଜ୍ଜ୍ୱଳା: ଧର୍ମେନ୍ଦ୍ର




ଭିଡ଼ିଓକନଫରେନ୍ସିଂ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବୟନଶିଳ୍ପ ମନ୍ତ୍ରୀ ସ୍ମୃତି ଇରାନୀ।

**ଭୁବନେଶ୍ୱର,୩୧।୧:** ଉଜ୍ଜ୍ୱଳା ଯୋଜନା ଦ୍ୱାରା ମହିଳାଙ୍କ ସମ୍ମାନ ବଢ଼ିବା ସହ ଆର୍ଥିକ ଦୃଷ୍ଟିକୋଣରୁ ସେମାନେ ଲାଭବାନ ହୋଇଛନ୍ତି। ଏହା ମହିଳାଙ୍କ ଜୀବନରେ ଉତ୍ସାହ ଆଣିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାଜ୍ୟରେ ୨୮ ସ୍ଥାନରେ ଅନୁଷ୍ଠିତ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ଅବସରରେ ଭିଡ଼ିଓକନଫରେନ୍ସିଂ ଯୋଗେ ଧର୍ମେନ୍ଦ୍ର ପ୍ରଧାନ ଏବଂ ବୟନଶିଳ୍ପ ମନ୍ତ୍ରୀ ସ୍ମୃତି ଇରାନୀ ୫୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସହ ଆଲୋଚନା କରିଛନ୍ତି। ଏହି ଯୋଜନାରେ ୬ କୋଟି ହିତାଧିକାରୀ ଲାଭବାନ ହୋଇଥିବା ପ୍ରଧାନ ସୂଚନା ଦେଇଛନ୍ତି। ରାଜ୍ୟର ୩୬ ଲକ୍ଷ ପରିବାର ନିକଟରେ ଉଜ୍ଜ୍ୱଳାରେ ସଂଯୋଗ ଦିଆଯାଇଥିବା ବେଳେ ସବୁ ଗରିବ ପରିବାର ନିକଟରେ ସଂଯୋଗ ଦେବାକୁ ପଦକ୍ଷେପ ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି। ସେହିଭଳି ହିତାଧିକାରୀମାନେ କିଭଳି ସୁଲଭ ମୂଲ୍ୟରେ ଏଲ୍‌ପିଜି କ୍ରୟ କରିବେ ତାକୁ ଧ୍ୟାନରେ ରଖାଯାଇଥିବା ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ମହିଳାଙ୍କ ସମ୍ମାନ ବୃଦ୍ଧି ପାଇଁ ସରକାରଙ୍କ ଏଭଳି ପଦକ୍ଷେପ ଜାରି ରହିଥିବା ସ୍ମୃତି ଇରାନୀ କହିଛନ୍ତି। ଏହି ଅବସରରେ ଧର୍ମଗଡ, ଢେଙ୍କାନାଳ,ପଦ୍ମପୁର, ଇରମ, ବ୍ରହ୍ମଗିରି ଭଳି ବିଭିନ୍ନ ଅଞ୍ଚଳର ହିତାଧିକାରୀ ୨ ମନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ।

# ଏଲ୍‌ପିଜି ଦର କମିଲା

**ନୂଆଦିଲ୍ଲୀ,୩୧।୧:** ତୈଳ କମ୍ପାନୀଗୁଡ଼ିକ ଗୁରୁବାର ଏଲ୍‌ପିଜି ସିଲିଣ୍ଡର ଦର ହ୍ରାସ କରିଛନ୍ତି। ସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୧.୪୬ ଟଙ୍କା ଏବଂ ଅଣସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୩୦ ଟଙ୍କା ହ୍ରାସ କରାଯାଇଛି। ଫଳରେ ଗୁରୁବାର ରାତି ୧୨ଟାରୁ ଦିଲ୍ଲୀରେ ସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୪୯୩.୫୩ ଟଙ୍କା ଏବଂ ଅଣସବ୍‌ସିଡିଯୁକ୍ତ ସିଲିଣ୍ଡର ଦର ୬୫୯ ଟଙ୍କା ହେବ।

# ଶସ୍ୟବୀମାଭୁକ୍ତ ହେବ ମାଣ୍ଡିଆ

**ଧାନ ପାଇଁ ପଞ୍ଚାୟତ ହେବ ୟୁନିଟ୍, ଅନ୍ୟ ଫସଲ ପାଇଁ ବ୍ଲକ**

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ପ୍ରଥମଥର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଖରିଫ ଫସଲରେ ମାଣ୍ଡିଆକୁ ଶସ୍ୟବୀମାରେ ସାମିଲ କରାଯିବ। ଏଥିସହିତ ଧାନ, ବାଦାମ, ତୁଳା, ହଳଦୀ, ଅଦା, ହରଡ଼ ଏବଂ ମକା ଆଦି ଫସଲ ଶସ୍ୟବୀମା ପରିସର ଭୁକ୍ତ ରହିବ। ରବି ଋତୁରେ ବାଦାମ, ସୋରିଷ, ଆଳୁ, ବିରି, ମୁଗ, ଆଖୁ, ପିଆଜ ଏବଂ ସୂର୍ଯ୍ୟମୁଖୀ ଫସଲକୁ ବୀମାଭୁକ୍ତ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌ଏଫ୍‌ବିୱାଇ) ରାଜ୍ୟର ୩୦ଟି ଜିଲାକୁ ୬ଟି କ୍ଲଷ୍ଟରରେ ବିଭକ୍ତ କରାଯିବ। ଆସନ୍ତା ଆର୍ଥିକବର୍ଷରେ ଧାନ ଫସଲ ବୀମା ପାଇଁ ପଞ୍ଚାୟତକୁ ୟୁନିଟ୍ ଭାବେ ଧରାଯିବ। ଅନ୍ୟ ଫସଲଗୁଡ଼ିକ ପାଇଁ ବ୍ଲକକୁ ୟୁନିଟ୍ ଭାବେ ଧରାଯିବ। କୃଷି ବିଭାଗର ଶସ୍ୟବୀମା ଉପରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ୨୦୧୭ ଖରିଫ ଋତୁରେ ୧.୧୭ ଲକ୍ଷ ଚାଷୀ ଶସ୍ୟବୀମା ପାଇଥିଲେ। ବିଭିନ୍ନ ବୀମା କମ୍ପାନୀ ଏ ବାବଦରେ ୧୭୨୬ କୋଟି ଟଙ୍କା ପ୍ରଦାନ କରିଥିବା ନେଇ ଦାବି କରିଛନ୍ତି। ୨୦୧୭-୧୮ରେ ୧୩.୫୮ ଲକ୍ଷ ହେକ୍ଟର ଜମି ପାଇଁ ୧୮.୫୪ ଲକ୍ଷ ଚାଷୀ ବୀମାଭୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧.୨୭ ଲକ୍ଷ ଅଣଋଣୀ ଚାଷୀ ଅଛନ୍ତି। ଶସ୍ୟବୀମା ପାଇଁ ୯୪୦.୨୦ କୋଟି ଟଙ୍କା ବୀମା କମ୍ପାନୀଙ୍କୁ ପ୍ରଦାନ କରାଯାଉଥିବା ବେଳେ ରାଜ୍ୟ ସରକାର ୩୪୭.୭୨ କୋଟି ଟଙ୍କା ପ୍ରଦାନ କରୁଛନ୍ତି।

# ଅରୁଣ, ଅତନୁଙ୍କୁ ପୁଣି ନୋଟିସ କରିବ ସିବିଆଇ

## ■ ବ୍ଲାକ୍‌ରୋଜ ବୁଡ଼ିବା ମାମଲାରେ ସିବିଆଇ ଚୁପ୍

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**

ନିର୍ବାଚନ ପାଖେଇ ଆସୁଥିବାରୁ ସିବିଆଇ ଏହାର ତଦନ୍ତକୁ ଜୋରଦାର କରିଛି। ଏପରି କି ଶାସକ ଦଳର ଦୁଇ ନେତାଙ୍କୁ ସିବିଆଇ ନୋଟିସ୍ କରିବା ପରେ ରାଜ୍ୟ ରାଜନୀତିରେ ଉଷ୍ମତା ଦେଖାଦେଇଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଶାସକ ଦଳକୁ ସମାଲୋଚନା କରିଛନ୍ତି। ଅନ୍ୟପଟରେ ସିବିଆଇ ଦେଇଥିବା ସମୟ ମଧ୍ୟରେ ଶାସକ ଦଳର ଦୁଇ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅରୁଣ ସାହୁ ଏବଂ ଅତନୁ ସବ୍ୟସାଚୀ ନାୟକ ହାଜର ହୋଇନାହାନ୍ତି। ତେଣୁ ସେମାନଙ୍କୁ ସିବିଆଇ ପୁଣି ନୋଟିସ କରିବ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ଏହା ପରେ ଯଦି ୨ ନେତା ହାଜର ନ ହୁଅନ୍ତି ତେବେ ସେମାନଙ୍କ ପାଇଁ ଅଡୁଆ ବଢିପାରେ ବୋଲି ଅଧିକାରୀ ଜଣକ କହିଛନ୍ତି। କେବଳ ଏହି ଦୁଇ ନେତା ନୁହେଁ ଶାସକ ଦଳର ଆଉ ୩ଜଣ ନେତାଙ୍କୁ ସିବିଆଇ ନୋଟିସ କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

କୁହାଯାଉଛି ଯେ, ସି-ଶୋର ଚିଟଫଣ୍ଡ ଲିଙ୍କ୍ ନେଇ ପୂର୍ବରୁ ପ୍ୟାରୀମୋହନ ମହାପାତ୍ରଙ୍କୁ ସିବିଆଇ ଜେରା କରିଥିଲା। ପ୍ୟାରୀମୋହନଙ୍କ ସହ ଅରୁଣ ଓ ଅତନୁଙ୍କ ଭଲ ସମ୍ପର୍କ ରହିଥିଲା। ତେଣୁ ସି-ଶୋର ଦ୍ୱାରା ଦୁହେଁ ଲାଭବାନ ହୋଇଥିବା ସିବିଆଇ ପ୍ରମାଣ ପାଇଛି। ସେହି ଆଧାରାର ଗତ ୨୮ ତାରିଖରେ ଅତନୁ ଏବଂ ୩୦ ତାରିଖରେ ଅରୁଣ ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପାଇଁ ନୋଟିସ କରାଯାଇଥିଲା।

ଅନ୍ୟପଟେ ବ୍ଲାକ୍‌ରୋଜ ଜାହାଜ ବୁଡିବା ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ନେଇଥିଲେ ମଧ୍ୟ କ'ଣ ପାଇଁ ତଦନ୍ତ ଦାୟିତ୍ୱ ଆଗେଇ ପାରୁନାହିଁ ବୋଲି ବିରୋଧୀ କଂଗ୍ରେସ ପ୍ରଶ୍ନ କରିଛି। ଏଥିରେ ଶାସକ ଦଳର କେତେଜଣ ରାଜନେତାଙ୍କ ସମ୍ପୃକ୍ତି ରହିଥିବା କଂଗ୍ରେସ ଅଭିଯୋଗ କରିଛି। ତେବେ ନିର୍ବାଚନ ପାଖେଇ ଆସୁଥିବାରୁ ସିବିଆଇ ମଧ୍ୟ ବ୍ଲାକ୍‌ରୋଜ ବୁଡିବା ଘଟଣାର ତଦନ୍ତ ଆରମ୍ଭ କରିବ। ଏହି ମାମଲାରେ ମଧ୍ୟ କେତେଜଣ ନେତା ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସିବିଆଇ ନୋଟିସ କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।




ତୁମର ପଡୋଶୀ ଭିତରେ ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଭିତରେ ବି ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଦେଶରେ ଓ ତୁମର ଶତ୍ରୁର ଦେଶରେ ବି ଈଶ୍ୱରଙ୍କ ଲାଗି ବଞ୍ଚ ଓ ସମଗ୍ର ମାନବଜାତି ଭିତରେ– ବୃକ୍ଷଲତା ମାଟିପଥର ଓ ପଶୁପକ୍ଷୀଙ୍କ ଭିତରେ– ପୃଥିବୀ ଭିତରେ ଓ ପୃଥିବୀ ବାହାରେ ତୁମେ କେବଳ ଈଶ୍ୱରଙ୍କ ପାଇଁ ବଞ୍ଚ। ତେବେ ଯାଇ ତୁମେ ମୁକ୍ତିର ପଥରେ ପାଦ ଦେଇଛ। –ଶ୍ରୀଅରବିନ୍ଦ



# ସର୍ବତୋଷୀ ବଜେଟ

କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ବଜେଟ ବଦଳରେ ଶୁକ୍ରବାର ଲେଖାନୁଦାନ ବା ଅନ୍ତରୀଣ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି। ସରକାର କାହିଁକି ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବା ଉଚିତ ନୁହେଁ, ସେ ବିଷୟରେ ଆମେ ଏହି ସ୍ତମ୍ଭରେ ଆଲୋଚନା କରିଛୁ। ନିର୍ବାଚନ ପରେ ଯେଉଁ ନୂଆ ସରକାର ଆସିବେ, ଏହି କାମ ତାଙ୍କ ପାଇଁ ଛାଡ଼ିଦେବା ଉଚିତ। ଅନ୍ତରୀଣ ବଜେଟ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ନୀତିଗତ ପଦକ୍ଷେପ ନିଆଯାଇ ନ ଥାଏ। ତେବେ ସାଧାରଣ ନିର୍ବାଚନ ଆଉ ମାତ୍ର ଦୁଇମାସ ଥିବାବେଳେ ନିକଟରେ ହୋଇଥିବା ବିଧାନସଭା ନିର୍ବାଚନରେ ହାତରୁ ତିନୋଟି ରାଜ୍ୟର ଶାସନ ଡୋରି ଖସିଯାଇଥିବାରୁ ସେ ନେଇ ଖୁବ୍ ଚିନ୍ତାରେ ଥିବା ଏନ୍‌ଡିଏ ସରକାର ଏବେ ଯେଉଁ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି, ତାହା ନିଶ୍ଚୟ ସମସ୍ତଙ୍କୁ ଖୁସି କଲା ଭଳି ବା ଏକ ସର୍ବତୋଷୀ ବଜେଟ ହେବ ବୋଲି ଆମେ ଆଶା କରିପାରିବା।

ସରକାର ଗ୍ରାମାଞ୍ଚଳକୁ ପ୍ରାଧାନ୍ୟ ଦେବା ଜାରି ରଖିବେ। କୃଷିକ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଋଣ ପରିମାଣର ଅନ୍ତିମ ସୀମାକୁ ବଢ଼ାଇ ଦିଆଯାଇପାରେ। ଅର୍ଥାତ୍ ଯେଉଁ ପରିମାଣର ଋଣ ଅପରିଶୋଧ ଥିଲେ ମଧ୍ୟ ଆଉ ଋଣ ଦେବାର ବ୍ୟବସ୍ଥା ଥିଲା, ତାହାର ପରିମାଣ ବୃଦ୍ଧି କରାଯାଇପାରେ। କଂଗ୍ରେସ କ୍ଷମତାକୁ ଆସିଲେ ସର୍ବନିମ୍ନ ରୋଜଗାର ଗ୍ୟାରେଣ୍ଟି ଯୋଜନା ପ୍ରଣୟନ କରିବାକୁ ରାହୁଲ ଗାନ୍ଧୀ ଘୋଷଣା କରିଥିବାରୁ ସରକାର ବାଧ୍ୟହୋଇ ଗରିବ ଲୋକଙ୍କ ପାଇଁ ସାର୍ବଜନୀନ ମୌଳିକ ଆୟ ବ୍ୟବସ୍ଥା କରିପାରନ୍ତି। ବର୍ତ୍ତମାନ ଏ ନିର୍ବାଚନୀ ଋତୁର ମହକ ଯେଭଳି ଅଛି, କୃଷକ ଓ କୃଷି କ୍ଷେତ୍ରର ଉନ୍ନତି ପାଇଁ ସରକାର କିଛି ବଡ଼ ଧରଣର ଘୋଷଣା କରିବା ଅସମ୍ଭବ ନୁହେଁ। ଜନରବ ଶୁଣିବାକୁ ମିଳୁଛି ଯେ, ସରକାର ସମ୍ଭବତଃ ସମସ୍ତ ପ୍ରକାର କୃଷି ସବ୍‌ସିଡିକୁ ଏକାଠି କରି ଏବଂ ସେଥିରେ ଆଉ କିଛି ମୋଟା ଅଙ୍କର ଟଙ୍କା ମିଶାଇ ସିଧାସଳଖ କୃଷକମାନଙ୍କ ବ୍ୟାଙ୍କ ଖାତାରେ ଜମା କରିବାର ଘୋଷଣା କରିପାରନ୍ତି। ନିର୍ବାଚନ ବର୍ଷରେ ଏହା ପୂରା ଖେଳକୁ ବୁଲେଇଦେଇ ପାରେ। କିନ୍ତୁ ଏହାଦ୍ୱାରା ବାସ୍ତବରେ କୃଷକମାନଙ୍କ ସମସ୍ୟାର ସମାଧାନ ହୋଇପାରିବ ନାହିଁ। କୃଷକମାନେ ସେ ଟଙ୍କାକୁ କେମିତି ଖର୍ଚ୍ଚ କରୁଛନ୍ତି, ତାହା ଜାଣିବା ପାଇଁ ବିଧିବଦ୍ଧ ମନିଟରିଂ ବ୍ୟବସ୍ଥା ବିନା ଏତେ ପ୍ରକାର ମାଗଣା ସୁବିଧା ବା ନଗଦ ଟଙ୍କା ଉତ୍ପାଦକତାକୁ ନଷ୍ଟ କରିଦେବ। ଲୋକମାନେ କିଛି କାମ ନ କରି ମାଗଣାରେ ଚଳିବାକୁ ଚାହିଁବେ।

## ଆଜିର ଅର୍ଥନୀତି

ସରକାର ମଧ୍ୟବିତ୍ତ ବର୍ଗ ଓ ଟିକସଦାତାମାନଙ୍କୁ ଖୁସି କରିବା ପାଇଁ ଚେଷ୍ଟା କରିପାରନ୍ତି। ଏହି ବର୍ଗ ସରକାରଙ୍କ ସବୁ ପ୍ରକାର ଜନକଲ୍ୟାଣ ଯୋଜନାରୁ ସର୍ବଦା ହିଁ ବଞ୍ଚିତ ରହିଥାନ୍ତି। ଟିକସ ଛାଡ଼ ସୀମାରେ ବୃଦ୍ଧି କରାଯାଇପାରେ, ଯଦିଚ ଖୁବ୍ ବେଶି ଟିକସ ରିହାତି ଆଶା କରାଯାଇ ନ ପାରେ। ଟିକସ ଛାଡ଼ ସୀମାରେ ଆଉ ୫୦,୦୦୦ ଟଙ୍କା ବୃଦ୍ଧି ଆମେ ଆଶା କରିପାରିବା। ବର୍ତ୍ତମାନ ବାର୍ଷିକ ଅଢ଼େଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ପାଇଁ କୌଣସି ଆୟକର ଦେବାର ବ୍ୟବସ୍ଥା ନାହିଁ। ଯେଉଁମାନେ ବାର୍ଷିକ ଅଢ଼େଇ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି, ସେମାନଙ୍କୁ ୫ ପ୍ରତିଶତ, ୫ ଲକ୍ଷରୁ ୧୦ ଲକ୍ଷ ଆୟକାରୀଙ୍କୁ ୨୦ ପ୍ରତିଶତ ଏବଂ ୧୦ ଲକ୍ଷରୁ ଅଧିକ ଆୟକାରୀଙ୍କୁ ୩୦ ପ୍ରତିଶତ ଆୟକର ଦେବାକୁ ପଡୁଛି। ତେବେ ବେତନଭୋଗୀ ବର୍ଗଙ୍କୁ କିଛି ଅଧିକ କାଟ (ଡିଡକ୍ସନ) ସୁବିଧା ଦିଆଯାଇପାରେ, ଯାହା ଆୟକର କ୍ଷେତ୍ରରେ ଲାଗୁ ହୋଇଆସୁଛି। ସରକାର ମେଡିକାଲ ଖର୍ଚ୍ଚ ଫେରସ୍ତ ଓ ପରିବହନ ଭତ୍ତା ବ୍ୟବସ୍ଥା ପୁନଃ ପ୍ରବର୍ତ୍ତନ କରିପାରନ୍ତି। ଗତ ବଜେଟରେ ଏ ବ୍ୟବସ୍ଥା ଦୁଇଟିକୁ ଉଠେଇ ଦେଇ ତା' ସ୍ଥାନରେ ଷ୍ଟାଣ୍ଡାର୍ଡ ଡିଡକ୍ସନ (ମାନକ ବିୟୋଗ) ପରିମାଣ ୪୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ କିଛି ଅଧିକ ଟିକସ ସୁବିଧା ଦିଆଯାଇପାରେ।

ଦୀର୍ଘମିଆଦୀ ପୁଞ୍ଜି ଲାଭ (ଏଲ୍‌ଟିସିଜି) କ୍ଷେତ୍ରରେ ଆମେ ବେଶି କିଛି ଆଶା କରି ନ ପାରୁ। ଅଟଳ ପେନ୍‌ସନ ଯୋଜନା ପାଇଁ ବୟସ ସୀମା ୪୦ରୁ ୫୦ ବର୍ଷକୁ ବୃଦ୍ଧି କରାଯାଇପାରେ। ତାହାହେଲେ ଏହା ଏକ ଲୋକପ୍ରିୟ ନିଷ୍ପତ୍ତି ଭାବେ ବିବେଚିତ ହେବ କାରଣ ବୟସ କଟକଣା ଯୋଗୁ ବହୁ ଲୋକ ଏ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ଯୋଜନାରେ ପେନ୍‌ସନ ପରିମାଣ ମଧ୍ୟ ମାସିକ ୫୦୦୦ରୁ ୧୦,୦୦୦କୁ ବୃଦ୍ଧି କରାଯାଇପାରେ। ଏନ୍‌ପିଏସ୍ (ଜାତୀୟ ପେନ୍‌ସନ ଯୋଜନା) କ୍ଷେତ୍ରରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ବୃହତ୍ ଉଠାଣକୁ ସରକାର ସୁଧମୁକ୍ତ କରିଛନ୍ତି। ସରକାର ବଜେଟରେ ଏ ବିଷୟରେ ଉଲ୍ଲେଖ କରି ଏନ୍‌ପିଏସ୍‌କୁ ପିପିଏଫ୍ (ଜନ ଭବିଷ୍ୟନିଧି ପାଣ୍ଠି) ଓ ଇପିଏଫ୍ (କର୍ମଚାରୀ ଭବିଷ୍ୟନିଧି ପାଣ୍ଠି) ସହ ତୁଳନୀୟ କରିପାରନ୍ତି। ଲୋକମାନଙ୍କ ଡିଜିଟାଲ କାରବାର ବୃଦ୍ଧିକରିବା ପାଇଁ ମଧ୍ୟ ସରକାର କିଛି ପ୍ରୋତ୍ସାହନ ଦେଇପାରନ୍ତି ବୋଲି ଅନେକେ ଆଶା କରୁଛନ୍ତି। ତେବେ ଏସବୁ କେବଳ ଅନୁମାନ ବା ଆଶା କରିବା କଥା, କିନ୍ତୁ ବାସ୍ତବରେ ସରକାର ଏ ଅନ୍ତରୀଣ ବଜେଟରେ ନିର୍ବାଚନକୁ ଆଖି ଆଗରେ ରଖି ଲୋକଙ୍କୁ ଖୁସି କରିବା ପାଇଁ କି କି ସୁବିଧା ଦେଉଛନ୍ତି ବା ଘୋଷଣା କରୁଛନ୍ତି, ତାହା ବଜେଟ ଉପସ୍ଥାପନ ପରେ ଜଣାପଡ଼ିବ।


# ମାର୍କ୍ସବାଦ ଓ ଭଗବତୀ ଚରଣ



ଡ. ପ୍ରଫୁଲ୍ଲ କୁମାର ସାହୁ

ସାମ୍ୟବାଦୀ ଦର୍ଶନ ଓ ବିଚାରର ଜନକ ବିପ୍ଳବୀ କାର୍ଲମାର୍କ୍ସ। ମାନବବାଦର ଜଣେ ପ୍ରଚଣ୍ଡ ପ୍ରବକ୍ତା। ବିଶ୍ୱ ଇତିହାସରେ ସେ ଏମିତି ଜଣେ ମହାମାନବ, ଯିଏ ଊନବିଂଶ ଶତାବ୍ଦୀରୁ ଏଯାବତ୍ ଜନମାନସକୁ ସବୁଠାରୁ ଅଧିକ ପ୍ରଭାବିତ କରି ରଖିପାରିଛନ୍ତି ନିଜର ଶକ୍ତିଶାଳୀ ବିଚାରଧାରା ବଳରେ। ଅଷ୍ଟାଦଶ ଶତାବ୍ଦୀରେ ଶିଳ୍ପ ବିପ୍ଳବ ପରେ ସମାଜରେ ଯେଉଁ ବୁର୍ଜୁଆ ଗୋଷ୍ଠୀ ସୃଷ୍ଟିହେଲେ, ରକ୍ତପାୟୀ ଭଳି ସେମାନେ ଶୋଷଣ କଲେ ଲକ୍ଷ ଲକ୍ଷ ଶ୍ରମିକଙ୍କ ରକ୍ତ। ତା'ର ତୀବ୍ର ପ୍ରତିକ୍ରିୟା ସ୍ୱରୂପ ଜନ୍ମନେଲା ସମାଜବାଦୀ ଦର୍ଶନ। ଜର୍ମାନୀରେ ଜନ୍ମିତ ବିଶିଷ୍ଟ ସମାଜବାଦୀ ଦାର୍ଶନିକ କାର୍ଲମାର୍କ୍ସ ତା'ର ପ୍ରବକ୍ତା ହୋଇଥିବାରୁ ତାହାକୁ କୁହାଗଲା ମାର୍କ୍ସବାଦୀ ଦର୍ଶନ। ମାର୍କ୍ସଙ୍କ ବିଚାରରେ ମିଳିମିଶି ଉତ୍ପାଦନ କରିବା ଓ ଆବଶ୍ୟକତା ଅନୁସାରେ ବାଣ୍ଟି ଖାଇବା ଦ୍ୱାରା ସମାଜରେ ଅର୍ଥନୈତିକ ସମାନତା ପ୍ରତିଷ୍ଠା ହୋଇପାରିବ ଏବଂ ତାହା ହିଁ ହେବ ମଣିଷର ପ୍ରକୃତ ସ୍ୱାଧୀନତା। ମାତ୍ର ଏହି ଅର୍ଥନୈତିକ ସମାନତା ଓ ସ୍ୱାଧୀନତା ହାସଲ ପାଇଁ ସମାଜରେ ବୁର୍ଜୁଆ ଓ ସର୍ବହରାଙ୍କ ମଧ୍ୟରେ ସଂଘର୍ଷ ଅବଶ୍ୟମ୍ଭାବୀ। କାରଣ ପୁଞ୍ଜିବାଦୀ ବା ବୁର୍ଜୁଆ ଶ୍ରେଣୀ କେବେ ସର୍ବହରାଙ୍କୁ ତାଙ୍କ ଅଧିକାର ଫେରାଇଦେବା ପାଇଁ ଆଗେଇଆସିବ ନାହିଁ ବଳ ପ୍ରୟୋଗ ବିନା। ଅର୍ଥାତ୍ କ୍ରାନ୍ତି ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା କରିବା ଥିଲା ମାର୍କ୍ସୀୟ ଦର୍ଶନର ସୈଦ୍ଧାନ୍ତିକ ବକ୍ତବ୍ୟ। ଏହି ସମାଜବାଦୀ ତତ୍ତ୍ୱ ପ୍ରଥମେ ରୁଷିଆରେ ପ୍ରୟୋଗ ହୋଇଥିଲା ମାର୍କ୍ସଙ୍କ ପଟ୍ଟଶିଷ୍ୟ ଲେଲିନ୍‌ଙ୍କ ସହାୟତାରେ। ସେଠାରେ ନିଷ୍ଠୁର ଜାର୍ ଶାସନକୁ ହଟାଇ (୧୯୧୭) କମ୍ୟୁନିଷ୍ଟମାନେ ଯେଭଳି ଭାବେ କ୍ଷମତା ଆହରଣ କଲେ, ତାହା ଦେଖି ଚକିତ ହୋଇଗଲା ସମଗ୍ର ବିଶ୍ୱ। ରୁଷ୍ ବିପ୍ଳବର ଏହି ଅକଳ୍ପନୀୟ ସଫଳତା ବିଶ୍ୱବ୍ୟାପୀ ନିର୍ଯାତିତ ମଣିଷକୁ ଶୁଣେଇଲା ଶ୍ରେଣୀହୀନ ସମାଜ ଗଠନର ବାର୍ତ୍ତା। ସେବେଠାରୁ ସମାଜବାଦୀ ବାସ୍ତବତା ନାମରେ ପୃଥିବୀର ବିଭିନ୍ନ ସାହିତ୍ୟରେ ପ୍ରକଟିତ ହୋଇଥିବା ଏହି ଶ୍ରେଣୀସଂଘର୍ଷ ଚେତନାକୁ ଓଡ଼ିଆ ସାହିତ୍ୟ ଭିତରକୁ ଆବାହନ କରିଆଣିଥିଲେ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ।

ଓଡ଼ିଆ ସାହିତ୍ୟରେ ବିଂଶ ଶତାବ୍ଦୀର ଚତୁର୍ଥ ଦଶକ ଥିଲା ସମାଜବାଦୀ ବାସ୍ତବତାର ଅଭ୍ୟୁଦୟ କାଳ। ଭଗବତୀ ଚରଣ ପାଣିଗ୍ରାହୀଙ୍କ ଦ୍ୱାରା 'ନବଯୁଗ ସାହିତ୍ୟ ସଂସଦ' (୧୯୩୫) ଗଠନ ତଥା ତାଙ୍କ ସମ୍ପାଦନାରେ 'ଆଧୁନିକ'(୧୯୩୬) ପତ୍ରିକା ଆତ୍ମପ୍ରକାଶ କରିବା ପରେ ଓଡ଼ିଆ ସାହିତ୍ୟରେ ଦାନା ବାନ୍ଧିଲା କାର୍ଲମାର୍କ୍ସଙ୍କ ସମାଜ ଓ ସାହିତ୍ୟ ସମ୍ପର୍କୀୟ ବସ୍ତୁବାଦୀ ବିଚାରଧାରା। ଆଧୁନିକ ପତ୍ରିକାରେ ଭଗବତୀ ଚରଣଙ୍କ କାଳଜୟୀ ଗଳ୍ପ 'ଶିକାର'(୧୯୩୬) ଆତ୍ମପ୍ରକାଶ କରିବା ମାତ୍ରେ ସାହିତ୍ୟ ରାଜ୍ୟରେ ସୃଷ୍ଟି ହେଲା ଏକ ଅଭୂତପୂର୍ବ ଆଲୋଡ଼ନ। ଜଣେ ସମାଜତାତ୍ତ୍ୱିକ ବାସ୍ତବବାଦୀ ଭାବରେ ଶ୍ରେଣୀ ସଂଘର୍ଷର ପଥ ଅନୁସରଣ କରି 'ଶିକାର' ଗଳ୍ପରେ ସେ ଶୋଷିତ ଓ ସର୍ବହରା ହାତକୁ



ଜୟନ୍ତୀ ଉପଲକ୍ଷେ

ବଢ଼ାଇଦେଲେ ଶ୍ରେଣୀ ଶତ୍ରୁକୁ ସଂହାର କରିବାର ଅସ୍ତ୍ର। ଏଥିରେ ଉଲ୍ଲସିତ ହୋଇ ସବୁଜ କବିମାନେ ସୁଦ୍ଧା ସବୁଜ ପରୀର ଅଞ୍ଚଳ ତଳୁ ମୁହଁ କାଢ଼ି ଆଦରି ନେଲେ ପ୍ରଗତିବାଦୀ ଆଭିମୁଖ୍ୟ। 'ଜଙ୍ଗଲୀ', 'ହାତୁଡ଼ି ଓ ଦା' ଓ 'ମୀମାଂସା' ଆଦି ସର୍ବମୋଟ ୧୨ଟି ଗଳ୍ପ ଲେଖିଥିବା ଭଗବତୀ ଚରଣ କେବଳ ଜଣେ ଗାଳ୍ପିକ ନ ଥିଲେ, ବରଂ ସେ ଥିଲେ ଏକାଧାରରେ କବି, ଗାଳ୍ପିକ, ପ୍ରାବନ୍ଧିକ ଓ ଅନୁବାଦକ। ଅଗଣିତ ଓଡ଼ିଆଙ୍କ ଭିତରେ କମ୍ୟୁନିଷ୍ଟ ଚିନ୍ତାଧାରାର ପ୍ରସାର ପାଇଁ ସେ ମାର୍କ୍ସଙ୍କ 'କମ୍ୟୁନିଷ୍ଟ ମେନିଫେଷ୍ଟୋ'କୁ ଓଡ଼ିଆରେ ଅନୁବାଦ କରିଥିଲେ, ଯାହା ପ୍ରକାଶ ପାଇଥିଲା 'ବୈଜ୍ଞାନିକ ସମାଜବାଦ' ନାମରେ।

ସାହିତ୍ୟ ସାଧନାଠାରୁ ଭଗବତୀଙ୍କ ରାଜନୈତିକ ଜୀବନ ଥିଲା ଅଧିକ ସଂଘର୍ଷମୟ ଓ ସମର୍ପିତ। ସତ୍ୟବାଦୀ ବନବିଦ୍ୟାଳୟରେ ପଢୁଥିବାବେଳେ ତାଙ୍କୁ ଅନୁପ୍ରେରିତ କରିଥିଲା ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆଦର୍ଶ। ପାଟଣା ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ ପରେ ଚାକିରି ନ କରି ସେ ଯୋଗଦେଲେ (୧୯୩୨) ସ୍ୱାଧୀନତା ସଂଗ୍ରାମରେ। କିନ୍ତୁ ମାର୍କ୍ସ ଓ ଲେଲିନ୍‌ଙ୍କ ଶ୍ରେଣୀ ସଂଘର୍ଷ ତତ୍ତ୍ୱ ଦ୍ୱାରା ଅନୁପ୍ରାଣିତ ହେଲା ପରେ ସେ ଗାନ୍ଧୀଙ୍କ ଅହିଂସା ଆଦର୍ଶଠାରୁ ଦୂରେଇ ଯାଇ ଯୋଡ଼ି ହୋଇଗଲେ ପ୍ରଜା ସୋସାଲିଷ୍ଟ ଆନ୍ଦୋଳନ ସହିତ। ଯେତେବେଳେ ପରାଧୀନ ଭାରତବର୍ଷରେ ସ୍ୱାଧୀନତା ଆନ୍ଦୋଳନ ଚାଲିଥିଲା ସେତିକି ବେଳେ ଭାରତୀୟ ରାଜନୀତିକୁ ଉଦ୍‌ବେଳିତ କଲା ଶ୍ରେଣୀ ସଂଘର୍ଷ ଚେତନା। ଏଥିରେ ପ୍ରଭାବିତ ହୋଇ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନଠାରୁ ଦୂରେଇ ଯାଇ ସେ ଯୋଡ଼ିହୋଇଗଲେ ସମାଜବାଦୀ ଆନ୍ଦୋଳନ ସହିତ। ଓଡ଼ିଶାରେ ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ କଂଗ୍ରେସ ଭିତରୁ ଜନ୍ମନେଲା ସୋସାଲିଷ୍ଟ ଦଳ(୧୯୩୪)। ତା'ର ସମ୍ପାଦକ ହେଲେ ଭଗବତୀ ଚରଣ ପାଣିଗ୍ରାହୀ। ମାତ୍ର କଂଗ୍ରେସ ଦଳ ଭିତରେ ରହି ସମାଜବାଦୀ ଆନ୍ଦୋଳନକୁ ଆଗେଇ ନେବା ଏତେଟା ସହଜ ନ ଥିଲା ତାଙ୍କ ପାଇଁ। ସେଥିପାଇଁ ଖୋର୍ଦ୍ଧାର ବିଶିଷ୍ଟ ଜନନାୟକ ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଓ ବିପ୍ଳବୀ ଗୁରୁ ଚରଣ ପଟ୍ଟନାୟକଙ୍କ ଭଳି ସତୀର୍ଥଙ୍କ ସହଯୋଗରେ ଗଠନ କଲେ (୧୯୩୮) କମ୍ୟୁନିଷ୍ଟ ଦଳ। ଏହି ଦଳର ପ୍ରଥମ ସମ୍ପାଦକ ଭାବେ ତାଙ୍କର ବୈପ୍ଳବିକ ନେତୃତ୍ୱ ଥିଲା ଖୁବ୍ ଉଚ୍ଚକୋଟୀର, ଯାହାର ପ୍ରଭାବରେ ଖୁବ୍ ଚର୍ଚ୍ଚିତ ହୋଇପଡ଼ିଥିଲା ତତ୍କାଳୀନ ଓଡ଼ିଶାର ରାଜନୀତି।

ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଜାତିବାଦର ପ୍ରବଳ ବିରୋଧୀ। ତାଙ୍କ ମତରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାଇ ଭାଇ ଓ ପରସ୍ପରକୁ ସ୍ନେହ, ପ୍ରେମ ଓ ସହଯୋଗ କରିବା ଦ୍ୱାରା ସମ୍ଭବ ହେବ ସମାଜ ଓ ଜାତିର ପ୍ରଗତି। କାର୍ଲମାର୍କ୍ସଙ୍କ 'ଦାସ କ୍ୟାପିଟାଲ' ପଢ଼ି ତାଙ୍କର ହୃଦ୍‌ବୋଧ ହୋଇଥିଲା ଧର୍ମ ଏକ ଅଫିମ ସଦୃଶ , ଯାହା ସାହାଯ୍ୟରେ ଖୁବ୍ ସହଜରେ ଶୋଷଣ କରିପାରେ ଶାସକ ଗୋଷ୍ଠୀ। ଲୋକେ ଧର୍ମର ଅଫିମ ଖାଇ କେବଳ ଶୋଷଣର ଶିକାର ହୁଅନ୍ତିନି, ବରଂ ଏହାଦ୍ୱାରା ସାମ୍ପ୍ରଦାୟିକ ବିଦ୍ୱେଶ ବଢ଼େ ଓ ବିପନ୍ନ ହୋଇପଡ଼େ ଜାତୀୟ ଏକତା। ଏହି ଭାବଧାରା ତାଙ୍କୁ ସମ୍ପୂର୍ଣ୍ଣ ନାସ୍ତିକ କରିଦେଇଥିଲା, ଯାହାଫଳରେ ସେ ବ୍ରାହ୍ମଣ କୁଳରେ ଜନ୍ମହୋଇ ମଧ୍ୟ ଉପବୀତ ଧାରଣ କରୁ ନ ଥିଲେ କି ତାଙ୍କର କିଛି ସମ୍ପର୍କ ନ ଥିଲା ପୂଜାପାଠ ସହିତ।

ପ୍ରଗତିର ଅଭିଯାତ୍ରୀ ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଓଡ଼ିଶା କୃଷକ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର। ସେତେବେଳେ ପ୍ରଚଳିତ ସାମନ୍ତବାଦୀ ବ୍ୟବସ୍ଥାରେ ଜମିଦାର ଓ ସାହୁକାରମାନେ ଚାଷୀ ମୂଲିଆକୁ ଶୋଷଣ କରୁଥିବାରୁ ଶୋଚନୀୟ ହୋଇପଡ଼ିଥିଲା ସେମାନଙ୍କର ଆର୍ଥିକ ଅବସ୍ଥା। ସେହି ଅସହାୟ ଓ ନିର୍ଯାତିତମାନଙ୍କ ପ୍ରତି ବିଶେଷ ସମ୍ବେଦନା ଯୋଗୁ ଭଗବତୀ ଚରଣଙ୍କ ପ୍ରାଣକୁ ଆନ୍ଦୋଳିତ କରିଥିଲା କୃଷି ଓ କୃଷକର ଉନ୍ନତି ଚିନ୍ତା। ତେଣୁ ନବକୃଷ୍ଣ ଚୌଧୁରୀଙ୍କ ସହ ମିଶି ସେ ଗଠନ କରିଥିଲେ (୧୯୩୫ ଅଗଷ୍ଟ ୧୦) କୃଷକ ସଂଗଠନ। କୃଷକମାନଙ୍କୁ ନିଜର ଅଧିକାର ସମ୍ପର୍କରେ ସଚେତନ କରିବା ପାଇଁ ତାଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା 'କୃଷକ' ନାମରେ ଏକ ପତ୍ରିକା। ସେତେବେଳେ ଗଡ଼ଜାତ ଅଞ୍ଚଳକୁ ଖବରକାଗଜ ଯିବା ଉପରେ କଟକଣା ଥିବା ସତ୍ତ୍ୱେ ଗଡ଼ଜାତ ଭିତରକୁ 'କୃଷକ' ପତ୍ରିକା ପ୍ରେରଣ ହେଉଥିଲା ଲୁଚାଛପାରେ। ଜଙ୍ଗଲରେ ଅଗ୍ନିଶିଖା ବ୍ୟାପିଲା ଭଳି ଏହା ଲୋକଙ୍କ ପାଖରେ ପହଞ୍ଚୁଥିଲା ଏବଂ 'କୃଷକ' ବାଣୀକୁ ଦୈବବାଣୀ ଭାବରେ ଗ୍ରହଣ କରୁଥିଲେ ଲୋକେ। ସେଥିପାଇଁ ଲୋକଙ୍କ ଭିତରେ ଏହା ଯେତିକି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ସେତିକି ଆତଙ୍କ ଖେଳାଇ ଦେଇଥିଲା ରାଜଦରବାରରେ।

ସର୍ବହରାଙ୍କ ପ୍ରତି ଅକଳ୍ପନୀୟ ବ୍ୟଗ୍ରତା ଓ ଅଙ୍ଗୀକାରବଦ୍ଧତାକୁ ନେଇ ସାଲିସ୍‌ବିହୀନ ଲଢ଼େଇ ଲଢୁଥିବା ବିପ୍ଳବୀ ଭଗବତୀ ଚରଣଙ୍କୁ ପୋଲିସ ଗିରଫ କରିନେଇଥିଲା ଗଞ୍ଜାମ କୃଷକ ଆନ୍ଦୋଳନ ପରିପ୍ରେକ୍ଷୀରେ। ଜେଲ ଭିତରେ ସେ ଅସୁସ୍ଥ ହୋଇପଡ଼ିବା କାରଣରୁ ତାଙ୍କୁ ଭର୍ତ୍ତି କରାଗଲା କଟକ ଡାକ୍ତରଖାନାରେ। ସେଠାରେ ଚିକିତ୍ସାରେ ଅବହେଳା ଯୋଗୁ ଅକାଳରେ ଲିଭିଗଲା ୩୪ ବର୍ଷର (୧୯୦୮–୧୯୪୩) ଏକ ସଂକ୍ଷିପ୍ତ ଓ ସମର୍ପିତ ଜୀବନ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ–୯୪୩୮୪୫୦୮

# ଆଶାରେ ଜୀବନ



ଅଞ୍ଜନ ଚାନ୍ଦ

ସାପ ବିନା କାରଣରେ କାହାକୁ କାମୁଡ଼େ ନାହିଁ। ଆପଣ କ'ଣ ତାକୁ ମାଡି ପକାଇଲେ ? ବାଟୋଇଙ୍କ ଦେହରୁ ବିଷ ଝାଡ଼ିସାରିବା ପରେ ଗୁଣିଆ ପଚାରିଲେ। ବାଟୋଇ କହିଲେ ହଁ। ତରତରରେ ରାଜାଙ୍କ ଘରକୁ ଯାଉଥିଲି। ସାପକୁ ଦେଖିପାରିଲି ନାହିଁ। ରାଜାଙ୍କ ଘରକୁ କାହିଁକି ଯାଉଥିଲେ ? ମୁଁ ଜଣେ ଜ୍ୟୋତିଷ। ଗଣନା କରି ଭବିଷ୍ୟ କଥା କହିପାରେ। ନୂଆବର୍ଷରେ ରାଜାଙ୍କ ଭାଗ୍ୟରେ କ'ଣ ଅଛି ତାହା ଜାଣିବାକୁ ସେ ମୋତେ ଡାକିଛନ୍ତି। ଶୀଘ୍ର ପହଞ୍ଚିବି ବୋଲି ବଣ ଭିତରେ ଯାଉଥିଲି। ବାଟରେ ସାପ କାମୁଡିଲା। ଭାଗ୍ୟକୁ ମୋ ଚିତ୍କାର ଶୁଣି ତୁମେ ଧାଇଁ ଆସିଲ। ବିଷ ଝାଡି ନୂଆ ଜୀବନ ଦେଲ। ପ୍ରତିଦାନରେ ତୁମ ଭବିଷ୍ୟତରେ କ'ଣ ଅଛି ମୁଁ ଦେଖି କହିଦେବି।

ଗୁଣିଆ କହିଲେ– ନା ଆଜ୍ଞା। ଆପଣ ସେଇ ରାଜାମାନଙ୍କ ପାଖକୁ ଯାଆନ୍ତୁ। ଭବିଷ୍ୟତ ଜାଣିବା ମୋର ଦରକାର ନାହିଁ। ଜ୍ୟୋତିଷ ବାଧ୍ୟ କରିବାରୁ ସେ ପୁଣି କହିଲେ ହାତେ ଦୂରରେ ଥିବା ସାପକୁ ଦେଖି ନ ପାରି ଆପଣ ତାକୁ ମାଡି ପକାଇଲେ। ମୋ ଭବିଷ୍ୟତକୁ କ'ଣ ଦେଖିବେ ?

ସହରରେ ମୋ ବସାଘରର କିଛି ଦୂରରେ ଗଡ଼ ପୋଖରୀ। ପୋଖରୀ କୂଳରେ ବଡ଼ ବରଗଛ। ବରଗଛ ମୂଳରେ ଗୋଟେ ଚାଳିଆ ତଳେ ପ୍ରଜାପତି କାର୍ଯ୍ୟାଳୟ। ଚନ୍ଦନ ସିନ୍ଦୂର ଚର୍ଚ୍ଚିତ ଜଣେ ପୃଥୁଳକାୟ ଜ୍ୟୋତିଷ ପୋଥିପତ୍ର ଧରି ସେଠାରେ ବସନ୍ତି। ଭୂଇଁ ଉପରେ ଖଡିରେ ଘର କାଟି କ'ଣ ସବୁ ଲେଖନ୍ତି। ଜାତକ ଦେଖନ୍ତି। କପାଳ ଓ ହସ୍ତରେଖା ପଢ଼ନ୍ତି। ଝିଅ ପାଇଁ ବର ଖୋଜୁଥିବା ବାପା, ମା'ମାନଙ୍କୁ ଅନାୟାସରେ କହିଦିଅନ୍ତି– କେବେ କେଉଁଠି କିପରି ବରପାତ୍ର ସହ ଝିଅର ବାହାଘର ହେବ। ଦିନେ ଶୁଣିଲି ଜ୍ୟୋତିଷଙ୍କର ବଡିଲା ଝିଅଟିଏ ଥିଲା। ବାହାଘର ହୋଇ ନ ପାରିବାରୁ ଆଉ କେଉଁ ଜାତିର ପୁଅ ସାଙ୍ଗରେ ପଳାଇଛି।

ଏମିତି ଅନେକ କଥା ଜ୍ୟୋତିଷଶାସ୍ତ୍ର ବିରୋଧରେ ଅତୀତରୁ ଆଜି ପର୍ଯ୍ୟନ୍ତ ରହିଛି। ଅଥଚ ଆମ ଭିତରେ ଜ୍ୟୋତିଷ ବିଶ୍ୱାସ ତଥାପି ବଳବତ୍ତର ରହିଛି। ଆମେ ସବୁଦିନ ଖବରକାଗଜରୁ ରାଶିଫଳ ପଢୁଛୁ। ଟିଭିରେ ଦେଖୁଛୁ। ପ୍ରତିକାର ପାଇଁ ରତ୍ନମୁଦି ପିନ୍ଧୁଛୁ। ପୂଜା, ବ୍ରତ, ଯାଗଯଜ୍ଞ କରୁଛୁ। ଏଥିରେ ଗ୍ରହରିଷ୍ଟ ଖଣ୍ଡନ ହେବ। ଦେହରୁ ରୋଗବୈରାଗ ଛାଡି ପଳାଇବ। ଘରକୁ ସୁଖ, ଶାନ୍ତି ମାଡିଆସିବ।

ସତରେ କ'ଣ ଜ୍ୟୋତିଷ ଶାସ୍ତ୍ର ବଳରେ ଭବିଷ୍ୟତରେ ଘଟିବାକୁ ଥିବା ଘଟଣାକୁ ଲୌକିକ ପ୍ରକ୍ରିୟାରେ ବଦଳାଇ ହୁଏ ? ଅସଲ ପ୍ରଶ୍ନ ହେଉଛି, ଭବିଷ୍ୟକୁ ଦେଖିବା କ'ଣ ମଣିଷ ପାଇଁ ଶୁଭଙ୍କର ?

ମଣିଷ ଯେମିତି ଆଗରେ ଥିବା ରାସ୍ତାକୁ ଦେଖିପାରୁଛି, ଖାଲଖମାକୁ ଆଡେଇ ଯାଉଛି, ସେମିତି ଆଗରେ ଥିବା ସମୟକୁ ଦେଖିପାରିଲେ କେତେ ଭଲ ନ ହୁଅନ୍ତା ସତରେ ! ଥରେ ବରଗଛ ମୂଳରେ ଠିଆହୋଇ ଜଣେ ନାସ୍ତିକ ଅନ୍ୟମାନଙ୍କୁ କହିଲେ– ଈଶ୍ୱର ଯଦି ସତରେ ଅଛନ୍ତି ଓ ବିଶ୍ୱକୁ ସୃଷ୍ଟି କରିଛନ୍ତି, ତେବେ ତାଙ୍କ ପରି ମୂର୍ଖ ଆଉ କେହି ନାହାନ୍ତି। ବୋଇତାଳୁ ଲତାଟିଏ ଭୂଇଁରେ ଲୋଟୁଛି। ନରମ ଦେହରେ ତା'ର କେତେ ବିଶାଳ ଫଳ। ଅଥଚ ଏ ବିରାଟ ବରଗଛକୁ ଦେଖ। କେତେ କୁନି କୁନି ଫଳ ତା' ଦେହରେ ଫଳିଛି। କଥା ସରି ନ ଥାଏ, ବରଗଛରୁ ଫଳଟିଏ ତାଙ୍କ ମୁଣ୍ଡରେ ଖସିପଡିଲା। ପାଖରେ ଥିବା ଲୋକଟି କହିଲା– ଗଛ ଅନୁସାରେ ଏ ବରଗଛରେ ଯଦି ବଡ଼ ଫଳ ଫଳିଥାନ୍ତା, ତେବେ ଆପଣଙ୍କ ମୁଣ୍ଡର ଅବସ୍ଥା କ'ଣ ହୋଇଥାନ୍ତା ?

ଈଶ୍ୱରଙ୍କ ସୃଷ୍ଟି ସମ୍ପୂର୍ଣ୍ଣ ବ୍ୟବସ୍ଥିତ। ମଣିଷର ମନ ଅବ୍ୟବସ୍ଥିତ। ରହସ୍ୟମୟ ପରଦା ଅନ୍ତରାଳରେ ଭବିଷ୍ୟତଟି ଗୋପନ ରହିଲେ ହିଁ ତାହା ମଣିଷ ପାଇଁ ଶୁଭଙ୍କର। ସୁଦିନ ହେଉ କି ଦୁର୍ଦ୍ଦିନ ଆଗରୁ ତାହା ଜଣାପଡିଗଲେ ଜୀବନ ଆଉ ଜୀବନ ହୋଇ ରହିବ ନାହିଁ। ବଞ୍ଚିବା ପାଇଁ ମଣିଷର ଏକମାତ୍ର ଆଶ୍ରୟଟି କ୍ଷଣିକେ ନଷ୍ଟ ହୋଇଯିବ। ଏ ପ୍ରସଙ୍ଗରେ ଟଲଷ୍ଟୟଙ୍କ ମଣିଷ ଜୀବନ ସମ୍ପର୍କିତ ଛୋଟ କଥାଟିଏ।

ଅଗନା ଅଗନି ବନସ୍ତ। ବନ ଭିତରେ ମହାବଳ ହାବୁଡ଼ରେ ପଡିଲା ମଣିଷ। ରକ୍ଷା ପାଇବାକୁ ପ୍ରାଣ ବିକଳରେ ଧାଇଁଲା। ଧାଉଁ ଧାଉଁ ଖସିପଡିଲା ଗୋଟେ ଶୁଖିଲା କୂଅ ଭିତରେ। ତଳେ ପଡିବା ଆଗରୁ କାନ୍ଥରେ ଓହଳିଥିବା ଗଛର ଚେରକୁ ଧରି ସେ ଝୁଲି ରହିଲା। ତଳକୁ ଚାହିଁ ଦେଖିଲା ବିଷଧର ସାପଟିଏ ଫଣା ଟେକି ଚାହୁଁଛି। ପଡିବା ମାତ୍ରେ ସାପ ଦଂଶନରେ ମୃତ୍ୟୁ ନିଶ୍ଚିତ। ସେ ଉପରକୁ ଚାହିଁଲା। ଯେଉଁ ଚେର ଧରି ସେ ଓହଳିଛି, ତାକୁ ଦୁଇଟି ମୂଷା କାଟିବାରେ ଲାଗିଛନ୍ତି। ଗୋଟିଏ ଧଳା ମୂଷା, ଅନ୍ୟଟି କଳା। ଯେତେବେଳେ ଚେର କଟିଯିବ ସେ ମରଣ ମୁହଁକୁ ଖସିବ। ଠିକ୍ ସେତିକିବେଳେ ଅଳ୍ପ ଦୂରରେ ମହୁଫେଣାଟିଏ ତା' ଆଖିରେ ପଡୁଛି। ସେ ଖୁସିରେ ମହୁ ଖାଇବାକୁ ଧୀରେ ଧୀରେ ଆଗକୁ ବଢୁଛି।

କଥା ନୁହେଁ, ଏହା ମଣିଷର ଜୀବନ ଦର୍ଶନ।

ମହାବଳ ହେଉଛି ନିୟତି। ତା' ନିର୍ଦ୍ଦେଶରେ ମଣିଷ କୂଅ ରୂପକ ମର୍ତ୍ତ୍ୟପୁରରେ ଜନ୍ମ ନିଏ, ଯେଉଁଠି ସାପ ରୂପକ ମହାକାଳ ତାକୁ ମୃତ୍ୟୁମୁଖକୁ ଟାଣି ନେବାକୁ ଚାହିଁ ବସିଥାଏ। ଗଛର ଚେର ରୂପକ ଆୟୁଷକୁ ଧରି ସେ ବଞ୍ଚିରହେ। ଯେଉଁ ଆୟୁଷକୁ ଦିନ ଓ ରାତି ରୂପକ ମୂଷା ପ୍ରତିକ୍ଷଣରେ କାଟି ଚାଲିଥାନ୍ତି। ଏପରି ଏକ ବିପଦଗ୍ରସ୍ତ ପରିବେଶରେ ମହୁଫେଣା ରୂପକ ଆଶାକୁ ଆଶ୍ରୟ କରି ସେ ଖୁସିରେ ବଞ୍ଚିରହେ। ଭବିଷ୍ୟତ ଯଦି ଜାଣି ହୋଇଯିବ ତ ଆଶାରୂପକ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଅବଦାନକୁ ମଣିଷ ହରାଇ ବସିବ।

ଘରେ, ବାହାରେ ଅବା ଗଛମୂଳରେ ବସିଥିବା ଆତ୍ମପୀଡ଼ାଗ୍ରସ୍ତ ଜ୍ୟୋତିଷମାନଙ୍କୁ ବେଳେବେଳେ ସମ୍ମାନ ଜଣାଇବାକୁ ଇଚ୍ଛା ହୁଏ। ସାମାନ୍ୟ କେତୋଟି ଟଙ୍କା ବିନିମୟରେ କେତେ କଳକୌଶଳ କରି ସେମାନେ ହତାଶ ହୋଇପଡିଥିବା ପୀଡ଼ିତଙ୍କ ମନରେ ନୂତନ ଆଶା ସଞ୍ଚାର କରନ୍ତି।

ଅଙ୍ଗାରଗାଡ଼ିଆ, ବାଲେଶ୍ୱର, ମୋ–୯୪୩୭୨୯୬୮୬୪

## ଏଇ ଭାରତରେ

ଘର ଦେଖି ନଚେତ୍ ବର ଦେଖି କନ୍ୟାଦାନ କରାଯାଏ। ଘର ଅର୍ଥାତ୍ ପୁଅର ସମ୍ପତ୍ତିବାଡି ଥିଲେ କନ୍ୟାର ପିତା ଖୁସିହୋଇ ସେଇ ଘରେ ଝିଅକୁ ସମର୍ପିଦେବାକୁ ଉଚିତ ମଣିଥାନ୍ତି। ନ ହେଲେ ବର ସୁନ୍ଦର ଏବଂ ଗୁଣବାନ୍ ହୋଇଥିଲେ କନ୍ୟାଦାନ କରାଯାଇପାରେ। ହେଲେ ମାତ୍ର ୪ ଏକର ଜମି ପାଇଁ ଜଣେ ୨୩ବର୍ଷ ବୟସ୍କା ଯୁବତୀ ୬୬ବର୍ଷୀୟ ବୃଦ୍ଧଙ୍କୁ ବିବାହ କରିବା ନିଆରା ଘଟଣା ନିଶ୍ଚୟ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ଚଣ୍ଡିଗଡ଼ରେ। ସ୍ଥାନୀୟ ସଙ୍ଗରୁର୍‌ରେ ଏହି ଯୁବତୀ ଜଣକ ୪ ଏକର ଜମି ଥିବା ଜାଣି ଜଣେ ବୃଦ୍ଧଙ୍କୁ ବିବାହ କରିଛନ୍ତି। ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କେତେକେ କହୁଛନ୍ତି, ବୃଦ୍ଧଙ୍କ ପୁଅକୁ ଯୁବତୀ ଜଣକ ପ୍ରେମ କରୁଥିଲେ। ତେବେ ସେ ବିବାହିତ ଏବଂ ତାଙ୍କର ସ୍ତ୍ରୀ ଓ ପିଲା ଥିବାରୁ ବାଧ୍ୟହୋଇ ଯୁବତୀଙ୍କ ପରିବାରବର୍ଗ ପୁଅର ବାପା ସହିତ ଏହି ବିବାହ କରାଇଛନ୍ତି। ପରେ ଯୁବତୀ ଜଣକ ତାଙ୍କ ପ୍ରେମିକଙ୍କ ଜନନୀ ପାଲଟିଯାଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ଲାଞ୍ଛନାର ଶୈଳରାଶି
ଏ ଜୀବନେ ହାଣେ ଯେହୁ ମୋର,
ଦୁଃଖେ ତା'ର ଝରିପଡୁ
ପ୍ରିୟତମ ! ନୟନର ଲୋର।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ଫେବୃୟାରୀ ୧୯୯୪

- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ଅତ୍ୟାଧୁନିକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ନାଗ'ର ପରୀକ୍ଷାମୂଳକ ଉତ୍କ୍ଷେପଣ ସଫଳତାର ସହ କରାଯାଇଛି।
- ଗିରିଶ ଠାକୁରଲାଲ ନାନାବତୀ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | | | | | D | C | A | | | 6 | | | 8 |
| | | | | | D | | | 6 | 2 | | 9 | 0 | E | |
| 1 | | | 5 | | | | | | | | | | A | |
| | 7 | | 0 | | | B | | | E | | | 5 | D | |
| 6 | 8 | | | | 7 | E | | | B | 4 | | 2 | | 9 |
| | 9 | | | | 1 | 2 | | | 6 | | | | 3 | |
| | | | | 3 | | 8 | | 7 | | C | 5 | E | | 2 |
| | 2 | | | A | | | B | | | | D | 6 | | |
| | | | | | B | | 1 | 0 | | | | | | |
| B | 4 | | | D | | A | E | | | 8 | | | | |
| | | | | 8 | A | | | | | D | E | | | |
| 4 | 0 | | | | | | | | | | 2 | | 7 | |
| D | | | | | | 3 | | | 0 | | | B | 5 | |
| | | A | | 2 | 9 | 4 | | | | | B | | | |
| | | | | 1 | | 9 | | C | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | C | 3 | E | 5 | 6 | 0 | 9 | 7 | A | 2 | 1 | D | 4 | 8 |
| 8 | 2 | 1 | 0 | 3 | B | D | A | 5 | 4 | 9 | E | C | 6 | 7 |
| 7 | E | A | 8 | 9 | 4 | C | 1 | 6 | 0 | 3 | D | 2 | B | 5 |
| 5 | 0 | D | A | C | 2 | B | E | 4 | 6 | 8 | 7 | 9 | 1 | 3 |
| 6 | 9 | 4 | 7 | D | 1 | 2 | 3 | 8 | B | 5 | C | 0 | A | E |
| C | 5 | 2 | 6 | 4 | 0 | A | 7 | D | 8 | 1 | 3 | B | E | 9 |
| 3 | A | E | 5 | B | 7 | 9 | 0 | 2 | D | 6 | 4 | 8 | C | 1 |
| 4 | 7 | 6 | C | 1 | 8 | 3 | 5 | E | 9 | B | 2 | A | D | 0 |
| 1 | 8 | B | 9 | A | D | 6 | 4 | C | E | 7 | 0 | 5 | 3 | 2 |
| 9 | D | 0 | 2 | E | 3 | 1 | 8 | B | 5 | C | A | 6 | 7 | 4 |
| D | 6 | C | 3 | 7 | 9 | 5 | B | 1 | 2 | 4 | 8 | E | 0 | A |
| A | 4 | 9 | B | 2 | 5 | 7 | D | 0 | 3 | E | 6 | 1 | 8 | C |
| 0 | B | 7 | 1 | 6 | E | 8 | 2 | 3 | C | A | 5 | 4 | 9 | D |
| 2 | 3 | 8 | 4 | 0 | A | E | C | 9 | 1 | D | B | 7 | 5 | 6 |
| E | 1 | 5 | D | 8 | C | 4 | 6 | A | 7 | 0 | 9 | 3 | 2 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଋଣଂ କୃତ୍ୱା ଘୃତଂ ପିବେତ୍

ମହାଶୟ,

ଧରିତ୍ରୀ(୨୦।୧)ରୁ ଜାଣିଲି ଯେ, ଓଡ଼ିଶାରେ ୨୦୧୮ ମସିହାରେ ମୁଣ୍ଡପିଛା ଋଣ ୨୧୦୦୦ ଟଙ୍କାରେ ପହଞ୍ଚିଛି। ବିଜୁବାବୁ ୧୯୬୨ରେ ଶାସନ ଛାଡ଼ିବା ପରେ ଓଡ଼ିଶାର ଋଣଭାର ଥିଲା ୭୦୦୦ କୋଟି। ଜାନକୀବାବୁଙ୍କ ଦଶବର୍ଷ ଶାସନ ପରେ ଋଣଭାର ଥିଲା ୧୮୦୦୦ କୋଟି। ଏବେ ଓଡ଼ିଶାର ଋଣଭାର ୯୩୦୦୦ କୋଟିରେ ପହଞ୍ଚିଛି। ଏସବୁ ଋଣ ଠିକ୍‌ଭାବରେ ବିନିଯୋଗ ହୋଇଥିଲେ ଏବେ ଓଡ଼ିଶାର ଅନେକ ଅଞ୍ଚଳରେ ଗମନାଗମନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଅପହଞ୍ଚ ହୋଇ ନ ଥାନ୍ତା। କୃଷକମାନେ ଋଣ ଶୁଝି ନ ପାରି ଆତ୍ମହତ୍ୟା କରୁ ନ ଥାନ୍ତେ। ଚାଷୀମାନେ ରାଜରାସ୍ତାକୁ ଆସି ବିକ୍ଷୋଭ କରୁ ନ ଥାନ୍ତେ। ପ୍ରକୃତ ଭାବରେ ପର୍ଯ୍ୟବେକ୍ଷଣ କଲେ ଏହି ଅର୍ଥ ଅନେକ ଅଦରକାରୀ ଯୋଜନାରେ ବ୍ୟୟିତ ହେଉଥିବା ଜଣାଯାଏ। ନିଜ ରାଜସ୍ୱରେ ଯୋଜନା କାର୍ଯ୍ୟକାରୀ ହେବା ଦରକାର। ଗୁଡାଏ ଅର୍ଥ ଋଣ କରି ଲୋକଙ୍କ ମୁଣ୍ଡରେ ଋଣଭାର ଲଦି ବାହାବା ନେବା କେତେଦୂର ଯଥାର୍ଥ ? ମନେହୁଏ ସରକାର 'ଋଣଂ କୃତ୍ୱା ଘୃତଂ ପିବେତ୍' ଭଳି ଚାର୍ବାକ୍ ନୀତି ଅନୁସରଣ କରୁଛନ୍ତି।

ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ଓଟିଇଟି ପ୍ରହସନ

ଶିକ୍ଷକ ଯୋଗ୍ୟତା ପାଇଁ ଦୁଇବର୍ଷ ସିଟି ଓ ଏକବର୍ଷ ବି.ଏଡ୍. କାର୍ଯ୍ୟକ୍ରମ ପ୍ରଚଳନ ହେଉଛି। କିଏ ସି.ଟି. ତ କିଏ ବି.ଏଡ୍. ପାଠ୍ୟକ୍ରମ ସମାପ୍ତ କରି ଚାକିରିରେ ନିଯୁକ୍ତ ପାଇଛନ୍ତି। ଏପରିସ୍ଥଳେ ପୁଣି ଏବେ ଗୋଟାଏ ପ୍ରହସନ ଚାଲିଛି ଓଟିଇଟି। ଯଦି ଏହା ଏତେ ଜରୁରୀ ତେବେ ସି.ଟି. ଓ ବି.ଏଡ୍.ର କି ଆବଶ୍ୟକତା ଅଛି ? ତାଙ୍କୁ ତାଲିମପ୍ରାପ୍ତ ହେବା ପାଇଁ ଦୁଇବର୍ଷ ବା ଏକବର୍ଷ କାହିଁକି ଘାଣ୍ଟୁଛନ୍ତି ସରକାର ? ଓଟିଇଟି କ'ଣ ଦୁଇବର୍ଷ ଓ ଏକବର୍ଷ ତାଲିମଠାରୁ ଅଧିକ ଯୋଗ୍ୟତାଭିତ୍ତିକ ପରୀକ୍ଷା ? ସରକାରଙ୍କୁ ଅନୁରୋଧ ସି.ଟି. ବା ବି.ଏଡ୍. ତାଲିମ ପାଇଥିବା ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ଓଟିଇଟି ପରୀକ୍ଷା ପାଇଁ ଅଯଥା ହଇରାଣ କରନ୍ତୁ ନାହିଁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆଜିଠୁ କେନ୍ଦ୍ରାପଡ଼ା ପୁସ୍ତକ ମେଳା

**କେନ୍ଦ୍ରାପଡା ଅଫିସ, ୩୧।୧:** ଅଷ୍ଟାଦଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା ଶୁକ୍ରବାରଠାରୁ ଆରମ୍ଭ ହେବ। ସହରର ମହିପାଳସ୍ଥିତ ଟେଲିକମ ଗ୍ରାଉଣ୍ଡଠାରେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ଦ୍ୱାରା ଆୟୋଜିତ ଏହି ମେଳାରେ ରାଜ୍ୟର ଅନେକ ନାମୀଦାମୀ ପୁସ୍ତକ ପ୍ରକାଶନ ସଂସ୍ଥା ଓ ବିକ୍ରେତାମାନେ ଯୋଗଦେବେ। ଏହି ମେଳା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିସହିତ ଦୈନିକ ବୌଦ୍ଧିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କେମ୍ ସଭାପତି ଅକ୍ଷୟ କୁମାର ପାଣି ଗୁରୁବାର ସୂଚନା ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି, ପ୍ରତ୍ୟେକ ସନ୍ଧ୍ୟାରେ ସାହିତ୍ୟିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସମାବେଶ ହେବା ସହିତ ଆଲୋଚନା ଚକ୍ର, ସାହିତ୍ୟ ଓ ସାମାଜିକ କର୍ମରେ ଲିପ୍ତ ଥିବା ବ୍ୟକ୍ତି ସଭାରେ ଯୋଗଦେବେ। ସେହିପରି କେତେକ ପୁସ୍ତକ ଏହି ସଭାରେ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି।

### ସେକ ଅବଦୁଲ୍ଲା ହେଲେ ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ୍ ସମ୍ପାଦକ



**ଡେରାବିଶ, ୩୧।୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଅଧୀନ ହଳଦିଆ ଗ୍ରାମର ସେକ ଅବଦୁଲ୍ଲାଙ୍କୁ ବିଜୁ ଜନତା ଦଳ(ବିଜେଡି) ରାଜ୍ୟ ସଂଖ୍ୟାଲଘୁ ସେଲର ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛଇ। ଦଳର ସଭାପତି ନବୀନ ପଟ୍ଟନାୟକ ଗତ ୨୧ତାରିଖରେ ତାଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦେଇଥିବା ଏକ ପ୍ରେସ ଇସ୍ତାହାରରୁ ଜଣାଯାଇଛି। ଏହା ଜଣାପଡିବା ପରେ ବ୍ଲକ ଅଞ୍ଚଳର ବିଜେଡି କର୍ମୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ତେବେ ଅବଦୁଲ୍ଲାଙ୍କୁ ଡେରାବିଶ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ମାର୍ଶାଘାଇ ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ତଥା କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସରୋଜକାନ୍ତ ନାୟକ, ମଦ୍ରାସା ମିଲ୍ଲତେ ଇବ୍ରାହିମିଆର ସଭାପତି କମିରୁଦ୍ଦିନ ଖାନ୍, ପ୍ରାକ୍ତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ମନୋରଞ୍ଜନ ଉପାଧ୍ୟାୟ, ବିଜେଡି ଯୁବ ନେତା ଦିଲ୍ଲୀପ ଦାସ, ଆଇନଜୀବୀ ଶାନ୍ତିସ୍ୱରୁପ ଭୂୟାଁ, ଯୁବ ସଂଗଠକ ସେକ ରହେମତୁଲ୍ଲା ଓ ମିର୍ଜା ରୋଶନ ବେଗ୍ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ବିଧାୟକ କିଶୋରଚନ୍ଦ୍ର ତରାଇଙ୍କୁ ଅବଦୁଲ୍ଲା କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଏବେଠୁ ବଳ କଷାକଷି ଆରମ୍ଭ

## ■ କଂଗ୍ରେସ-ବିଜେଡି ଲଢ଼େଇ, ଅଣ୍ଟା ସଳଖୁଛି ଭାଜପା

**ଆଳି, ୩୧।୧ (ଡି.ଏନ୍.ଏ.)**

**ଆଳି ନିର୍ବାଚନ ମଣ୍ଡଳୀ**

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଆନୁଷ୍ଠାନିକ ଭାବେ ନିର୍ବାଚନ ତାରିଖ ଘୋଷଣା ହୋଇ ନଥିଲେ ବି ଆସନ୍ତା ଏପ୍ରିଲ ମାସରେ ନିର୍ବାଚନ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ସେ ନେଇ ରାଜ୍ୟର ୩ ପ୍ରମୁଖ ଦଳର ନେତା, କର୍ମୀମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଆଳି ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଦଳୀୟ ନେତୃବୃନ୍ଦ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମର ଆୟୋଜନ କରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ନୂଆବର୍ଷ ଆରମ୍ଭରୁ କଂଗ୍ରେସ, ବିଜେଡି ଓ ଭାଜପାର ହେଭିୱେଟ୍‌ମାନଙ୍କ ପୋଷ୍ଟର ମରା ରାଜନୀତି ଆରମ୍ଭ ହୋଇଯାଇଛି। ଗଳିକନ୍ଦିରୁ ଆରମ୍ଭ କରି ପ୍ରମୁଖ ଛକ ବଜାରରେ ଭର୍ତ୍ତି ହୋଇଛି ଦଳୀୟ ଚିହ୍ନ ଓ ନେତାଙ୍କ ଫଟୋ ଥିବା ବ୍ୟାନର ଆଉ ପୋଷ୍ଟର। ପୂର୍ବ ନିର୍ବାଚନଗୁଡ଼ିକରେ ଆଳି ନିର୍ବାଚନ ମଣ୍ଡଳୀରେ ଭାଜପାର ସେତେଟା ଦବଦବା ନଥିଲେ ସୁଦ୍ଧା ଜାତୀୟସ୍ତରରେ ଦଳର ଭଲ ପ୍ରଦର୍ଶନ ଯୋଗୁ ଏଥର ଏଠି ବି ପାୱାରରେ ଆସିବାକୁ ଭାଜପା ନେତା ଓ କର୍ମୀମାନେ ଅଣ୍ଟା ଭିଡ଼ିଛନ୍ତି।

ଏ ପର୍ଯ୍ୟନ୍ତ ନିର୍ବାଚନ ତାରିଖ ଘୋଷଣା କରାଯାଇ ନଥିବା ବେଳେ ପ୍ରାର୍ଥୀଙ୍କ ନାଁ ବି ଜଣାପଡ଼ିନି। ଏହାସତ୍ତ୍ୱେ ଉଭୟ କଂଗ୍ରେସ ଓ ବିଜେଡିର ପାୱାରଫୁଲ ନେତାମାନେ ନିଜ ନିଜ ଶକ୍ତି ପ୍ରଦର୍ଶନ କରିବା ଆରମ୍ଭ କରିଛନ୍ତି। ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ନେତା ପ୍ରତାପ ଦେବ ଓ ଆଳି ବିଧାୟକ ତଥା କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମାଙ୍କର କେହି ପ୍ରତିଦ୍ୱନ୍ଦ୍ୱି ନ ଥିବା ଯୋଗୁ ଏ ଦୁହିଁଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯିବା ଏକପ୍ରକାର ନିଶ୍ଚିତ ହୋଇଛି। ଗତ ନିର୍ବାଚନଗୁଡ଼ିକରେ ଭାଜପା ଏହି ନିର୍ବାଚନ ମଣ୍ଡଳୀରେ ଅମାନତ ହରାଇଥିବା ବେଳେ ଏଥର ଧୀରେଧୀରେ ସକ୍ରିୟ ହେଉଛି। କିନ୍ତୁ ଭାଜପା ପକ୍ଷରୁ କିଏ ପ୍ରାର୍ଥୀ ହେବ ସେ ନେଇ ଅଙ୍କକଷା ଆରମ୍ଭ ହୋଇଛି। ପୂର୍ବରୁ ବରିଷ୍ଠ ଭାଜପା ନେତା ବ୍ରଜସୁନ୍ଦର ଭୂୟାଁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ବେଳେ ଏଥର କିନ୍ତୁ ଆଶାୟୀଙ୍କ ସଂଖ୍ୟା ଅଧିକ। ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ବିଶିକେଶନ ଦାସ, ଯୁବନେତା ରଶ୍ମିରଞ୍ଜନ ବେହୁରା, ଭକ୍ତବନ୍ଧୁ ମିଶ୍ର, ସାମାଜିକ କର୍ମୀ ସଞ୍ଜୟ ବେହୁରା ପ୍ରମୁଖ ଟିକେଟ ଆଶାରେ ରହିଛନ୍ତି।

ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ଛୋଟବଡ଼ କିଛି ଦୁର୍ଘଟଣା ଘଟିଲେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସବୁ ଦଳର ନେତା, କର୍ମୀମାନେ ପହଞ୍ଚି ଯାଉଛନ୍ତି। ଭୋଟରଙ୍କୁ ହାତେଇବାକୁ ସମସ୍ତେ ନାନା ପ୍ରକାର ଉଦ୍ୟମ ଚଳାଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳତା ସମ୍ପର୍କରେ ପ୍ରଚାର କରି ବିଜେଡି ଭୋଟରଙ୍କୁ ଆକୃଷ୍ଟ କରୁଥିବା ବେଳେ କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାରକୁ ପ୍ରଚାର ଅସ୍ତ୍ର କରିବାକୁ ଯୋଜନା ଚଳାଇଛି। ତେବେ ନିର୍ବାଚନ ତାରିଖ ପ୍ରକାଶ ପାଇବା ପରେ ଏଥର ୩ ପ୍ରମୁଖ ଦଳ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ନାବାଳିକାଙ୍କୁ ବଳାତ୍କାର: ବୃଦ୍ଧ ଗିରଫ

**ମାର୍ଶାଘାଇ, ୩୧।୧(ଡି.ଏନ୍.ଏ.)**

୯ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ୮୫ ବର୍ଷୀୟ ବୃଦ୍ଧ ଗିରଫ ହୋଇ ଗୁରୁବାର କୋର୍ଟ ଚାଲାଣ ହେବା ଘଟଣା ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗିରଫ ବୃଦ୍ଧ ଜଣକ ହେଲେ ମାର୍ଶାଘାଇ ଥାନା ଅଞ୍ଚଳର ବ୍ରହ୍ମାନନ୍ଦ ଦାସ। ଗତ ଶନିବାର ସନ୍ଧ୍ୟାରେ ନାବାଳିକା ଘରେ ଏକୁଟିଆ ଥିବା ସମୟରେ ବ୍ରହ୍ମାନନ୍ଦ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ପରିବାର ତରଫରୁ ମାର୍ଶାଘାଇ ଥାନାରେ ଅଭିଯୋଗ ହେବା ପରେ ୨୦/୧୯ ନଂ.ରେ ମାମଲା ରୁଜୁ ହୋଇଥିଲା।

## ତୁଳସୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ନିବାସର ବାର୍ଷିକ ଉତ୍ସବ




ଅତିଥିମାନେ କଲେଜ ମୁଖପତ୍ର 'ତୃଷ୍ଣା'କୁ ଉନ୍ମୋଚନ କରୁଛନ୍ତି।

**କେନ୍ଦ୍ରାପଡା ଅଫିସ୍, ୩୧।୧**

ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ନିବାସର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡା. ହୀରାମଣୀ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଶିକ୍ଷାବିତ୍ ଡା. ଦାମୋଦର ଆଚାର୍ଯ୍ୟ, ବୁଦ୍ଧିଜୀବୀ ଦେବେନ୍ଦ୍ର ସୁଆର, ପ୍ରାଧ୍ୟାପକ ଗୋଲକ ଚନ୍ଦ୍ର ମହାଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷାର୍ଥୀ ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ, ସୁସ୍ଥ ସମାଜ ଗଠନ ପାଇଁ ମଣିଷକୁ ସୁଶିକ୍ଷିତ ହେବାକୁ ପଡିବ। ଅନୁସନ୍ଧିତ୍ସା ଶିକ୍ଷାର୍ଥୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର 'ତୃଷ୍ଣା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହିତ ମହାବିଦ୍ୟାଳୟର ପ୍ରତିଭାବାନ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଛାତ୍ରୀ ସଂସଦ ଓ ମହାବିଦ୍ୟାଳୟର କର୍ମଚାରୀମନେ ପରିଚାଳନା କରିଥିଲେ। ଶେଷରେ କଲେଜ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଡା. ମମତା ସାହୁ, ଛାତ୍ରୀ ନିବାସ ସମ୍ପାଦିକା ସ୍ୱିକୃତୀ ପଣ୍ଡା, ଆଶିଷ୍ଟାଣ୍ଡ ଇନ୍‌ଚାର୍ଜ ବାଗ୍ମୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛାତ୍ର କଂଗ୍ରେସର ବେହେତର ଭାରତ କାର୍ଯ୍ୟକ୍ରମ

**କେନ୍ଦ୍ରାପଡା ଅଫିସ, ୩୧।୧**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ର କଂଗ୍ରେସର ସଦସ୍ୟମାନେ।

ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବେହେତର ଭାରତ କାର୍ଯ୍ୟକ୍ରମ ବୁଧବାର ଠାରୁ ଆରମ୍ଭ ହୋଇଛି। ସହରର ତିନିମୁହାଣିସ୍ଥିତ ମାଛ ମାର୍କେଟ ପରିସରରେ ଜିଲା ସଭାପତି ଉମେଶ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମସ୍ୟା ଓ ସମାଧାନ, ନୂତନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଛାତ୍ର କଂଗ୍ରେସ ସଂଯୋଜକ ସେକ୍ ୟାସିର ନୱାଜ, ପ୍ରଭାରୀ ରୋହିତ ଜୀ., ସଦସ୍ୟ ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ର କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଛାତ୍ର ନେତା ସୁନୀଲ ରାଉଳ, ପ୍ରଦୀପ ବିଶ୍ୱାଳ, ଦୁର୍ଯ୍ୟୋଧନ ବେହେରା, ରବିନ୍ଦ୍ର ଗୋଛାୟତ, କାହ୍ନୁ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନିଜର ମତବ୍ୟକ୍ତ କରିଥିଲେ।

## ଅଗ୍ନିକାଣ୍ଡରେ ଘର, ଦୋକାନ ଜଳିଗଲା

**ଆଳି, ୩୧।୧ (ଡି.ଏନ୍.ଏ.)**

ଆଳି ବ୍ଲକ ଅଧୀନ କୋଳିଡିହ ପଞ୍ଚାୟତ ଜାମୁଦଣ୍ଡା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗ୍ରାମର ପ୍ରଶାନ୍ତ କୁମାର ବେହୁରାଙ୍କର ଘର ଓ ଦୋକାନ କ୍ୟାବିନ ଜଳିଯାଇଛି। ପ୍ରଶାନ୍ତଙ୍କ ଘରେ ହଠାତ୍ ନିଆଁ ଲାଗିଯିବାରୁ ଗ୍ରାମବାସୀ ନିଆଁ ଲିଭାଇବା ଉଦ୍ୟମ କରିଥିଲେ। ଖବରପାଇ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନି ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ■ ମାୟାଧର ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ

# ମା'ହରଚଣ୍ଡୀ ଟିମ୍ ଚାମ୍ପିୟନ

**ଡେରାବିଶ, ୩୧।୧ (ସ୍ୱ.ପ୍ର.)**



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଖେଳ ପଡ଼ିଆଠାରେ ଅନୁଷ୍ଠିତ ମାୟାଧର ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅବସରରେ ମା' ହରଚଣ୍ଡୀ ଓ ରିଜିଓନାଲ୍ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରିଜିଓନାଲ ସ୍ପୋର୍ଟିଂ ବ୍ୟାଟିଂ କରି ୨୫ ଓଭରରେ ୧୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ମା'ହରଚଣ୍ଡୀ ଟିମ୍ ୨୨ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ମୁଖ୍ୟଅତିଥି ଭାବେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ତାପସ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବୋଲର ଭାବେ ପୁରସ୍କୃତ କରଯାଇଥିବା ବେଳେ ବେଷ୍ଟ ବ୍ୟାଟସ୍‌ମ୍ୟାନ୍ ଭାବେ ସୁମନ୍ତ କୁମାର ପୁରସ୍କୃତ ହୋଇଥିଲେ। ବିଶ୍ୱରଞ୍ଜନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରମୋଦ ବେହେରା, ଚିତ୍ତରଞ୍ଜନ ରାଉତ, ସୁବାଶିଷ ସୂତାର, ତୃପ୍ତିରଞ୍ଜନ ପରିଡ଼ା, ରାଜେନ୍ଦ୍ର ଶର୍ମା, ରଶ୍ମିରଞ୍ଜନ ବିଶ୍ୱାଳ, ସମୀର ବାରିକ, ସାରଦା ଓଝା, ଅବିନାଶ ମହାନ୍ତି, ପରୱେଜ୍ ଖାଁ, ସମ୍ପାଦ ବେହେରା, ବିଶ୍ୱଜିତ୍ ପ୍ରଧାନ ଓ ଶ୍ରୀଧର ଶର୍ମା ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।









## ଗାନ୍ଧୀ ପଡ଼ିଆରେ ଶହୀଦ ଦିବସ

**ଡେରାବିଶ, ୩୧।୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତସ୍ଥିତ ସଲାରୋ ମଠ ନିକଟସ୍ଥ ଗାନ୍ଧୀ ପଡ଼ିଆଠାରେ ଜାତୀୟ ଶହୀଦ ଦିବସ ତଥା ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ବୁଧବାର ପାଳିତ ହୋଇଯାଇଛି। ଗାନ୍ଧୀ ଟ୍ରଷ୍ଟ ପକ୍ଷରୁ ପାଳିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ଭାସ୍କର ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଆଞ୍ଚଳିକ ଜନକଲ୍ୟାଣ ସମିତି ସମ୍ପାଦକ ରାଜକିଶୋର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସ୍ୱାଧୀନତା ସଂଗ୍ରାମୀ ନକୁଳଚରଣ ଦାସଙ୍କ ସମେତ ଅନ୍ୟମାନେ ସଂଗ୍ରାମୀ ଜୀବନର ଅନୁଭୂତି ବଖାଣିଥିଲେ। ଉପସ୍ଥିତ ଗାନ୍ଧିବାଦୀ ସାଥୀ ସମାଜ ସମ୍ପାଦକ ନିରଞ୍ଜନ ସାହୁ, ସମବାୟବିତ୍ କାର୍ତ୍ତିକ ଚରଣ ନାୟକ, ଦାନପୁର ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ବଳ, ସମରେନ୍ଦ୍ର ମହାପାତ୍ର ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଟ୍ରଷ୍ଟର ସମ୍ପାଦକ ସୁବୋଧ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ପକ୍ଷାଘାତ ରୋଗୀଙ୍କୁ ସହାୟତା

**ଡେରାବିଶ, ୩୧।୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ରଜାଙ୍ଗ ଗ୍ରାମର ଆଞ୍ଚଳିକ ଜନଧନ ସୁରକ୍ଷା ମଞ୍ଚ ତରଫରୁ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାତଃ ସମୟରୁ ମଞ୍ଚର ସଦସ୍ୟମାନେ ବିଭିନ୍ନ ଗ୍ରାମରେ ତ୍ରିରଙ୍ଗା ଯାତ୍ରା କରିବା ସହ ଦେବାଦେବୀ ମନ୍ଦିର ଚତୁଃପାର୍ଶ୍ୱ ସଫା କରିଥିଲେ। ଏହି ଅବସରରେ ଦୀର୍ଘଦିନ ଧରି ପକ୍ଷାଘାତ ରୋଗରେ ଆକ୍ରାନ୍ତ ଥିବା ଦାନପୁର ଗ୍ରାମର ଶରତ କୁମାର ବଳ ଏବଂ କେଶରପୁର ଗ୍ରାମର ନୃସିଂହ ଯେନାଙ୍କୁ ମଞ୍ଚ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ମଞ୍ଚ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି ଦିଲ୍ଲୀପ କୁମାର ପୃଷ୍ଟି, ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା, ମନୋରଞ୍ଜନ ତ୍ରିପାଠୀ, ୱାର୍ଡ଼ସଭ୍ୟ ପରିକ୍ଷିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


## CLASSIFIED DISPLAY


















## ସଂକ୍ଷେପରେ

### ଅଗ୍ନିବିପନ୍ନଙ୍କୁ ସହାୟତା



**ମହାକାଳପଡ଼ା, ୩୧।୧ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ଅଧୀନ ପେଟ୍‌ଛେଲା ପଞ୍ଚାୟତ ସରୁମୁହିଁ ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ୪ ଜଣ ଚାଷୀଙ୍କ ପ୍ରାୟ ୩ଶହ କୁଇଣ୍ଟାଲ ଧାନ ଜଳିଯାଇଥିବା ବେଳେ ୨ବଖରା ଯାଇଥିଲା। ଗୁରୁବାର ଛପାଳିସ୍ଥିତ ଆଦର୍ଶ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିପନ୍ନ ପରିବାରକୁ ଭେଟି ଶୁଖିଲା ଖାଦ୍ୟ ସହ ବସ୍ତ୍ର ଯୋଗାଇ ଦିଆଯାଇଛି। ଏହି ସମୟରେ ସଂଗଠନର ପ୍ରତିଷ୍ଠାତା ନଙ୍ଗୁଳି ଚରଣ ସାମଲ, ଶିକ୍ଷାବିତ୍ ବିଜୟ କୁମାର ଜେନା, ସମ୍ପାଦକ ବାବୁଲାଲ କର, ଦେବେନ୍ଦ୍ର ଓଝା, ଅଭିରାମ ବେହେରା, କଳ୍ପତରୁ ସାମଲ, ମଧୁସୂଦନ କର, ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ଡେରାବିଶ, ୩୧।୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଷ୍ଟେଟ୍ ବ୍ୟାଙ୍କ ଶାଖାର ପ୍ରଥମ କଷ୍ଟମର ଆସୋସିଏଟ ଭାବେ କାର୍ଯ୍ୟ କରୁଥିବା ଚିତ୍ତରଞ୍ଜନ ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଶାଖା ପ୍ରବନ୍ଧକ ପି ମନ୍ମଥ ରାଓ, ପ୍ରାକ୍ତନ ପ୍ରବନ୍ଧକ ସମ୍ବିତ ପରିଡା, ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀ ରତ୍ନାକର ପଣ୍ଡା, ଗୋଲରାହାଟ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବୈଷ୍ଣବଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦାୟୀ କର୍ମଚାରୀ ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଅରୁଣମୋହନ ଜେନା, ସୂର୍ଯ୍ୟକାନ୍ତ ମିଶ୍ର, ମନୋଜ କୁମାର ସାହୁ, ମାନବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ ଚୋରି ଅଭିଯୋଗ, ଜଣେ ଅଟକ

**କେନ୍ଦ୍ରାପଡ଼ା ଅଫିସ୍, ୩୧।୧:** ଟାଉନ ଥାନା ଅଧୀନ ଏକ ସରକାରୀ କାର୍ଯ୍ୟାଳୟର କନିଷ୍ଠ କିରାଣୀଙ୍କୁ ବାଇକ ଚୋରି ଅଭିଯୋଗରେ ଟାଉନ ଥାନା ପୋଲିସ ଗୁରୁବାର ଅଟକ ରଖିଛି। ତାଙ୍କ ନିକଟରୁ ୨ଟି ଚୋରା ମଟର ସାଇକେଲ ଉଦ୍ଧାର ହୋଇଥିବା ବେଳେ ଏହି ର୍ୟାକେଟର ଅନ୍ୟ ସଦସ୍ୟଙ୍କ ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ତାଙ୍କୁ ପଚରାଉଚୁରା କରୁଛି।

## ଶିଶୁ ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ପରାମର୍ଶ

**ଡେରାବିଶ, ୩୧।୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅଧୀନ ତିଲଙ୍ଗ ସରସ୍ୱତୀ ଶିଶୁ ମନ୍ଦିର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଡା. କରୁଣାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ଶିକ୍ଷା ବିକାଶ ସମିତିର ଉତ୍ତର-ପୂର୍ବ ସମ୍ଭାଗ ସମ୍ପାଦକ କମଳାକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ପୂର୍ବତନ ଛାତ୍ର ଦେବେନ୍ଦ୍ର ପଟ୍ଟନାୟକ ମୁଖ୍ୟବକ୍ତା ଏବଂ ସ୍କୁଲର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଭାଗବତ ପ୍ରଦାନ ଓ ସାମାଜିକ କର୍ମୀ ବିପିନ ବିହାରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବଂଶୀଧର ନାଥ, ପରିଚାଳନା ସମିତି ପ୍ରାକ୍ତନ ସଭାପତି ଖଗେଶ୍ୱର ନାୟକ ଏବଂ ସମ୍ପାଦକ ବିପିନ ବିହାରୀ ଖଟୁଆ ଯୋଗଦେଇଥିଲେ।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଛାତ୍ରୀଛାତ୍ରମାନେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ସହ ଭଲ ମଣିଷ ଭାବେ ସମାଜରେ ପରିଗଣିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ର ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବିକାଶ ସମିତି ସଦସ୍ୟ ଶାରଦା ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ-ସମ୍ପାଦକ ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାକାଳୀନ ଅଧିବେଶନରେ ଚଳଚ୍ଚିତ୍ର ଜଗତର ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ ଓ ଶଙ୍କର୍ଷଣ ପରିଡ଼ାଙ୍କ ତତ୍ତ୍ୱାବଧାନରେ ନନସେନ୍ସ ଗ୍ରୁପର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିରର ଆଚାର୍ଯ୍ୟା ସଙ୍ଗୀତା ପଣ୍ଡା, ରଞ୍ଜିତା ରାଉତ, ରଶ୍ମିତା ରାଉତ, ସସ୍ମିତା ପାଢ଼ୀ, ଅନୁପମା ରଣା, ନିହାରିକା ପ୍ରଧାନ, ଜ୍ୟୋତିଆଲୋକ ଜେନା ଏବଂ ଆଚାର୍ଯ୍ୟ ଅଞ୍ଜନ କୁମାର ତ୍ରିପାଠୀ, ପୁରୁଷୋତ୍ତମ ନାୟକ ଓ ସନ୍ତୋଷ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳିକା ଯୋଗୀ ମୁଣ୍ଡରେ ଜଟ**
**କଥା କହୁଛି ଫଟ ଫଟ ।**

କିଛି ବ୍ୟକ୍ତି ଅଛନ୍ତି ଯାହାଙ୍କର ସାମାନ୍ୟ ଅଭିଜ୍ଞତା ଥାଉ କି ନ ଥାଉ ସେମାନେ କିନ୍ତୁ ଅଯଥାରେ ପାହାଡ଼ ତୋଡ଼ ଭଳି କଥା କହି ଅନ୍ୟକୁ ପ୍ରଭାବିତ କରିଚାଲନ୍ତି। ସତେ ଯେମିତି ସବୁକଥା ବା ବିଷୟରେ ତାଙ୍କର ବେଶି ଅଭିଜ୍ଞତା ଅଛି ଓ ସବୁ ଜାଣିଛନ୍ତି। ନିଜର ପ୍ରକୃତ ଜ୍ଞାନ ଦକ୍ଷତା ଅପେକ୍ଷା ବେଶି ପ୍ରକାଶ କରୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଳୀ ମାଈଁ,**
**ଘଷି ମାଜିଲେ କି ଗୋରୀ ହୁଅଇ ।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ। ଶ୍ୟାମଳ ଦେହରୁ ଯେତେ ଘଷି ମାଜିଲେ ବି ସେ କେବେ ଗୌରବର୍ଣ୍ଣ ହୋଇ ପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ମଧ୍ୟ ବୃଥା ବୋଲି ପ୍ରମାଣିତ ହୋଇଥାଏ। ଗୋରୀ ହେବା ପାଇଁ ପ୍ରୟାସରତା ମହିଳା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ

**କେନ୍ଦ୍ରାପଡା ଅଫିସ, ୩୧।୧**

କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମ ପଡ଼ିଆରେ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିନିମନ୍ତେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଜିଲା ନୋଡାଲ ଅଧିକାରୀ ଜିତାମିତ୍ର ଦତ୍ତ ଅଧ୍ୟକ୍ଷତା କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୂବନମୋହନ ଜେନା, ବରିଷ୍ଠ ନେତ୍ରୀ ଉର୍ମିଳା ସେଠୀ, ଗୀତାଞ୍ଜଳି ସେଠୀ, ବରିଷ୍ଠ ନେତା ସୁନାକର ବେହେରା, ରଶ୍ମିରଞ୍ଜନ ପ୍ରଧାନ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବିଭୁତିଭୂଷଣ ଭୂୟାଁ, ପ୍ରଦୀପ କୁମାର ଦଳାଇ, ଭିକାରୀ ରଣ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



ପୁରୁଷୋତ୍ତମପୁର ଗ୍ରାମ ପଡ଼ିଆରେ ଅନୁଷ୍ଠିତ ସଭା ।

## ବିଜେଡି ଅନୁସୂଚିତ ସେଲ୍‌ର ବୈଠକ

**କେନ୍ଦ୍ରାପଡା ଅଫିସ, ୩୧।୧**

କେନ୍ଦ୍ରାପଡା ଜିଲା ବିଜେଡି ଅନୁସୂଚିତ ଜାତି ସେଲର ବୈଠକ ଯାଜପୁର ଜିଲା ନଙ୍ଗୁଳି ମଠ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବାରେଣୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସେଲର କାର୍ଯ୍ୟକର୍ତ୍ତା ଅଶୋକ ମଲ୍ଲିକ, ନିର୍ମଳ ମଲ୍ଲିକ, ସୁଧୀର ମଲ୍ଲିକ ନାରାୟଣ ଦାସ, ଭୀମସେନ ବେହେରା ପ୍ରମୁଖ ସଂଗଠନକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ସେହିପରି ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସେଲର କର୍ମକର୍ତ୍ତାଙ୍କ ମଧ୍ୟରୁ ବିଧାୟକ ପ୍ରାର୍ଥୀ ଚୟନ ପାଇଁ ନିଷ୍ପତ୍ତି ନିଆଯାଇ ରାଜ୍ୟ ସଭାପତିଙ୍କୁ ଅବଗତି କରାଯିବା ପାଇଁ ସିଦ୍ଧାନ୍ତ ହୋଇଥିଲା। ବୈଠକରେ କାର୍ଯ୍ୟକର୍ତ୍ତା ନଗେନ୍ଦ୍ର ଯେନା, ରାଜକିଶୋର ମୁଦୁଲି, ସୁଶାନ୍ତ ମଲ୍ଲିକ, ସୁଶାନ୍ତ ସେଠୀ, ପ୍ରମିଳା ସେଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




ବୈଠକରେ ବିଜେଡିର କର୍ମକର୍ତ୍ତାମାନେ।

## ଦୁଇ ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଦୁଇ ପ୍ରାଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କେନ୍ଦ୍ରାପଡା ଅଫିସ, ୩୧।୧**

ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡା. ମନୋରଞ୍ଜନ ମହାନ୍ତି ଓ ପ୍ରାଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷା ଡା. ହୀରାମଣି ବେହୁରାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ ଅଜୟ କୁମାର ସାମଲ, ଅଧ୍ୟାପକ ଡା. ପ୍ରଭାକର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ପକ୍ଷରୁ ଉପଢୌକନ ଓ ମାନପତ୍ର ଆଦି ପ୍ରଦାନ କରାଯାଇ ଦୁଇ ବିଦାୟୀ ପ୍ରାଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୁରାତନ ଛାତ୍ର ସଂସଦର ବାର୍ଷିକ ସମ୍ମିଳନୀ

**କେନ୍ଦ୍ରାପଡା ଅଫିସ, ୩୧।୧**

କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ସମ୍ମିଳନୀ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ତ୍ରୈଲୋକ୍ୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଆଲୋଚନା କରାଯିବା ସହ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗକୁ ଗୁରୁତ୍ୱ ଦିଆଯାଇଥିଲା। ପୁରାତନ ଛାତ୍ର ଗୁଣନିଧି ତ୍ରିପାଠୀ, ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ, ବଳରାମ ମହାନ୍ତି, ମହମ୍ମଦ ଜାହିଦ ପ୍ରମୁଖ ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ସମ୍ପାଦକ ଚିତ୍ତରଞ୍ଜନ ଭଗତ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ।

## ଶୁକ ପରିକ୍ଷିତ ଆଶ୍ରମ ପ୍ରାଙ୍ଗଣରେ ବନ୍ଧୁମିଳନ

**ପାଟକୁରା, ୩୧।୧ (ଡି.ଏନ୍.ଏ.)**



ଉତ୍ସବରେ ପୂରାତନ ଛାତ୍ରୀଛାତ୍ର।

ଗରଦପୁର ବ୍ଲକ ତେଣ୍ଡାକୁଡ଼ାସ୍ଥିତ ଜଳହକ୍ ହାଇସ୍କୁଲର ୧୯୮୪ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ଗୁରୁବାର କୁଦାନଗରୀସ୍ଥିତ ପର୍ଯ୍ୟଟନ ସ୍ଥଳୀ ଶୁକ ପରୀକ୍ଷିତ ଆଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ଛାତ୍ର ରୁଦ୍ର ନାରାୟଣ ମହାନ୍ତି ଓ ବାଉତି ପ୍ରସାଦ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ବନ୍ଧୁ ମିଳନ କାର୍ଯ୍ୟକମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର ମହାନ୍ତି, ଶରତ କୁମାର ବାରିକ, ପ୍ରଦୀପ୍ତ ଦାଶ, ମଧୁସୂଦନ ଦାଶ, ସୁଜିତ କାନୁନ୍‌ଗୋ, କବୀର ମହାନ୍ତି, ସୟଦ ମହେରାବ ଅଲ୍ଲୀ, ସସ୍ମିତା ମହାନ୍ତି, ଶ୍ରଦ୍ଧାଞ୍ଜଳି ମହାନ୍ତି, କଳ୍ପନା ମହାନ୍ତି, ଭାନୁପ୍ରିୟା ମହାନ୍ତି, ସଂଯୁକ୍ତା ସେଠୀ, ରଞ୍ଜିତା ମହାନ୍ତି, ଗିରିଜା ନନ୍ଦିନୀ ମହାନ୍ତି, ଅଜିତ କୁମାର କାନୁନ୍‌ଗୋ, ରୂପନନ୍ଦା କାନୁନ୍‌ଗୋ, ସୁଜାତା ଦାଶ, ଉଷାରାଣୀ ତ୍ରିପାଠୀ, ଅଚ୍ଛୁତି ସାହୁ, ଜମାଲ ଖାଁ ପ୍ରମୁଖ ଯୋଗଦେଇ ଛାତ୍ର ଜୀବନର ସ୍ମୃତି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଅଜୟ ରାଉତ,ଅଭୟ କୁମାର ସ୍ୱାଇଁ. ରାଜିତା ମହାନ୍ତି, ସମବିତା ମହାନ୍ତି, ପ୍ରଫୁଲ ସାହୁ, ପ୍ରମୋଦ ବେହେରା, ଅଭିମନ୍ୟୁ ସାହୁ, ସୁବାସ ରାଉତ, ସୁବାସ ଦାସ, ସୁଭ୍ରାଂଶୁ ମହାନ୍ତି, କାଞ୍ଚନ ନାୟକ, ଅଶୋକ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add.: T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.: 9179208056 8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

BALAJI FINANCE LTD.
(SINCE 1986) GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
୨୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା । ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ପୋଲିସ ଉପସ୍ଥିତିରେ ହେଲା ପାଠପଢ଼ା

**ପାରାଦୀପ,୩୧।୧(ସ୍ୱ.ପ୍ର.)**

ପାରାଦୀପ ଗଡ଼ଠାରେ ଥିବା ଶ୍ରୀମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୪ ଦିନ ହେଲା ଲାଗିରହିଥିବା ବିବାଦ ଗୁରୁବାର ଆଂଶିକ ପ୍ରସମିତ ହୋଇଛି। ଆନ୍ଦୋଳନ ଥମିବା ସହ ପୋଲିସ ଉପସ୍ଥିତିରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାଙ୍କୁ ପାଠ ପଢାଇଛନ୍ତି। ଅନ୍ୟପକ୍ଷରେ ବୁଧବାର ଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରିଥିବା ବିଶ୍ୱନାଥ ବେହେରାଙ୍କୁ ଲକ୍ ଥାନା ପୋଲିସ କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ପୋଲିସ କହିଥିଲେ ମଧ୍ୟ ଗୁରୁବାର ଆଉ କାହାକୁ ଗିରଫ କରାଯାଇନାହିଁ। ଏହାକୁ ନେଇ ଅଭିଭାବକ ଓ ଖବରଦାତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଏକାଧିକ ସ୍ଥାନରେ ପୃଥକ ବୈଠକ କରି ସେମାନେ ପରବର୍ତ୍ତୀ ରଣନୀତି ସମ୍ପର୍କରେ ଆଲୋଚନା କରିଛନ୍ତି। ପୋଲିସ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ପୁଣି ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି। ବୁଧବାର ବିଦ୍ୟାଳୟ ପରିସରରେ ସୃଷ୍ଟି ହୋଇଥିବା ଅଶାନ୍ତ ପରିବେଶ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ଭୟଭୀତ କରିଛି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବଦଳି ଓ ଅନ୍ୟ ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ଦାବିରେ ଗତ ୨୮ ତାରିଖରୁ ଛାତ୍ରୀଛାତ୍ର ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ବୁଧବାର ସନ୍ଧ୍ୟାରେ ଶିକ୍ଷା ବିଭାଗର ପ୍ରମୁଖ ଅଧିକାରୀମାନେ ଆସି ଆଲୋଚନା କରିଥିଲେ ଓ କେତେକ ଦାବି ଗ୍ରହଣ କରିଥିଲେ। ଏହି ସମୟରେ ନିଆଯାଇଥିବା ନିଷ୍ପତ୍ତିକୁ ବିରୋଧ କରି କେତେଜଣ ଛାତ୍ରୀ ପୁଣି ଧାରଣା ଦେଇଥିଲେ। ଏହାକୁ ନେଇ କେତେଜଣ ଅଣଛାତ୍ର ସମ୍ପୃକ୍ତ ଛାତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ଧକ୍କା ମାରିଥିଲେ। ଉକ୍ତ ଘଟଣା କେତେଜଣ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଭିଡିଓ ଶୁଟିଂ କରୁଥିଲେ। ହଠାତ୍ ଆକ୍ରମଣକାରୀମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରିବା ସହ କ୍ୟାମେରା ଛଡ଼ାଇ ନେଇଥିଲେ। ଘଟଣାସ୍ଥଳରେ ପୋଲିସ ଓ ଶିକ୍ଷା ବିଭାଗର ଅଧିକାରୀ ନୀରବଦ୍ରଷ୍ଟା ସାଜିଥିଲେ। ଏହାର ପ୍ରତିବାଦରେ ଖବରଦାତା, ଛାତ୍ରୀଛାତ୍ର, ଅଭିଭାବକ, ଭାଜପାର ଶତାଧିକ କର୍ମୀ ଲକ୍ ଥାନା ଘେରାଉ କରିଥିଲେ। ପୋଲିସ ଜଣେ ଆକ୍ରମଣକାରୀ ବିଶ୍ୱନାଥ ବେହେରାଙ୍କୁ ଗିରଫ କରିଥିଲା।



ବିଦ୍ୟାଳୟରେ ଛାତ୍ରୀଛାତ୍ର ପଢୁଛନ୍ତି।


**ଶ୍ରୀମା ସରକାରୀ ବିଦ୍ୟାଳୟ ବିବାଦ**

- ୪ ଦିନ ପରେ ଆଂଶିକ ସମାଧାନ
- ଆକ୍ରମଣକାରୀଙ୍କୁ କୋର୍ଟଚାଲାଣ

# ପିଠା କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପଞ୍ଚାୟତ ଚୟନରେ ଅନିୟମିତତା

**ନାଉଗାଁ,୩୧।୧(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ନାଉଗାଁ ବ୍ଲକର ୧୬ ପଞ୍ଚାୟତରେ ସମାପ୍ତ ହୋଇଛି। ଯେଉଁ ପଞ୍ଚାୟତ ସବୁଠୁ ଅଧିକ ସରସ ଓ ସୁଚାରୁ ରୂପେ ଏହି କାର୍ଯ୍ୟକ୍ରମ କରିଥିବ ସେହି ପଞ୍ଚାୟତକୁ ଶ୍ରେଷ୍ଠ ଘୋଷଣା କରାଯାଉଛି। ତେବେ ଏହି ବ୍ଲକରେ ଶ୍ରେଷ୍ଠ ପଞ୍ଚାୟତ ଚୟନ କ୍ଷେତ୍ରରେ ଅନିୟମିତତା କରାଯାଇଥିବା କୋରୁଅ ପଞ୍ଚାୟତ ସରପଞ୍ଚ ଅରଣ୍ୟ ନାୟକ ଜିଲାପାଳ, ଜିଲା ପ୍ରକଳ୍ପ ଅଧିକାରୀ, ଉପଜିଲାପାଳ ଓ ନାଉଗାଁ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କୋରୁଅ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା। ତଦାରଖ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ, ପିଏ ଓ ଯୋଗାଣ ନିରୀକ୍ଷକ ପ୍ରମୁଖ ଏହି ପଞ୍ଚାୟତ ଶ୍ରେଷ୍ଠ ହେବାକୁ ଯୋଗ୍ୟ ବୋଲି କହିଥିଲେ। କିନ୍ତୁ ନିୟମ ଅନୁଯାୟୀ ଶ୍ରେଷ୍ଠତା ଚୟନ କରା ନ ଯାଇ ରାଜନୈତିକ ଉଦ୍ଦେଶ୍ୟ ରଖି କମ୍ କାର୍ଯ୍ୟ ତଥା ଅପେକ୍ଷାକୃତ ନିକୃଷ୍ଟ କାର୍ଯ୍ୟକ୍ରମ କରିଥିବା ପଞ୍ଚାୟତକୁ ଚୟନ କରାଯାଇଥିବା ନାୟକ ଅଭିଯୋଗ କରିଛନ୍ତି। ଉପଯୁକ୍ତ ତଦନ୍ତ କରା ନ ଗଲେ ୩ୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ବର୍ଜନ କରାଯିବ ବୋଲି ସେ କହିଛନ୍ତି। ନାଉଗାଁ ବିଡିଓ ଜେ କଳ୍ପନା କହିଛନ୍ତି ଯେ, କୋରୁଅ ପଞ୍ଚାୟତ ଉପରେ ଅଭିଯୋଗ ଥିବାରୁ ତାହାକୁ ଚୟନ କରାଯାଇନାହିଁ।







ମଧୁବନ ଗୋପାଳଜୀଉ କଲୋନୀରେ ଥିବା ଭାଗବତ ପରିବାର ଘର ପାଖରେ ଗୁରୁବାରଠାରୁ ସାଇଯଜ୍ଞ ଆରମ୍ଭ ହୋଇଛି। ଏହି ଯଜ୍ଞ ପାଇଁ ମହିଳାମାନେ କଳସ ଶୋଭାଯାତ୍ରାରେ ଯିବା ପୂର୍ବରୁ ପୂଜା କରୁଛନ୍ତି।

# ବିଧାୟିକାଙ୍କୁ ବରିଷ୍ଠ ନାଗରିକ ମଞ୍ଚର ଦାବିପତ୍ର

**ବିରିଡ଼ି,୩୧।୧(ଡି.ଏନ.ଏ)**

ବିରିଡ଼ି ବ୍ଲକ ଶଙ୍ଖପୁର ପଞ୍ଚାୟତର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ବିଧାୟିକା ମଲ୍ଲିକ ବରିଷ୍ଠ ନାଗରିକ ମଞ୍ଚର ଏକ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଧାୟିକାଙ୍କ କାର୍ଯ୍ୟକାଳ ସରିବାକୁ ବସିଥିବାବେଳେ ସେ ଟଙ୍କାଟିଏ ମଧ୍ୟ ଅନୁଦାନ ରାଶି ମଞ୍ଜୁର କରିନାହାନ୍ତି। ଏହାକୁ ନେଇ ମଞ୍ଚର ସଭ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସେମାନେ ଏ ସମ୍ପର୍କରେ ବିଧାୟିକାଙ୍କୁ ଜଣାଇବା ସହ ଏକ ଦାବିପତ୍ର ଦେଇଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ବିଧାୟିକା ଉପେକ୍ଷା କରୁଛନ୍ତି ବୋଲି ଏଥିରେ ସେମାନେ ଦର୍ଶାଇଛନ୍ତି। ଜାନୁୟାରୀ ମାସରେ ଏହି ପଞ୍ଚାୟତର ପିଠା କାର୍ଯ୍ୟକ୍ରମରେ ବିଧାୟିକା ମୁଖ୍ୟ ଅତିଥି ହୋଇଥିଲେ। ସେଠାରେ ମଞ୍ଚର ସଭାପତି ହୃଦାନନ୍ଦ ଜେନା ସଂଘ କାର୍ଯ୍ୟାଳୟ ଗୃହ ନିର୍ମାଣ କେବେ ହେବ ବୋଲି ପ୍ରଶ୍ନ କରିଥିଲେ। ହେଲେ ବିଧାୟିକା ଏହାର କୌଣସି ଉତ୍ତର ଦେଇ ନ ଥିଲେ ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଧାୟିକା ମଲ୍ଲିକଙ୍କୁ ପଚାରିବାରୁ ଟଙ୍କା ଆସିଲେ କାମ ପାଇଁ ଦିଆଯିବ ବୋଲି କହିଛନ୍ତି।

# ୬ରେ ପାରାଦୀପ ଆସିବେ ଗଡ଼କରୀ

**ପାରାଦୀପ,୩୧।୧(ସ୍ୱ.ପ୍ର.):**

ଫେବୃୟାରୀ ୬ ତାରିଖରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସମେତ ଅନ୍ୟ କେତେଜଣ କେନ୍ଦ୍ରମନ୍ତ୍ରୀ ପାରାଦୀପ ଗସ୍ତରେ ଆସିବେ ବୋଲି ଜଣାପଡିଛି। ଏହି ଅବସରରେ ସେ ପାରାଦୀପ ବନ୍ଦର ଓ ଆଇଓସିଏଲ୍ ବିଶୋଧନାଗାରର ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ନୂଆବଜାରର ଗୋପବନ୍ଧୁ ଷ୍ଟାଡିୟମଠାରେ ଏକ ସାଧାରଣ ସଭା ହେବ। ଏହାକୁ ନେଇ ବନ୍ଦର ଓ ବିଶୋଧନାଗାର ପ୍ରଶାସନ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଯୁଦ୍ଧକାଳୀନ ଭିତ୍ତିରେ କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବା ଅଞ୍ଚଳ ଓ ରାସ୍ତା ମରାମତି କରାଯିବା ସହ ରଙ୍ଗ ମରାଯାଉଛି। ପାରାଦୀପକୁ ଏହା ଗଡକରୀଙ୍କ ୨ୟ ଗସ୍ତ ହେବ। ପୂର୍ବରୁ ୨୦୧୫ ଜୁଲାଇ ୧୦ରେ ସେ ପାରାଦୀପ ଆସିଥିଲେ। ସେତେବେଳେ ସମସ୍ତ କାର୍ଯ୍ୟକ୍ରମ ସରକାରୀ ଥିଲା। ଏବେ ସରକାରୀ କାର୍ଯ୍ୟକ୍ରମ ସହ ଦଳୀୟ ସମାବେଶରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ସଭାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ ବୋଲି ଭାଜପା ଜଗତ୍‌ସିଂହପୁର ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ସମାବେଶ ଖର୍ଚ୍ଚକୁ ନେଇ ଏବେଠାରୁ ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରଶ୍ନ ଉଠିଲାଣି। ସୂଚନା ଅନୁସାରେ ଉକ୍ତ ସାଧାରଣ ସଭାର ଖର୍ଚ୍ଚ ପାରାଦୀପ ବନ୍ଦର ଓ ବିଶୋଧନାଗାର ବହନ କରିବ। ଯଦି ସେପରି କିଛି ଦଳୀୟ କାର୍ଯ୍ୟକ୍ରମ କରାଯାଏ, ତେବେ ରାଜନୈତିକ ଦୃଷ୍ଟିକୋଣରୁ ବିରୋଧ କରାଯିବ ବୋଲି କଂଗ୍ରେସ ନେତା ବାପି ସର୍ଖେଲ କହିଛନ୍ତି। ବିଜେଡି ପକ୍ଷରୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି ଯେ, ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏପରି ସରକାରୀ କାର୍ଯ୍ୟକ୍ରମ ନାଁରେ ଦଳୀୟ ପ୍ରଚାରକୁ ବିଜେଡି ବିରୋଧ କରିବ। ପୂର୍ବରୁ ମଧ୍ୟ ପାରାଦୀପ ବନ୍ଦର ସବ୍‌କା ସାଥ୍ ସବ୍‌କା ବିକାଶ କାର୍ଯ୍ୟକ୍ରମ ନାଁରେ ଅର୍ଥ ଖର୍ଚ୍ଚ କରିଥିଲା। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ଏଥର ରାଜନୈତିକ ଉଷ୍ମତା ଭରିବ ବୋଲି କୁହାଯାଉଛି।

# ପିଆଇସିଟି ଟ୍ରେଲରୟାର୍ଡରେ ଅଗ୍ନିକାଣ୍ଡ




ଦମକଳବାହିନୀ ନିଆଁ ଲିଭାଉଛନ୍ତି।

**ପାରାଦୀପ,୩୧।୧(ସ୍ୱ.ପ୍ର.)**

ପାରାଦୀପ ବନ୍ଦରର କ୍ଲିନ୍ କାର୍ଗୋ ବର୍ଥକୁ ୩୦ ବର୍ଷ ପାଇଁ ବିଓଟି ବ୍ୟବସ୍ଥାରେ ନେଇଥିବା ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ର ଟ୍ରେଲରୟାର୍ଡରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ରବର ଜାତୀୟ ବର୍ଜ୍ୟବସ୍ତୁ ପଡିଥିବା ସ୍ଥାନରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। କିଛି ବଡ଼ଧରଣର ଅଘଟଣ ଘଟିବା ପୂର୍ବରୁ ବନ୍ଦର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଆସନ୍ତା ସପ୍ତାହରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ନିତୀନ ଗଡକରୀ ଉକ୍ତ ପିଆଇସିଟି ପ୍ରକଳ୍ପ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ଉକ୍ତ ପ୍ରକଳ୍ପ ଅଞ୍ଚଳକୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରାଯିବା ସହ ରଙ୍ଗ ମରାଯାଉଛି। ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଅଗ୍ନିକାଣ୍ଡ ଘଟିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ୨୦୧୬ ଫେବୃୟାରୀ ୭ରେ ପ୍ରଧାନମନ୍ତ୍ରୀ ତୈଳ ବିଶୋଧନାଗାର ଲୋକାର୍ପଣ କରିବାର ସପ୍ତାହ ପୂର୍ବରୁ ବିଶୋଧନାଗାରରେ ମଧ୍ୟ ଅଗ୍ନିକାଣ୍ଡ ଘଟିଥିଲା।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ଫେବୃୟାରୀ, ୨୦୧୯



ପଦ୍ମପତ୍ରରେ ଥିବା ପାଣି ଯେଭଳି ଢଳଢଳ ହୁଏ,
ଜୀବନ ସେହିପରି ଚଞ୍ଚଳ।
- ଆଦି ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ମୋବାଇଲ କୋର୍ଟବେଳେ ବାଇକ୍ ଚୋରି ଅଭିଯୋଗ

**ଧର୍ମଶାଳା/ଚଢେଇଧରା, ୩୧।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥ ଚଢେଇଧରା ଛକଠାରେ ଗୁରୁବାର ଚଣ୍ଡିଖୋଲ କୋର୍ଟ ଓ ଜେନାପୁର ପୋଲିସ ପକ୍ଷରୁ ମିଳିତ ଭାବେ ମୋବାଇଲ କୋର୍ଟ କରାଯାଇଛି । ଚଣ୍ଡିଖୋଲ କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ନେହା ଅଗ୍ରୱାଲ, ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଓ ଫାଣ୍ଡି ଅଧିକାରୀ ସୁଧୀର କୁମାର ରାଉତରାୟ ପ୍ରମୁଖ ଉପସ୍ଥିତି ଥିଲେ। ଯାଞ୍ଚରେବେଳେ ୭୮ଟି ଗାଡିରୁ ୧୨ ହଜାର ୫୪୦ ଟଙ୍କା ଜରିମନା ଆଦାୟ କରାଯାଇଛି। ତେବେ ଏହି ସମୟରେ ଏକ ବାଇକ୍ ଚୋରି ହେବାନେଇ ଜେନାପୁର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଜେନାପୁର ଥାନା ଅଧୀନ ଏଣ୍ଡଲବା ପଞ୍ଚାୟତ ଅନ୍ତର୍ଗତ କଲାଣ୍ଡ ଗ୍ରାମର ନିମାଇଁ ଗୁରୁ ବାଇକ ଯୋଗେ ଚଣ୍ଡିଖୋଲ ଆସୁଥିଲେ। ପୋଲିସ ତାଙ୍କୁ ଅଟକାଇ ବାଇକ କାଗଜ ପତ୍ର ଯାଞ୍ଚ କରିଥିଲେ। ନିମାଇଁ ଗାଡି ରଖି କାଗଜପତ୍ର ଦେଖାଇ ଆସିବା ପରେ ବାଇକକୁ ରଖିଥିବାସ୍ଥାନରେ ନ ଥିବା ଦେଖିଥିଲେ। ଏ ନେଇ ଥାନାରେ ଏକ ମାମଲା (୧୯/୧୯) ରୁଜୁ ହୋଇଥିବା ଜଣାପଡିଛି।

### ନୀଳକଣ୍ଠେଶ୍ୱର ମନ୍ଦିର ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ

**କାଳିଆପାଣି, ୩୧।୧(ଡି.ଏନ୍.ଏ):** ଇମ୍ଫା କମ୍ପାନୀ କଲୋନୀ ପରିସରରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରର ବୁଧବାର ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସବୁ ବର୍ଷପରି ଚଳିତ ବର୍ଷ କମ୍ପାନୀର କର୍ମଚାରୀ କମଳଲୋଚନ ମିଶ୍ର, ମୌସୁମୀ ମିଶ୍ର କର୍ତ୍ତା ଭାବେ କାର୍ଯ୍ୟତୁଲାଇଥିଲେ । ଖଣି ଉପସଭାପତି ସୁଧାଂଶୁ ପାଟନୀ ଓ ଅନିତା ପାଟନୀ ଉପସ୍ଥିତ ରହି ପୂଜାଅର୍ଚ୍ଚନା କରିଥିଲେ। ଲୋକସମ୍ପର୍କ ବରିଷ୍ଠ ପରିଚାଳକ ଜଗନ ମୋହନ ମଲ୍ଲିକ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନବସମ୍ବଳ ଶୁଭାଶିଷ ପଟ୍ଟନାୟକ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ । ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯିବା ସହ ବସ୍ତ୍ର ପ୍ରଦାନ କରାଯାଇଥିଲା ।

### ମଦ ଜବତ: ୨ ଗିରଫ

**ଧର୍ମଶାଳା, ୩୧।୧(ଡି.ଏନ୍.ଏ.):** ଧର୍ମଶାଳା ପୋଲିସ କୋତପୁରଠାରେ ବୁଧବାର ବିଳମ୍ବିତ ରାତିରେ ଚଢାଉକରି ବେଆଇନ ମଦ କାରବାରରେ ସମ୍ପୃକ୍ତି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିବା ସହ ୪୪ ଲିଟର ମଦ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ରାମର ବିଜୟ ଜେନା ଓ ପ୍ରମୋଦ ସାହୁ। ଏ ନେଇ ଦୁଇଟି ପୃଥକ ମାମଲା (୩୯/୧୯, ୪୦/୧୯) ରୁଜୁକରି ଉଭୟଙ୍କୁ ଗୁରୁବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, କୋତପୁରଠାରେ ଚୋରା ମଦ କାରବାର ହେଉଥିବା ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରମୋଦଙ୍କ ଦୋକାନରେ ଚଢାଉ କରି ତାଙ୍କ ନଡିକଟରୁ ୨୦ ଲିଟର ବିଦେଶୀ ମଦ ଜବତ କରିଥିଲେ। ଏହିପରି ବିଜୟ ଜେନାଙ୍କ ଦୋକାନ ଉପରେ ଚଢାଉ କରି ୨୨ଲିଟର ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।

# ଚିଟ୍ଫଣ୍ଡ ତଦନ୍ତ ତତ୍ପରତା ବ୍ଲାକ୍ରୋଜ୍‌ରେ ନାହିଁ

**ଯାଜପୁର ଅଫିସ,୩୧।୧**

■ଆବେଦନ ସତ୍ତ୍ୱେ ସିବିଆଇରେ ରୁଜୁ ହେଲାନି ମାମଲା
■ଚାଲିଛି ଟନାଘନା, ନିର୍ଦ୍ଦେଶକୁ ଅପେକ୍ଷା
■ଅନ୍ଧାରରେ ବାଡ଼ି ବୁଲାଉଛି କ୍ରାଇମବ୍ରାଞ୍ଚ

ବହୁ ଚର୍ଚ୍ଚିତ ବ୍ଲାକରୋଜ ଜାହାଜ ବୁଡ଼ି ଘଟଣାକୁ ଇତିମଧ୍ୟରେ ୧୦ବର୍ଷରେ ପହଞ୍ଚିଲାଣି। ମାତ୍ର ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚର ହାତ ଖାଲି ପଡ଼ିଛି। କେତେକ ପ୍ରଭାବଶାଳୀ ରାଜନେତାଙ୍କ ଚାପରେ କ୍ରାଇମବ୍ରାଞ୍ଚ ଅନ୍ଧାରରେ ବାଡି ବୁଲାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଚିଟ୍ଫଣ୍ଡ ମାମଲାରେ ସିବିଆଇ ତତ୍ପରତା ପ୍ରକାଶ କରୁଥିବାବେଳେ ବ୍ଲାକରୋଜ ବୁଡ଼ି ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ନୈରାଶଜନକ ହୋଇଛି। ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ଗତ ଜୁଲାଇ ମାସରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀଙ୍କୁ ସୁପାରିଶ କରିଥିଲା। ଏହାପରେ ମାମଲାର ଗମ୍ଭୀରତାକୁ ନେଇ ସିବିଆଇ ବିଚାର ଆରମ୍ଭ କରିଛି । କିନ୍ତୁ ମାମଲା ରୁଜୁ ହୋଇ ନ ଥିବାରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହା ଉପରେ ଟନାଘନା ଚାଲିଛି, ଉପରୁ ନିର୍ଦ୍ଦେଶ ଆସିଲେ ମାମଲା ରୁଜୁ ହେବ ବୋଲି ସିବିଆଇ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏହାର ତଦନ୍ତ କରାଗଲେ ଖଣି ଦୁର୍ନୀତିରେ ସମ୍ପୃକ୍ତ ଅନେକ ପ୍ରଭାବଶାଳୀ ରାଜନେତାଙ୍କ ମୁଖା ଖୋଲିବ ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ, ୨୦୦୯ସେପ୍ଟେମ୍ବର ୯ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ପାରାଦୀପ ବନ୍ଦର କୂଳଠାରୁ ୯କିଲୋମିଟର ଦୂରରେ ବ୍ଲାକରୋଜ ବୁଡ଼ି ଯାଇଥିଲା। ଏହି ଘଟଣାରେ ଜଣେ ବିଦେଶୀଙ୍କ ମୃତ୍ୟୁ ହୋଇଥିଲା। ଏନେଇ ପାରାଦୀପ ମେରାଇନ ଥାନାରେ ୨୬/୨୦୦୯ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏପରିକି ରାଜ୍ୟ ସରକାର ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଅର୍ପଣ କରିଥିଲେ। କ୍ରାଇମବ୍ରାଞ୍ଚ ୧୩/୨୦୦୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ପ୍ରତିନିଧି ଦଳ ଭାରତ ବାହାରକୁ ଯାଇ ମଧ୍ୟ ଜାହାଜର ମାଲିକଙ୍କ ଖୋଜଖବର ନ ପାଇ ଫେରି ଆସିଥିଲା। ଶେଷରେ ଜାହାଜ ବୁଡ଼ି ସମ୍ପର୍କରେ କ୍ରାଇମବ୍ରାଞ୍ଚ ପାରାଦୀପ କୁଜଙ୍ଗ କୋର୍ଟରେ ଯେଉଁ ଚାର୍ଜଶିଟ ଦାଖଲ କରିଥିଲା ତାର ବିରୋଧରେ ଯାଜପୁର ଜିଲାର ସୂଚନାକର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(୧୯୧୮/୨୦୧୪ ନମ୍ବର)ରୁଜୁ କରିଥିଲେ। ଏହାବାଦ ଏହି ଜାହାଜ କାହିଁକି ଓ କେଉଁଠି ବୁଡ଼ିଲା, ଜାହାଜରେ ପରିବହନ ହେଉଥିବା କେଉଁ ପଣ୍ୟଦ୍ରବ୍ୟ ଥିଲା ଏବଂ କେତେ ଥିଲା, ପଣ୍ୟଦ୍ରବ୍ୟର ମାଲିକ କିଏ ସେ ନେଇ ସୂଚନାକର୍ମୀ ବେହୁରା ଗତ ୧୨।୧୧।୨୦୧୨ ତାରିଖରେ ପାରାଦୀପ ପୋର୍ଟ ଟ୍ରଷ୍ଟ କର୍ତ୍ତୃପକ୍ଷଙ୍କୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଏହି ଆବେଦନକୁ ଭିତ୍ତି କରି ପାରାଦୀପ ପୋର୍ଟ ଟ୍ରଷ୍ଟର ସିନିୟର ଆସିଷ୍ଟାଣ୍ଟ ସେକ୍ରେଟାରୀ ଏ.କେ. ସାମଲ ତାଙ୍କ ପତ୍ରସଂଖ୍ୟା ୫୩୦୭/୧।୧୨।୨୦୧୨ରେ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ତଥ୍ୟରେ ୯।୯।୨୦୦୯ତାରିଖ ସନ୍ଧ୍ୟା ପ୍ରାୟ ୭ଟା ବେଳେ ବ୍ଲାକରୋଜ ପାଣିରେ ବୁଡି ଯାଇଥିଲା ବୋଲି ଦର୍ଶା ଯାଇଥିଲା। ଜାହାଜରେ ପରିବହନ ହେଉଥିବା ପଣ୍ୟଦ୍ରବ୍ୟର ତରଣୀକରଣ ଯୋଗୁ ଉଚ୍ଚ ଆଦ୍ରତା ସୃଷ୍ଟି ହେବାରୁ ଭାରସାମ୍ୟ ହରାଇ ଜାହାଜଟି ବୁଡ଼ି ଯାଇଥିଲା। ଜାହାଜରେ ଏ.ବି. ମିନେରାଲ୍ସର ୧୧,୬୯୯ ମେଟ୍ରିକଟନ ଓ ରେକ୍ଟର ମାଇନ୍ସର ୧୨,୧୪୮ ମେଟ୍ରିକଟନ ଲୁହାପଥର ବୋଝେଇ ହୋଇ ଚିନ୍‌କୁ ରପ୍ତାନୀ ହେଉଥିଲା। ତେବେ ଏ.ବି. ମିନେରାଲ୍ସ ସମ୍ପର୍କରେ ଏଯାଏ କୌଣସି ସୂଚନା ମିଳି ନ ଥିବାବେଳେ ରେକ୍ଟର ମାଇନ୍ସର ନିର୍ଦ୍ଦେଶକ ଏମ. ପିୟାଲି ଶେଖର ଏବଂ ପରିଚାଳନା ନିର୍ଦ୍ଦେଶକ ମୁଥ ଶେଖରଙ୍କ ସମେତ ଯାଜପୁର ଜିଲା ବିଜେଡିର ଜଣେ ନେତାଙ୍କ ଭାଇ ସାମିଲ ରହିଥିବା ଗତ ୨୭।୭।୨୦୧୧ ତାରିଖ ଅପରାହ୍ନ ସାଢେ ୩ଟାରେ ହୋଇଥିବା ଏକ ବୈଠକର ରିପୋର୍ଟ ଆଧାରରେ ସୂଚନା ମିଳିଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରଭାବିତ ହୋଇଥିବାବେଳେ ସିବିଆଇ କାହିଁକି ତଦନ୍ତଭାର ନିଜ ହାତକୁ ନେଉ ନାହିଁ ତାହାକୁ ନେଇ ମଧ୍ୟ ସାଧାରଣରେ ସଂଶୟ ପ୍ରକାଶ ପାଇଛି।

### ଖବରଦାତାଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

**ଧର୍ମଶାଳା, ୩୧।୧(ଡି.ଏନ୍.ଏ.)**

ଭୁବନେଶ୍ୱର ଏକ ଦୈନିକ ଖବରକାଗଜରେ କାର୍ଯ୍ୟରତ ଖବରଦାତା କପିଳେନ୍ଦ୍ର ପ୍ରଧାନଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ଧର୍ମଶାଳା ପ୍ରେସ୍‌କ୍ଲବ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହି ଘଟଣାକୁ ଦୃଢନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେସ୍‌କ୍ଲବ ପକ୍ଷରୁ ଦାବି କରାଯାଇଛି। ସଭାପତି ଇନ୍ଦ୍ରମଣି ନାୟକ, ଗୁଲାମ ଗସ, ସୀତାକାନ୍ତ ସାମଲ, ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ସମାନ ରଞ୍ଜନ ଜେନା, ଅବିନେଶ୍ୱର ଶତପଥୀ, ଅକ୍ଷୟ କୁମାର ରାଉତ, ଅଖିଳ କୁମାର ସ୍ୱାଇଁ, ଅନିଲ ନାୟକ ପ୍ରମୁଖ ଏ ନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି।

■ ଖରସ୍ରୋତା ନଦୀରୁ ବେଆଇନ ବାଲି ଉଠାଣ

# ଗ୍ରାମବାସୀଙ୍କ ବିରୋଧ, ଉତ୍ତେଜନା ପ୍ରକାଶ

**ଯାଜପୁର ଅଫିସ/ବିଞ୍ଝାରପୁର (ଡି.ଏନ.ଏ.), ୩୧।୧**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଘଣ୍ଟିଆଳି ପଞ୍ଚାୟତ ତତା ଗ୍ରାମ ପାର୍ଶ୍ୱ ଦେଇ ବୋହି ଯାଇଥିବା ଖରସ୍ରୋତା ନଦୀରୁ ବେଆଇନ ବାଲି ଚାଲାଣକୁ ନେଇ ଗୁରୁବାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଗ୍ରାମବାସୀ ଜିଲାପାଳ, ସ୍ଥାନୀୟ ତହସିଲଦାର ଓ ବିଞ୍ଝାରପୁର ଥାନା ପୋଲିସର ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଖରସ୍ରୋତାରୁ



ଜେସିବି ଦ୍ୱାରା ବନ୍ଧ କଟାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଛନ୍ତି।

ବାଲି ଉଠାଇ ଷ୍ଟକ୍ ରଖିଥିବା ଜଣେ ବାଲି ବ୍ୟବସାୟୀ ଖରସ୍ରୋତା ନଦୀ ବନ୍ଧକୁ ହାଣି ଜେସିବି ଓ ଟ୍ରାକ୍ଟର ଲଗାଇ ବାଲି ଉଠାଉଥିଲେ। ଗ୍ରାମବାସୀ ଏହି ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବେଆଇନ ବାଲି ଚାଲାଣକୁ ବିରୋଧ କରିଥିଲେ । ତତା ଗ୍ରାମପାର୍ଶ୍ୱ ଦେଇ ପ୍ରବାହିତ ଖରସ୍ରୋତାର ଏହି ନଦୀବନ୍ଧ ଦୁର୍ବଳ ରହିଛି। ଏଥିପାଇଁ ବର୍ଷାମାସରେ ଏଠାରେ ପ୍ରାୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଥାଏ। ଏଭଳିସ୍ଥିତିରେ ନିଜ ସ୍ୱାର୍ଥ ପାଇଁ ନଦୀବନ୍ଧକୁ ହାଣି ବାଲି ଉଠାଇବା ଘଟଣାକୁ ଗାମବାସୀ ସହଜରେ ଗ୍ରହଣ କରିପାରି ନାହାନ୍ତି। ସେମାନେ ଏକଜୁଟ ହୋଇ ସେଠାରେ ପହଞ୍ଚି ଏହାର ବିରୋଧ କରିବାରୁ ଏକ ପ୍ରକାର ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଏହାପରେ ଗ୍ରାମବାସୀଙ୍କ ପକ୍ଷରୁ ବିଞ୍ଝାରପୁର ତହସିଲଦାରଙ୍କୁ ଫୋନ ଯୋଗେ ଖବର ଦେଇଥିଲେ ହେଁ ସେ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ତେବେ ଏହି ବେଆଇନ ବାଲି ବ୍ୟବସାୟୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଖୁବଶୀଘ୍ର ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ବିଦ୍ୟୁତ୍ ପ୍ରଭା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

**ସିଂହପୁର, ୩୧।୧(ଡି.ଏନ୍.ଏ.)**

ସିଂହପୁର ଅନ୍ତର୍ଗତ ଏରଡ଼ଙ୍ଗରେ ମଙ୍ଗଳବାର ବିଦ୍ୟୁତ୍ ପ୍ରଭା ସାହତ୍ୟ ସଂସଦ ପକ୍ଷରୁ ୪ର୍ଥ ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ନେତ୍ରାନନ୍ଦ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର କୁଳପତି ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟବକ୍ତାଭାବେ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଅପର୍ଣ୍ଣା ମହାନ୍ତି ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତିଗାଳ୍ପିକ ରାମଚନ୍ଦ୍ର ବେହେରା ସାରସ୍ୱତ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ଭୂମିକନ୍ୟା' ଲୋକାର୍ପଣ କରାଯାଇଥିଲା। ଏଥିସହ ବିଶିଷ୍ଟ ଗାୟିକା ତଥା ଏ ମାଟିର ଅନ୍ୟତମ ଭୂମୀକନ୍ୟା ତୃପ୍ତି ଦାସଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ମହେଶ୍ୱର ନନ୍ଦ ବେଦପାଠ କରିଥିଲେ। ସମ୍ପାଦକ ପୁରୁଷୋତ୍ତମ ପଲାଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଜୟ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ କୈଳାସ ଚନ୍ଦ୍ର ବେଉରିଆ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ପାଠୋତ୍ସବକୁ ଶିକ୍ଷାବିତ୍ ବିରଞ୍ଚି ଚରଣ ଦାସ ଉଦ୍‌ଘାଟନ କରିଥିଲେ। ଅଜୟ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟ ବକ୍ତା ଭାବେ କବି ଶ୍ରୀହରୀ ଧଳ ଯୋଗ ଦେଇଥିଲେ। ନିରଞ୍ଜନ ବେହେରା, ସନ୍ତୋଷ ବେଉରିଆ, ପ୍ରଦୀପ୍ତ ଦାସ କବିତା ସଂଯୋଜନା କରିଥିଲେ। ଏହି ଅବସରରେ ସାଧକ କୃପାସିନ୍ଧୁ ନାୟକଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ସରୋଜ ମହାନ୍ତି, ସରୋଜ କାନ୍ତ ସାହୁ, ବଟକୃଷ୍ଣ ପଣ୍ଡା, ରତିକାନ୍ତ ସାମଲ, ସୂର୍ଯ୍ୟକାନ୍ତ ଦାସ, ପ୍ରକାଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିଖିଳ ସାମଲ ଅତିଥି ପରିଚୟ ଓ ବିବେକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ତାମିଲନାଡୁରେ ଅର୍ଜୁନ ଦାଦନ ଖଟିବା ଘଟଣା

### ପରିବାରକୁ ଭେଟିଲେ ଶ୍ରମ ଅଧିକାରୀ

**ସୁକିନ୍ଦା, ୩୧।୧(ଡି.ଏନ୍.ଏ.)**

ତାମିଲନାଡୁରେ ଦାଦନ ଶ୍ରମିକ ଭାବେ ବନ୍ଧା ପଡ଼ିଥିବା ଯାଜପୁର ଜିଲା ସୁକିନ୍ଦା ବ୍ଲକ ବତଲଣ୍ଡା(ପବଳ)ଗ୍ରାମର ଆଦିବାସୀ ଯୁବକ ଅର୍ଜୁନ ସାମାନଙ୍କୁ ଉଦ୍ଧାର କରିବା ନେଇ ଶ୍ରମ ବିଭାଗ ତତ୍ପରତା ଦେଖାଇଛି। ଗୁରୁବାର ଯାଜପୁର ରୋଡ ଯୁଗ୍ମ ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜ ଅର୍ଜୁନଙ୍କ ପରିବାରକୁ ଭେଟି ଘଟଣାର ତଦନ୍ତ କରିଛନ୍ତି। ଅର୍ଜୁନଙ୍କ ପରି ଗ୍ରାମର ଅନ୍ୟ ୫ ଜଣ ଯୁବକ ମଧ୍ୟ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହୋଇ ଫେରିଥିବା ତଦନ୍ତକାରୀ ଦଳ ଜାଣିବାକୁ ପାଇଛି। ତନ୍ମଧ୍ୟରୁ ଠକାମି ସହ ନିର୍ଯାତନାର ଶିକାର ହୋଇ ଫେରିଥିବା ଜଣେ ଛାତ୍ରଙ୍କ ବୟାନ ମଧ୍ୟ ସଂଗ୍ରହ କରାଯାଇଛି। ଏହି ବୟାନ ଅର୍ଜୁନଙ୍କୁ ଫେରାଇ ଆଣିବାରେ ମାଧ୍ୟମ ସାଜିବ ବୋଲି ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜ କହିଛନ୍ତି। ଶୁକ୍ରବାର ବଡ଼ିଓ ମଣିପ୍ରସାଦ ମିଶ୍ର ଅର୍ଜୁନଙ୍କ ପରିବାର ବର୍ଗଙ୍କୁ ଡିସିପିଓଙ୍କୁ ସାକ୍ଷାତ କରିବା ପାଇଁ ପଠାଇବେ ବୋଲି କହିଛନ୍ତି। ଏଥିସହ ସରକାରୀ ସ୍ତରରେ ଦାଦନ ଶ୍ରମିକଙ୍କୁ ମିଳୁଥିବା ଅର୍ଥରାଶି ପରିବାରକୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ପୁରୀ ଅଞ୍ଚଳର କାଳିଆ ନାମକ ଠିକାଦାର ଅର୍ଜୁନଙ୍କୁ ୨ ହଜାର ଟଙ୍କାରେ କାମ କରିବା ପାଇଁ ତାମିଲନାଡୁ ପଠାଇଥିଲେ। ବର୍ଷେ ହେବ ଅର୍ଜୁନ ଦାଦନ ଖଟୁଥିବାବେଳେ ତାଙ୍କୁ ଅକଥନୀୟ ଅତ୍ୟାଚାର କରାଯାଉଥିବା ସ୍ତ୍ରୀ ସରସ୍ୱତୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇଥିଲେ। ଏଥିସହ ପରିବାରର ଭରଣପୋଷଣ ପାଇଁ ନିବେଦନ କରିଥିଲେ। ସରସ୍ୱତୀଙ୍କ ଦୁଇ ନାବାଳିକା ଝିଅଙ୍କୁ ଉଦ୍ଧାର କରିବା ଦିଗରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳି ନାହିଁ।

ଚ୍ୟାଲେଞ୍ଜ ୟୁ କ୍ରିକେଟ୍ ଟୁର୍ନାମେଣ୍ଟ

### ବେତଣ୍ଡା, ଡେରାବର ବିଜୟୀ

**ଧର୍ମଶାଳା, ୩୧।୧(ଡି.ଏନ୍.ଏ.)**

ଧର୍ମଶାଳା ବାଣୀପୀଠ ଖେଳପଡ଼ିଆରେ ୧୬ତମ ଚ୍ୟାଲେଞ୍ଜ ୟୁ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ୨ଟ ମ୍ୟାଚ୍‌ରେ ଯଥାକ୍ରମେ ବେତଣ୍ଡା ଓ ଡେରାବର ବିଜୟୀ ହୋଇଛନ୍ତି। ବେତେଣ୍ଡା ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭର୍‌ରେ ୪ ଉଇକେଟ୍ ହରାଇ ୯୫ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଗଡ଼ମଧୁପୁର ଦଳ ବ୍ୟାଟିଂ କରି ୮ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୬୫ରନ୍ ସଂଗ୍ରହକରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଡେରାବର ଦଳ ନିର୍ଦ୍ଧାରିତ ୧୦ ଓଭର୍‌ରେ ୬ ଉଇକେଟ୍ ହରାଇ ୬୧ ରନ୍ କରିଥିଲା। ଜବାବରେ ଭୁବନେଶ୍ୱରୀ ଦଳ ୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୫୭ରନ୍ କରି ପରାସ୍ତ ହୋଇଥିଲା। ମନୋରଞ୍ଜନ ନାୟକ, ସନ୍ତୋଷ ସାହୁ ଓ ପ୍ରଦୀପ ଜେନା ଖେଳ ପରିଚାଳନା କରିଥିଲେ।

### ସାମନ୍ତରାପୁର-ରାଉତରାପୁର ସେତୁ ନିର୍ମାଣ ପାଇଁ ୧୪ କୋଟି ମଞ୍ଜୁର

**ରସୁଲପୁର,୩୧।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର-ରାଉତରାପୁର ପଞ୍ଚାୟତକୁ ସହଜ ଗମନାଗମନରେ ବ୍ରାହ୍ମଣୀ ନଦୀ ଯେଉଁ ବାଧକ ସାଜିଥିଲା ତାହା ଖୁବ୍ ଶୀଘ୍ର ସମାଧାନ ହେବାକୁ ଯାଉଛି। ଏଠାରେ ବିଜୁସେତୁ ନିର୍ମାଣ କରାଯାଇ ଦୀର୍ଘଦିନର ଗମନାଗମନ ସମସ୍ୟାକୁ ଦୂର କରାଯିବ। ବରୀ ବିଧାୟକ ଦେବାଶିଷ ନାୟକ ବ୍ରାହ୍ମଣୀ ନଦୀ ଉପରେ ପୋଲ ନିର୍ମାଣ କରିବା ନେଇ ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଏବେ ପୂରଣ ହୋଇଛି। ଏଠାରେ ଏକ ପୋଲ ନିର୍ମାଣ ପାଇଁ ସରକାରୀସ୍ତରରେ ଆର୍ଥିକ ମଞ୍ଜୁର ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପୋଲ ନିର୍ମାଣ ଦାୟିତ୍ୱ ଦିଆଯାଇଛି । ଉକ୍ତ ସେତୁର ନିର୍ମାଣ ପାଇଁ ୨୯କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାଥମିକ ଆକଳନରୁ ଜଣାପଡିଛି। ବିଜୁସେତୁ ଯୋଜନା ଜରିଆରେ ଏହି

**ପ୍ରତିଶ୍ରୁତି ରଖିଲେ ବିଧାୟକ**



ପୋଲ ନିର୍ମାଣ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଏଥିପାଇଁ ୧୪କୋଟି ଟଙ୍କା ମଞ୍ଜୁର ହୋଇଛି। ବିଭାଗ ପକ୍ଷରୁ ତୁରନ୍ତ ଟେଣ୍ଡର ଆହ୍ୱାନ କରାଯିବ। ନିର୍ବାଚନ ପୂର୍ବରୁ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜୋରଦାର ପ୍ରସ୍ତୁତ ଚାଲିଛି ବୋଲି ରସୁଲ୍‌ପୁର ବ୍ଲକର ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ ସାହୁ ପ୍ରକାଶ କରିଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ସାମନ୍ତରାପୁର, ରାଉତରାପୁର, ମଙ୍ଗରାପୁର ରାଜେନ୍ଦ୍ରପୁର, ଅତଲାପୁର, ଅର୍ଥଗାଁ ପ୍ରଭୃତି ପଞ୍ଚାୟତର ଜନସାଧାରଣଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ସେତୁ ନିର୍ମାଣକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ଦୂର କରିବାରେ ବିଧାୟକ ନାୟକ ସଫଳ ହୋଇଥିବାରୁ ଜିଲା ଯୁବ ବିଜେଡି ଉପସଭାପତି ପ୍ରଭାତ ପୃଷ୍ଟି, ସରପଞ୍ଚ ରେଣୁ ସେଠୀ, ଅଭିମନ୍ୟୁ ମହାଳିକ, ସମିତିସଭ୍ୟା ଉମାରାଣୀ ମହାଳିକ, ମହେଶ୍ୱତା ନାୟକ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ସାହୁ, ଅର୍ଜୁନ ନାୟକ, ଦଶରଥ ପୃଷ୍ଟି, ବାବୁଲି ସେଠୀ, ବିଦ୍ୟାଧର କରଣ, ବାସୁଦେବ ସର, ଶ୍ୟାମ ସୁନ୍ଦର ପ୍ରଧାନ, ସରୋଜ କୁମାର ଦାସ ପ୍ରମୁଖ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ରତ୍ନଗିରି ଉଦୟଗିରି ସତ୍‌ସଙ୍ଗ ବିହାରର ବାର୍ଷିକ ଉତ୍ସବ

**ବାଲିଚନ୍ଦ୍ରପୁର, ୩୧।୧(ଡି.ଏନ୍.ଏ.)**

ଯାଜପୁର ଜିଲା ତାଲୁଆ ବାଲିକୁଦାଠାରେ ଅବସ୍ଥିତ ରତ୍ନଜିରି- ଉଦୟଗିରି ସତ୍‌ସଙ୍ଗ ବିହାରର ୧୧ତମ ବର୍ଷିକ ଉଦ୍‌ବୋଧନ-ସ୍ମୃତି ମହୋତ୍ସବ ସତ୍‌ସଙ୍ଗବିହାରର ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସ୍ତମ୍ଭକାର ବୈକୁଣ୍ଠ ନାଥ ମିଶ୍ର ମୁଖ୍ୟବକ୍ତା ଏବଂ ଅଧାପକ ସରୋଜ ମହାନ୍ତି ଓ ଦୋଳଗୋବିନ୍ଦ ପଣ୍ଡା ସମ୍ମାନିତ ବକ୍ତାଭାବେ ଯୋଗଦେଇ ସମାଜ ଜୀବନର ଉଦ୍‌ବୋର୍ଦ୍ଧନରେ ଗୃହସ୍ଥାଶ୍ରମର ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରହ୍ଲାଦ ନାଥଶର୍ମା ପ୍ରାରମ୍ଭିକ ସୂଚନା ଦେଇଥିଲେ। ବୈରାଗୀ ଚରଣ ସାହୁ ସମାପନ ସଙ୍ଗୀତ ଭାବରେ ଶ୍ରୀଶ୍ରୀ ଠାକୁରଙ୍କର କତିପୟବାଣୀ 'ଛଡାର ଗୀତ' ଗାନ କରିଥିଲେ।

### କଂଗ୍ରେସର ମୋ ବୁଥ୍ ମୋ କାର୍ଯ୍ୟକ୍ରମ

**ଧର୍ମଶାଳା, ୩୧।୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନେଉଳପୁର ପଞ୍ଚାୟତର ୪ ନମ୍ବର ବୁଥ୍‌ରେ କଂଗ୍ରେସ ପକ୍ଷରୁ ମୋ ବୁଥ ମୋ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଗାମୀ ନିର୍ବାଚନରେ ପ୍ରତ୍ୟେକ ବୁଥ୍‌ରେ କଂଗ୍ରେସ କର୍ମୀ ଏକଜୁଟ ହୋଇ ମତସାବ୍ୟସ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ କୃଷକ ନେତା ବସନ୍ତ କୁମାର ପରିଡା, ସୁଧାକର ରାଉତ, ପ୍ରଫୁଲ୍ଲ କୁମାର ରାୟ ଓ ଦେବାଶିଷ୍ ପରିଡା ପ୍ରମୁଖ ଯୋଗଦେଇଥିଲେ । ବୁଥ୍ କମିଟିରେ ହାଫିଜ ମହମ୍ମଦ ସଭାପତି, କାର୍ଯ୍ୟକାରୀ ସଭାପତି ଭାବେ ଜାବିର ମହମ୍ମଦ ଓ ସେକ ହକିମ୍, ଯୁବ ସଭାପତି ଭାବେ ମହମ୍ମଦ ଜାହିରଙ୍କୁ ନିର୍ବାଚିତ କରାଯାଇଥିଲା । ପରେ ୱାର୍ଡ ସଭ୍ୟ ସେକ୍ ସଲିମ, ଆୟାମ ମହମ୍ମଦ, ସେକ୍‌ସୁତାର, ସେକ୍ କାସିମ, ଛବି ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଅନ୍ୟଦଳ ଛାଡି କଂଗ୍ରେସରେ ଯୋଗଦେଇଥିଲେ । ନୂତନ କର୍ମୀଙ୍କୁ କିଷାନ ପଣ୍ଡା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

# ଆଜିଠୁ ଜଗନ୍ନାଥ ଚେତନା ମହାଧିବେଶନ

**ବିରଜାକ୍ଷେତ୍ର,୩୧।୧(ଡି.ଏନ୍.ଏ)**

ଉତ୍କଳୀୟଙ୍କ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ଧର୍ମକୁ ଘରେଘରେ ପହଞ୍ଚାଇବା ଲକ୍ଷ୍ୟ ନେଇ ପୁରୀ ବିଶ୍ୱ ଜଗନ୍ନାଥ ଚେତନା ମହାସଂଘ ପକ୍ଷରୁ ସାରା ଉତ୍କଳ ପ୍ରଦେଶରେ ଜଗନ୍ନାଥ ଚେତନା ମହାଧିବେଶନ ଅନୁଷ୍ଠିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଚଳିତବର୍ଷ ଫେବୃୟାରୀ ୧ରୁ ୧୦ତାରିଖ ପର୍ଯ୍ୟନ୍ତ ୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ଅନୁଷ୍ଠିତ ହେଉଛି। ଏହି ୧୦ ଦିନ ବାଳାଶ୍ରମ ପଡ଼ିଆ ଅସ୍ଥାୟୀ ଶ୍ରୀକ୍ଷେତ୍ର ସଦୃଶ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ପର୍ବ ସରିଛି। ବାଳାଶ୍ରମ ପଡ଼ିଆରେ ପୁରୀ ଜଗନ୍ନାଥ ମନ୍ଦିର ସଦୃଶ ୭୫ଫୁଟ୍ ଉଚ୍ଚର ଏକ ଅସ୍ଥାୟୀ ମନ୍ଦିର ନିର୍ମାଣ କରାଯାଇଛି । ୩୫ଫୁଟ୍ ଲମ୍ବ ୩୦ଫୁଟ୍ ଚଉଡ଼ାର ଗର୍ଭଗୃହ ନିର୍ମାଣ ହୋଇଛି । ଜଗନ୍ନାଥ ଧାମରେ ଥିବା ମେଘନାଦ ପାଚେରୀ ସଦୃଶ ୪୫୦ଫୁଟ୍ ଚଉଡ଼ା ଓ ୪୫୦ଫୁଟ୍ ଲମ୍ବର ଏକ ଅସ୍ଥାୟୀ ମେଘଦାନ ପାଚେରି ନିର୍ମାଣ ହୋଇଛି। ଏହି ମହାଧିବେଶନରେ ବୃହତ୍ ଅତିବିଷ୍ଣୁ ମହାଯଜ୍ଞ ପାଇଁ ୪୮ ଫୁଟ୍ ଲମ୍ବ ଓ ୪୮ ଫୁଟ୍ ଚଉଡ଼ା ବିଶିଷ୍ଟ ୫୦ ଫୁଟ୍ ଉଚ୍ଚତାର ଏକ ଯଜ୍ଞମଣ୍ଡପ ନିର୍ମାଣ କରାଯାଇଛି। ୧୩୦ ଫୁଟ୍ ଚଉଡ଼ା ଓ ୧୫୦ ଫୁଟ୍ ଲମ୍ବର ଏକ ବେଶ ମଣ୍ଡପ ନିର୍ମାଣ କରାଯାଇଛି। ତହିଁରେ ପ୍ରଭୁ ଜଗନ୍ନାଥଙ୍କ ୩୨ବେଶ ଶୋଭା ପାଇବ । ବେଶମଣ୍ଡପକୁ ଲାଗି ୮୦ ଫୁଟ୍ ଚଉଡ଼ା ଓ ୧୬୦ ଫୁଟ୍ ଚଉଡ଼ାର ଏକ ତତ୍ତ୍ୱଗୃହ ନିର୍ମାଣ କରାଯାଇଛି। ଏହି ତତ୍ତ୍ୱ ଗୃହରେ ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ତତ୍ତ୍ୱର ନିର୍ମଳ ବ୍ୟାଖ୍ୟା ଶ୍ରୀଜଗନ୍ନାଥଙ୍କର ଦୈନିକ ବ୍ୟବହାର ସାମଗ୍ରୀ, ଯନ୍ତ୍ର ବା ମଣ୍ଡଳ ପ୍ରଦର୍ଶନ, ଜଗନ୍ନାଥଙ୍କ ଚେତନା ଶିବିର, ଆଧାତ୍ମିକ ଧର୍ମସଭା ଓ ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାକୁ ନେଇ ଏକ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଜଗନ୍ନାଥଙ୍କ ୫୬ ଭୋଗ ବିଷୟରେ ସାଧାରଣ ଜନତା ଜାଣିବାକୁ ପାଇବେ। ଅସ୍ଥାୟୀ ମନ୍ଦିରକୁ ଲାଗି ଦୁର୍ଗାଙ୍କର ଏକ ୫୦ ଫୁଟ୍‌ର ମୂର୍ତ୍ତି ଶୋଭା ପାଇବ। ଏହି ଚେତନା ଅଧିବେଶନରେ ବିରଜା ଓ ଜଗନ୍ନାଥଙ୍କ ମଧ୍ୟରେ ଥିବା ଧର୍ମତତ୍ତ୍ୱର ବିଷୟରେ ଭକ୍ତମାନେ ଜାଣିବାକୁ ପାଇପାରିବେ। ଚେତନା ମହାଧିବେଶନ ପାଇଁ ୧ତାରିଖ ତଥା ଗୁରୁବାର ପୁରୀରୁ ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ ପାଟପଟୁଆରରେ ବାହାରି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରରେ ପହଞ୍ଚିବ। ଜଗନ୍ନାଥଙ୍କ ଆଜ୍ଞାମାଳକୁ ସ୍ୱାଗତ କରିବା ପାଇଁ ଯାଜପୁରବାସୀ ଆଧାତ୍ମିକ ଭାବାବେଗରେ ପ୍ରସ୍ତୁତ ହୋଇ ରହିଛନ୍ତି। ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳକୁ ଯାଜପୁର ଜିଲାର କୋରେଇ, ଦାନଗଦୀ, ସୁକିନ୍ଦା, ବ୍ୟାସନଗର, ଦଶରଥପୁର, ବିଞ୍ଝାରପୁର, ଯାଜପୁର, ବଡ଼ଚଣା ଓ ପଡ଼ୋଶୀ ଭଦ୍ରକ ଜିଲାର ଶହ ଶହ ସଂକୀର୍ତ୍ତନ ଦଳ ଆଧାତ୍ମିକ ପରିବେଶରେ ସ୍ୱାଗତ କରିବେ । ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ ମା' ବିରଜାଙ୍କ ନିକଟରେ ପହଞ୍ଚିବା ପରେ ବିରଜା ମନ୍ଦିର ଅଙ୍ଗଲାଗି ସେବାୟତମାନେ ଆଜ୍ଞାମାଳକୁ ମା' ବିରଜାଙ୍କୁ ଅର୍ପଣ କରିବେ। ଏହାପରେ ବିରଜାଙ୍କ ଆଜ୍ଞାମାଳ ଓ ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ ଭଜନ, କୀର୍ତ୍ତନ ଓ ସଂକୀର୍ତ୍ତନ ମାଧ୍ୟମରେ ଏକ ବିରାଟ ପଟୁଆରରେ ମା' ବିରଜା ମନ୍ଦିରରୁ ବାହାରି ବାଳାଶ୍ରମ ପଡ଼ିଆରେ ପହଞ୍ଚିବ। ପରେ ୩୭ତମ ଜଗନ୍ନାଥ ମହାଧିବେଶନ ଆରମ୍ଭ ହେବ। ୩୭ତମ ଜଗନ୍ନାଥ ମହାଧିବେଶନ ପାଇଁ ଯାଜପୁର ସହରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୭ରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ପ୍ରଭୁ ଜଗନ୍ନାଥଙ୍କ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟକ ଦିନ ମହାପ୍ରସାଦ ଭୋଗ ଭକ୍ତଙ୍କୁ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ।



ଅସ୍ଥାୟୀ ଯଜ୍ଞମଣ୍ଡପ।

■ଶେଷ ହୋଇଛି ସମସ୍ତ ପ୍ରସ୍ତୁତି ପର୍ବ
■ଜଗନ୍ନାଥଙ୍କ ଆଜ୍ଞାମାଳକୁ ସ୍ୱାଗତ ପାଇଁ ପ୍ରସ୍ତୁତ ଜିଲାବାସୀ
■ଶ୍ରୀକ୍ଷେତ୍ର ସଦୃଶ ହେବ ବାଳାଶ୍ରମ ପଡ଼ିଆ



"ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ପୋଲିସ ପରିଚୟ ଦେଇ ମହିଳାଙ୍କଠାରୁ ସୁନାହାର ଲୁଟ୍

**ଯାଜପୁର ରୋଡ,୩୧।୧(ନି.ପ୍ର):** ବ୍ୟାସନଗର ପୌରପରିଷଦ ଦଳାଛକ ନିକଟରେ ଦିନ ଦ୍ୱିପ୍ରହରରେ ୪ଜଣ ଦୁର୍ବୃତ୍ତ ନିଜକୁ ପୋଲିସ ପରିଚୟ ଦେଇ ଜଣେ ମହିଳାଙ୍କଠାରୁ ସୁନା ହାର ଲୁଟି ନେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୁରୁବାର ଯାଜପୁର ରୋଡ ଥାନାରେ ଅଭିଯୋଗ ହୋଇଥିବା ବେଳେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ ଭଣ୍ଡାରୀପୋଖରି ଥାନା ଅନ୍ତର୍ଗତ କୁମ୍ଭାରିଆ ଗ୍ରାମର ବିଷ୍ଣୁ ସୁତାର (୬୮) ଓ ତାଙ୍କ ସ୍ତ୍ରୀ ରମ୍ଭା(୬୬) ଏକ ବନ୍ଧୁ ଘରକୁ ଯାଇଥିଲେ। ପାଣିକୋଇଲିରେ ଓହ୍ଲାଇ ନ ପାରି ଯାଜପୁର ରୋଡ ଦଳା ଛକରେ ବସ୍‌ରୁ ଓହ୍ଲାଇଥିଲେ। ସେମାନେ ସେଠାରେ ଛିଡା ହୋଇଥିବା ବେଳେ ୪ଜଣ ଯୁବକ ନିଜକୁ ପୋଲିସ ଅଫିସରର ପରିଚୟ ଦେଇଥିଲେ। ସୁନା ହାର କାହିଁକି ପିନ୍ଧିଛ, ଚୋରି ହୋଇଯିବ। ଶୀଘ୍ର ତାକୁ ବେକରୁ କାଢି ବ୍ୟାଗରେ ରଖ ବୋଲି କହିଥିଲେ। ଏହାପରେ ମହିଳା ହାରଟି ଖୋଲିବା ମାତ୍ରେ ଜଣେ ଦୁର୍ବୃତ୍ତ ତାଙ୍କ ହାତରୁ ହାରଟିକୁ ଝାମ୍ପି ନେଇ ଦୌଡି ପଳାଇ ଯାଇଥିବା ବେଳେ ଅନ୍ୟମାନେ ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ଏ ନେଇ ଯାଜପୁର ରୋଡ ଥାନାରେ ଏକ ମାମଲା (ନଂ-୨୨/୧୯) ରୁଜୁ କରି ସାମ୍ନା ଦୋକାନର ସିସି ଟିଭି ଫୁଟେଜ୍ ଆଧାରରେ ତଦନ୍ତ କରୁଛି। ସେମାନଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

ଗଙ୍ଗାଧରପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ

### ସେମିଫାଇନାଲରେ ତରଞ୍ଜିଆ ବିଜୟୀ

**ଧର୍ମଶାଳା, ୩୧।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ପତିତପାବନ ହାଇସ୍କୁଲ ଖେଳପଡ଼ିଆ ତୃତୀୟ ବର୍ଷିକ ଗଙ୍ଗାଧରପୁର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଏହି ଅବସରରେ ଅନୁଷ୍ଠିତ ମ୍ୟାଚ୍‌ରେ ତରଞ୍ଜିଆ ଦଳ ୭୬ ରନ୍‌ରେ ଥାନୁଆଲକୁ ହରାଇ ଫାଇନାଲକୁ ଉର୍ନୀତ ହୋଇଛି। ତରଞ୍ଜିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ୯ ଉଇକେଟ୍ ହରାଇ ୩୦୦ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଥାନୁଆଲ ଦଳ ୧୭.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୨୪ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦେବାନନ୍ଦ ରାଉଳ ଓ ସୁନୀଲ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ କ୍ରୀଡ଼ାବିତ ମହେଶ୍ୱର ସ୍ୱାଇଁ ଯୋଗଦେଇ ଶତକ ହାସଲ କରିଥିବା ଆର. କେ ପାଣ୍ଡେଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଚୋରମୁହାଁ ସହିତ ସମ୍ପାରୁ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ଜ୍ଞାନରଞ୍ଜନ ସାହୁ ସୂଚନା ଦେଇଛନ୍ତି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୋରେଇ,୩୧।୧(ସ୍ୱ.ପ୍ର):** କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତ ବେଗନା କାହ୍ନୁଚରଣ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ନୀଳମଣି ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏନେଇ କୋରେଇ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଶୋକ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେଶନ୍‌ର ପ୍ରାକ୍ତନ ମହାସଚିବ ସଚ୍ଚିଦାନନ୍ଦ ରାଉତ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଫେଡ଼େରେଶନ ସଭାପତି ହୃଦାନନ୍ଦ ଦ୍ୱିବେଦୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ ଅନୁବାଦକ ସୂର୍ଯ୍ୟମଣି ଖୁଣ୍ଟିଆ, ଫେଡେରେଶନ୍ ମହାସଚିବ ଅମୀୟ କୁମାର ଦାସ, ସଙ୍ଗଠନ ସମ୍ପାଦିକା ଚାରୁଲତା ମହାପାତ୍ର, ଉପସଭାପତି ପ୍ରଶାନ୍ତ କୁମାର ସର, ଧର୍ମଶାଳା ବିଇଓ ପ୍ରଫୁଲ୍ଲ କୁମାର ବେହେରା, କୋରେଇ ବିଇଓ ସୁଶାନ୍ତ କୁମାର ଶତପଥୀ, ରସୁଲପୁର ବିଇଓ ଶାନ୍ତନୁ କୁମାର କର, ଦଶରଥପୁର ବିଇଓ ଗୟାଧର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ନାୟକ ୧୯୮୨ ମସିହାରେ ଶିକ୍ଷକତା ଆରମ୍ଭ କରିଥିଲେ। ବ୍ଲକ୍ ଓ ଜିଲାସ୍ତରରେ ବହୁ ସଂଗଠନ ସହିତ ନାୟକ ଜଡ଼ିତ ଥିବାବେଳେ ୨୦୧୩ ମସିହାରେ ନିଖିଳ ଓଡ଼ିଶା ଶିକ୍ଷକ ଫେଡ଼େରେଶନ୍‌ର ମହାସଚିବ ଭାବେ ନିଯୁକ୍ତି ହୋଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଭ୍ରମରବର ରାଉତ, ଅଭିରାମ ନନ୍ଦ, ହରିହର ଦଳାଇ, ଅକ୍ଷୟ କୁମାର ଧଳ, ଯାଜପୁର ଜିଲା ସଭାପତି ବିଜୟ କୁମାର ନାୟକ, ଶୈଳେନ୍ଦ୍ର ନାରାୟଣ ସମାଲ, ଶ୍ୟାମସୁନ୍ଦର ମହାପାତ୍ରଙ୍କ ସମେତ ଜିଲାର ବିଭିନ୍ନ ବ୍ଲକର ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

■ ଜଳଛାୟା ପ୍ରକଳ୍ପରେ ବୃଦ୍ଧିପାଉଛି ଦୁର୍ନୀତି

# ବେଆଇନ କାର୍ଯ୍ୟ କରି ଅର୍ଥ ହଡ଼ପ ଉଦ୍ୟମ

**ରସୁଲପୁର,୩୧।୧(ଡିଏନଏ)**

ଯାଜପୁର ଜିଲାରେ ଜଳଛାୟା ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇଛି। ରସୁଲପୁର ବ୍ଲକରେ ଜଳଛାୟା ବିଭାଗ ପକ୍ଷରୁ ବହୁ ବେଆଇନ କାର୍ଯ୍ୟ କରାଯାଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି । ହେଲେ ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଫଳରେ ବ୍ଲକ ପ୍ରକଳ୍ପ ଅଧିକାରୀ ଆଇନକୁ ଆଖିଠାର ମାରି ପ୍ରକଳ୍ପ କାର୍ଯ୍ୟ ଜାରି ରଖିଥିବା ଅଭିଯୋଗ ହେଉଛି। ଏପରିକି ନିର୍ଦ୍ଧାରିତ ସମୟ ପୂର୍ବରୁ ଚାଷୀଙ୍କ ଉଦ୍ଦେଶ୍ୟରେ ଆସିଥିବା ଟଙ୍କାକୁ ଚଳୁ କରିବା ପାଇଁ ପ୍ରୟାସ କରୁଥିବା ମଧ୍ୟ କୁହାଯାଉଛି। ଗୋଟିଏ ପ୍ରକଳ୍ପରେ ଏକାଧିକବାର କାର୍ଯ୍ୟ କରି ଟଙ୍କା ବିଲ୍ କରିଯାଉଛି । ଏହି ବ୍ଲକର ଭୋଟକା ପଞ୍ଚାୟତରେ ଜଳଛାୟା ବିଭାଗ ପକ୍ଷରୁ କରାଯାଉଥିବା ନାଳ ଖନନ ଏହାର ଏକ ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ।

ପ୍ରକାଶ ଯେ, ୨୦୧୪ରୁ ୨୦୧୯ ମସିହା ୫ବର୍ଷିଆ ଯୋଜନା ଜରିଆରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା କାର୍ଯ୍ୟକାରୀ ହେଉଛି। କୃଷି କ୍ଷେତକୁ ଜଳସେଚନ କରିବା ପାଇଁ ବିଭାଗ ଜରିଆରେ ନାନା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ବିଭାଗ କାର୍ଯ୍ୟକୁ ତଦାରଖ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ମାତ୍ର କମିଟି ଗଠନରେ ବ୍ୟାପକ ଅନିୟମିତତା ହୋଇଛି । ବିଭାଗୀୟ ଅଧିକାରୀ ଚାଷୀଙ୍କ ବଦଳରେ ଠିକାଦାରଙ୍କୁ ନେଇ କମିଟି ଗଠନ ହୋଇଛି ବୋଲି ଅଭିଯୋଗ ହେଉଛି। କମିଟି ସଦସ୍ୟଙ୍କୁ ହାତବାରିଶି କରି ବେଆଇନ ଉପାୟରେ କୋଟିକୋଟି ଟଙ୍କା ହଡ଼ପ କରାଯାଉଛି। ପ୍ରକଳ୍ପଗୁଡିକୁ ବିଧି ମୁତାବକ କାର୍ଯ୍ୟକାରୀ କରାଯାଉ ନାହିଁ । କାମ କରିବା ପୂର୍ବରୁ ଫାଇଲ ଖୋଲା ଯାଉନାହିଁ କିମ୍ବା ବୈଷୟିକ ଅନୁମୋଦନ ହେଉନାହିଁ। ଫାଇଲରେ ଜମିଜମା ସମ୍ପର୍କିତ କାଗଜପତ୍ର ସଂଗ୍ରହ କରାଯାଉ ନାହିଁ। ଏଭଳି ବେଆଇନ କାର୍ଯ୍ୟକୁ ବିଭିନ୍ନ ସ୍ଥାନରେ ବିରୋଧ କରାଯାଉଛି। ପ୍ରକଳ୍ପ ଅଧିକାରୀ ଧ୍ରୁବଚରଣ ପଣ୍ଡା ଉପରିସ୍ଥ ଅଧିକାରୀଙ୍କୁ ହାତକରି ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ୍ କରାଇ ନେଇଥିବା ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ବିଭାଗ ପକ୍ଷରୁ ଶ୍ରୀବନ୍ତପୁର ପଞ୍ଚାୟତରେ ଖରସ୍ରୋତା ନଦୀ ଭିତରେ ଚାଷୀଙ୍କ ପାଇଁ ଏକ ପୋଖରୀ ଖୋଳିବାକୁ ଅନୁମତି ଦିଆଯାଇଥିଲା । ପୋଖରୀ ଖୋଳା ଦାୟିତ୍ୱ ବାଲି ମାଫିଆ ହାତରେ ଟେକି ଦିଆଯାଇଥିଲା। ପୋଖରୀ ଖୋଳିବା



ଆଳରେ ହଜାର ହଜାର ଟ୍ରିପ୍ ବାଲି ଚାଲଣ ହୋଇଥିଲା। ଯାହାକୁ ଗ୍ରାମବାସୀ ବିରୋଧ କରିଥିଲେ। ଏହାପରେ ବେଆଇନ କାର୍ଯ୍ୟକୁ ବନ୍ଦ କରିଦିଆଯାଇ ଥିଲା। ମାତ୍ର ଉକ୍ତ କାର୍ଯ୍ୟ ପାଇଁ ପରେ ବିଲ୍ କରି ଦିଆଯାଇଛି ବୋଲି ଶୁଣିବାକୁ ମିଳୁଛି। ସେହିଭଳି ଓଡିଶୋ ପଞ୍ଚାୟତର ଏକ ପୁରୁଣା ପୋଖରୀକୁ ପୁନରୁଦ୍ଧାର କରି ପୋଖରୀ ଖନନ ଦେଖାଇ ଅର୍ଥ ହଡପ୍ କରିବାକୁ ମସୁଧା କରାଯାଉଥିଲା। ଏହାକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ବଡକଇଁଚି ପଞ୍ଚାୟତରେ ଏକ ଜଙ୍ଗଲ ଜମିରେ ପୋଖରୀ ଖୋଳିବା

■ ଗୋଟିଏ ପ୍ରକଳ୍ପରେ ହେଉଛି ଏକାଧିକବାର କାର୍ଯ୍ୟ
■ ଠିକାଦାରଙ୍କୁ ନେଇ ତଦାରଖ କମିଟି ଗଠନ ହୋଇଥିବା ଅଭିଯୋଗ

ଉଦ୍ୟମକୁ ମଧ୍ୟ ବିରୋଧ ହୋଇଥିଲା। ଏଥିସହ ରସୁଲପୁର ପଞ୍ଚାୟତର ସୁଆଁସାହି ଗ୍ରାମରେ ଏକ ଆବାଦଯୋଗ୍ୟ ଘରବାଡି ଜମିରେ ପୋଖରୀ ଖୋଳା ଯାଇଥିଲା। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ପରେ ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବା ସହ ଏହି ପୋଖରୀରୁ କୌଣସି ଚାଷ ଜମିକୁ ପାଣି ଯାଇପାରିବ ନାହିଁ ବୋଲି ଦର୍ଶାଯାଇଥିଲା। ତହସିଲଦାରଙ୍କ ପକ୍ଷରୁ ଏ ନେଇ ଅନୁମତି ଦିଆ ନ ଯିବାରୁ ପୋଖରୀ ଖୋଳା ବନ୍ଦ ରହିଛି। ଭୋଟକା ପଞ୍ଚାୟତର ଅରଡା ଗ୍ରାମରେ ଏକ ବ୍ୟକ୍ତିଗତ ପୋଖରୀକୁ ବିଭାଗ ପକ୍ଷରୁ ପୁନରୁଦ୍ଧାର କରାଯାଇଥିଲା। ଏହାକୁ ମଧ୍ୟ ଗାଁ ଲୋକେ ବିରୋଧ କରିଥିଲେ। ଏହି ପଞ୍ଚାୟତର ଜଳଧର ପାଟ ଚାଷ ଜମିକୁ ପାଣି ଯୋଗାଇବା ପାଇଁ ବଡନାଳ (ପାଟରୁ ମୂଳ ଖରସ୍ରୋତାକୁ ବହି ଯାଇଥିବା ନାଳ)କୁ ଖନନ କରାଯାଇଥିଲା। ଏହି ନାଳ ଖନନ କରାଯାଇ ମାଟି ବିକ୍ରି କରାଯାଇଥିଲା। ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଜମାଖାତାକୁ ଟଙ୍କା ପ୍ରଦାନ ଆଳରେ ଠିକାଦାର ଟଙ୍କା ହଡପ୍ କରିଥିଲେ। ଏ ଦିଗରେ କେବଳ ସଭାପତି, ସମ୍ପାଦକଙ୍କୁ ହାତ କରି ଠିକାଦାରମାନେ ଏଭଳି କରିଥିବା ଅଭିଯୋଗ ହେଉଛି। ଏହି କାର୍ଯ୍ୟଦ୍ୱାରା ଚାଷୀମାନେ ଉପକୃତ ହେବା ବଦଳରେ ଯାତାୟାତ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ପୁଣି ସେହି ନାଳକୁ ଖୋଳା ଯାଉଛି। ଏ ନେଇ ପ୍ରକଳ୍ପ ସ୍ଥଳରେ କୌଣସି ସୂଚନା ଫଳକ ଲାଗିନାହିଁ। ବ୍ଲକର ବିଭିନ୍ନ ସ୍ଥାନରେ ବିଭାଗ ପକ୍ଷରୁ କରାଯାଉଥିବା କାର୍ଯ୍ୟକୁ ଜନସାଧାରଣଙ୍କ ବିରୋଧ ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକୁ ଭିଜିଲାନ୍ସ ତଦନ୍ତ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ପ୍ରକଳ୍ପ ଅଧିକାରୀ ଧ୍ରୁବଚରଣ ପଣ୍ଡାଙ୍କୁ ପଚାରିବାରୁ, ସେ ଉତ୍‌କ୍ଷିପ୍ତ ହେବା ସହ କିଛି କହିପାରିବେ ନାହିଁ ବୋଲି ସିଧାସଳଖ ମନା କରିଥିଲେ।

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶାକର୍ମୀଙ୍କ ବିକ୍ଷୋଭ

**ବିରଜାକ୍ଷେତ୍ର,୩୧।୧(ଡି.ଏନ୍.ଏ)**

ଯାଜପୁର ଜିଲା ଆଶାକର୍ମୀ ସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଶା କର୍ମୀମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ କାର୍ଯ୍ୟ କରୁଛନ୍ତି। ମାତ୍ର ସେମାନଙ୍କୁ ଉଚିତ୍ ପ୍ରାପ୍ୟ ମିଳୁ ନ ଥିବାରୁ ରାଜ୍ୟ ସଂଘ ଆହ୍ୱାନରେ ଯାଜପୁର ଜିଲା ଆଶାକର୍ମୀ ସଂଘ ସଭାପତି ସୁରମାରାଣୀ କର, ସମ୍ପାଦିକା ବିଶ୍ୱଲତା ରାଉତ, ରାଜ୍ୟ କୋଷାଧକ୍ଷା ମମତା ମହାନ୍ତି, ଉପସଭାପତି ରଶ୍ମିତା ଦାସ, ଭାରତୀୟ ମଜଦୁର ସଂଘ ସଭାପତି ପ୍ରଫୁଲ୍ଲ କୁମାର ଜେନାଙ୍କ ନେତୃତ୍ୱରେ ସହରର କିଆନାଳୀକୂଳ ଛକଠାରୁ ଏକ ଶୋଭାଯାତ୍ରା ବାହାରି ଥିଲା। ଆଶାକର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ନିର୍ଦ୍ଦିଷ୍ଟ ଦରମା, ସାମାଜିକ ସୁରକ୍ଷା ଯୋଗାଇଦେବା, ସେବା ନିବୃତ୍ତି ନିମନ୍ତେ ନିୟମାବଳୀ ପ୍ରସ୍ତୁତ, ଆଶାକର୍ମୀଙ୍କୁ ୧୮ହଜାର ଟଙ୍କା ତଥା ଆଶାସାଥୀଙ୍କୁ ୨୪ହଜାର ଟଙ୍କା ମାସିକ ବେତନ, ଆଶାକର୍ମୀ ଓ ଆଶାସାଥୀଙ୍କୁ ଦୁର୍ଘଟଣାଜନିତ ୫ଲକ୍ଷ ଟଙ୍କା କ୍ଷତିପୂରଣ ଆଦି ଦାବି ନେଇ ବିକ୍ଷୋଭ କରିଥିଲେ। ଏହିସବୁ ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ ।

## ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**ଧର୍ମଶାଳା, ୩୧।୧(ଡି.ଏନ୍.ଏ. )**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ଶ୍ୟାମସୁନ୍ଦର ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ମାଗୁଣି ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହୁସେନ୍ ରବି ଗାନ୍ଧୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ସ୍ୱାର୍ଥ ପାଇଁ କାହାରିକୁ ତୋଷାମଦ ନ କରି ଯୋଗ୍ୟତା ବଳରେ କାର୍ଯ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ମଣିଷ ନିଜ ମାଟି, ଇତିହାସ, ଐତିହ୍ୟକୁ ଭୁଲିଗଲେ ହିଂସ୍ର ଏବଂ ସଇତାନ ହୋଇ ଯାଇଥାଏ ବୋଲି କହିଥିଲେ। ବିଧାୟକ ପ୍ରଣବ ବଳବନ୍ତରାୟ ବିଦ୍ୟାଳୟର ଉତ୍ତୋରତ୍ତର ଉନ୍ନତି କାମନା



ହୀରକ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭା ।

କରିବା ସହ ଉତ୍ସବର ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟକୁ ଜମିଦାନ କରିଥିବା ଓ ବିଦ୍ୟାଳୟ ପ୍ରତିଷ୍ଠାରେ ଅବଦାନ ରହିଥିବା ବ୍ୟକ୍ତିବିଶେଷଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବର ଦ୍ୱିତୀୟ ଦିନରେ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ 'ମୋ ବିଦ୍ୟାଳୟ ମୋ ପରିଚୟ' କାର୍ଯ୍ୟକ୍ରମ ଅବସରପ୍ରାପ୍ତ ପ୍ରଶାସକ ଅକ୍ଷୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ହୀରକ ଜୟନ୍ତୀ କମିଟିର ସଭାପତି ତଥା ପୂର୍ବତନ ବିଧାୟକ ରବି ଲାବଣ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଭାଗବତ ଦାଶ ବେଦପାଠ କରିଥିଲେ। ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର କୁଣ୍ଟୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ଜବତ, ବେପାରୀ ଗିରଫ

**କୋରେଇ,୩୧।୧(ସ୍ୱ.ପ୍ର)**

କୋରେଇ ପୋଲିସ ଗୁରୁବାର ଜଣେ ବେଆଇନ ବିଦେଶୀ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୦ବୋତଲ ବିଦେଶୀ ମଦ ଜବତ କରିଛି । କୋରେଇ ସାଦକପୁର ପଞ୍ଚାୟତ ଅନ୍ତର୍ଗତ ବାରଦା ଗ୍ରାମର ରଘୁନାଥ ମହାନ୍ତିଙ୍କ ପୁଅ ସୁରେଶ(୫୭) ବିଦେଶୀ ମଦ ନେଇ ବଟିରା ରୋଡରେ ବିକ୍ରି କରୁଥିବା ପୋଲିସ ଖବର ପାଇଥିଲା। ଏହି ସମୟରେ ଚଢାଉ କରି ମଦ ଜବତ କରିବା ସହ ରଘୁନାଥଙ୍କୁ ଗିରଫ କରିଥିଲା । ଏନେଇ ଏକ ମାମଲା (ନଂ ୧୩/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

■ ଆଦର୍ଶ ବିଦ୍ୟାଳୟରେ ବାର୍ଷିକୋତ୍ସବ

## 'ପିଲାଙ୍କ ମନରେ ଜିଜ୍ଞାସା ବୃଦ୍ଧି କରାଇବା ଉଚିତ'

**କୋରେଇ,୩୧।୧(ସ୍ୱ.ପ୍ର)**

ଅଭିଭାବକ ଏବଂ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ମନରେ ଜିଜ୍ଞାସା ବୃଦ୍ଧି କରାଇବା ଉଚିତ୍। ଜ୍ଞାନ ଆମ ଚତୁଃପାର୍ଶ୍ୱରେ ରହିଛି। କେବଳ ପାଠ୍ୟ ଖସଡ଼ା ମଧ୍ୟରେ ସୀମିତ ନ ରହି ପିଲାଙ୍କୁ ମୌଳିକ ଏବଂ ଭୌତିକ ଶିକ୍ଷା ପ୍ରଦାନରେ ଉଭୟ ଅଭିଭାବକ ଓ ଶିକ୍ଷକ ପ୍ରୟାସ ଜାରି ରଖିବା ଉଚିତ୍ ବୋଲି କୋରେଇ ବିଧାୟକ ଆକାଶ ଦାସ ନାୟକ କୋରେଇ ବ୍ଲକ ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବରେ କହିଥିଲେ। କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତ ବେଗନାସ୍ଥିତ ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନନ୍ଦ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପାଣିକୋଇଲି ଜବାହାର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନେ ପିଲାଦିନରୁ ନିଜର ଲକ୍ଷ୍ୟଧାର୍ଯ୍ୟ କରିବା ସହିତ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଉନ୍ନୟନ ଓ ପରିଚାଳନା କମିଟିର ସଭ୍ୟ ତଥା ବରିଷ୍ଠ ଆଇନ୍‌ଜୀବୀ ବିବେକାନନ୍ଦ ମହାନ୍ତି, ଅଭିଭାବକ ଫୋରମ୍ ସଭାପତି ନିର୍ମଳ ରଥ ଏବଂ ଧନେଶ୍ୱର ସରପଞ୍ଚ ନିର୍ମଳା ରାଉତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଉନ୍ନୟନ ନିମନ୍ତେ ସମସ୍ତ ସହଯୋଗ କରିବାକୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ କ୍ଷୀତିସ କୁମାର ପଣ୍ଡା ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟକ୍ଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାହ୍ନୁଚରଣ ମହାବିଦ୍ୟାଳୟ ଅଧ୍ୟକ୍ଷ ମୋହନ ଚରଣ ଖୁଣ୍ଟିଆ, ଅଧ୍ୟାପିକା ସରିତା ପୃଷ୍ଟି, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ବିଶ୍ୱାଳ, କବିନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଉଦୟ କୁମାର ନାୟକ, ସମ୍ପାଦକ ହିମାଦ୍ରୀ ଶେଖର ମହାପାତ୍ର, ସହସମ୍ପାଦକ ରଜତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପ୍ରତାପ କୁମାର ଦାସ, ସହସ୍ରାଂଶୁ ଶେଖର ମହାନ୍ତି ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁମିତ୍ରୋ ବେହେରା, ହୃଷିକେଷ ସାହୁ, ସୁରଭୀ ଦାସ, ମିତାରାଣୀ ମହାପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ନ୍ୟାୟ ନ ପାଇ ଅଭିଯୋଗକାରୀ ଏସ୍‌ପିଙ୍କ ଦ୍ୱାରସ୍ଥ

**କୋରେଇ,୩୧।୧(ସ୍ୱ.ପ୍ର):** କୋରେଇ ଥାନାରେ ଅଭିଯୋଗ କରିବାର ୮ଦିନ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଏହା ପ୍ରତିବାଦରେ ଗୁରୁବାର ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ପିଡ଼ିତଙ୍କ ବୃଦ୍ଧ ମା'ବାପା। କୋରେଇ ଥାନା ତଳଗଡ଼ ପଞ୍ଚାୟତର ଅଜଗରପୁର ଗ୍ରାମର ଅଭି ମଳିକଙ୍କ ସ୍ତ୍ରୀ ବିଳାସ କରିଥିବା ଅଭିଯୋଗନୁସାରେ, ଗତ ବର୍ଷ ଗଣେଶ ପୂଜାରେ ତାଙ୍କ ପୁଅ ବାପିଙ୍କର ନଗୁଆଁ ଗ୍ରାମର ନିତିଶ ନାୟକ ଓ କୁଲିଆ ରାଉତଙ୍କ ସହିତ କୌଣସି କାରଣକୁ ନେଇ ମାରପିଟ ହୋଇଥିଲା। ପରେ ଗ୍ରାମବାସୀମାନେ ଉଭୟ ପକ୍ଷ ମଧ୍ୟରେ ସମାଧାନ କରିଥିଲେ। ମାତ୍ର ଗତ ୨୧ତାରିଖ ବାପି ଏକ ସାଇକେଲ ଯୋଗେ ତାଙ୍କ ସାଙ୍ଗ ଗଣେଶଙ୍କୁ ଘରକୁ ଛାଡ଼ିବାକୁ ନେବା ବେଳେ ବାଟରେ ନିତିଶ ଓ କୁଲିଆ ମାରଣାସ୍ତ୍ରରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ବାପିଙ୍କୁ ଗଣେଶ ଡାକ୍ତରଖାନା ନେବା ପାଇଁ ସିଦ୍ଧାନ୍ତଙ୍କ ସହାୟତା ଲୋଡିଥିଲେ। ଉଭୟ ଏକ ସ୍କୋର୍ପିଓ ଯୋଗେ ବାପିଙ୍କୁ ଡାକ୍ତରଖାନା ନେଉଥିବା ବେଳେ ନିତିଶ ଓ କୁଲିଆ ଗାଡ଼ି କାଚକୁ ଭାଙ୍ଗି ଦେବା ସହିତ ବାପିକୁ ଛାଡ଼ି ଚାଲିଯିବା ଲାଗି ଧମକାଇ ଥିଲେ। ଏ ସଂକ୍ରାନ୍ତରେ ବାପିଙ୍କ ମା' କୋରେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩ଦିନ ପରେ ମାମଲା (୧୦/୧୯) ରୁଜୁ କରି ହାତବାନ୍ଧି ବସିଛି। ଆକ୍ରମଣକାରୀ ୨ ଅଭିଯୁକ୍ତ ଖୁଲମଖୁଲା ବୁଲୁଥିବା ବେଳେ ଥାନାରୁ ନ୍ୟାୟ ନ ପାଇ ବାପି ବୃଦ୍ଧ ମା'ବାପାଙ୍କ ସହିତ ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଅନୁରୋଧ କରିଥିଲେ।

# ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ଆରମ୍ଭ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୩୧।୧ (ଡ଼ି.ଏନ.ଏ/ସ୍ୱ.ପ୍ର)**

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ୧୮୨ତମ ମହାସମାଧି ଦିବସ ଅବସରରେ ଗୁରୁବାର ଆରମ୍ଭ ହୋଇଛି ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା। ଏହି ମେଳା ୧୦ଦିନ ଧରି ଚାଲିବ। ପ୍ରଥମ ଦିବସରେ ଓଳାଶୁଣୀ ପାହାଡ଼ର ଉଭୟପାର୍ଶ୍ୱ ଜନସମାଗମରେ ଭରପୁର ରହିଥିଲାବେଳେ ପାଦଦେଶରେ ୧୫ ଶହରୁ ଊର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ପଡ଼ିଛି। ପ୍ରାତଃ ସମୟରୁ ମହାପୁରୁଷଙ୍କ ସମାଧି ମନ୍ଦିରରେ ମଙ୍ଗଳାଆଳତୀ, ଷୋଡ଼ଶ ଉପଚାରପୂଜା, ବଡ଼ସିଂହାର ବେଶ ସହିତ ପୂଜାର୍ଚ୍ଚନା କରାଯିବା ପରେ ବହୁ ସାଧୁସନ୍ଥ ଏବଂ ଶ୍ରଦ୍ଧାଳୁମାନେ ମହାପୁରୁଷଙ୍କ ସମାଧି ଦର୍ଶନ ଆରମ୍ଭ କରିଥିଲେ। ଦର୍ଶନ ପାଇଁ ଅପେକ୍ଷାରତ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପାହାଡ଼ର ଶୀର୍ଷଦେଶ ଉଚ୍ଛୁଳି ଉଠିଥିଲା। ପରମ୍ପରା ଅନୁଯାୟୀ ପ୍ରଥମେ ଶୁଖୁଆପଡ଼ା ଗ୍ରାମରୁ ଯାଇଥିବା ପୋଡ଼ପିଠା ଭୋଗ ହେବାପରେ ଅପେକ୍ଷାରତ ଭକ୍ତଙ୍କ ମାନସିକ ପୋଡ଼ପିଠାକୁ ଭୋଗ କରାଯାଇଥିଲା। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମେଳାକୁ ଆସିଥିବା ହଜାରହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ନିମନ୍ତେ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏକକାଳୀନ ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ମାଘମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ମହାପ୍ରଭୁ ଏହାକୁ ଶ୍ରୀକ୍ଷେତ୍ର କରନ୍ତୁ ବୋଲି ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଜଗନ୍ନାଥଙ୍କ



ନିକଟରେ ପ୍ରାର୍ଥନା କରିଥିଲେ । ଆଉ ସେଥିପାଇଁ ଏହି ଦିନ ଏଠାରେ ଶ୍ରୀକ୍ଷେତ୍ରର ସମସ୍ତ କାର୍ଯ୍ୟ କରାଯାଏ ବୋଲି ଓଳାଶୁଣୀ ମଠର ମଠାଧିଶ ନାମାନନ୍ଦ ଦାସ ପ୍ରକାଶ କରିଛନ୍ତି। ଆଉ ସେଥିପାଇଁ ହଜାର ହଜାର ସଂଖ୍ୟାରେ ସାଧୁସନ୍ଥଙ୍କ ଏଠାରେ ସମାଗମ ହୋଇଛି। ଏକାଦଶୀତିଥିର ଦିବାରାତ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ସମାଧି ମନ୍ଦିରର ଚତୁଃପାର୍ଶ୍ୱରେ ବସି ଖଜଣି ଭଜନ ମାଧ୍ୟମରେ ମହାପୁରୁଷ ଅରକ୍ଷିତ ଦାସଙ୍କ ଶରୀର ତତ୍ତ୍ୱ ଭଜନ ପରିବେଶଣ କରି ପରିବେଶକୁ ଭକ୍ତିମୟ କରିଦେଇଥିଲେ।

### ମହାପୁରୁଷଙ୍କ ସାନ୍ନିଧ ପାଇଁ ନେତା ମନ୍ତ୍ରୀଙ୍କ ଭିଡ଼

ମହାପୁରୁଷଙ୍କ ମହାସମାଧି ଦିବସରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲ୍ଲୀ, ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି, କଙ୍ଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ପିସିସ ସମ୍ପାଦକ ପ୍ରଦୀପ ଦାସ ଓ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ମହାପୁରୁଷଙ୍କ ସମାଧି ମନ୍ଦିର ପରିଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ।

### ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଯାଜପୁର ଜିଲା ପ୍ରଶାସନ ତରଫରୁ ଓଳାଶୁଣୀ ମେଳାରେ ଆୟୋଜିତ ପଲ୍ଲୀଶ୍ରୀ ମେଳାକୁ ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ବିଡିଓ ଅଜିତ ନାରାୟଣ ପ୍ରସାଦଗିରି, ସମିତି ସଭ୍ୟା ତପସ୍ୱିନୀ ବାରିକ, ନିରଞ୍ଜନ ସେନାପତି, ଯଜିନ୍ଦ୍ର କୁମାର ନାୟକ ଓ ଗଣେଶ୍ୱର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳାରେ ଜିଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୨୦ଟି ଷ୍ଟଲ ପ୍ରଦର୍ଶିତ କରାଯାଇଛି।

### ପ୍ରଥମ ଦିନରେ ଅଘଟଣ

ମେଳାର ପ୍ରଥମ ଦିନରେ ଅଘଟଣ ଘଟିଥିବା ଦେଖିବାକୁ ମିଳିଛି। ମେଳା ପରିସରରେ ପ୍ରଥମେ ଏକ ଅଳିଆ ଗଦାରେ ନିଆଁ ଲାଗିଥିଲା। ଏହାକୁ ଲିଭାଇବା ପାଇଁ ଦମକଳ ବାହିନୀ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସେବାଦଳ ପକ୍ଷରୁ ଶିବିର




ଯାଜପୁର ଜିଲା କଂଗ୍ରେସ ସେବାଦଳ ପକ୍ଷରୁ ମେଳା ପରିସରରେ ଏକ ସେବା ଶିବିର ଆୟୋଜନ କରାଯାଇଛି। ଯାତ୍ରୀ ଓ ଶ୍ରଦ୍ଧାଳୁଙ୍କ ଭିଡ଼କୁ ପରିଲକ୍ଷିତ କରି ଏହି ସେବା ଦଳ ମେଳା ପରିସରରେ ୭ଦିନ ବ୍ୟାପି ସେବା ଯୋଗାଇଦେବେ ବୋଲି ଶିବିରକୁ ଉଦ୍‌ଘାଟନ କରି ପିସିସି ଉପସଭାପତି ଶୁଭେନ୍ଦୁ କୁମାର ମହାନ୍ତି ସୂଚନା ଦେଇଥିଲେ। ଜିଲା ସେବାଦଳର ଅଧ୍ୟକ୍ଷ ଶ୍ରୀକାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସେବାଦଳ ସମ୍ପାଦକ ସୁରେନ୍ଦ୍ର କୁମାର ପାଣି, ରାଜ୍ୟ କିଷାନ କଂଗ୍ରେସ ସମ୍ପାଦକ ଫକିର ମୋହନ ବଳ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଅଜୟ ସାମଲ, ଜିଲା ମତ୍ସ୍ୟଜୀବୀ କଂଗ୍ରେସ ସଭାପତି ଏକାଦଶୀ ସେଠୀ, ମାନଭଞ୍ଜନ ରାଉତରାୟ, ଅନନ୍ତ ପରିଡ଼ା, ସୁଲତାନ ସଇଫୁଲା ଖାଁ, ଚାନ୍ଦ ଖାଁ, ପ୍ରମୋଦ ମହାପାତ୍ର ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ମେଳାରେ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା, ପାନୀୟ ଜଳ ଓ ଅନ୍ୟାନ୍ୟ ସେବା ଯୋଗାଇଦିଆଯିବ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବଳଭଦ୍ରପୁର ହାଇସ୍କୁଲରେ ଶହୀଦ ଦିବସ ପାଳିତ

**ପଚ୍ଚାମୁଣ୍ଡାଇ, ୩୧।୧ (ସ୍ୱ.ପ୍ର):** ପଚ୍ଚାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ବାପୁଜୀ ବିଦ୍ୟାଶ୍ରମଠାରେ ବୁଧବାର ଶହୀଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରତିବର୍ଷ ଭଳି ୧୦ମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ୮ମ ଓ ୯ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏଥିସହିତ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଛି । ବାପୁଜୀଙ୍କ ନାମରେ ପ୍ରତିଷ୍ଠିତ ବିଦ୍ୟାଶ୍ରମ ପରିସରରେ ଆସନ୍ତା ଅକ୍ଟୋବର ମାସରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ପାଳନ କରାଯିବ । ଏଥିପାଇଁ ପୁରାତନ ଛାତ୍ର ସଂସଦ ପକ୍ଷରୁ ବାପୁଜୀଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ପରିଡା ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ଓଷ୍ଟାର ପଚ୍ଚାମୁଣ୍ଡାଇ ବ୍ଲକ ସଭାପତି ଧବଳେଶ୍ୱର ଖଣ୍ଡାୟୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଳୁ ଚରଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନିଲ କୁମାର ବଳ, ବିଷ୍ଣୁ ଚରଣ ବେହେରା, ସୁବାଷ ଦାଶ, ପୁରାତନ ଛାତ୍ର ସଂସଦ ସଭାପତି ସରୋଜକାନ୍ତ ବିଶ୍ୱାଳ ଓ ସର୍ବେଶ୍ୱର ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କୁ ଶହୀଦ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ । କ୍ରୀଡା ପ୍ରତିଯୋଗିତାରେ ବାଳିକା ବିଭାଗର ସୁଜାତା ମହାକୁଳ ଓ ବାଳକ ବିଭାଗର ଆଶିଷ କୁମାର ମହାକୁଳଙ୍କୁ ଅତିଥିମାନେ ଚମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ । ଶିକ୍ଷକ ଆଦିକନ୍ଦ କୁଣ୍ଡ ଧନ୍ୟବାଦ ଦେଇଥିଲେ ।

### ସତ୍ୟ ଶିବ ସୁନ୍ଦର ବିଦ୍ୟାଳୟର ବାର୍ଷିକ କ୍ରୀଡା

**ରାଜନଗର,୩୧।୧(ଡିଏନଏ):** ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତର ନୂଆଗାଁସ୍ଥିତ ସତ୍ୟ ଶିବ ସୁନ୍ଦର ସଂସ୍କୃତ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମହେଶ୍ୱର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ପଦ୍ମଲୋଚନ ରାଉତ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କ୍ଷୀରୋଦ କୁମାର ମଲ୍ଲିକ, ମାନସ କୁମାର ମିଶ୍ର, ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବାଗ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଦୟାନିଧି ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନଳିନୀକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମନପ୍ରଭା ପ୍ରଧାନ, ବଳରାମ ବାଗ, ବାଞ୍ଛାନିଧି ସାମଲ, ମମତା ଲେଙ୍କା, ସୁଦର୍ଶନ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ କଣ୍ଡିରା ଗୁଳିକାଣ୍ଡ ଘଟଣା: ସାପ ଗ୍ୟାଙ୍ଗ୍‌ର ସିପୁନ୍‌ଙ୍କୁ ଜେରା

# ୬ ଚୋରା ମୋଟର ସାଇକେଲ ଉଦ୍ଧାର, ୪ ଅଟକ

**ରାଜନଗର, ୩୧।୧(ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ଥାନା ଅଧୀନ କଣ୍ଡିରା ଗ୍ରାମରେ ଗତ ୨୧ ତାରିଖରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ଜେଲ ଯାଇଥିବା ସିପୁନ ସ୍ୱାଇଁଙ୍କୁ ପୋଲିସ ଦୁଇଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଛି । ଏହି ସମୟରେ ପୋଲିସ ତାଙ୍କ ଠାରୁ ସାପ ଗ୍ୟାଙ୍ଗ୍‌ର ଆପରାଧିକ ସାମ୍ରାଜ୍ୟ ସମ୍ପର୍କରେ ବହୁ ତଥ୍ୟ ହାସଲ କରିଛି। ତାଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ପୋଲିସର ୪ଟି ଟିମ୍ ବୁଧବାର ରାତିଠାରୁ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରି ୬ ଟି ଚୋରା ମୋଟର ସାଇକେଲ ଉଦ୍ଧାର କରିଛି । ଏଥିସହ ୪ ଜଣଙ୍କୁ ଧରି ଦୁଇଟି ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂତ୍ରରୁ ଜଣାଯାଇଛି ଯେ, ସିପୁନଙ୍କୁ ଜେରା ସମୟରେ ୫୦ରୁ ଉର୍ଦ୍ଧ୍ୱ ମୋଟର ସାଇକେଲ ଚୋରି ଘଟଣାରେ ସାପ ଗ୍ୟାଙ୍ଗ୍‌ର ସଦସ୍ୟ ସମ୍ପୃକ୍ତ ଥିବା ସୂଚନା ମିଳିଛି । ଫଳରେ ପୋଲିସ ଟିମ୍ ରାଜନଗର, ରାଜକନିକା, ଆଳି ,ପଚ୍ଚାମୁଣ୍ଡାଇ,କେନ୍ଦ୍ରାପଡା ଥାନା ଅଞ୍ଚଳରେ ଚଢାଉ ଜାରି ରଖିଛନ୍ତି। ବୁଧବାର ରାତିରେ ପୋଲିସ ରାଜକନିକା ଥାନା ଅଞ୍ଚଳରୁ ଏକ ଆପାଚି ମୋଟର ସାଇକେଲ, ରାଜନଗର ଥାନା ଅଞ୍ଚଳରୁ ହୋଣ୍ଡା ଷ୍ଟେନର ଓ ଅନ୍ୟ ଏକ ମୋଟର ସାଇକେଲ ଉଦ୍ଧାର କରିଥିଲା । ଗୁରୁବାର ରାଜକନିକା ଥାନା ଅଞ୍ଚଳରୁ ଗୋଟିଏ ହିରୋ ହରନେଟ ମୋଟର ସାଇକେଲ ଓ ପଚ୍ଚାମୁଣ୍ଡାଇ ଥାନା ଅଞ୍ଚଳରୁ ଗୋଟିଏ ହୋଣ୍ଡା ସାଇନ ଓ ଗୋଟିଏ ଆପାଚି ଗାଡି ଉଦ୍ଧାର କରିଛି । ମୋଟର ସାଇକେଲ ଚୋରିର ମାଷ୍ଟର ମାଇଣ୍ଡ ତଥା ସାପ ଗ୍ୟାଙ୍ଗ୍‌ର ସଦସ୍ୟ କୁହାଯାଉଥିବା ରାଜକନିକା ଅଞ୍ଚଳର ଜଣଙ୍କୁ ବୁଧବାର ରାତିରେ ପୋଲିସ ଧରି ଆଣିଛି । ଏଥିସହିତ ରାଜନଗର ଅଞ୍ଚଳରୁ ୨ ଜଣଙ୍କୁ ଓ ପଚ୍ଚାମୁଣ୍ଡାଇ ଅଞ୍ଚଳରୁ ଜଣଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି । ତଦନ୍ତରେ ବାଧା ଉପୁଜିବା ଓ ଅନ୍ୟ ଅପରାଧୀମାନେ ଖସିଯିବା ଆଶଙ୍କାରେ ପୋଲିସ ପୂରା ତଥ୍ୟ ଦେଉନାହିଁ। ୪ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖି ଥିବାରୁ ଅଧିକ ଚୋରା ମୋଟର ସାଇକେଲ ମିଳିବ ବୋଲି ପୋଲିସ କହିଛି । କଣ୍ଡିରା ଗୁଳିକାଣ୍ଡରେ ସମ୍ପୃକ୍ତ ଥିବା ସିପୁନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପୋଲିସ ବୁଧବାର ତାଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣିଛି।

# ଚୋରା ବାଇକ୍ ରଖିଥିବା ତହସିଲ କିରାଣିଙ୍କୁ ଉଠାଇ ନେଲା ପୋଲିସ

**ପଚ୍ଚାମୁଣ୍ଡାଇ, ୩୧।୧ (ସ୍ୱ.ପ୍ର)**



ଜବତ ମୋଟରସାଇକେଲ।

ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସିପୁନ ସ୍ୱାଇଁଙ୍କ ଠାରୁ ଖବର ନେଇ ପୋଲିସ ଗୁରୁବାର ଅପରାହ୍ନ ୨ଟା ବେଳେ ପଚ୍ଚାମୁଣ୍ଡାଇ ତହସିଲ ଅଫିସରେ କାର୍ଯ୍ୟରତ କନିଷ୍ଠ କିରାଣି ବିରଞ୍ଚି ନାରାୟଣ ମହାଲିକଙ୍କୁ ଉଠାଇ ନେଇଛି । ଏହି ଘଟଣା ତହସିଲ ଅଫିସ କର୍ମଚାରୀମାନଙ୍କ ମଧ୍ୟରେ ଘୋର ଆଲୋଡନ ସୃଷ୍ଟି କରିଛି । ରାଜନଗର ଗୁଳିକାଣ୍ଡ ଘଟଣାରେ ପୋଲିସ ତହସିଲର କନିଷ୍ଠ କିରାଣି ମହାଲିକଙ୍କୁ ଅଟକ ରଖି ପଚରାଉରୁରା କରୁଥିବା ବେଳେ ଆଳି, ରାଜକନିକା ଅଞ୍ଚଳର ଅନ୍ୟ ୩ଜଣଙ୍କୁ ଥାନାକୁ ଆଣି ତଦନ୍ତ ଚଳାଇଛି। ମହାଲିକ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଗୋଷ୍ଠୀର ମାଷ୍ଟର ମାଇଣ୍ଡ ଥିବା ଓ ବାଇକ ଚୋରିରେ ଜଡିତ ବୋଲି ପୋଲିସ ଅନୁସନ୍ଧାନରୁ ଜଣାପଡିଛି । ଏମାନେ ବହୁ ଚୋରା ଗାଡି ଅନ୍ୟମାନଙ୍କୁ ବିକ୍ରି କରିଥିବା ଘଟଣା ପୋଲିସ ତଦନ୍ତରୁ ଜଣାଯାଇଛି । ଗୁରୁବାର କିରାଣିଙ୍କ ଘରୁ ଓ ଅନ୍ୟ ଜଣଙ୍କ ଠାରୁ ଦୁଇଟି ବାଇକ୍ ପୋଲିସ ଜବତ କରିଛି । ରାତି ୮ଟା ୨୦ରେ ପୋଲିସ ମହାଲିକଙ୍କୁ ଅଜଣା ସ୍ଥାନକୁ ନେଇ ଅଧିକ ଅନୁସନ୍ଧାନ ଚଳାଇଛି । ରାଜନଗର ଗୁଳିକାଣ୍ଡ ଘଟଣାରେ ବହୁ ରହସ୍ୟ ରହିଥିବା ବେଳେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ମାନେ ବିଭିନ୍ନ ଆପରାଧିକ ଘଟଣାରେ ଲିପ୍ତ ଥିବା ପୋଲିସ ଜାଣିବାକୁ ପାଇଛି । ଏସବୁ ରହସ୍ୟର ଉନ୍ମୋଚନ ପାଇଁ ପୋଲିସ ତନାଘନା ତଦନ୍ତ ଜାରି ରଖିଛି । ଅପରପକ୍ଷରେ ତଦସିଲ କର୍ମଚାରୀଙ୍କୁ ପୋଲିସ ଉଠାଇ ନେଇଥିଲେ ହେଁ ଏ ନେଇ ତହସିଲଦାରଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା । ଫଳରେ କର୍ମଚାରୀଙ୍କୁ ନ ପାଇ ତହସିଲଦାର ଶରତ କୁମାର ଗିରି କନିଷ୍ଠ କିରାଣିଙ୍କୁ କେହି ୪ -୫ ଜଣ ଅଜଣା ବ୍ୟକ୍ତି ଉଠାଇ ନେଇ ଯାଇଥିବା ନେଇ ଅପରାହ୍ନ ୪ଟା ବେଳେ ପଚ୍ଚାମୁଣ୍ଡାଇ ଥାନାରେ ଏତଲା ଦେଇଥିଲେ । ସୂଚନାଯୋଗ୍ୟ ଯେ, ପୋଲିସ କର୍ମଚାରୀମାନେ ସାଧା ପୋଷାକରେ ଆସି ଜିପରେ ତାଙ୍କୁ ନେଇ ଯାଇଥିଲେ । ଯାହାକି ସରକାରୀ ଆଚରଣ ବିଧି ଉଲ୍ଲଂଘନ କରିଥିବା କୁହାଯାଉଛି ।

# କଂଗ୍ରେସ ପକ୍ଷରୁ ଅତନୁ ଓ ଅରୁଣଙ୍କ କୁଶ ପୁତ୍ତଳିକା ଦାହ



କୁଶ ପୁତ୍ତଳିକା ଦାହ ପାଇଁ କଂଗ୍ରେସ କର୍ମୀମାନେ ଯାଉଛନ୍ତି।

**ମାର୍ଶାଘାଇ, ୩୧।୧ (ଡିଏନ୍ଏ)**

ମହାକାଳପଡା ନିର୍ବାଚନମଣ୍ଡଳୀ କଂଗ୍ରେସ ତରଫରୁ ଗୁରୁବାର ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏବଂ ନୟାଗଡ ବିଧାୟକ ଅରୁଣ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ସିସୋର ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ତରଫରୁ ବ୍ୟକ୍ତିଗତ ଭାବେ ହାଜର ପାଇଁ ବିଜେଡିର ଏହି ୨ ବିଧାୟକଙ୍କୁ ନୋଟିସ ହୋଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ମହାକାଳପଡା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କାଙ୍କ ନେତୃତ୍ୱରେ ମାର୍ଶାଘାଇର ଶିଳିପୁର ଛକଠାରେ ବିଧାୟକ ନାୟକ ଏବଂ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ଏହି ଅବସରରେ ଶତାଧିକ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ୫ନଂ(କ) ଜାତୀୟ ରାଜପଥ ଉପରେ ସିସୋର ଚିଟଫଣ୍ଡ ମାଧ୍ୟମରେ ଲୁଟ୍ କରିଥିବା ନେଇ ବିଭିନ୍ନ ନାରାବାଜୀ ଦେଇ ବିଧାୟକଙ୍କ ଇସ୍ତଫା ଦାବି କରିଥିଲେ । ଯୁବ କଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ କର , ଜୋନ୍ ସଭାପତି ଯୁଗଳ କିଶୋର ଦାସ ,ଦଳିତ ନେତା ଗୌରାଙ୍ଗ ଯେନା ,ଯୁବନେତା ବୈବମନ୍ୟୁ ବେଉରା ,ସୁରେଶ ଚନ୍ଦ୍ର ପଣ୍ଡା ,ପ୍ରମୋଦ କୁମାର ସ୍ୱାଇଁ ,ଭଞ୍ଜ କିଶୋର ଦାସ ,ପ୍ରେମାନନ୍ଦ ସାମନ୍ତରାୟ ,ରାଧେଶ୍ୟାମ ସ୍ୱାଇଁ ,ଅମୂଲ୍ୟ ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ ।

# ବିଧାୟକଙ୍କ କୁଶ ପୁତ୍ତଳିକା ଦାହ

**ମାର୍ଶାଘାଇ, ୩୧।୧ (ଡିଏନ୍ଏ)**

ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ତରଫରୁ ବ୍ୟକ୍ତିଗତ ଭାବେ ହାଜର ପାଇଁ ବିଜେଡିର ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ନୋଟିସ ହୋଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ମହାକାଳପଡା ନିର୍ବାଚନମଣ୍ଡଳୀ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗୁରୁବାର ବିଧାୟକ ନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ମାର୍ଶାଘାଇ ଥାନା ଅନ୍ତର୍ଗତ ଜମ୍ବୁ – ମାର୍ଶାଘାଇ କେନାଲ ବ୍ରିଜ ଠାରେ ସଚେତନ ନାଗରିକ ମଞ୍ଚର ଆବାହକ ଶାରଦା ପ୍ରସନ୍ନ ବେଉରାଙ୍କ ନେତୃତ୍ୱରେ କୈଳାଶ ବେଉରା ,ଜ୍ଞାନ ରଞ୍ଜନ ବସନ୍ତିଆ ,ନରୋତ୍ତମ ଦାସ ,ନବୀନ ସାହାଣୀ ,ଗୋପାଳ ସାମନ୍ତରାୟ ,ଗଙ୍ଗାଧର ସାମଲ ,ପ୍ରତାପ ରାଉତ ,ଗୋପୀନାଥ ବେହେରା ,ପ୍ରସନ୍ନ ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଏକାଠି ହୋଇ ବିଧାୟକ ନାୟକଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ । ସିସୋର ଚିଟ୍‌ଫଣ୍ଡରେ ଲିପ୍ତ ରହିବା , ମହାକାଳପଡା ନିର୍ବାଚନମଣ୍ଡଳୀ ଜନ ସାଧାରଣଙ୍କୁ ଦୀର୍ଘଦିନ ହେବ ଭୂଆଁ ବୁଲାଇବା ଭଳି ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଏହି ଅବସରରେ ସେମାନେ ବିଧାୟକଙ୍କ ଇସ୍ତଫା ଦାବି କରିବା ସହ କୁଶ ପୁତ୍ତଳିକା ଦାହ କରିଥିଲେ ।

# ହାଇୱା ଡ୍ରାଇଭରଙ୍କୁ ମାଡ଼ ଅଭିଯୋଗ



ଚିକିତ୍ସାଧୀନ ଡ୍ରାଇଭର।

**ମାର୍ଶାଘାଇ, ୩୧।୧ (ଡିଏନ୍ଏ)**

ପାରାଦୀପ–ହରିଦାସପୁର ରେଳଲାଇନ ନିର୍ମାଣ କରୁଥିବା ଏକ ଠିକାସଂସ୍ଥାର ହାଇୱା ଡ୍ରାଇଭରଙ୍କୁ ମାର୍ଶାଘାଇ ଅଞ୍ଚଳର ଜଣେ ଠିକାଦାର ଓ ତାଙ୍କ ପୁଅ ଗୁରୁବାର ସକାଳେ ନିସ୍ତୁକ ମାଡ ମାରିଥିବା ଅଭିଯୋଗ ହୋଇଛି। ମାର୍ଶାଘାଇ ଥାନା କେନାଲ ବ୍ରିଜ୍ ନିକଟରେ ହାଇୱା ଡ୍ରାଇଭର ଗାଡି ରଖି ବସିଥିବା ବେଳେ ହଠାତ୍ ସଂପୃକ୍ତ ଠିକାଦାର ଓ ତାଙ୍କ ପୁଅ ପହଞ୍ଚି ଗାଡିର ଡୋର୍ ଖୋଲି ତାଙ୍କ ଛାତି ଏବଂ ବେକକୁ ବିଧା ଗୋଇଠା ମାରିଥିଲେ। ହେଲେ ଡ୍ରାଇଭର ଜଣକ ଜୀବନ ବିକଳରେ ଅନ୍ୟ ଏକ ଡୋର୍ ବାଟେ ଓହ୍ଲାଇ ଦୌଡି ପଳାଇଥିଲେ । ଖବରପାଇ ରେଳ ଠିକା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଠିକାଦାର ଜଣଙ୍କ ଜମ୍ବୁ –ମାର୍ଶାଘାଇ ରାସ୍ତାର ନବୀକରଣ କାର୍ଯ୍ୟ କରୁଛନ୍ତି । ନୂତନ ଭାବେ ନିର୍ମିତ ହେଉଥିବା ପିଚୁ ରାସ୍ତା ଉପରେ ପ୍ରତିଦିନ ରେଳଲାଇନ୍ ନିର୍ମାଣ ପାଇଁ ହାଇୱା ମାଟି ନେଇ ଯିବାଆସିବା କରୁଥିବାରୁ ପିଚୁ ରାସ୍ତା ଖରାପ ହେଉଯାଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । ଏହାକୁ ନେଇ ହାଇୱା ଡ୍ରାଇଭରଙ୍କୁ ଆକ୍ରମଣ କରାଯାଇଥିବା କୁହାଯାଉଛି । ଆକ୍ରମଣର ଶିକାର ହୋଇଥିବା ଡ୍ରାଇଭରଙ୍କ ଘର ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ରୁମାବିଲ ଅଞ୍ଚଳରେ ବୋଲି ଜଣାପଡିଛି। ଏନେଇ ଥାନାରେ କୈଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ଆଇନ ସଚେତନତା ଶିବିର

**ପଚ୍ଚାମୁଣ୍ଡାଇ, ୩୧।୧ (ସ୍ୱ.ପ୍ର)**



ଶିବିରରେ ସିଭିଲ ଜଜ୍ ଓ ଅନ୍ୟମାନେ।

ପଚ୍ଚାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତ ହାଇସ୍କୁଲ ଠାରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ଆଇନ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ପଚ୍ଚାମୁଣ୍ଡାଇ କୋର୍ଟ ସିନିୟର ସିଭିଲ ଜଜ୍ ହରପ୍ରସାଦ ପାଢୀ ପୌରୋହିତ୍ୟ କରିଥିଲେ । ଆଇନ ସେବାର ଆବଶ୍ୟକତା ଓ ପ୍ରତ୍ୟେକ ନାଗରିକଙ୍କର କିଭଳି ଆଇନ ସେବା ପାଇବାର ଅଧିକାର ରହିଛି ସିଭିଲ ଜଜ୍ ପାଢୀ ତାହାର ବିସ୍ତୃତ ଆଲୋଚନା କରିଥିଲେ । ଏହାଛଡା ସମାଜରେ ଦୁର୍ବଳ ଶ୍ରେଣୀର ନାଗରିକ ଯଥା ଅନୁସୂଚିତ ଜାତି, ଜନଜାତି, ଉପଜାତି, ମହିଳା, ଭିନ୍ନକ୍ଷମ, ଶିଶୁ, ସ୍ୱଳ୍ପ ରୋଜଗାରକ୍ଷମ ବ୍ୟକ୍ତିମାନେ ଆଇନ ସେବା ପାଇବାକୁ ହକଦାର ବୋଲି କହିଥିଲେ । ନିଶୁଳ୍କ ଆଇନ ସେବା ଯୋଗାଇ ଦେବା ପାଇଁ ଜାତୀୟ ସ୍ତରରେ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ରାଜ୍ୟସ୍ତରରେ ରାଜ୍ୟ ଆଇନ ସେବା ପ୍ରାଧିକରଣ, ଜିଲାସ୍ତରରେ ଜିଲା ଆଇନ ସେବା କର୍ତ୍ତୃପକ୍ଷ ଓ ତାଲୁକ ସ୍ତରରେ ତାଲୁକ ଆଇନ ସେବା ସମିତି କାର୍ଯ୍ୟ କରୁଥିବା ବେଳେ ପ୍ରତ୍ୟେକ ନାଗରିକ ଏହାର ସୁଯୋଗ ନେବା ପାଇଁ ସେ ଆହ୍ୱାନ ଦେଇଥିଲେ । ପ୍ରତ୍ୟେକ ନାଗରିକ ଯେହେତୁ ଆଇନ ଆଖିରେ ସମାନ ତେଣୁ ସମ୍ବିଧାନର ସମାନତା ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ଆଇନ ସେବାର ଆବଶ୍ୟକତା ଅଛି ବୋଲି ସିଭିଲ ଜଜ୍ ପାଢୀ କହିଥିଲେ । ବରିଷ୍ଠ ଆଡଭୋକେଟ ଭୀମସେନ ପ୍ରଧାନ, ପିଏଲଭି ପ୍ରଫୁଲ୍ଲ କୁମାର ଦାଶ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧବଳେଶ୍ୱର ଖଣ୍ଡାୟୀ ଶିଶୁ ଶ୍ରମିକ ସମସ୍ୟା, ପାରିବାରିକ ହିଂସା, ଯୌନ ନିର୍ଯାତନା, ଶିଶୁ ଶ୍ରମିକଙ୍କୁ ଶୋଷଣ, ଯୌତୁକ ନିର୍ଯାତନା, ଶିକ୍ଷା ଅଧିକାର ଆଇନ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଧାନ ଶିକ୍ଷକ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ । ଶିକ୍ଷକ ବିଦ୍ୟାଧର ମହାନ୍ତି, କୋର୍ଟ କର୍ମଚାରୀ ମୋହନ କୁମାର ଜେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହି ଶିବିରରେ ଶତାଧିକ ଛାତ୍ରୀଛାତ୍ର, ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ୫୦ ବର୍ଷ ପୂର୍ତ୍ତି ପାଳନ କରିବେ ପୁରାତନ ଛାତ୍ର

**ମାର୍ଶାଘାଇ, ୩୧।୧( ଡିଏନଏ)**

ମାର୍ଶାଘାଇ ହାଇସ୍କୁଲର ୧୯୬୯ ମସିହା ମାଟ୍ରିକ ବ୍ୟାଚ୍‌ର ଛାତ୍ରମାନେ ଏକତ୍ରିତ ହୋଇ ସ୍କୁଲ ଛାଡିବାର ୫୦ବର୍ଷ ପୂର୍ତ୍ତି ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନିକଟରେ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଉକ୍ତ ବ୍ୟାଚର ପୁରାତନ ଛାତ୍ରମାନଙ୍କ ବନ୍ଧୁମିଳନ ଉତ୍ସବରେ ଏହି ନିଷ୍ପତି ନିଆଯାଇଛି। ବାବାଜୀ ବେହେରା,ଉତ୍ତମ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ବିପିନ ବିହାରୀ ବେହେରା, ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ମଧୁସୂଦନ ବେହେରା,ଫଗୁବନ୍ଧୁ ବେହେରା,କୃଷ୍ଣଚନ୍ଦ୍ର ମହାପାତ୍ର,ଶରତ ଚନ୍ଦ୍ର ପରିଡାଙ୍କ ସମେତ ୪୦ଜଣ ପୁରାତନ ଛାତ୍ର ଯୋଗ ଦେଇଥିଲେ। ଫେବୃୟାରୀ ମାସ ୩ୟ ସପ୍ତାହରେ ସ୍କୁଲ ଛାଡିବାର ୫୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା।

# ପଞ୍ଚାୟତସ୍ତରୀୟ ଶିଶୁମେଳା

**ମାର୍ଶାଘାଇ, ୩୧।୧(ଡିଏନ୍ଏ)**



ଶିଶୁମେଳାରେ ଉପସ୍ଥିତ ଅତିଥିବୃନ୍ଦ।

ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତରେ ୫୬ତମ ବାର୍ଷିକ ଶିଶୁମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଭଜକୃଷ୍ଣ ରାଉତ, ସାମାଜିକ କର୍ମୀ ଗଙ୍ଗାଧର ପରିଡା,ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଭାରତୀ ଦଳାଇ,ସୁବାଷ ଚନ୍ଦ୍ର ପାଣି,ଅବସରପ୍ରାପ୍ତ ଶିକ୍ଷକ ଦିବାକର ପ୍ରଧାନ,ଅନ୍ତର୍ଯ୍ୟାମୀ ପଲାଇ,ଭଗବାନ ସାହୁ, ଦେବେନ୍ଦ୍ରନାଥ ଦାସ,ନାରାୟଣ ଚନ୍ଦ୍ର ପାଢୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।ଶିଶୁମେଳା କମିଟି କାର୍ଯ୍ୟକାରୀ ସଭାପତି ଅରବିନ୍ଦ ପରିଡା ସଭାପତିତ୍ୱ କରିଥିବା ବେଳେ କମିଟି ସଂପାଦକ ସୁଶ୍ରୀ ସଂଗୀତା ସ୍ୱାଇଁ,ସମିତି ସଭ୍ୟ ଅମର ବିକ୍ରମ ପରିଡା,ନାଏବ ସରପଂଚ ବିଶ୍ୱରଂଜନ ପରିଡା ପ୍ରମୁଖ ମଂଚାସୀନ ଥିଲେ।୫୬ ବର୍ଷ ହେବ ଏହି ଶିଶୁମେଳା କୁହୁଡି ପଂଚାୟତରେ ଅନୁଷ୍ଠିତ ହୋଇ ଆସୁଛି, ଏହା ସରକାରଙ୍କୁ ପ୍ରଭାବିତ କରିପାରିଛି ତେଣୁ ସୁରଭି ଯୋଜନା କାର୍ଯ୍ୟକାରୀ କରି ସରକାରୀ ସ୍ତରରେ ଶିଶୁମେଳା ଆୟୋଜନ କରୁଥିବା ବକ୍ତା ମାନେ ମତବ୍ୟକ୍ତ କରିଥିଲେ। କୁହୁଡି ପଂଚାୟତର ୧୬ଗୋଟି ପ୍ରାଥମିକ,ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୫୦୦ ଛାତ୍ରଛାତ୍ରୀ ନୃତ୍ୟଗୀତ ଏବଂ ବକ୍ତୃତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ଦେବେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିତ୍ରାଙ୍କନ,ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା

**ମାର୍ଶାଘାଇ, ୩୧।୧(ଡିଏନଏ)**

ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ସେବା ଟ୍ରଷ୍ଟ ତରଫରୁ ମାର୍ଶାଘାଇ ବ୍ଲକ ଅଧୀନ ମୂଷାଡିଆ ଉପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ,ବକ୍ତୃତା ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଅଲିଅଳ ନାୟକ, ପ୍ରଧାନଶିକ୍ଷକ ଅଭିରାମ ନାୟକ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସେବାଟ୍ରଷ୍ଟର ଅଧ୍ୟକ୍ଷ ପ୍ଲାବନ କୁମାର ସ୍ୱାଇଁ, ସଂପାଦକ ବିଶ୍ୱପ୍ରକାଶ କର,ସଦସ୍ୟ ସୂର୍ଯ୍ୟକାନ୍ତ ଷଡଙ୍ଗୀ, ପ୍ରଶାନ୍ତ ନାୟକ,ରାଜେଶ ବାରିକ,ଜ୍ୟୋତିଶ୍ରୀ ସ୍ୱାଇଁ,ଗିରିଜା ଶଙ୍କର ଲେଙ୍କା,ସାଗର ବେଉରା,ଅଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ମାଗୁଣି ଚରଣ ପ୍ରଧାନ ସଭା ପରିଚାଳନା କରିଥିଲେ।

# ବଉଳାଙ୍ଗ ୟୁଜିୟୁପି ସ୍କୁଲ ବାର୍ଷିକ କ୍ରୀଡା

**ପଚ୍ଚାମୁଣ୍ଡାଇ, ୩୧।୧ (ସ୍ୱ.ପ୍ର)**



ଉତ୍ସବରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀମାନେ।

ପଚ୍ଚାମୁଣ୍ଡାଇ ବ୍ଲକ ବଉଳାଙ୍ଗ ୟୁଜିୟୁପି ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ରତ୍ନମଞ୍ଜରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଦୋଷିଆ ସରପଞ୍ଚ ପ୍ରଭାତ ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଉତ୍ସବରେ ବୈଦ୍ୟନାଥ ରାଉତ, ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ରାଉତ, ଉପସଭାପତି ଆରତି ବାରିକ, ରବୀନ୍ଦ୍ର ନାଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଗୀତାରାଣୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ବାଳିକା ବିଭାଗର ସ୍ୱର୍ଣ୍ଣପ୍ରଭା ସେଠୀ ଓ ବାଳକ ବିଭାଗର ସତ୍ୟରଞ୍ଜନ ପ୍ରଧାନଙ୍କୁ ଚମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା । ଅନ୍ୟ ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । ଏହି ଉତ୍ସବରେ ଦିବ୍ୟା ପ୍ରିୟଦର୍ଶିନୀ ନାୟକ, ପ୍ରଜ୍ଞା ଦାସ, ନିରୂପମା ମୁଦୁଲି, ବ୍ରହ୍ମାନନ୍ଦ ସ୍ୱାଇଁ, ରୁଚିରେଖା ତ୍ରିପାଠୀ ଓ ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ସହଯୋଗ କରିଥିଲେ । ସହକାରୀ ଶିକ୍ଷକ ପ୍ରତାପ ବେହେରା ଧନ୍ୟବାଦ ଦେଇଥିଲେ । ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ସଂକ୍ଷେପରେ

### ପୋଲ ପୁନରୁଦ୍ଧାର ପାଇଁ ତହସିଲଦାରଙ୍କୁ ଦାବିପତ୍ର

**ବାଲିକୁଦା,୩୧।୧(ସ୍ୱ.ପ୍ର.):** ମାଛଗାଁ ମୁଖ୍ୟ କେନାଲର ବାଲିକୁଦା ମେଡିକାଲ ରାସ୍ତାକୁ ସଂଯୋଗ କରୁଥିବା ପୋଲ ପୁନରୁଦ୍ଧାର ପାଇଁ ଗୁରୁବାର ସ୍ଥାନୀୟ ଅଞ୍ଚଳବାସୀ ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିସହ ଜିଲାପାଳ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ମଧ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନର ୪୮ ଘଣ୍ଟା ମଧରେ ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବାଲିକୁଦାରୁ ନାଉଗାଁ ବ୍ଲକକୁ ଏହି ପୋଲ ସଂଯୋଗ କରୁଛି। ଏହାର ଗୋଟିଏ ପାର୍ଶ୍ୱ ବାଡ଼ା ଭାଙ୍ଗି ଯାଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଧନଜୀବନ ସୁରକ୍ଷା ପାଇଁ ପୋଲ ପୁନରୁଦ୍ଧାର କରିବା ଜରୁରୀ ହୋଇପଡିଛି। ସରପଞ୍ଚ ଅନୁସୂୟା ସାହୁ, ସମିତିସଭ୍ୟ ସୌମ୍ୟଜିତ ମହାପାତ୍ର, ପ୍ରଫୁଲ ଦାସ, ରାଜକିଶୋର ସାହୁ, ଶିଶିର ମୁଦୁଲି, ଦିଲୀପ ବିଶ୍ୱାଳ, ସମୀର ମନୋହର ମୁଦୁଲି, ସ୍ମାରକ ରଞ୍ଜନ ସେଠୀ, ପ୍ରଦୀପ୍ତ ପରିଡା, ଦୁଃଖିଶ୍ୟାମ ମହାନ୍ତି, ଉଲ୍ଲାସ ମଲ୍ଲିକ, ଆତ୍ମପ୍ରସାଦ ରାଉତରାୟ, କୈଳାସ ସ୍ୱାଇଁ, ରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

### ସାଇନାଥଙ୍କ ବାର୍ଷିକୋତ୍ସବ ଉଦ୍‌ଯାପିତ

**ରଘୁନାଥପୁର,୩୧।୧(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ତଅଁରା ଶାଳିଜଙ୍ଗାସ୍ଥିତ ଶିରିଡି ସାଇ ସେବା ପ୍ରତିଷ୍ଠାନ ପକ୍ଷରୁ ୩ଦିନ ଧରି ଆରମ୍ଭ ହୋଇଥିବା ସାଇନାଥଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ୧୦୦୮ ଆହୁତି ପ୍ରଦାନ ହୋଇଥିଲା। ସନ୍ଧ୍ୟାରେ ରୁଦ୍ରନାରାୟଣ ମହାନ୍ତିଙ୍କ ଭଜନ ସହ ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶଙ୍କ ମଞ୍ଚ ପରିଚାଳନାରେ ବାବାଜୀ ଦିବାକର ଦାସ ମହାରାଜ ଓ ସାଥୀ ସାଧୁସନ୍ଥମାନେ ପ୍ରବଚନ ଦେଇଥିଲେ। ଏଥିରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଦାସ, ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ, ଜିଲା ଯୋଜନା ବୋର୍ଡ ଉପାଧକ୍ଷା ତେଜାଲିନ ମହାପାତ୍ର ପ୍ରମୁଖ ଯୋଗଦେଇ ସାଇ ଦର୍ଶନ କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା ପ୍ରଦାନ

**ରଘୁନାଥପୁର,୩୧।୧(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ କରିମୂଳସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ମୋଜା ବିତରଣ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନମିତା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ରାଢଙ୍ଗ ସରପଞ୍ଚ ରତ୍ନପର୍ଣ୍ଣ ସେଠୀ ମୁଖ୍ୟଅତିଥି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତରୁଣ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୧୧ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ପ୍ରଦାନ କରିଥିଲେ। ପରିଚାଳନା ପରିଷଦ ଅଧକ୍ଷା ବିଷ୍ଣୁପ୍ରିୟା ରାଉତ, ଉପାଧକ୍ଷ ରବୀନ୍ଦ୍ର ମହାରଣା, ଆଶା କର୍ମୀ କବିତା ଜେନା, ଅଙ୍ଗନୱାଡି କର୍ମୀ ଜୟଶ୍ରୀ ବିଶ୍ୱାଳ, ୱାର୍ଡ ସଭ୍ୟା ପ୍ରତିମା ଲେଙ୍କା, ସଭ୍ୟ ବୀରେନ୍ଦ୍ର ଜେନା, ସଂଗ୍ରାମ ସ୍ୱାଇଁ, ପ୍ରଦୀପ୍ତ ବରାଳ, ପ୍ରଦୀପ୍ତ ରାଉତ, ଲୁଲେନ୍ଦୁ ବେରେ, ଶୁଭେନ୍ଦୁ ବେହେରା, ପ୍ରଦୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତର ନାହାନ୍ତି, ଘର ଅଧାପନ୍ତରିଆ

**ନାଉଗାଁ,୩୧।୧(ସ୍ୱ.ପ୍ର.)**

### କଣ୍ଟୁଣିଆ ହୋମିଓପ୍ୟାଥିକ ଚିକିତ୍ସାଳୟ



ଅଧପନ୍ତରିଆ ହୋଇ ରହିଥିବା ଚିକିତ୍ସାଳୟ।

- ନଷ୍ଟ ହେବାକୁ ବସିଲାଣି କବାଟ, ଝରକା
- ନଷ୍ଟ ହେଉଛି ସରକାରୀ ଔଷଧ

ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତର କଣ୍ଟୁଣିଆଠାରେ ଥିବା ହୋମିଓପ୍ୟାଥିକ ଚିକିତ୍ସାଳୟଟି ଅବହେଳିତ ଅବସ୍ଥାରେ ରହିଛି। ଏହି ଚିକିତ୍ସାଳୟରେ ସ୍ଥାୟୀ ଡାକ୍ତର ନାହାନ୍ତି। ଚିକିତ୍ସାଳୟ ଗୃହ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ତେଣୁ ଲୋକେ ହୋମିଓପ୍ୟାଥିକ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି।

ସୂଚନା ଅନୁଯାୟୀ, ୧୯୯୩ରେ ଏହି ଚିକିତ୍ସାଳୟ ପ୍ରତିଷ୍ଠା ହୋଇଥିବାବେଳେ ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିଲା। ୨୦୦୦ରେ ସରପଞ୍ଚ ପ୍ରତାପ ମିଶ୍ରଙ୍କ ଉଦ୍ୟମରେ ଏକ ସ୍ଥାୟୀ ଗୃହ ନିର୍ମାଣ କରାଯାଇ ସେଠାକୁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଗୃହଟି ଭାଙ୍ଗିରୁଜି ଯାଇଥିଲା। ୨୦୧୩ରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧମରେ ୧୭ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ ଏକ ନୂତନ ଗୃହ ନିର୍ମାଣ ଆରମ୍ଭ ହେଲା। ଠିକାଦାର ତୁଷାରକାନ୍ତ ମହାନ୍ତିଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ତେବେ ଗୃହ ନିର୍ମାଣ ସରିଥିଲେ ମଧ ଠିକାଦାର ସମ୍ପୂର୍ଣ୍ଣ ଅର୍ଥ ପାଇ ନ ଥିବାରୁ ଅନ୍ୟାନ୍ୟ କାର୍ଯ୍ୟ ଅଧାରେ ରଖିଛନ୍ତି। ଏଠାକୁ ଯିବାକୁ ବାଟ ନାହିଁ। ଏପରିକି ବର୍ଷା ଦିନେ ଗୃହ ଆଗରେ ପାଣି ଜମି ରହୁଛି। ଡାକ୍ତର ନ ଥିବାରୁ ଗୃହ ଖୋଲାଯାଉନାହିଁ। ଫଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଗୃହର ଝରକା, କବାଟ ନଷ୍ଟ ହେବାକୁ ବସିଲାଣି। ଏହି ଚିକିତ୍ସାଳୟ କାର୍ଯ୍ୟକ୍ଷମ କରିବା ସହ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଜାମୁଗାଁ ସରପଞ୍ଚ ଲଲାଟେନ୍ଦୁ ପରିଡ଼ା ପଞ୍ଚାୟତ ବୈଠକରେ ରିଜୋଲ୍ୟୁଶନ ପାଶ୍ କରିବା ସହ ବାରମ୍ବାର ଜନଶୁଣାଣିରେ ଅଭିଯୋଗ କରିଥିଲେ। କିନ୍ତୁ ଏଥିରେ କିଛି ସୁଫଳ ମିଳିନାହିଁ। ରାସ୍ତା ଓ ଗୃହର ଅନ୍ୟାନ୍ୟ ଆବଶ୍ୟକ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଅନୁଦାନ ଦିଆଯାଉ ନ ଥିବାରୁ କାମ ହୋଇପାରୁ ନ ଥିବା ଠିକାଦାର ମହାନ୍ତି ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୧୦ରୁ ଉର୍ଦ୍ଧ୍ୱ ବର୍ଷ ହେଲା ଏଠାରେ ଡାକ୍ତର ନାହାନ୍ତି। ସରକାରଙ୍କ ତରଫରୁ ଆସୁଥିବା ମାଗଣା ଔଷଧ ଦୀର୍ଘଦିନ ପଡିରହି ନଷ୍ଟ ହେଉଛି। ଅନେକ ରୋଗୀ ଚିକିତ୍ସା ପାଇଁ ଆସି ନିରାଶ ହୋଇ ଫେରୁଛନ୍ତି। ନାଉଗାଁ ବ୍ଲକର ୨ ଓ ବାଲିକୁଦା ବ୍ଲକର ୪ ପଞ୍ଚାୟତର ଲୋକେ ଏହା ଉପରେ ନିର୍ଭର କରନ୍ତି। ଡାକ୍ତର ନ ଥିବାରୁ ଅଲଣାହାଟ ହୋମିଓପାଥିକ ଚିକିତ୍ସାଳୟର ଡାକ୍ତର ବିନତୀ ମହାନ୍ତି ସପ୍ତାହରେ କେବଳ ମଙ୍ଗଳବାର କଣ୍ଟୁଣିଆକୁ ଡେପୁଟେଶନରେ ଆସୁଛନ୍ତି। ତେଣୁ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ସ୍ଥାୟୀ ଡାକ୍ତର ନିଯୁକ୍ତ କରିବାକୁ ହିମାଂଶୁ କୁମାର ମହାନ୍ତି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ମୁଖ ଦାବି କରିଛନ୍ତି।

# କାଳିଆ ଅନିୟମିତତାର ତଦନ୍ତ କଲେ ଅଧିକାରୀ

**ନାଉଗାଁ,୩୧।୧(ସ୍ୱ.ପ୍ର.)**

କାଳିଆ ଯୋଜନାରେ ଅନିୟମିତତା ହୋଇଥିବା ସମ୍ପର୍କରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ଗଣମାଧମରେ ଅଭିଯୋଗ କରିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ଗୁରୁବାର ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତରେ ତଦନ୍ତ କରାଯାଇଛି। ଜିଲା କୃଷି ଅଧିକରୀ ପ୍ରମୋଦ କୁମାର ମଲିକ ଓ ସହକାରୀ କୃଷି ଅଧିକାରୀ ତୁଷାର ରଞ୍ଜନ ସ୍ୱାଇଁ ଏହାର ତଦନ୍ତ ପାଇଁ ଆସିଥିଲେ। ସୂଚନାଯୋଗ୍ୟ, ମିଶ୍ର ଅଭିଯୋଗ କରିଥିଲେ ଯେ ଯେଉଁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ବାଦ୍‌ଦେବାକୁ ନାଲି ଫର୍ମ ପୂରଣ ହୋଇଥିଲା, ସେଥିରେ କୌଣସି ଜଣଙ୍କ ନାମ ମଧ ବାଦ୍ ଦିଆଯାଇନାହିଁ। ନୂତନ ଭାବେ ଆବେଦନ କରିଥିବା ଅନେକ ହିତାଧିକାରୀ ବାଦ୍‌ପଡିଛନ୍ତି। କେତେଜଣ ହିତାଧିକାରୀଙ୍କ ଜମାଖାତାକୁ ୧ଟଙ୍କା ଲେଖାଏ ଆସିଛି। ସେହିପରି ତାଲିକାରେ ନାଁ ଥାଇ ମଧ ଅନେକ ଚାଷୀଙ୍କ ପାଖକୁ ଏସ୍‌ଏମ୍‌ଏସ୍ କିମ୍ବା ଟଙ୍କା ଆସିନାହିଁ। ପ୍ରଶସାନିକ ଅଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅନେକ ଚାଷୀ ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥଲେ। ଯେଉଁ ଚାଷୀମାନେ ଟଙ୍କା ପାଇଛନ୍ତି ଓ ଯେଉଁମାନଙ୍କ ନାମ ଆବେଦନ ପରେ ବାଦ୍ ପଡିନାହିଁ, ସେମାନଙ୍କୁ ଅଧିକାରୀମାନେ ଭେଟିଥିଲେ। ତଦନ୍ତ ସମୟରେ ସରପଞ୍ଚ ଲଲାଟେନ୍ଦୁ ପରିଡାଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ। କେବଳ ଜାମୁଗାଁ ପଞ୍ଚାୟତ ନୁହେଁ, ଏହି ସମସ୍ୟା ବ୍ଲକର ୧୬ ପଞ୍ଚାୟତରେ ରହିଛି। ଏସବୁ ବିଦ୍ଧିବଦ୍ଧ ତଦନ୍ତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଜିଲା କୃଷି ଅଧିକାରୀ ମଲିକ କହିଛନ୍ତି।

# ଭଗବତୀ ଉପ୍ରା ବିଦ୍ୟାଳୟ ବାର୍ଷିକ ଉତ୍ସବ

**ବାଲିକୁଦା,୩୧।୧(ସ୍ୱ.ପ୍ର.)**



କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି।

ଇଚ୍ଛାପୁର ପଞ୍ଚାୟତ ପରାହାଟସ୍ଥିତ ଭଗବତୀ ସରକାରୀ ଉପ୍ରା ବିଦ୍ୟାଳୟର ୮ମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ସିଆରସିସି ମାନସ ବାରିକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ବିଆରସିସି ରାଜକିଶୋର ବେହୁରା ମୁଖ୍ୟଅତିଥି, ସିଙ୍ଗିଟାଳିଆ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜକାନ୍ତ ସ୍ୱାଇଁ ମୁଖ୍ୟବକ୍ତା, ଭାସ୍କର ଚନ୍ଦ୍ର ସାହୁ, ଗାଦିବ୍ରହ୍ମ ଲକ୍ଷ୍ମୀଧର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଯୁଗୋଜ୍ୟୋତି ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେଶ ନନ୍ଦ, ଉପସଭାନେତ୍ରୀ ପଦ୍ମଜା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ର ଲଉଡ଼ି ନୃତ୍ୟରେ ଅତିଥିଙ୍କୁ ସ୍ୱାଗତ କରିଥିଲେ। କ୍ରୀଡ଼ାରେ ଚାମ୍ପିୟନ ପଦ୍ମାଳୟା ବେହେରା ଓ ହୃଦାନନ୍ଦ ଦାସଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀ ବିଜୟିନୀ ଦାସ, ଏନଏମଏମଏସ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ପୁରାତନ ଛାତ୍ରୀ ଅପର୍ଣ୍ଣା ପଣ୍ଡା, ସମୀକ୍ଷା ନାୟକ, ଅନୁସୂୟା ଦାସ, ପ୍ରିତିଛନ୍ଦା ନାୟକଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ 'ଜୀବନ ଏକ ସଂଗ୍ରାମ' ଶୀର୍ଷକ ଅଭିନୟ ଗୀତରେ ଛାତ୍ରୀଛାତ୍ରମାନେ ଅଭିନୟ କରିବା ସହିତ ଅମ୍ବ୍ରେଲା ଡ୍ରିଲ, ସ୍ୱଚ୍ଛଭାରତ ଓ ଦେଶାତ୍ମବୋଧ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ପିରାମିଡ ପ୍ରଦର୍ଶିତ ହୋଇଥିଲା। ସହକାରୀ ଶିକ୍ଷକ କୈଳାସ ବିଶ୍ୱାଳ, ଅପର୍ଣ୍ଣା ଶତପଥୀ, ସଦସ୍ୟ ରମେଶ ନାୟକ, ସୁଧିର ଦାସ, ପ୍ରତିଭା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସୁଶାନ୍ତ ସାହାଣି, ତ୍ରିଲୋଚନ ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଜଗବନ୍ଧୁ ଆଚାର୍ଯ୍ୟ ବେଦପାଠ କରିଥିଲେ। ପ୍ରଧାନଶିକ୍ଷକ ଅଭୟ ପ୍ରଧାନ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ କାମିନି ସାସମଲ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ ମଞ୍ଚ ପରିଚାଳନା କରିଥିଲେ।

### କନକପୁରରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ତିର୍ତ୍ତୋଲ,୩୧।୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କନକପୁର ବସନ୍ତ ବଗିଚା ପରିସରରେ ଭାରତୀୟ ତୈଳନିଗମ ଆନୁକୂଲ୍ୟରେ ଗୁରୁବାର ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ମାନବ ସମ୍ବଳ ମନ୍ତ୍ରୀ ସ୍ମୃତି ଇରାନୀ ଓ ତୈଳ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସି ମାଧ୍ୟମରେ ଉଜ୍ଜ୍ୱଳା ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏଥିରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳିର ଶତାଧିକ ମହିଳା ହିତାଧିକାରୀ ଉପସ୍ଥିତ ଥିଲେ। ପରେ ଆୟୋଜିତ ସଭାରେ ଆଇଓସିଏଲର ସାମାଜିକ ଉନ୍ନତିକରଣ ଅଧିକାରୀ ସବିତା ଭୂୟାଁ, ରମାକାନ୍ତ ଭୋଇ, ବିଜୟ ଦାଶ ପ୍ରମୁଖ ଉପସ୍ଥିତ ହିତାଧିକାରୀଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ରୂପକ ଖୁଣ୍ଟିଆ, ବିରଜା ମହାପାତ୍ର, ପ୍ରମୋଦ ପ୍ରଧାନ, ଜ୍ୟୋତି ରଞ୍ଜନ ସାହୁ, ସୁନନ୍ଦ ବିଶ୍ୱାଳ, ରୋଜାଲିନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋରଖନାଥ ପୀଠରେ ଟ୍ରଷ୍ଟବୋର୍ଡ ଗଠନ



ଗୋରଖନାଥଙ୍କ ପୀଠ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଓ ସଭ୍ୟମାନେ।

**ରଘୁନାଥପୁର,୩୧।୧(ଡି.ଏନ୍.ଏ.)**

ବିଭୂତି କ୍ଷେତ୍ର ରୂପେ ପ୍ରସିଦ୍ଧ ହୋଇଥିବା ରଘୁନାଥପୁର ବ୍ଲକ ଛପଡ଼ା ପଞ୍ଚାୟତ କେରେକେରାସ୍ଥିତ ପ୍ରଭୁ ଗୋରଖନାଥଙ୍କ ପୀଠର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟବୋର୍ଡ ଗଠନ କରାଯାଇଛି। ଏହାର କାର୍ଯ୍ୟକାଳ ଅବଧି ୨ବର୍ଷ ପର୍ଯ୍ୟନ୍ତ ରହିଛି। ଜଗତ୍‌ସିଂହପୁର ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ମ୍ୟାନେଜିଂ ଟ୍ରଷ୍ଟି ଥିବାବେଳେ ରଘୁନାଥପୁର ତହସିଲଦାର ଓ ତିର୍ତ୍ତୋଲ ଆଇଆଇସିଙ୍କ ସହ ମୋଟ ୧୧ଜଣ ସଭ୍ୟ ରହିଛନ୍ତି। ସ୍ଥାନୀୟ ଅଞ୍ଚଳର ପ୍ରଦୀପ ମହାନ୍ତି, ସୁରେନ୍ଦ୍ରନାଥ ସ୍ୱାଇଁ, ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, କ୍ଷୀରେଦ ମହାନ୍ତି, ସୁଶାନ୍ତ ଦାଶ, ପ୍ରମୋଦ ମହାନ୍ତି, ସୂର୍ଯ୍ୟନାରାୟଣ ପଣ୍ଡା ଓ ବାଦଲ କୁମାର ଯୋଗାଣିଆ ସଭ୍ୟ ଭାବେ ରହିଛନ୍ତି। ଏ ନେଇ ଆୟୋଜିତ ବୈଠକରେ ଆଇନଜୀବୀ ମହାନ୍ତିଙ୍କ ପରିଚାଳନାରେ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରେଭିନ୍ୟୁ ଅଫିସର ପ୍ରମୋଦ କୁମାର ମହାପାତ୍ର ଓ ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପୀଠରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବ୍ୟବସ୍ଥା କରାଯିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ମହାନ୍ତି ପ୍ରକାଶ କରିଛନ୍ତି।

# ବୈଷ୍ଣବ ମହାନ୍ତି ପାଇବେ ବାଲିଘର ସାହିତ୍ୟ ସମ୍ମାନ

**ତିର୍ତ୍ତୋଲ,୩୧।୧(ଡି.ଏନ.ଏ.)**

ଶିଶୁ ସାହିତ୍ୟ ପତ୍ରିକା ବାଲିଘର ଓ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନର ୨୯ତମ ବାର୍ଷିକୋତ୍ସବ ଆସନ୍ତା ଫେବୃୟାରୀ ୩ ରେ ମୁଣ୍ଡିଦା ଗ୍ରାମରେ ଅନୁଷ୍ଠିତ ହେବ। ଏହି ଅବସରରେ ବାଲିଘର ସାହିତ୍ୟ ସମ୍ମାନ–୨୦୧୯ ବିଶିଷ୍ଟ ସାହିତ୍ୟିକ ତଥା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ବୈଷ୍ଣବ ଚରଣ ମହାନ୍ତିଙ୍କୁ ପ୍ରଦାନ କରାଯିବ। ଡ.ସୁନାମଣୀ ରାଉତଙ୍କୁ ବାଲିଘର ଶିଶୁ ସାହିତ୍ୟିକ ସମ୍ମାନ, ସଦାଶିବ ଦାଶଙ୍କୁ ବାଲିଘର କବିତା ସମ୍ମାନ, ଗାଳ୍ପିକ ରବି ସ୍ୱାଇଁଙ୍କୁ ବାଲିଘର ଗଳ୍ପ ସମ୍ମାନ, କାଦମ୍ବିନୀ ପତ୍ରିକାର ସମ୍ପାଦିକା ଇତି ସାମନ୍ତଙ୍କୁ ବାଲିଘର ସାରସ୍ୱତ ପ୍ରତିଭା ସମ୍ମାନ, ଛନ୍ଦା ମିଶ୍ରଙ୍କୁ ବାଲିଘର ପ୍ରବନ୍ଧ ସମ୍ମାନ, ଡା. ବିଜୟ ମିଶ୍ରଙ୍କୁ ବାଲିଘର ମାନବ ସେବା ସମ୍ମାନ, ମମତା ବିଶ୍ୱାଳଙ୍କୁ ବାଲିଘର ସମାଜସେବା ସମ୍ମାନ, ଖବରଦାତା ପ୍ରଦୀପ୍ତ ଚୌଧୁରୀଙ୍କୁ ବାଲିଘର ଖବରଦାତା ସମ୍ମାନ ପ୍ରଦାନ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ଗାୟକ ଶେଖର ଜଗନ୍ନାଥ ବେହେରା, ରବୀନ୍ଦ୍ର କୁମାର ସାହୁ, ଅଲେଖ ଚରଣ ବେହେରା, ବାମଦେବ ସ୍ୱାଇଁ, ଗଣେଶ ମହାନ୍ତି, ଜୀବନାନନ୍ଦ ଅଧିକାରୀ, ଖଗେଶ୍ୱର ମହାରଣା, ଦୀପକ ମହାନ୍ତି, ସୁଶାନ୍ତ ସେନାପତି, ଦୀପକ ମହାନ୍ତି, ସୁଶାନ୍ତ ସେନାପତି, ଜୟନ୍ତ ପରିଜା, ରମେଶ ଦାଶ, ପ୍ରକାଶ ଦାଶ, ଶିଶୁ ପ୍ରତିଭା ପ୍ରତ୍ୟୁଷ କୁମାର ପ୍ରମୁଖଙ୍କୁ ସମ୍ମାନିତ କରାଯିବ। ଏହି ଉପଲକ୍ଷେ ଦିବସବ୍ୟାପୀ କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ସଭା, ପୁସ୍ତକ ଓ ପୁସ୍ତିକା ଉନ୍ମୋଚନ, ପୁରସ୍କାର ବିତରଣୀ ଉତ୍ସବ ହେବ ବୋଲି ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

### ୧୯୯୧ ବ୍ୟାଚ୍ ବନ୍ଧୁମିଳନ

**ବାଲିଆ,୩୧।୧**

ବିରିଡ଼ି ବ୍ଲକ ଅଡଙ୍ଗ ନାଇଲୋସ୍ଥିତ ଯଶୋବନ୍ତ ବିଦ୍ୟାପୀଠର ୧୯୯୧ ବ୍ୟାଚ୍ ମାଟ୍ରିକ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୀତାଂଶୁ ସେଖର ରାୟ, ପୂର୍ଣ୍ଣିମା ସାହୁ, ବସନ୍ତ ସାହୁ, ଭବାନୀ ପଟ୍ଟନାୟକ, ମାନସ ପ୍ରଧାନଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଜ୍ଞାନ ରଞ୍ଜନ ଦାସ, ସୁବାସ ବେହେରା, ଲିଙ୍ଗରାଜ ସାହୁ, ମନୋରଞ୍ଜନ ସିଂ, ଅଜୟ ବେହେରା, ମନୋଜ ଦାସ, ଲଲାଟ କେଶୋରୀ ପାତ୍ର, ପ୍ରଭାତ ଦତ୍ତ, ପ୍ରଦୀପ୍ତ ସ୍ୱାଇଁ, ସନାତନ ମହାରଣା, ଲକ୍ଷ୍ମୀଧର ସାହୁ, ନାଗଭୂଷଣ ମହାନ୍ତିଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ

**କୁଜଙ୍ଗ,୩୧।୧(ସ୍ୱ.ପ୍ର.)**

ବିଜୁ ଶ୍ରମିକ ସାମୁଖ୍ୟ ଓ ନିର୍ମାଣ ମଜଦୁର ସଭା ପକ୍ଷରୁ କୁଜଙ୍ଗଠାରେ ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି। ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ ଉପସଭାପତି ତଥା ଏଚ୍‌ଏମ୍‌ଏସ୍‌ର ଜିଲା ସଭାପତି ଅମୃତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ଶ୍ରମିକ ସାମୁଖ୍ୟ ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ସିଂହ ମୁଖ୍ୟଅତିଥି, ରାଜ୍ୟ ଉପସଭାପତି ତଥା ଆଡ୍‌ଭୋକେଟ୍ ଯୁଗଳ କିଶୋର ନାୟକ, ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦ ରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୁଜଙ୍ଗ, ତିର୍ତ୍ତୋଲ, ଏରସମା, ପାରାଦୀପ ଅଞ୍ଚଳର ୫ଶହରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ଚନ୍ଦ୍ରକାନ୍ତ ସାମଲ, ଅଶୋକ ସାମନ୍ତରାୟ, ବୈଷ୍ଣବ ମାଝୀ, ଭରତ ରାଉତ, ଦିଲୀପ ଦାସ, ବିକ୍ରମ ତରାଇ, ଚନ୍ଦ୍ରମଣୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ସଭାପତି ସିଂହ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ରାଜ୍ୟ ଉପ ସଭାପତି ଆଇନଜୀବୀ ଅମୃତ ଦାସଙ୍କ ନେତୃତ୍ୱକୁ ପ୍ରସଂଶା କରିଥିଲେ।

# ସେଣ୍ଟ ଜାଭିୟର୍ସ ସ୍କୁଲର ସ୍ୱନକ୍ଷତ୍ର ଉତ୍ସବ

**କୁଜଙ୍ଗ,୩୧।୧(ସ୍ୱ.ପ୍ର)**

ରାଜ୍ୟରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ତ୍ୟାଗ ଭାବନା ତଥା ଆଦର୍ଶବାଦୀ ଶିକ୍ଷକଙ୍କ ଅଭାବରୁ ସମାଜ ଦିନକୁ ଅଧୋଗତି କରୁଛି। ତେଣୁ ସରକାର ଓ ବିଭିନ୍ନ ସାମିଜିକ ଅନୁଷ୍ଠାନ ଏଥିପ୍ରତି ଯତ୍ନଶୀଳ ହେବା ଆବଶ୍ୟକ ବୋଲିସ କୁଜଙ୍ଗସ୍ଥିତ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ୩ୟ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ଡ. ଫନୀ ମହାନ୍ତି ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପରିଚାଳନା ପରିଷଦ ଉପସଭାନେତ୍ରୀ ଅଧ୍ୟାପିକା ରୋଜାଲିନ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୂରଦର୍ଶନର ସହ ସମ୍ପାଦକ ମୁରଲୀଧର ସାମଲ ମୁଖ୍ୟବକ୍ତା, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାପ୍ରାପ୍ତ କବି ପୀତାମ୍ବର ତରାଇ, ଅନ୍ତର୍ଜାତୀୟ ଫୁଟ୍‌ବଲ ଖେଳାଳି ସଞ୍ଜୁକ୍ତା ତିର୍କୀ, ଫୁଟ୍‌ବଲ ପ୍ରଶିକ୍ଷିକା ରେଶମା ବେଗମ, ଡ.ଗଙ୍ଗାଧର ସାମନ୍ତରାୟ, ପରିବେଶବିତ୍ ସତ୍ୟାନନ୍ଦ ନାଥ, ବିଦ୍ୟାଳୟର ପ୍ରତିଷ୍ଠାତା ରଘୁନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଞ୍ଜୁକ୍ତାଙ୍କୁ ପ୍ରିୟବନ୍ଧୁ ଟ୍ରଷ୍ଟ ପକ୍ଷରୁ ପ୍ରିୟବନ୍ଧୁ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ଅଜୟ କୁମାର ସ୍ୱାଇଁ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜ୍ଞାନଦା ମହାନ୍ତି, ଇତୁସ୍ମା ପଲାଇ, ପୂର୍ଣ୍ଣିମା ପ୍ରଧାନ ପରିଚାଳନା କରିଥିଲେ। ଚଳିତବର୍ଷଠାରୁ ୧୦୦ ଗରିବ ମେଧାବୀ ଛାତ୍ରଙ୍କୁ ମାଗଣା ଶିକ୍ଷାଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା।



ଜଣେ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

### ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ

**ତିର୍ତ୍ତୋଲ,୩୧।୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ନାଉସୀରା ଆଖଣ୍ଡଳମଣି ମନ୍ଦିର ନିକଟରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ଏଥିରେ ଅଧକ୍ଷତା କରି ଅନୁସୂଚିତ ଜାତି, ଜନଜାତି ଛାତ୍ର ବୃତ୍ତିକୁ କେନ୍ଦ୍ର ସରକାର ବନ୍ଦ କରିଦେଇଥିବାରୁ ତୀବ୍ର ସମାଲୋଚନା କରିଥିଲେ। ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରବୀର ରାୟ, ସନାତନ ଦଳାଇ, ଯୁବ ବିଜେଡି ବ୍ଲକ ସଭାପତି ରଞ୍ଜିତ ଜେନା, ପର୍ଯ୍ୟବେକ୍ଷକ ମନଜିତ ଦାସ, ଛାତ୍ର ବିଜେଡି ନେତା ମାଜୁଦ ଅଲ୍ଲୀ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ସରପଞ୍ଚ ରମେଶ ଚନ୍ଦ୍ର କୁଅଁର, ମନୋରଞ୍ଜନ ମହାପାତ୍ର, ଯୁବନେତା ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବବାହିନୀର ବିଶ୍ୱଜିତ ସ୍ୱାଇଁ, ରାକେଶ ଦାସ, ରବିନାରାୟଣ କର, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ଅମରଜ୍ୟୋତି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେଧା ଅନ୍ୱେଷଣ ପ୍ରତିଯୋଗିତା



ଅତିଥିଙ୍କ ସହ ପୁରସ୍କୃତ କୃତୀ ଛାତ୍ରୀଛାତ୍ର।

**ବିରିଡ଼ି,୩୧।୧(ଡି.ଏନ.ଏ)**

ବିରିଡ଼ି ବ୍ଲକ ବାଗଲପୁର ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଦୋଳମଣ୍ଡପଠାରେ ମେଧା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ସାଧାରଣ ଜ୍ଞାନ, ବକ୍ତୃତା, ଚିତ୍ରାଙ୍କନ, ସହ ମହିଳାମାନଙ୍କ ପାଇଁ ମୁରୁଜ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମର୍ପିତା ଦାସ, ପ୍ରତ୍ୟୁଷା ପରିଡ଼ା, ଶୁଭମ କାନୁନଗୋ, ସାଇସ୍ୱରୂପ ଶତପଥୀ, ସ୍ୱୟଂଜିତା ଶତପଥୀଙ୍କ ସହ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଅଭିଷେକ ସାହୁ, ଯୁବ ସ୍ୱେଚ୍ଛାସେବୀ ଭାବେ ତରୁଣ କୁମାର ଦାସଙ୍କୁ ସ୍ୱାଧୀନତା ସଂଗ୍ରାମୀ ନୃସିଂହଚରଣ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତାରେ ୨୧୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ସଂଗ୍ରାମୀ ଫୋରମର ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ବାଗଲପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କବିତା ଦାସ, ଦର୍ପନାରାୟଣ ଦାସ, ନିକୁଞ୍ଜ ବିହାରୀ ଦାସ ଯୋଗ ଦେଇଥିଲେ। ଯୁବକ ସଂଘ ସଭାପତି ଅଜୟ କୁମାର ଦାସ, ସମ୍ପାଦକ ସୂର୍ଯ୍ୟ ନାରାୟଣ ଦାସ ଓ ଅନ୍ୟ ସଭ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ବିବିଧତା ଓ ଭିନ୍ନତା ସତ୍ତ୍ୱେ ଖ୍ରୀଷ୍ଟିୟାନ ଓ ଇସଲାମ ଧର୍ମାବଲମ୍ବୀ ଭାଇ ଭାଇ । ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କାଳରେ ଦୁଇ ଧର୍ମର ସମ୍ପର୍କକୁ ନେଇ ଇତିହାସର ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ।
- ପୋପ୍ ଫ୍ରାନ୍ସିସ୍, କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ

## ସଂକ୍ଷେପରେ

### ଆମେରିକାରେ ହିନ୍ଦୁ ଦେବତା ମୂର୍ତ୍ତି ବିକୃତ କଲେ

**ୱାଶିଂଟନ,୩୧।୧**-ଆମେରିକାରେ ଧାର୍ମିକ ଭେଦଭାବ ନେଇ 'ଘୃଣା ଅପରାଧ' ଘଟଣାରେ ଏକ ହିନ୍ଦୁ ମନ୍ଦିରକୁ ଟାର୍ଗେଟ୍ କରାଯାଇଛି। କେନ୍‌ଟୁକୀର ଲୁଇସ୍‌ଭିଲ୍ଲେସ୍ଥିତ ସ୍ୱାମୀନାରାୟଣ ମନ୍ଦିରରେ ଦେବତାଙ୍କ



ପ୍ରତିମୂର୍ତ୍ତି ଉପରକୁ କଳାରଙ୍ଗ ସ୍ପ୍ରେ କରି ଦୁର୍ବୃତ୍ତମାନେ ବିକୃତ କରିଛନ୍ତି। ଏଥିସହ ମନ୍ଦିର କାନ୍ଥରେ କାଳି ବୋଳିଛନ୍ତି। ଆତଙ୍କ ସୃଷ୍ଟି କରିବାକୁ ଯାଇ କବାଟ, ଝରକା ଭଙ୍ଗାରୁଜା କରିବା ସହ ମନ୍ଦିର ହଲ୍‌ରେ ଥିବା ଏକ ଚେୟାରରେ ଛୁରିବିଦ୍ଧ କରିଛନ୍ତି। ରବିବାର ରାତି ଏବଂ ମଙ୍ଗଳବାର ସକାଳ ମଧ୍ୟରେ ଏହି ଅଭାବନୀୟ ଘୃଣିତ କାଣ୍ଡ କରାଯାଇଥିବା ଜଣାଯାଇଛି। ଏହା ଭାରତୀୟ ଆମେରିକୀୟଙ୍କ ଭାବାବେଗକୁ ଶକ୍ତ ଝଟ୍‌କା ଦେଇଛି। ଆମେରିକା ସରକାର ଏହି ଘୃଣା ଅପରାଧ ଘଟଣାକୁ ଗମ୍ଭୀରତାର ସହ ନେଇଛି। ଏହାର ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତଙ୍କୁ ଅବିଳମ୍ବେ ଗିରଫ କରାଯିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ହୋଇଛି। ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲୁଇସ୍‌ଭିଲେ ମେୟର ଗ୍ରେଗ୍ ଫିଶର ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି।

### ରାମଗଡ଼ରେ କଂଗ୍ରେସ, ଜିନ୍ଦ୍‌ରେ ଭାଜପା ଜିତିଲା



କ୍ରିଷ୍ଣ ମିଧା   ଶାଫିଆ ଜୁବେର

**ନୂଆଦିଲ୍ଲୀ,୩୧।୧**-ରାଜସ୍ଥାନର ରାମଗଡ଼ ଏବଂ ହରିୟାଣାର ଜିନ୍ଦ୍ ବିଧାନସଭା ଆସନ ଉପନିର୍ବାଚନର ଫଳାଫଳ ବୁଧବାର ପ୍ରକାଶ ପାଇଛି। ରାମଗଡ଼ରେ କଂଗ୍ରେସ ପ୍ରାର୍ଥୀ ଶାଫିଆ ଜୁବେର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁଖ୍ୱନ୍ତ ସିଂଙ୍କଠାରୁ ୧୨ ହଜାର ଅଧିକ ଭୋଟ ପାଇ ବିଜେତା ଘୋଷିତ ହୋଇଛନ୍ତି। ଜିନ୍ଦ୍‌ରେ ଭାଜପା ପ୍ରାର୍ଥୀ କ୍ରିଷ୍ଣ ମିଧାଙ୍କ ବିଜୟ ହୋଇଛି। ଡିସେମ୍ବର ୭ ରାଜସ୍ଥାନ ବିଧାନସଭା ନିର୍ବାଚନ ପୂର୍ବରୁ ରାମଗଡ଼ର ବିଏସ୍‌ପି ଆଶାୟୀ ପ୍ରାର୍ଥୀ ଲକ୍ଷ୍ମଣ ସିଂଙ୍କ ମୃତ୍ୟୁ ଯୋଗୁ ସେଠାରେ ମତଦାନ ପ୍ରକ୍ରିୟା ହୋଇପାରି ନ ଥିଲା। ଅନ୍ୟପଟେ, ବିଧାୟକ ହରି ଚନ୍ଦ୍ର ମିଧାଙ୍କ ପରଲୋକ ଘଟିବା ପରେ ହରିୟାଣାର ଜିନ୍ଦ୍ ବିଧାନସଭା ଉପନିର୍ବାଚନ ଘୋଷଣା କରାଯାଇଥିଲା। ସୋମବାର ଏହି ଦୁଇ ଆସନ ପାଇଁ ଭୋଟିଂ ହୋଇଥିଲା। ଜିନ୍ଦ୍‌ରେ ଜନନାୟକ ଜନତା ପାର୍ଟି (ଜେଜେପି)ର ଦିଗ୍‌ବିଜୟ ସୂର୍ଯେବାଲା ଓ କଂଗ୍ରେସର ରଣଦୀପ ସୂର୍ଯେବାଲାଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ମିଧା ଦିଗ୍‌ବିଜୟ ଏବଂ ରଣଦୀପଙ୍କୁ ୧୨ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ହରାଇଛନ୍ତି। ରାମଗଡ଼ ଆସନ ପାଇଁ ୨୦ ଆଶାୟୀ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ଆସନ କବ୍‌ଜା କରିବା ପରେ ରାଜସ୍ଥାନ ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୧୦୦ରେ ପହଞ୍ଚିଛି।

### ଇତିହାସର ଆଇନାରେ

### ଫେବୃୟାରୀ ୧ର ପ୍ରମୁଖ ଘଟଣା

୧୮୩୫ ଫେବୃୟାରୀ ୧ରେ ମରିସସ୍‌ରେ କ୍ରୀତଦାସ ପ୍ରଥାର ବିଲୋପ ଘଟିଥିଲା। ମରିସସ୍ ସରକାରୀ ଭାବେ ରିପବ୍ଲିକ୍ ଅଫ୍ ମରିସସ୍ ଭାବରେ ନାମିତ। ଏହା ଭାରତ ମହାସାଗରର ଏକ ଦ୍ୱୀପରାଷ୍ଟ୍ର। ମରିସସ୍‌ର ମୁଖ୍ୟ ଦ୍ୱୀପ ଆଫ୍ରିକା ମହାଦେଶର ଦକ୍ଷିଣ-ପୂର୍ବ ଉପକୂଳଠାରୁ ପାଖାପାଖି ୨,୦୦୦ କିଲୋମିଟର ଦୂରରେ ଅବସ୍ଥିତ। ରଡ୍ରିଗୁଏଜ୍, ଆଗାଲେଗା ଏବଂ ସେଣ୍ଟ ବ୍ରାଣ୍ଡନ୍ ଦ୍ୱୀପକୁ ନେଇ ମରିସସ୍ ରିପବ୍ଲିକ୍ ଗଠିତ।

୧୯୪୬ ଫେବୃୟାରୀ ୧ରେ ହଙ୍ଗେରୀରେ ରାଜତନ୍ତ୍ରର ବିଲୋପ ଘଟି ହଙ୍ଗେରୀ ସାଧାରଣତନ୍ତ୍ର ଘୋଷିତ ହୋଇଥିଲା। ୧୯୪୯ ଅଗଷ୍ଟ ୨୦ରେ ମଧ ହଙ୍ଗେରୀ ରିପବ୍ଲିକ୍‌କୁ ଭାଙ୍ଗିଦିଆଯାଇ ଏହା ବଦଳରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ହଙ୍ଗେରୀ ପ୍ରତିଷ୍ଠା କରାଗଲା।

## ■ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ

# ନୂଆ ଆଶା ସଞ୍ଚାର କରିଛି 'ନ୍ୟୁ ଇଣ୍ଡିଆ'

**ନୂଆଦିଲ୍ଲୀ,୩୧।୧(ପି.ଟି.)**



୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଭାରତ ଅନିଶ୍ଚିତତା ଦେଇ ଗତି କରୁଥିଲା। ନରେନ୍ଦ୍ର ମୋଦି ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ 'ନ୍ୟୁ ଇଣ୍ଡିଆ' ବା 'ନୂଆ ଭାରତ' ଗଢ଼ିବା ପାଇଁ ସଂକଳ୍ପ ନେଲେ। ଏହା ଜନସାଧାରଣଙ୍କଠାରେ ନୂଆ ଆଶା ସଞ୍ଚାର କରିବା ସହ ବିଶ୍ୱାସ ଜନ୍ମାଇଛି। ସରକାରଙ୍କ ସାଢ଼େ ୪ ବର୍ଷର କାର୍ଯ୍ୟ ଦେଶରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣିବା ସହ ବିଦେଶରେ ଭାରତର ଛବିକୁ ଉଜ୍ଜ୍ୱଳ କରିଛି ବୋଲି ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି।

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଗୁରୁବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଉଭୟ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରି ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ଗୁଣଗାନ କରିଛନ୍ତି। ଆସନ୍ତା ଏପ୍ରିଲ-ମେ'ରେ ଲୋକ ସଭା ନିର୍ବାଚନ ଥିବାରୁ ମୋଦି ସରକାରଙ୍କ ରିପୋର୍ଟ କାର୍ଡ ଉପସ୍ଥାପନ କରି ରାଷ୍ଟ୍ରପତି କହିଛନ୍ତି, ସରକାର ସବୁ ବର୍ଗର ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ପାଇଁ କାମ କରୁଛନ୍ତି। ମୁସଲମାନ ମହିଳାମାନେ ଯେପରି ନିର୍ଭୟରେ ଜୀବନ ବିତାଇବେ ସେଥିପାଇଁ ସେମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ତିନି ତଲାକ୍ ନିରୋଧୀ ବିଲ୍ ଗୃହୀତ କରାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନାରେ ୨୧ କୋଟି ଗରିବ ଲୋକଙ୍କୁ ସାମିଲ କରାଯାଇଥିବାବେଳେ ସୌଭାଗ୍ୟ ଯୋଜନାରେ ୨ କୋଟିରୁ ଉର୍ଦ୍ଧ୍ୱ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ୯ କୋଟି ଶୌଚାଳୟ ନିର୍ମାଣ କରାଯାଇଛି। ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଭିତ୍ତିଭୂମିର ବିକାଶ ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ଅସ୍ୱଚ୍ଛଳ ସାଧାରଣ ବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୧୦% ସଂରକ୍ଷଣ ଦେଇ ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। କୃଷକଙ୍କ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ସରକାର କାର୍ଯ୍ୟରତ। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ଇତିମଧ୍ୟରେ ସରକାର ୨୨ଟି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦେଢ଼ଗୁଣା ବୃଦ୍ଧି ପାଇଁ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। କେହି ଯେପରି ବାସହୀନ ନ ରହିବେ ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏସ୍‌ୱାଇ) ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାରେ ସାଢ଼େ ୪ ବର୍ଷରେ ୧.୩ କୋଟି ବାସଗୃହ ନିର୍ମାଣ କରାଯାଇଛି। ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଭାରତର ଅଂଶ ୨୦୧୭ରେ ୩.୩%କୁ ବୃଦ୍ଧି ପାଇଛି, ଯାହାକି ୨୦୧୪ରେ ୨.୬% ଥିଲା। ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ଦେଶର ପ୍ରଥମ ମାନବ ମହାକାଶ ପ୍ରକଳ୍ପ 'ମିଶନ ଗଗନୟାନ' ପାଇଁ ଅକ୍ଳାନ୍ତ ଉଦ୍ୟମ ଚଳାଇଥିବାରୁ ସେମାନେ ପ୍ରଶଂସାର ପାତ୍ର। ବାୟୁସେନାର ଯୁଦ୍ଧ କ୍ଷମତା ବୃଦ୍ଧିକରିବା ଲାଗି ଏଥିରେ ଖୁବ୍‌ଶୀଘ୍ର ରାଫାଲ ଯୁଦ୍ଧବିମାନକୁ ସାମିଲ କରାଯିବ।

### ରାଷ୍ଟ୍ରପତିଙ୍କ ଅଭିଭାଷଣର ମୁଖ୍ୟାଂଶ

- ସରକାର ସବୁ ବର୍ଗର ଲୋକଙ୍କ ଆଶା ପୂରଣ ପାଇଁ କାମ କରୁଛନ୍ତି
- ସୌଭାଗ୍ୟ ଯୋଜନାରେ ୨ କୋଟି ପରିବାରକୁ ବିଦ୍ୟୁତ୍ ସଂଯୋଗ
- ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନାରେ ୨୧ କୋଟି ଗରିବ ସାମିଲ
- ସ୍ୱଚ୍ଛ ଭାରତ ଅଭିଯାନରେ ୯ କୋଟି ଶୌଚାଳୟ ନିର୍ମାଣ କରାଯାଇଛି

## ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ସରକାର

**ନୂଆଦିଲ୍ଲୀ,୩୧।୧(ପି.ଟି.)**

ବଜେଟ ଅଧିବେଶନ ସୁରୁଖୁରୁରେ ଚଳାଇବା ପାଇଁ କେନ୍ଦ୍ର ସରକାର ଗୁରୁବାର ସର୍ବଦଳୀୟ ବୈଠକରେ ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି। ବିରୋଧୀ ଉଠାଇବାକୁ ଥିବା ପ୍ରସଙ୍ଗଗୁଡ଼ିକୁ ଉପଯୁକ୍ତ ଗୁରୁତ୍ୱ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି, ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ବଜେଟ ଅଧିବେଶନ ଆରମ୍ଭ ହୋଇଛି। ସର୍ବଦଳୀୟ ବୈଠକରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ, ଟିଏମ୍‌ସିର ଡେରେକ୍ ଓ' ବ୍ରାଏନ୍, ଆର୍‌ଜେଡିର ମିସା ଭାରତୀ, ଡିଏମ୍‌କେର କାନିମୋଝି, ଏନ୍‌ସିପିର ସୁପ୍ରିୟା ସୁଲେ ଏବଂ ସିପିଆଇର ଡି. ରାଜା ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପିମାନେ ଲୋକଙ୍କ ଭାବାବେଗକୁ ହୃଦୟଙ୍ଗମ କରି ଅଧିବେଶନକୁ ସଫଳ କରିବା ଲାଗି ଫଳପ୍ରଦ ବିତର୍କରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ।



ବଜେଟ ଅଧିବେଶନ ପୂର୍ବରୁ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



ଲୋକ ସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଭଳି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଭିଭାଷଣ ଦେଇଛନ୍ତି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗର୍ବିତ କରିବ।
- ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା

## ■ ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ମାମଲା

# ଦୁବାଇରୁ ସାକ୍ସେନା, ତଲୱାର ପ୍ରତ୍ୟର୍ପିତ

**ନୂଆଦିଲ୍ଲୀ,୩୧।୧(ପି.ଟି.)**



ଦୀପକ ତଲୱାର   ରାଜୀବ ସାକ୍ସେନା

ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ସମ୍ପୃକ୍ତ ଦୁବାଇ ବ୍ୟବସାୟୀ ରାଜୀବ ଶମଶେର ବାହାଦୁର ସାକ୍ସେନା ଏବଂ କର୍ପୋରେଟ ଆଭିଏଶନ ଲବିଷ୍ଟ ଦୀପକ ତଲୱାରଙ୍କୁ ୟୁଏଇ କର୍ତ୍ତୃପକ୍ଷ ଭାରତକୁ ପ୍ରତ୍ୟର୍ପଣ କରିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସେମାନଙ୍କୁ ଗିରଫ କରିଛି। ୩୬୦୦ କୋଟି ଟଙ୍କା ଭିଭିଆଇପି ହେଲିକପ୍ଟର ମନି ଲଣ୍ଡରିଂ ମାମଲାରେ ସାକ୍ସେନା ଓ ତଲୱାର ସମ୍ପୃକ୍ତ। ସେମାନଙ୍କୁ ବୁଧବାର ବିଳମ୍ବିତ ରାତିରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଅଣାଯାଇଥିଲା। ଗୁରୁବାର ଇଡି ସାକ୍ସେନାଙ୍କୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ହାଜର କରାଇବା ପରେ ୪ ଦିନ ରିମାଣ୍ଡରେ ନେଇଛି। ଅଗୁଷ୍ଟା ଡିଲ ଲାଞ୍ଚ କାରବାରକୁ ଜାଲ୍ କାଗଜପତ୍ର ମାଧ୍ୟମରେ ସାକ୍ସେନା ସ୍ୱଚ୍ଛ କରିବାକୁ ଉଦ୍ୟମ କରିଥିଲେ ବୋଲି ଇଡି ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି। ଏହି ଲାଞ୍ଚ ଟଙ୍କା ସାକ୍ସେନା ଏବଂ ଗୌତମ ଖୈତାନଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଥିବା କମ୍ପାନୀକୁ ଆସିଥିଲା। ଖୈତାନ ଏବେ ଇଡି ହାଜତରେ ରହିଛନ୍ତି। ଇଡି ତଲୱାରଙ୍କୁ ସ୍ୱତନ୍ତ୍ର ବିଚାରପତି ଏସ.ଏସ. ମାନ୍‌ଙ୍କ କୋର୍ଟରେ ହାଜର କରାଇ ୧୪ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଛି। ତାଙ୍କ ବିରୋଧରେ ୯୦.୭୨ କୋଟି ଟଙ୍କାର ବିଦେଶୀ ପାଣ୍ଠି ହେରଫେର, ଜାଲିଆତି ଏବଂ ଅପରାଧ ଷଡଯନ୍ତ୍ର ଅଭିଯୋଗରେ ଚାର୍ଜଶିଟ୍ କରାଯାଇଥିଲା। ଦୁର୍ନୀତି ମାମଲାରେ ଇଡି ଏବଂ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ଆୟକର ବିଭାଗ ପକ୍ଷରୁ ଟିକସ ଫାଙ୍କି ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଅଗୁଷ୍ଟା ମାମଲାର ମଧ୍ୟସ୍ଥ ତଥା ଅନ୍ୟତମ ଅଭିଯୁକ୍ତ ଖ୍ରୀଷ୍ଟିଆନ ଜେମ୍ସ ମିଶେଲ୍‌ଙ୍କୁ ଦୁବାଇ ଗତ ଡିସେମ୍ବରରେ ଭାରତକୁ ପ୍ରତ୍ୟର୍ପଣ କରିଥିଲା।

## ■ ଭିଜା ଜାଲିଆତି ମାମଲା

# ଆମେରିକାରେ ୮ ଭାରତୀୟ ଗିରଫ

**ୱାଶିଂଟନ,୩୧।୧(ପି.ଟି.)**

### ୬୦୦ ଛାତ୍ର ଅଟକ

ଆମେରିକାରେ ଭିଜା ଜାଲିଆତି ଅଭିଯୋଗରେ ୮ ଭାରତୀୟଙ୍କୁ ଇମିଗ୍ରେଶନ୍ ଏବଂ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ବିଭାଗ (ଆଇସିଇ) ଗିରଫ କରିଛି। ଏମାନେ ଶହ ଶହ ବିଦେଶୀଙ୍କୁ ଛାତ୍ର ଭାବେ ଆମେରିକାରେ ରହିବା ଲାଗି ଜାଲ୍ କାଗଜପତ୍ର ଯୋଗାଇଦେଉଥିଲେ। ଗିରଫ ବ୍ୟକ୍ତିମାନେ ହେଲେ ବାରାଥ କାକିରେଡ୍ଡୀ, ସୁରେଶ କାଣ୍ଡଲା, ଫଣିଦୀପ କର୍ନାଟି, ପ୍ରେମ ରାମପୀସା, ସନ୍ତୋଷ ସାମା, ଅବିନାଶ ଥକାଲ୍ଲାପାଲ୍ଲୀ, ଅଶ୍ୱନ୍ଥ ନୁନେ ଏବଂ ନବୀନ ପ୍ରଥିପତି। ୬ ଜଣଙ୍କୁ ଡେଟ୍ରୋଏଟରୁ ଏବଂ ଦୁଇଜଣଙ୍କୁ ଭର୍ଜିନିଆ ଓ ଫ୍ଲୋରିଡାରୁ ଗିରଫ କରାଯାଇଛି। ଆମେରିକାର ଏକ ତଦନ୍ତକାରୀ ସଂସ୍ଥାର ରିପୋର୍ଟ ଅନୁଯାୟୀ ଅଭିଯୁକ୍ତମାନେ ୨୦୧୭ ଫେବୃୟାରୀରୁ ୨୦୧୯ ଜାନୁୟାରୀ ମଧ୍ୟରେ ଜାଲିଆତି କରି ଶହ ଶହ ବିଦେଶୀଙ୍କୁ ବେଆଇନ ଭାବେ ଆମେରିକାରେ ରହିବା ଏବଂ କାମ କରିବା ଲାଗି ଡେଟ୍ରୋଏଟ ପ୍ରାଇଭେଟ ଫାର୍ମିଙ୍ଗଟନ୍ ୟୁନିଭର୍ସିଟିରେ ପଞ୍ଜୀକୃତ କରାଉଥିଲେ। ମିଶିଗାନ୍‌ରେ ଥିବା ଏହି ଜାଲ୍ ୟୁନିଭର୍ସିଟି କେବଳ ୱେବ୍‌ସାଇଟରେ ଚାଲିଥିଲା, ଯାହା ବିଜ୍ଞାନ ଓ ବ୍ୟବସାୟ ପ୍ରଶାସନ ପାଠ୍ୟକ୍ରମ ଉପରେ ଶିକ୍ଷା ଦେଉଥିଲା ଏବଂ ପ୍ରତି ତିନିମାସରେ ୨୦୦୦ରୁ ୨୫୦୦ ଡଲାର ଟ୍ୟୁଶନ୍ ଫି ନେଉଥିଲା। ଏହି 'ପେ ଟୁ ଷ୍ଟେ' ଭିଜା ର୍ୟାକେଟ୍‌ର ପର୍ଦ୍ଦାଫାସ୍ ହେବା ପରେ ଏବେ ଇମିଗ୍ରେଶନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୬୦୦ ଭାରତୀୟ ଛାତ୍ରଙ୍କୁ ଅଟକ ରଖାଯାଇଛି। ସେମାନଙ୍କୁ ଭାରତ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି।

## ଫୁର୍‌ସତ

## ମା' ହେଲେ ଏକ୍ତା କପୁର




**ମୁମ୍ବାଇ:** ପ୍ରଯୋଜିକା ଏକ୍ତା କପୁର ସରୋଗେସି ମାଧ୍ୟମରେ ଲାଭକରିଥିବା ପ୍ରଥମ ପୁତ୍ର ସନ୍ତାନକୁ ସ୍ୱାଗତ କରିଛନ୍ତି। ନିମ୍‌ରତ୍ କୌର ଏବଂ ହଂସଲ ମେହେଟାଙ୍କ ଭଳି ବଲିଉଡ୍ ସେଲିବ୍ରିଟି ଏକ୍ତାଙ୍କ ମାତୃତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ମୁମ୍ବାଇ ମିରର୍ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଜାନୁୟାରୀ ୨୭ରେ ଏକ୍ତା ମା' ହୋଇଛନ୍ତି। ଗୁରୁବାର ଏହି ଖବର ପ୍ରଚାରିତ ହେବା ମାତ୍ରେ ସେଲିବ୍ରିଟି ଓ ପ୍ରଶଂସକମାନେ ଟୁଇଟର ମାଧ୍ୟମରେ ଏକ୍ତାଙ୍କ ଜୀବନର ନୂଆ ଅଧ୍ୟାୟ ଲାଗି ଶୁଭେଚ୍ଛା ଜଣାଇଛନ୍ତି। ଫିଲ୍ମ ନିର୍ମାତା ହଂସଲ ମେହେଟା ଟୁଇଟ୍ କରି ଜଣାଇଛନ୍ତି, ପ୍ରିୟତମ ଏକ୍ତା, ତୁମକୁ ବହୁତ ଭଲପାଇବା ଏବଂ ଅନେକ ଅଭିନନ୍ଦନ ଜଣାଉଛି। ତୁମ ମାତୃତ୍ୱକୁ ସ୍ୱାଗତ କରୁଛି ଏବଂ ସେଥିପାଇଁ ଆନନ୍ଦ ପ୍ରକାଶ କରୁଛି।

## ପଙ୍ଗ୍ ୱେଟ୍‌ଲ୍ୟାଣ୍ଡରେ ୧୦୦ ପ୍ରଜାତି ପକ୍ଷୀ

**ଶିମ୍‌ଲା:** ହିମାଚଳ ପ୍ରଦେଶର ପଙ୍ଗ୍ ଡ୍ୟାମ୍ ୱେଟଲ୍ୟାଣ୍ଡ୍‌ରେ ୧୦୦ ପ୍ରଜାତିର ହଜାର ହଜାର ପକ୍ଷୀଙ୍କ ସମାବେଶ ଦେଖିବାକୁ ମିଳୁଛି। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧିପାଇଥିବା ହିମାଚଳ ପ୍ରଦେଶ ୱାଇଲ୍ଡଲାଇଫ୍ ୱିଙ୍ଗ୍ ପକ୍ଷରୁ ସୂଚନା ମିଳିଛି। ତନ୍ମଧ୍ୟରେ ସବୁଠୁ ଅଧିକ ସଂଖ୍ୟାରେ ଅଛନ୍ତି ବାର୍-ହେଡେଡ୍ ଗିଜ୍। ଏହା ଏକ ବିରଳ ପ୍ରଜାତିର ଶୀତକାଳୀନ ବିଦେଶୀ ପକ୍ଷୀ। ଦୁଇଦିନିଆ ପକ୍ଷୀଗଣନା କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଥିବା ବେଳେ ଏଠିକାର ପକ୍ଷୀ ସଂଖ୍ୟା ୧୧୫,୨୨୯ ବୋଲି ରେକର୍ଡ କରାଯାଇଛି। ପଙ୍ଗ୍ ଡ୍ୟାମ୍ ୱେଟ୍‌ଲ୍ୟାଣ୍ଡ ହେଉଛି ଉତ୍ତର ଭାରତର ସର୍ବବୃହତ୍ ମାନବ ତିଆରି ୱେଟ୍‌ଲ୍ୟାଣ୍ଡ ମଧ୍ୟରୁ ଅନ୍ୟତମ। ପକ୍ଷୀଗୁଡିକ ମଧ୍ୟରେ ୫୮ ପ୍ରଜାତିର ୧୦୪,୨୩୦ ବିଦେଶୀ ୱାଟର ଫାଉଲ୍, ୨୯ ପ୍ରଜାତିର ୧୦,୨୩୧ ଦେଶୀୟ ପକ୍ଷୀ ଏବଂ ସ୍ଥାନୀୟ ୧୬ ପ୍ରଜାତିର ୭୬୮ ପକ୍ଷୀ ଅଛନ୍ତି। ମୁଖ୍ୟ ପକ୍ଷୀ ପ୍ରଜାତି ମଧ୍ୟରେ ଗ୍ରେଟ କ୍ରିଷ୍ଟେଡ ଗ୍ରେବେ, ଗ୍ରେଲ୍ୟାଗ୍ ଗୁଜ୍, ରେଡ୍ କ୍ରେଷ୍ଟେଡ ପୋଚାର୍ଡ, ଫେରୁଜିନସ୍ ପୋଚାର୍ଡ, କମନ୍ ମେର୍ଗାନସର, ୟୁରେସିଆନ୍ ସ୍ପୁନ୍‌ବିଲ୍, କର୍ଲ୍ୟୁ ସ୍ୟାଣ୍ଡ୍‌ପାଇପର୍ସ ଏବଂ ଲଙ୍ଗ୍ ବିଲ୍‌ଡ ପିପିଟ୍ସ।

ପଙ୍ଗ୍ ୱେଟ୍‌ଲ୍ୟାଣ୍ଡ ୧୮ ହଜାର ହେକ୍ଟର ଅଞ୍ଚଳକୁ ନେଇ ଗଠିତ। ମୌସୁମୀ ଋତୁରେ ପାଖାପାଖି ୩୦,୦୦୦ ହେକ୍ଟର ପର୍ଯ୍ୟନ୍ତ ସମ୍ପ୍ରସାରିତ ଅଞ୍ଚଳରେ ପକ୍ଷୀ ସମାଗମ ହେଉଥିବା ଲକ୍ଷ୍ୟ କରାଯାଏ।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୭ | ୯.୪ |
| ଚାନ୍ଦବାଲି | ୨୬.୦ | ୧୧.୩ |
| କଟକ | ୨୭.୬ | ୧୦.୨ |
| ପାରାଦ୍ୱୀପ | ୨୫.୫ | ୧୩.୦ |
| ଭୁବନେଶ୍ୱର | ୨୮.୭ | ୧୦.୪ |
| ଗୋପାଳପୁର | ୨୭.୨ | ୧୩.୭ |
| ପୁରୀ | ୨୬.୨ | ୧୩.୪ |
| ଅନୁଗୋଳ | ୨୮.୭ | ୬.୦ |
| ବାରିପଦା | ୨୫.୨ | ୯.୦ |
| ଝାରସୁଗୁଡ଼ା | ୨୭.୧ | ୮.୧ |
| କେନ୍ଦୁଝର | ୨୫.୦ | ୭.୮ |
| ସମ୍ବଲପୁର | ୨୮.୮ | ୮.୫ |
| ସୁନ୍ଦରଗଡ଼ | ୨୭.୦ | ୧୧.୦ |
| ହୀରାକୁଦ | ୨୬.୩ | ୧୦.୪ |
| ତାଳଚେର | ୩୧.୧ | ୯.୫ |
| ଭବାନୀପାଟଣା | ୨୯.୦ | ୮.୦ |
| ବଲାଙ୍ଗୀର | ୨୮.୦ | ୭.୪ |
| କୋରାପୁଟ | ୨୬.୦ | ୮.୬ |
| ଫୁଲବାଣୀ | --- | ୬.୮ |
| ଟିଟିଲାଗଡ଼ | --- | ୭.୫ |
| ମାଲକାନଗିରି | ୩୦.୮ | ୯.୦ |
| ସୋନପୁର | ୨୭.୦ | ୬.୨ |
| ଦାରିଙ୍ଗିବାଡ଼ି | ୨୫.୦ | ୬.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ମାମି'ର ଅଧ୍ୟକ୍ଷା ହେଲେ ଦୀପିକା

**ମୁମ୍ବାଇ:** ଅଭିନେତ୍ରୀ ଦୀପିକା ପାଦୁକୋନ୍ ମୁମ୍ବାଇ ଏକାଡେମୀ ଅଫ୍ ମୁଭିଂ ଇମେଜ୍ (ଏମ୍‌ଏମ୍‌ଆଇ)ର ଅଧ୍ୟକ୍ଷା ପଦ ଅଳଙ୍କୃତ କରିଛନ୍ତି। ତାଙ୍କ ପୂର୍ବରୁ ଏହି ପଦରେ ଆସୀନ ଥିଲେ ପ୍ରଯୋଜିକା କିରନ୍ ରାଓ। ଉକ୍ତ ଅନୁଷ୍ଠାନ ବଲିଉଡ୍ ଷ୍ଟାରଙ୍କୁ ନେଇ ମୁମ୍ବାଇ ଫିଲ୍ମ ଫେଷ୍ଟିଭାଲ୍ ଆୟୋଜନ କରେ। କିରନ୍ ରାଓ ଏକ ଫିଲ୍ମ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେଉଥିବାରୁ ଏହି ପଦବୀ ଛାଡିବା ପାଇଁ ନିଷ୍ପତ୍ତି ନେଇଥିଲେ। ଉକ୍ତ ପଦବୀ ଲାଗି ଅନେକଙ୍କ ନାଁ ସମ୍ମୁଖକୁ ଆସିଥିଲା। ତେବେ ଦୀପିକା ପାଦୁକୋନ୍ ଏଥିପାଇଁ ଯୋଗ୍ୟ ବୋଲି ପ୍ରତ୍ୟେକେ ଅନୁଭବ କରିଥିଲେ। ସେ ମଧ୍ୟ ଜଣେ ଚମତ୍କାର କଳାକାର। ଏଥିସହିତ ସେ ଜଣେ ପ୍ରଯୋଜିକା। ମୁମ୍ବାଇ ଫିଲ୍ମ ଫେଷ୍ଟିଭାଲ ନିର୍ଦ୍ଦେଶକ ଅନୁପମା ଚୋପ୍ରା କହନ୍ତି, ସେ ମାମିର ଜଣେ ସଦସ୍ୟା। ବୋର୍ଡରେ କିଛିବର୍ଷ ହେଲା ରହିବା ସହିତ ସେ ଖୁବ୍ ସାହାଯ୍ୟକାରୀ। ତେଣୁ ତାଙ୍କୁ ଏହି ପଦବୀ ଲାଗି ଅନୁରୋଧ କରିବାରୁ ସେ ସମ୍ମତି ପ୍ରକାଶ କରିଥିଲେ। ଏକ ଅଣଲାଭକାରୀ ଅନୁଷ୍ଠାନ ମାମି ବୋର୍ଡ ସଦସ୍ୟଙ୍କ ଦ୍ୱାରା ଦୀପିକାଙ୍କୁ ଚୟନ କରାଯାଇଛି। ୧୯୯୭ରେ ଏହା ପ୍ରତିଷ୍ଠା କରାଯାଇଥିଲା। ଏହି ବୋର୍ଡର ସଦସ୍ୟ ଅଛନ୍ତି ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ରଏ କପୁର, ରୋହନ ସିପି, ଜୋୟା ଅଖ୍ତର, କିରନ ରାଓ, ବିକ୍ରମାଦିତ୍ୟ ମତ୍‌ୱାନେ। 'ପଦ୍ମାବତ୍'ର ମୁଖ୍ୟ ଅଭିନେତ୍ରୀ ଦୀପିକା ମେଘ୍‌ନା ଗୁଲ୍‌ଜାରଙ୍କ ଆଗାମୀ ଫିଲ୍ମ 'ଛପକ୍'ରେ ଏସିଡ ଆକ୍ରମଣରୁ ବର୍ତ୍ତିଯାଇଥିବା ଲକ୍ଷ୍ମୀ ଅଗ୍ରୱାଲ ଭୂମିକାରେ ଅଭିନୟ କରିଛନ୍ତି। ସେ ପ୍ରଥମ କରି ଉକ୍ତ ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି।




ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

### ନୟାଗଡ଼ ଅସ୍ତ୍ରାଗାର ଲୁଟ୍ ମାମଲା
## ସବ୍ୟସାଚୀଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ, ୩୧।୧:** ୨୦୦୮ ମସିହା ନୟାଗଡ଼ ଅସ୍ତ୍ରାଗାର ଲୁଟ୍ ଘଟଣା ସହିତ ଅନ୍ୟ କେତେକ ମାମଲାରେ ଛନ୍ଦି ହୋଇପଡ଼ିଥିବା ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ଜାମିନ ଆବେଦନକୁ ଗୁରୁବାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ପଣ୍ଡାଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ରହିଥିବାରୁ ଶୁଣାଣି ବେଳେ ତାଙ୍କ ଜାମିନ ନାମଞ୍ଜୁର ହୋଇଯାଇଛି। ନୟାଗଡ଼ ଅସ୍ତ୍ରାଗାର ଲୁଟ୍ ସହିତ ପଣ୍ଡାଙ୍କ ବିରୋଧରେ ଥିବା ମୋଟ ୯ଟି ମାମଲାର ବିଚାର ନିମ୍ନ ଅଦାଲତରେ ଚାଲିଛି। ତେଣୁ ଏହି ପ୍ରକ୍ରିୟାକୁ ନିମ୍ନ ଅଦାଲତରେ ତ୍ୱରିତ କରିବା ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି।

## ଚମ୍ପୁଆ ବିଧାୟକ, ସହଯୋଗୀଙ୍କୁ ଆଗୁଆ ଜାମିନ

**କଟକ ଅଫିସ, ୩୧।୧:** କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନମଣ୍ଡଳୀର ବିଧାୟକ ସନାତନ ମହାକୁଡ଼ ଓ ତାଙ୍କର ୩୦ ସହଯୋଗୀଙ୍କୁ ହାଇକୋର୍ଟ ଆଗୁଆ ଜାମିନ ମଞ୍ଜୁର କରିଛନ୍ତି। ଏକ ଖଣି କମ୍ପାନୀ କାର୍ଯ୍ୟାଳୟରେ ଥିବା ମେଶିନକୁ ନିଆଁ ଲଗାଇଦେବା ଅଭିଯୋଗରେ ବିଧାୟକଙ୍କ ସମେତ ସହଯୋଗୀଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପୋଲିସ ଗିରଫଦାରିରୁ ବର୍ତ୍ତିବା ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡ୍‌ଭୋକେଟ ହିମାଂଶୁ ଶେଖର ମିଶ୍ର ମାମଲା ପରିଚାଳନା କରୁଥିଲେ।

## ମନ୍ତ୍ରୀସ୍ତରୀୟ କମିଟି ଗଠିତ

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ବିଭିନ୍ନ ସଂଘ ଓ ସଂସ୍ଥାଗୁଡିକ ସମସ୍ୟା ସମ୍ପର୍କିତ ଆଲୋଚନା ଏବଂ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଗୁରୁବାର ଏହି ସୂଚନା ଗଣମାଧ୍ୟମକୁ ପ୍ରଦାନ କରାଯାଇଛି। ଏହି କମିଟିରେ ଅର୍ଥ ମନ୍ତ୍ରୀ, ଅବକାରୀ ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏବଂ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ସଦସ୍ୟ ଭାବେ କାର୍ଯ୍ୟ କରିବେ।

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା
# ପୋଲିସ ଚୁପ୍, ସରକାର ବି ଚୁପ୍

**କଟକ ଅଫିସ, ୩୧।୧**

■ ମୁଣ୍ଡ ଖେଳାଉନି କ୍ରାଇମବ୍ରାଞ୍ଚ
■ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ପରୀକ୍ଷାର୍ଥୀ
■ ଉଚ୍ଚ ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ

ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାକୁ ୧୫ ଦିନ ବିତିଲାଣି। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରାଯାଇଥିଲା। ତଦନ୍ତରେ ପୋଲିସକୁ ସମସ୍ତ ସହଯୋଗ ଯୋଗାଇଦେବାକୁ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଥିଲେ। ହେଲେ ପୋଲିସ କେବଳ ମାମଲା ରୁଜୁ କରି ହାତବନ୍ଦି ବସିଥିବାରୁ ଏହାର ତଦନ୍ତକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ସମ୍ବେଦନଶୀଳ ମାମଲାକୁ ପୋଲିସ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଯୋଜନା ହୋଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ବୁଦ୍ଧିଜୀବୀ ଓ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତଦନ୍ତ ନାଁରେ ପୋଲିସ ଓ କ୍ରାଇମବ୍ରାଞ୍ଚ ନାଟକ କରୁଥିବା ଅଭିଯୋଗ ହେଉଛି।

ଜାନୁୟାରୀ ୧୬ ତାରିଖରେ ଓଟିଇଟି ପରୀକ୍ଷା ଥିଲା। ଏଥିପାଇଁ ପୂର୍ବରୁ ବୋର୍ଡ ପକ୍ଷରୁ ୨୫୧ଟି ସେଣ୍ଟରକୁ ପ୍ରଶ୍ନପତ୍ର ପଠାଇ ଦିଆଯାଇଥିଲା। ପେପର-୧ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ତୁରନ୍ତ ଯାଞ୍ଚ ପରେ ଦୁଇ ପ୍ରଶ୍ନପତ୍ର ମେଳ ଖାଇବାରୁ ପରୀକ୍ଷାକୁ ବାତିଲ କରିଆଯାଇଥିଲା। ୧୮ ତାରିଖରେ କ୍ରାଇମବ୍ରାଞ୍ଚ ଏଡିଜି ଉପାଧ୍ୟାୟ ଏହି ଘଟଣାର ତଦନ୍ତ କ୍ଷେତ୍ରରେ ପୋଲିସକୁ ଟେକ୍ନୋଲୋଜି ସହିତ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ବୋର୍ଡ ସଭାପତି ଡ. ଜାହାନ ଆରା ବେଗମ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୫/୧୯) ରୁଜୁ କରିଥିଲେ ମଧ୍ୟ ପ୍ରଶ୍ନପତ୍ର ଲିକ୍‌ର ଟିକିଏ ବି ସୁରାକ ପାଇବାରେ ବିଫଳ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବହୁ ଛୋଟ ମାମଲାକୁ କ୍ରାଇମବ୍ରାଞ୍ଚ ଗୁରୁତ୍ୱର ସହ ନେଇ ନିଜ ଆଡ଼ୁ ତଦନ୍ତ କରିଥିବା ନଜିର ରହିଛି। ହେଲେ ପ୍ରଶ୍ନପତ୍ର ଲିକ୍ ଭଳି ବଡ଼ ଘଟଣାରେ କ୍ରାଇମବ୍ରାଞ୍ଚ ନିଜେ ତଦନ୍ତ ନ କରିବା ଓ ପୋଲିସ ଚୁପ୍ ବସିବା ନିଶ୍ଚିତ ଦୁଃଖର ବିଷୟ ହୋଇ ଓଟିଇଟି ପରୀକ୍ଷାର୍ଥୀମାନେ କହିଛନ୍ତି। ପରୀକ୍ଷାର୍ଥୀ ଅମୂଲ୍ୟ ସାହୁ କୁହନ୍ତି, ପ୍ରଶ୍ନପତ୍ର ଲିକ୍ ଘଟଣାରେ ରାଜ୍ୟ ସରକାରଙ୍କ ଉପରିସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ତେଣୁ ଉଭୟ ପୋଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ ବାହାନାରେ ସମୟ ଗଡ଼ାଇ ଘଟଣାକୁ ଚାପିଦେବାକୁ ବସିଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି। ଯଦି ପୋଲିସ ଚୁପ୍ ବସୁଛି, ତେବେ ରାଜ୍ୟ ସରକାର, ଶିକ୍ଷା ବିଭାଗ ଓ ମନ୍ତ୍ରୀ କାହିଁକି ନୀରବ ରହୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏନେଇ ଡିସିପି ଅଖିଳେଶ୍ୱର ସିଂ କୁହନ୍ତି, ଆମେ ତଦନ୍ତ ଚଳାଇଛୁ। ଏପର୍ଯ୍ୟନ୍ତ କିଛି ବି ସୁରାକ ମିଳିପାରୁନି। ଏହା ଏକ ବଡ଼ ଘଟଣା ହୋଇଥିବାରୁ ମାମଲାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରିବ ବୋଲି ଆମେ ଭାବିଥିଲୁ। କିନ୍ତୁ ସେପରି କିଛି ହେଲା ନାହିଁ। ତଥାପି ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।



ଭୁବନେଶ୍ୱର ସପ୍ତମ ବାଟାଲିୟନଠାରେ ଗୁରୁବାର ଧ୍ୱଜାବତରଣ ଉତ୍ସବରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଡିଜିପି ଆର.ପି. ଶର୍ମା ଓ ଅନ୍ୟ ଅତିଥି।

### ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା
## ଚୂଡ଼ାନ୍ତ ଚାର୍ଜଶିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

**ବଲାଙ୍ଗୀର ଅଫିସ/ପାଟଣାଗଡ଼/ଘଣ୍ଟାପଡା, ୩୧।୧ (ଡି.ଏନ୍.ଏ.)**

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଫାଇନାଲ ଚାର୍ଜଶିଟ୍ କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ କରାଯାଇଛି। କ୍ରାଇମବ୍ରାଞ୍ଚ ଏଏସ୍‌ଆଇ ରାଘବ ପ୍ରଧାନ ପାଟଣାଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୩୭୬ ପୃଷ୍ଠାର ଚାର୍ଜଶିଟ୍ ଗୁରୁବାର ଦାଖଲ କରିଛନ୍ତି । ଏଥିସହ ୭୬ଜଣଙ୍କ ସାକ୍ଷ୍ୟ ପ୍ରମାଣ, ଗାନ୍ଧୀନଗର ଲାବୋରେଟରିର ସାଇଣ୍ଟିଫିକ୍ ଓ ଫରେନସିକ୍ ରିପୋର୍ଟ ଦାଖଲ କରାଯାଇଛି। ଏହି ଚାର୍ଜଶିଟ୍‌ରେ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ବିରୋଧରେ ଠୋସ୍ ପ୍ରମାଣ ରହିଥିବା କୁହାଯାଇଛି । ସରକାରୀ ଓକିଲ ଶିବପ୍ରସାଦ ମିଶ୍ର କହିଛନ୍ତି, ଦୀର୍ଘ ୧୧ ମାସ ଧରି କ୍ରାଇମବ୍ରାଞ୍ଚ କଠିନ ପରିଶ୍ରମ କରି ଠୋସ୍ ପ୍ରମାଣ ଓ ସାକ୍ଷ୍ୟ ସହ ଫାଇନାଲ ଚାର୍ଜଶିଟ୍ ଦାଖଲ କରିଛି। ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଏଥିରେ ଠୋସ୍ ପ୍ରମାଣ ରହିଛି । ଭାରତୀୟ ଦଣ୍ଡବିଧି ଆଇନ୍‌ର ଧାରା ୩୦୨, ୩୦୭, ୨୦୧ ଏବଂ ବିସ୍ଫୋରଣ ଗଚ୍ଛିତ ଓ ବ୍ୟବହାର ନିରୋଧ ଆଇନ- ୩ ଓ ୪ ଦଫା ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ରହିଛି । ଏହି ଚାର୍ଜଶିଟ୍ ବଳରେ ଅଭିଯୁକ୍ତ ନିଶ୍ଚିତ ଦଣ୍ଡିତ ହେବେ ବୋଲି ସରକାରୀ ଓକିଲ ମିଶ୍ର ସ୍ପଷ୍ଟ କରିଛନ୍ତି। ତେବେ କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ କରାଯାଇଥିବା ଚାର୍ଜଶିଟ୍‌କୁ ଭିତ୍ତିହୀନ ବୋଲି ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଓକିଲ ଶ୍ରୀମତ୍ ପାଣିଗ୍ରାହୀ କହିଛନ୍ତି। ସେଥିରେ କିଛି ବି ଠୋସ୍ ପ୍ରମାଣ ନାହିଁ ଓ କ୍ରାଇମବ୍ରାଞ୍ଚ ନିଜେ ପ୍ରମାଣ ତିଆରି କରିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଫେବୃୟାରୀ ୨୩ରେ ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ୍ ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ହୋଇଥିଲା । ଏଥିରେ ଅଧ୍ୟାପକ ସାହୁଙ୍କ ନବବିବାହିତ ପୁଅ ସୌମ୍ୟ ଶେଖର ଓ ପିଉସୀ ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା ।

# କେଜରିୱାଲଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଲେ ବିଜେଡି, ଭାଜପା, କଂଗ୍ରେସ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

■ ଏଏପିରେ ଦଳୀୟ ଶୃଙ୍ଖଳା ନାହିଁ: ପ୍ରଶାନ୍ତ
■ ଭାଜପା ମୁଖ୍ୟ ବିରୋଧୀ: ପୃଥ୍ୱୀରାଜ
■ ଲୋକାୟୁକ୍ତ ପ୍ରସଙ୍ଗରେ ଚୁପ୍ କାହିଁକି: ସତ୍ୟପ୍ରକାଶ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓଡ଼ିଶା ସରକାରଙ୍କୁ ସିଧାସଳଖ ସମାଲୋଚନା କରିଛନ୍ତି। ଏମିତି କି ରାଜ୍ୟରେ ଶାସକ ବିରୋଧୀ ଏକଜୁଟ୍ ହୋଇ କାମ କରୁଥିବା ଆରୋପ କରିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ଅରବିନ୍ଦଙ୍କ ଆରୋପ ଉପରେ ଭାଜପା, କଂଗ୍ରେସ ଏବଂ ବିଜେଡି ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ କହିଛନ୍ତି ଯେ, ଆମ୍ ଆଦ୍‌ମୀ ପାର୍ଟି(ଏଏପି)ରେ ଦଳୀୟ ଶୃଙ୍ଖଳା ନାହିଁ। ତାଙ୍କ ଦଳରେ କିପରି ଦଳୀୟ ଶୃଙ୍ଖଳା ରହିଛି, ତାହା ସାରା ଦେଶ ଦେଖୁଛି। ଖଣି ଲୁଟେରାଙ୍କ ଦୌରାତ୍ମ୍ୟ ରାଜ୍ୟରେ ହ୍ରାସ ପାଇଛି। ଖଣି ପ୍ରସଙ୍ଗରେ ରାଜ୍ୟ ସରକାର ଆଇନ ଅନୁଯାୟୀ ପଦକ୍ଷେପ ନେଉଛନ୍ତି। ବିଭିନ୍ନ ପରିସଂଖ୍ୟାନ ଏବଂ ସରକାରୀ ତଥ୍ୟରୁ ଓଡ଼ିଶା ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରୁଛି। ତେଣୁ କେଜରିୱାଲ ସମାଲୋଚନା କରିବା ପୂର୍ବରୁ ରାଜ୍ୟ ସମ୍ପର୍କରେ ହୋମୱାର୍କ କରିବାର ଆବଶ୍ୟକତା ଥିବା ପ୍ରଶାନ୍ତ କହିଛନ୍ତି।

ସେହିପରି ଭାଜପା ପକ୍ଷରୁ ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, କେଜରିୱାଲ ଓଡ଼ିଶାରେ ଦୃଢ ବିରୋଧୀ ଦଳ ନ ଥିବା କଥା କହିଛନ୍ତି। ଯାହା ସମ୍ପୂର୍ଣ୍ଣ ମିଥ୍ୟା, ଭାଜପା ହିଁ ବିଜେଡିକୁ ମୁଖ୍ୟ ବିରୋଧୀ ଭାବେ ମୁକାବିଲା କରୁଛି। ରାଜ୍ୟବାସୀ ମଧ୍ୟ ଭାଜପା ଉପରେ ଆସ୍ଥା ପ୍ରକଟ କରୁଛନ୍ତି। ଆଗାମୀ ଦିନରେ ଭାଜପା ବିକଳ୍ପ ହୋଇ ଉଭା ହେବ ବୋଲି ହରିଚନ୍ଦନ କହିଛନ୍ତି।

ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ ଲୋକାୟୁକ୍ତ ପ୍ରସଙ୍ଗ ଉଠାଇ କେଜରିୱାଲଙ୍କୁ ପାଲଟା ଆକ୍ରମଣ କରିଛନ୍ତି। ସତ୍ୟ ପ୍ରକାଶ କହିଛନ୍ତି ଯେ, ଓଡ଼ିଶାରେ ଶାସକ-ବିରୋଧୀ ଏକାଠି ଅଛନ୍ତି, ତେବେ କେଜରିୱାଲ ଏତେଦିନ ଥିଲେ କେଉଁଠି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଯାବତ୍ ଲୋକାୟୁକ୍ତ ନିଯୁକ୍ତି କରିନାହାନ୍ତି। ସେହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କାହିଁକି ସମାଲୋଚନା କଲେ ନାହିଁ। ତେଣୁ ହଠାତ୍ ଆସି ରାଜନୈତିକ ଭାବେ ସମସ୍ତଙ୍କୁ ଯୋଡି ମନ୍ତବ୍ୟ ଦେବା ବହୁତ ସହଜ। ଯଦି ଓଡ଼ିଶା ରାଜନୀତିରେ ଆମ ଆଦମୀ ପାର୍ଟି ମନ୍ତବ୍ୟ ରଖୁଛି, ତେବେ ଆଗାମୀ ଦିନରେ ଦଳ ତୃଣମୂଳସ୍ତରରେ ଲଢେଇ କରୁ।

## ୪୫ ବର୍ଷରେ...

ଦେଉଥିବା ମୋଦି ସରକାରଙ୍କୁ ନିର୍ବାଚନ ପୂର୍ବରୁ ଏହି ରିପୋର୍ଟ ହଟହଟା କରିଛି।

ଏନ୍‌ଏସ୍‌ଏସ୍‌ଓ ରିପୋର୍ଟ ଅନୁସାରେ ୨୦୧୭ ଜୁଲାଇରୁ ୨୦୧୮ ଜୁନ ମଧ୍ୟରେ ବେକାରି ହାର ୬.୧% ଥିଲା। କର୍ମ ସଂସ୍ଥାନର ଅଭାବ ସହରାଞ୍ଚଳରେ ୭.୮% ଥିବାବେଳେ ଗ୍ରାମାଞ୍ଚଳରେ ୫.୩% ଥିଲା। ଏହି ବର୍ଷ ଯୁବବର୍ଗର ବେକାରି ସର୍ବାଧିକ ୧୩%ରୁ ୨୭% ଥିଲା। ୧୯୭୨-୭୩ ଆର୍ଥିକବର୍ଷ ପରେ ଦେଶରେ ଏଭଳି ସ୍ଥିତି କେବେ ଦେଖିବାକୁ ମିଳି ନ ଥିଲା। ଏହି ରିପୋର୍ଟର ତଥ୍ୟ ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, ୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ଘୋଷଣା ଯୋଗୁ ସରକାର ଭାରତର ସର୍ବାଧିକ ବଡ଼ ନୋଟ୍ ବଜାରରୁ ରାତାରାତି ଉଠାଇ ନେବା ପରେ ଏହା ହେଉଛି ଦେଶର ନିଯୁକ୍ତି ସ୍ଥିତିକୁ ନେଇ ପ୍ରଥମ ବିସ୍ତୃତ ସମୀକ୍ଷା। ବାର୍ଷିକ ୭% ହାରରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଘଟୁଛି। ଅଭିବୃଦ୍ଧିକୁ ନେଇ ଭାରତ ଏକ ଦ୍ରୁତ ପ୍ରଗତିଶୀଳ ରାଷ୍ଟ୍ର ବୋଲାଯାଉଛି। ହେଲେ ନିଯୁକ୍ତି କ୍ଷେତ୍ରରେ ଏହି ବିଷମ ଚିତ୍ର ସରକାରଙ୍କୁ ଅଡୁଆରେ ପକାଇଛି। ବିଶେଷକରି ସାଧାରଣ ନିର୍ବାଚନରେ ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ନାହିଁ ବୋଲି ଏକାଧିକ ସର୍ବେକ୍ଷଣରୁ ସ୍ପଷ୍ଟ ହୋଇଛି। ଏଭଳି ସମୟରେ ପ୍ରଚାର ବେଳେ ଏହି ପ୍ରସଙ୍ଗକୁ ନେଇ ମୋଦିଙ୍କ ହିନ୍ଦୁ ଜାତୀୟତାବାଦୀ ସରକାରଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡ଼ିବ ବୋଲି ସମାଲୋଚକ ଓ ବିଶ୍ଳେଷକମାନେ କହୁଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଏଭଳି ରିପୋର୍ଟ ଜାରି କରାଯାଇଥିବା ବିଷୟକୁ ଖଣ୍ଡନ କରାଯାଇଛି। ଭାରତର ମୁଖ୍ୟ ପରିସଂଖ୍ୟାନ ଅଧିକାରୀ ପ୍ରବୀଣ ଶ୍ରୀବାସ୍ତବ କହିଛନ୍ତି, ଆମେ ଏହି ରିପୋର୍ଟ ଜାରି କରିନାହୁଁ। ଏହା ଉପରେ ମନ୍ତବ୍ୟ ଦେବାକୁ ଚାହୁଁନାହିଁ।

କର୍ମନିଯୁକ୍ତି ତଥ୍ୟର ସମୀକ୍ଷା କରିଥିବା ସଂସ୍ଥାର କାର୍ଯ୍ୟକାରୀ ଅଧ୍ୟକ୍ଷ ଓ ଅନ୍ୟ ଜଣେ ସଦସ୍ୟ ତଥ୍ୟ ଜାରିରେ ବିଳମ୍ବ ହୋଇଥିବା ଦର୍ଶାଇ ଇସ୍ତଫା ଦେବା ପରେ ସର୍ଭେକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଜାତୀୟ ପରିସଂଖ୍ୟାନ ଆୟୋଗ ମୁଖ୍ୟ

## ପ୍ରଥମ ପୃଷ୍ଠାରୁ...

ପି.ସି. ମୋହନ ବୁଧବାର କହିଥିଲେ ଯେ, ନିଯୁକ୍ତି ତଥ୍ୟ ଡିସେମ୍ବରରେ ପ୍ରକାଶ ପାଇବାର ଥିଲା। କିନ୍ତୁ ଏହାର ପ୍ରକାଶନରେ ବିଳମ୍ବକୁ ନେଇ ସେ ଓ ତାଙ୍କ ସହକର୍ମୀ ଜେ. ମୀନାକ୍ଷୀ ଅସନ୍ତୁଷ୍ଟ। ମୋଟ ଘରୋଇ ଉତ୍ପାଦ (ଜିଡିପି) ତଥ୍ୟ ଉପରେ ଅନ୍ୟ ସରକାରୀ ସଂସ୍ଥାଗୁଡ଼ିକ ହସ୍ତକ୍ଷେପ କରୁଥିବା ସେ ଅଭିଯୋଗ ଆଣିଥିଲେ। ପରିସଂଖ୍ୟାନ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି, ଏନ୍‌ଏସ୍‌ଏସ୍‌ଓ ଏହି ରିପୋର୍ଟ ଦାଖଲ କରିଥିଲା। କିନ୍ତୁ ଏହା କେଉଁ ସମୟରେ ଜାରି କରାଯିବା ଉଚିତ ତାହା ନିଷ୍ପତ୍ତି ନେବା ସରକାରଙ୍କ ଉପରେ ନିର୍ଭର କରେ। କିନ୍ତୁ ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ସର୍ଭେର ତଥ୍ୟରେ ତାଳମେଳ ନ ଥିବାରୁ ଏଥିରେ ନୂଆ ତଥ୍ୟ ଯୋଡ଼ିବା ପାଇଁ ସରକାର ରିପୋର୍ଟ ଜାରି କରିବାରେ ବିଳମ୍ବ କରିଛନ୍ତି। ସେହିପରି ପୂର୍ବତନ ପରିସଂଖ୍ୟାନ ମୁଖ୍ୟ ଅଧିକାରୀ ପ୍ରଣବ ସେନ କହିଛନ୍ତି, ୨୦୧୨ରୁ ବେକାରି ବଢ଼ିବାରେ ଲାଗିଛି। ତଥ୍ୟ ପ୍ରକାଶନରେ ବିଳମ୍ବ କରିବା ଏହାର ସମାଧାନ ନୁହେଁ।

ଏହାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ମୋଦି ବର୍ଷକୁ ଦୁଇକୋଟି ନିଯୁକ୍ତିର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛନ୍ତି। ହେଲେ ୫ ବର୍ଷ ପରେ କର୍ମନିଯୁକ୍ତି ସୃଷ୍ଟି ରିପୋର୍ଟ କାର୍ଡ ପ୍ରଘଟ ହୋଇଛି। ଏହା ଏକ ଜାତୀୟ ବିପର୍ଯ୍ୟୟ ଉପରୁ ପରଦା ହଟାଇଛି। ପ୍ରଧାନମନ୍ତ୍ରୀ ହଟିଯିବାର ସମୟ ଆସିଯାଇଛି ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ରାହୁଲ ଇଟାଲୀୟ ଏକଚ୍ଛତ୍ରବାଦୀ ନେତା ବେନିଟୋ ମୁସୋଲିନିଙ୍କ ଭଳି ଦୂରଦୃଷ୍ଟିହୀନତା ଯୋଗୁ ଏଭଳି ସମାଲୋଚନା କରୁଛନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ବିବାଦ ବଢ଼ିବା ପରେ ନୀତି ଆୟୋଗ ସରକାରଙ୍କ ସମର୍ଥନରେ ସାମ୍ନାକୁ ଆସିଛି। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ୪୫ ବର୍ଷରେ ସର୍ବାଧିକ ବେକାରିକୁ ନେଇ ପ୍ରକାଶ ପାଇ ନ ଥିବା ଏକ ରିପୋର୍ଟରେ ଉଲ୍ଲେଖ ରହିଛି। ସତ୍ୟତା ନିର୍ଣ୍ଣୟ ପାଇଁ ଏହାକୁ ଯାଞ୍ଚ କରାଯାଇ ନାହିଁ। ଏହି ତଥ୍ୟ କେତେ ଠିକ୍, ତାହା ମଧ୍ୟ ଜଣାନାହିଁ।

## ଆଜି ସମ୍ବଲପୁରରେ ବିଜୁ ଯୁବ ସମାବେଶ

■ ଯୋଗଦେବେ ମୁଖ୍ୟମନ୍ତ୍ରୀ ■ ସୁରକ୍ଷା ବ୍ୟବସ୍ଥା କଡାକଡି

**ସମ୍ବଲପୁର,୩୧।୧(ବ୍ୟୁରୋ):** ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମରେ ଶୁକ୍ରବାର ବିଜୁ ଯୁବ ସମାବେଶ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏନେଇ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏପରିକି ସୁରକ୍ଷାକୁ ଦୃଷ୍ଟିରେ ରଖି ମନ୍ଦଲିଆ-ନେଲସନ ମାଣ୍ଡେଲା ଛକ ରିଂରୋଡ ରାସ୍ତା, ଧନକଉଡା-ମୋତିଝରନ, ଚାରଭାଟି-ଜେଲଛକ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରାଯାଇଛି । ୪ ଜଣ ଅତିରିକ୍ତ ଏସ୍‌ପି, ୧୯ ଡିଏସ୍‌ପି, ୩୮ ଜଣ ଇନ୍ସପେକ୍ଟର, ୧୩୧ ସବ୍‌ଇନିସ୍ପେକ୍ଟର, ୩୦୦ ହୋମଗାର୍ଡଙ୍କୁ ସୁରକ୍ଷା ଲାଗି ନିୟୋଜିତ କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ‘ଖଣି ଲୁଟେରାଙ୍କ କବ୍‌ଜାରେ...

ସମୀକ୍ଷକଙ୍କ କହିବା ଅନୁଯାୟୀ ପୂର୍ବରୁ ରାଜ୍ୟକୁ ଆସିଥିବା ସମସ୍ତ କେନ୍ଦ୍ରୀୟ ଓ ମୁଖ୍ୟମନ୍ତ୍ରୀମାନଙ୍କୁ ଏଭଳି ଆକ୍ରମଣାତ୍ମକ ଢଙ୍ଗରେ ଦେଖିବାକୁ ମିଳି ନ ଥିଲା, ଯାହା କେଜରିୱାଲଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

ସେହିପରି ଉକ୍ତ ସଭାର ଅନ୍ୟତମ ଅତିଥି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଧ୍ୟ ରାଜ୍ୟ ସରକାର, ଖଣି ଲୁଟେରା ଏବଂ ପିସିସିର ଜନସ୍ୱାର୍ଥ ବିରୋଧୀ ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି। ଶ୍ରୀକାନ୍ତ କହିଛନ୍ତି ଯେ,ଦେଶ ତଥା ରାଜ୍ୟର ରାଜନୀତି ଠିକ୍ ନ ରହିଲେ ବିକାଶ ଅସମ୍ଭବ। ଓଡ଼ିଶାର ରାଜନୀତି ସମ୍ପୂର୍ଣ୍ଣ ଭାବେ ଖଣି ଲୁଟେରାଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି। ଶାହ କମିଶନଙ୍କ ଆକଳନ ଅନୁଯାୟୀ ରାଜ୍ୟରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣର ଖଣି ଦୁର୍ନୀତି ହୋଇଛି। କମିଶନ ସେମାନଙ୍କ ଲାଇସେନ୍ସ ରଦ୍ଦ କରି ସିବିଆଇ ତଦନ୍ତ ପାଇଁ ସୁପାରିସ କରିଥିଲେ। ହେଲେ ରାଜ୍ୟ ସରକାର ଖଣି ଲୁଟେରାଙ୍କୁ ବଞ୍ଚାଇବା ପାଇଁ ସମସ୍ତ ବ୍ୟବସ୍ଥା କଲେ। ଗୋଟିଏ ଟନ୍ ଲୁହାପଥରରୁ ବେଆଇନ ଭାବେ ୫୦୦ଟଙ୍କା ତୃତୀୟ ମହଲାକୁ ଯାଉଛି। ପ୍ରତିଦିନ ଶହଶହ ମିଲିୟନ ଟନ୍ ଖଣିଜ ସମ୍ପଦ କାରବାର ହେଉଛି। ତେଣୁ ରାଜ୍ୟରେ ଖଣି ଦୁର୍ନୀତି କେଉଁ ସ୍ତରରେ ପହଞ୍ଚିଛି, ତାହା ସହଜେ ଅନୁମେୟ। ଖଣି ଜରିମାନା ଦେଇ ନ ଥିବା କମ୍ପାନୀଗୁଡିକ ମଧ୍ୟରେ ସ୍ମିମିଂ ମାଇନିଂ, ପଟ୍ଟନାୟକ ମାଇନ୍ସ ଇତ୍ୟାଦି ରହିଛି। ଡି.ଆର. ପଟ୍ଟନାୟକ କିଏ। ଇନ୍ଦ୍ରାଣୀ ପଟ୍ଟନାୟକ କିଏ। ଗୋଟିଏ ଭାଇ ଏପଟେ, ଅନ୍ୟ ଭାଇ ସେପଟେ ରହି ରାଜ୍ୟର ଖଣିଜ ସମ୍ପଦ ଲୁଟ୍ କରିଛନ୍ତି। ଏମାନେ ସମସ୍ତେ ଗୋଟିଏ ଗୋଟିଏ ଧନପଶୁ, ତାଙ୍କ କଳାଧନ ଦ୍ୱାରା କେତେକ ପାଳିତ ପଶୁ ରାଜନୀତି କରୁଥିବା ଶ୍ରୀକାନ୍ତ କହିଛନ୍ତି। ପିସିସି ଇସ୍ତାହାର କମିଟି ଅଧ୍ୟକ୍ଷ ଭାବେ ରାଜ୍ୟର ବହୁଜନ (ଯଥା-ଏସ୍‌ସି, ଏସ୍‌ଟି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ)ଙ୍କ ରାଜନୈତିକ ଅଧିକାର, ମଣ୍ଡଳ କମିଶନ ସୁପାରିସ ଲାଗୁ ଏବଂ ଖଣି ଦୁର୍ନୀତିର ତଦନ୍ତ ଦାବି କରିବା କ'ଣ ଦଳ ବିରୋଧୀ କାର୍ଯ୍ୟ। ଚାରିଆଡେ ଏଟିଏମ୍ ରହିଛି, ଏହାର ଅର୍ଥ ଏନି ଟାଇମ୍ ମନି। ହେଲେ ଓଡ଼ିଶା ରାଜନୀତିରେ ‘ପିଏଟିଏମ୍’ ରହିଛି, ଏହାର ଅର୍ଥ ‘ପଟ୍ଟନାୟକ ଏନି ଟାଇମ୍ ମନି’। ରାଜଧାନୀରେ ବାଜି ରାଉତ, ଧର୍ମପଦ, ବିଶୁ ମହାରଣା, ଲକ୍ଷ୍ମଣ ନାଏକ ଏବଂ ବିର୍ସା ମୁଣ୍ଡାଙ୍କ ଭଲ ପ୍ରତିମୂର୍ତ୍ତିଟିଏ ନାହିଁ। କିନ୍ତୁ ସେମାନଙ୍କୁ ନେଇ ରାଜନୀତି ଚାଲିଛି। କଂଗ୍ରେସ ଅଧ୍ୟକ୍ଷ ତାଙ୍କ ମତକୁ ସମ୍ମାନ କରନ୍ତି, ହେଲେ ଖଣି ଲୁଟେରାଙ୍କ ପାଇଁ ନିଜର ଓଡ଼ିଶା ଗସ୍ତରେ କିଛି ମନ୍ତବ୍ୟ ନ ରଖିବା ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର ବିଜୁଳି ଉତ୍ପାଦନ କରି ଶସ୍ତାରେ ବିଜୁଳି ଯୋଗାଇ ପାରୁନାହାନ୍ତି। ଅପରପକ୍ଷରେ କନିଷ୍ଠ ଅମ୍ବାନୀଙ୍କ କମ୍ପାନୀ ଉପରେ ୬୦୦୦ କୋଟି ଟଙ୍କାରୁ ଅଧିକ ବିଦ୍ୟୁତ୍ ବକେୟା ବାକି ରହିଛି। ତେଣୁ ରାଜନୀତିକୁ ସ୍ୱଚ୍ଛ କରନ୍ତୁ, ନୂଆ ଯୁବକ ରାଜନୀତିକୁ ଆସନ୍ତୁ ବୋଲି ଶ୍ରୀକାନ୍ତ କହିଛନ୍ତି।

ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆମ ଆଦମୀ ପାର୍ଟିର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ଏଏପି ଓଡ଼ିଶା ମୁଖ୍ୟ ନିଶିକାନ୍ତ ମହାପାତ୍ର, ସାମାଜିକ ନ୍ୟାୟ ଅଭିଯାନ ଆବାହକ ଅକ୍ଷୟ ମଲ୍ଲିକ ଏବଂ ଦେବୀ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

### ଆଜି ଅନ୍ତରୀଣ...

ଲାଗି ଆର୍ଥିକ ପ୍ୟାକେଜ, ଆୟକର ଛାଡ଼ ସୀମା ବୃଦ୍ଧି, ଗରିବଙ୍କ ଲାଗି ସର୍ବନିମ୍ନ ଆୟ ଯୋଜନା ଏବଂ ଚାଷୀଙ୍କ ଲାଗି ସହାୟତା ପ୍ୟାକେଜ ଆଦି ଲୋକପ୍ରିୟ ଘୋଷଣା ବଜେଟରେ ହୋଇପାରେ। ଏତେ ସବୁ ଘୋଷଣା ମଧ୍ୟରେ ବିତ୍ତୀୟ ନିଅଣ୍ଟକୁ ଜିଡିପିର ୩.୩% ମଧ୍ୟରେ ରଖିବା ନେଇ ସରକାର କିପ୍ରକାର ଉଦ୍ୟମ କରୁଛନ୍ତି, ତାହା ଦେଖିବା ଲାଗି ଅର୍ଥନୀତିଜ୍ଞମାନେ ଚାହିଁ ବସିଛନ୍ତି। ନିକଟ ଅତୀତରେ ୫ଟି ରାଜ୍ୟର ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ପରେ ସରକାର ଜନତାଙ୍କ ପାଇଁ ରାଜକୋଷ ଖୋଲି ଦେବେ ବୋଲି ବିଚାର କରାଯାଉଛି। କାରଣ ଏହା ପରେ ସରକାରଙ୍କୁ ଘୋଷଣା ପାଇଁ ଆଉ ସୁଯୋଗ ମିଳିବ ନାହିଁ। ସେହିପରି ଏହି ବଜେଟ ସହ ରେଳ ବଜେଟ ଉପସ୍ଥାପନ କରାଯିବ। ମୋଦି ସରକାର ପୂର୍ବର ପରମ୍ପରାକୁ ଭାଙ୍ଗି ରେଳ ବଜେଟକୁ ସାଧାରଣ ବଜେଟ ସହ ମିଶାଇ ଦେଇଛନ୍ତି।


**PANCHAYAT SAMITI, BISSAM CUTTACK**

No. 320 / Dev. **TENDER CALL, NOTICE** Date : 29.01.2019

The Block Development Officer, Bissam Cuttack on behalf of the Governor of Odisha in conformity with the detail Tender Call Notice to be eventually draw the percentage rate bids from the registred Contractors of Odisha. PWD / WR/ MI / IC / CPWD Contractror registered under this Block for the following nature of work with stipulations as follows the bidders may submit bids for any or all of the works separately. The tender documents in the sealed cover should be sent to the undersigned through Registered / speed post only.

| Sl. No. | Name of the work | Estimated Cost (in Lakhs) | Cost of Tender papers | Bid Security EMD 01% | Period of Completion | Class of Contractor |
|---|---|---|---|---|---|---|
| 01 | Construction of Science labs at Maa Markama Higher Secondary School Bissam Cuttack | 20.00 | 6000.00 | 20000.00 | 4 months | C & D Class |

1.The details of tender documents can be purchased from the office of thed Block Development Officer, Bissam Cuttack again non-refundable fee towards cost of the documents as indicated above in the form of Demand Draft in favour of Block Developement Officer, Bissam Cuttack, during the office working hours of all working days from Date. 01.02.2019 to 15.02.2019 (on date.15.02.2019 up to 02.00 PM. **2**. Tender schedule along with bill of quantities duly filled in with all relevant documents in sealed cover must delivered in tender box in the office of the undersigned from date.01.02.2019 to 15.02.2019 up to 04.00 PM. **3.** Tender will be opened at 4.30 P.M on Date.15.02.2019 by the undersigned at Block officer, Bissam Cuttack in presence of tenderers or their authorized representatives who may be present at the time of opening. **4.** The other details can be seen in bidding documents. **5.** The authority reserves all rights to reject or cancel or all the tender without assigning any reason thereof.

**Sd./- Block Development Officer, Bissam Cuttack**

**OFFICE OF THE PANCHAYAT SAMITI JAIPATNA, KALAHANDI**

**BID IDENTIFICATION NO. : JAIPATNA BLOCK, KLD/02/2018-19**
**NO. 273, DTD. 31.01.2019**

The BDO Jaipatna on behalf of Governor of Odisha invites Percentage Rate bids in Single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form for execution of Buildings i.e. civil / works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for following work.

**TABLE -1**

| Sl. No. | Name of the Work | Approximate Value of Work (in Rs.) | Period of Completion | Class of contractor | EMD Bid security @1% | Cost of Bid document |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Completion of Bridge at Sastuguda G.P.- Dhansuli, Block- Jaipatna | 49,83,669.00 | Four Calendar Months | B & A | 50,000.00 | 6000.00 |

1. Bid documents consisting of plans, specification the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours every day except on Sunday & Public Holidays till last date of sale and receipt of tender paper. The Bid documents will also be available in the district website http://kalahandi.nic.in from Date 01.02.2019, 11.00 AM to 15.02.2019, 5.00 PM.

**Sd./- BDO**

**ଜିଲ୍ଲା ପ୍ରଶାସନ, ଗଞ୍ଜାମ ଏବଂ କୃଷି ଓ ଆନୁଷଙ୍ଗିକ ବିଭାଗ ଆନୁକୂଲ୍ୟରେ**

No.149-L

**ଜିଲ୍ଲାସ୍ତରୀୟ ପୁଷ୍ପ ଫଳ ଓ ପନିପରିବା ପ୍ରଦର୍ଶନୀ**

**ସ୍ଥାନ : ଅଂଗ୍ଲୋ ମିନି ଷ୍ଟାଡିୟମ, ଛତ୍ରପୁର**
ତାରିଖ : ୦୨.୦୨.୨୦୧୯ ଓ ୦୩.୦୨.୨୦୧୯

ଗଞ୍ଜାମ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନେ ବହୁସଂଖ୍ୟାରେ ଯୋଗ ଦେଇ ଉପଭୋଗ କରିବା ପାଇଁ ଅନୁରୋଧ।

ଉପ-ନିର୍ଦ୍ଦେଶକ-ଉଦ୍ୟାନ କୃଷି
01110/11/0001/1819 ଗଞ୍ଜାମ, ବ୍ରହ୍ମପୁର

**OFFICE OF THE NOTIFIED AREA COUNCIL, NIMAPARA**

**e-procurement Notice No. 147 Date- 30.01.2019**
**Tender reference No. NP-NAC31/2018-19**

The Nimapara N.A.C. invites online bid in Double cover system Through e-procurement.
Total Number of work :- 1 (one) No.
Value of works Rs. 59,30,786/-Date and Time of availability of bid document in the portal from 01.02.2019 at 10.00 AM. up to 19.02.2019 at 5.00 PM.
Last Date of receipt of bids in the portal Dt-19.02.2019 up to 5.00 PM.
Last Date of submission of original documents in this office is 22.02.2019 up to 5.00 PM.
Date of opening of the tender :- Dt. 23.02.2019 at 11.00 AM. in NAC Office Nimapara.
Further details can be seen from the website **www.tendersorissa.gov.in**

**Sd./-**
**Executive Officer**
**NAC, Nimapara**

# ନୂଆ ନାୟିକା ଓସାକା

**ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସ ଟୁର୍ନାମେଣ୍ଟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହାର ମହିଳା ଓ ପୁରୁଷ ବିଭାଗରେ ଯଥାକ୍ରମେ ଜାପାନର ନାଓମି ଓସାକା ଓ ସର୍ବିଆର ନୋଭାକ୍ ଜୋକୋଭିଚ୍ ଚାମ୍ପିୟନ ହୋଇଛନ୍ତି। ଏହି ଦୁଇ ଖେଳାଳି ବିଶ୍ୱ ର୍ୟାଙ୍କିଙ୍ଗର ନମ୍ବର ୱାନ ସ୍ଥାନ ମଧ୍ୟ ମଣ୍ଡନ କରିଛନ୍ତି ।**

ଅଷ୍ଟ୍ରେଲିଆନ ଓପନ ଟେନିସ-୨୦୧୯ ମହିଳା ସିଙ୍ଗଲ୍ସ ବିଜୟ ମୁକୁଟ ପିନ୍ଧିଛନ୍ତି ଜାପାନର ନାଓମି ଓସାକା। ୨୦୧୮ ୟୁଏସ ଓପନ ଏବଂ ଏବେ ଅଷ୍ଟ୍ରେଲିଆନ ଓପନ ଭାବରେ କ୍ରମାଗତ ୨ଟି ଗ୍ରାଣ୍ଡସ୍ଲାମ ଜିତିବା ସହ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ନମ୍ବର ୱାନ ସ୍ଥାନରେ ପହଞ୍ଚି ଯାଇଛନ୍ତି ଏହି ଟେନିସ ତାରକା। କାରୋଲିନ୍ ଓଜନିଆକିଙ୍କ ପରେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳିଭାବେ ୨୧ ବର୍ଷୀୟା ଓସାକା ବିଶ୍ୱ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ମଣ୍ଡନ କରିଛନ୍ତି। ୨୦୧୦ରେ ଓଜନିଆକି ୨୦ ବର୍ଷରେ ନମ୍ବର ୱାନ ହୋଇ ଏହି ତାଲିକାର ଶୀର୍ଷରେ ରହିଛନ୍ତି।

ପ୍ରଥମ ଏସୀୟ ଖେଳାଳି ଭାବେ ଓସାକା କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ୍ ଜିତି ବିରଳ ସଫଳତା ଲାଭ କରିଛନ୍ତି। ଗତ ବର୍ଷର ଶେଷ ଗ୍ରାଣ୍ଡସ୍ଲାମ ୟୁଏସ ଓପନ ଫାଇନାଲରେ ସେ ଆମେରିକାର ସେରେନା ୱିଲିୟମ୍ସଙ୍କୁ ୬-୪, ୬-୨ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଥିଲେ। ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲରେ ସେ ଚେକ୍ ରିପବ୍ଲିକର ପେତ୍ରା କ୍ୱିଟୋଭାଙ୍କୁ ୭-୬(୭/୨), ୫-୭, ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ଏହି ଦୁଇଟି ବଡ଼ ଟୁର୍ନାମେଣ୍ଟ ବ୍ୟତୀତ ସେ ଗତବର୍ଷ ଇଣ୍ଡିଆନ ୱେଲ୍ସ ପ୍ରତିଯୋଗିତାରେ ମଧ୍ୟ ଆଧିପତ୍ୟ ଜାହିର କରି ଚାମ୍ପିୟନ ହୋଇଥିଲେ। ଏଥିସହିତ ସେ ଆଗାମୀ ଦିନରେ ହାର୍ଡକୋର୍ଟର ରାଣୀଭାବେ ଉଭା ହେବାର ସୂଚନା ଦେଇଛନ୍ତି।

ଓସାକାଙ୍କ ମା' ତାମାକି ଓସାକା ଜାପାନିଜ୍ ହୋଇଥିବାବେଳେ ବାପା ଲିଓନାର୍ଡ ଫ୍ରାଙ୍କୋଇଜ୍ ହାଇତିର। ଲିଓନାର୍ଡ ନ୍ୟୁୟର୍କର ଏକ କଲେଜର ଛାତ୍ର ଥିବାବେଳେ ଜାପାନର ହୋକ୍କାଇଡୋ ବୁଲିବା ପାଇଁ ଆସିଥିବାବେଳେ ତାମାକିଙ୍କ ସଂସ୍ପର୍ଶରେ ଆସିଥିଲେ। ନାଓମି ୩ ବର୍ଷର ହୋଇଥିବାବେଳେ ତାଙ୍କ ମାତାପିତା ଜାପାନରୁ ଆସି ନ୍ୟୁୟର୍କର ଲଙ୍ଗ ଆଇସଲାଣ୍ଡରେ ବସବାସ କରିଥିଲେ। ସେଠାରେ ପୂର୍ବରୁ ଲିଓନାର୍ଡଙ୍କ ମାତାପିତା ମଧ୍ୟ ରହୁଥିଲେ। ୧୯୯୯ ଫ୍ରେଞ୍ଚ୍ ଓପନରେ ଆମେରିକାର ଭେନସ ଓ ସେରେନା ୱିଲିୟମ୍ସଙ୍କ ଖେଳ ଦେଖି ଲିଓନାର୍ଡ ନିଜ ଦୁଇ ଝିଅ ମାରି ଓ ନାଓମିଙ୍କୁ ଟେନିସ ଶିଖାଇବାକୁ ଉତ୍ସାହିତ ହୋଇଥିଲେ। ଏ କ୍ଷେତ୍ରରେ ଆମେରିକୀୟ ଭଗିନୀ ସେରେନା ଓ ଭେନସଙ୍କ ପିତା ରିଚାର୍ଡ ୱିଲିୟମ୍ସଙ୍କୁ ସେ ଆଦର୍ଶଭାବେ ନେଇଥିଲେ। ୨୦୦୬ରେ ଉନ୍ନତ ଟେନିସ ପ୍ରଶିକ୍ଷଣ ପାଇଁ ଓସାକା ପରିବାର ଫ୍ଲୋରିଡ଼ା ଚାଲି ଆସିଥିଲେ। ସେତେବେଳେ ନାଓମି ୮ କିମ୍ବା ୯ ବର୍ଷର ହୋଇଥିଲେ। ସେଠାରେ ନାଓମି ପ୍ରଥମେ ପେମ୍ବ୍ରୋକ ପାଇନ୍ସ ପବ୍ଲିକ୍ କୋର୍ଟରେ ଅଭ୍ୟାସ କଲେ। ୧୫ ବର୍ଷ ହେବାପରେ ସେ ପ୍ୟାଟ୍ରିକ୍ ଟାଉମାଙ୍କ ସହ କାମ କରି ଆଇଏସ୍‌ପି ଏକାଡେମୀରେ ପ୍ରଶିକ୍ଷଣ ନେଲେ। ପରେ ସେ ପ୍ରୋ ୱାର୍ଲ୍ଡ ଟେନିସ ଏକାଡେମୀରେ ଟ୍ରେନିଂ ନେଇ ନିଜ ପ୍ରଦର୍ଶନକୁ ଶାଣିତ କରିଥିଲେ। ଆମେରିକାରେ ବଢ଼ିଥିଲେ ହେଁ ନାଓମି ଜାପାନ ପକ୍ଷରୁ ପ୍ରତିନିଧିତ୍ୱ କରୁ ବୋଲି ତାଙ୍କ ମାତାପିତା ନିଷ୍ପତ୍ତି ନେଇଥିଲେ।

୨୦୧୪ରେ ନାଓମି ଡବ୍ଲ୍ୟୁଟିଏ ଟୁର୍ ପ୍ରତିଯୋଗିତାରେ ପଦାର୍ପଣ କରିଥିଲେ ଏବଂ ଷ୍ଟାନ୍‌ଫୋର୍ଡ କ୍ଲାସିକ୍ ପ୍ରତିଯୋଗିତାରେ ହିଁ ପୂର୍ବତନ ୟୁଏସ ଓପନ ଚାମ୍ପିୟନ ସାମନ୍ଥା ଷ୍ଟୋସୁରଙ୍କୁ ହରାଇ ୧୬ ବର୍ଷ ବୟସରେ ଲୋକଲୋଚନକୁ ଆସିଥିଲେ। ୨ ବର୍ଷ ପରେ ୨୦୧୬ରେ ସେ କ୍ୟାରିୟରରେ ପ୍ରଥମଥର ପାଇଁ ଡବ୍ଲ୍ୟୁଟିଏ (ପାନ୍ ପ୍ୟାସିଫିକ୍) ଫାଇନାଲରେ ପ୍ରବେଶ କରି ବିଶ୍ୱ ର୍ୟାଙ୍କିଙ୍ଗ୍‌ର ଟପ୍-୫୦ରେ ପ୍ରବେଶ କରିଥିଲେ। ୨୦୧୮ରେ ସେ ଇଣ୍ଡିଆନ୍ ୱେଲ୍ସ ଓପନରେ ଚାମ୍ପିୟନ ହୋଇ ଜୀବନର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଥିଲେ। ସେହି ବର୍ଷ ସେପ୍ଟେମ୍ବରରେ ସେ ୨୩ ଥର ବଡ଼ ଟୁର୍ନାମେଣ୍ଟ ଚାମ୍ପିୟନ ସେରେନାଙ୍କୁ ୟୁଏସ ଓପନ ଫାଇନାଲରେ ହରାଇ ପ୍ରଥମ ଜାପାନୀ ଖେଳାଳିଭାବେ କୌଣସି ସିଙ୍ଗଲ୍ସ ଇଭେଣ୍ଟରେ ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ଏବେ ଅଷ୍ଟ୍ରେଲିଆନ ଓପନ ଜିତିବାପରେ ସେ ପ୍ରଥମ ଏସୀୟ ଖେଳାଳିଭାବେ ବିଶ୍ୱ ର୍ୟାଙ୍କିଙ୍ଗର ନମ୍ବର ୱାନ ସ୍ଥାନ ମଧ୍ୟ ହାସଲ କରିଛନ୍ତି। ପଡ଼ିଆ ଭିତରେ ଆକ୍ରମଣାତ୍ମକ ଖେଳ ଷ୍ଟାଇଲ ଏବଂ ଶକ୍ତିଶାଳୀ ସର୍ଭ ପାଇଁ ପରିଚିତ ଓସାକା ପଡ଼ିଆ ବାହାରେ ନିଜର ଲାଜକୁଳି ସ୍ୱଭାବ ଏବଂ ସ୍ପଷ୍ଟବାଦିତା ପାଇଁ ମଧ୍ୟ ବେଶ୍ ଲୋକପ୍ରିୟ।



ମି ଓସାକା

## ଅଷ୍ଟ୍ରେଲିଆନ ଓପନ ବିଜେତା

### ମହିଳା ସିଙ୍ଗଲ୍ସ

ନାଓମି ଓସାକା (ଜାପାନ) ୭-୬(୭/୨), ୫-୭, ୬-୪ ବନାମ ପେତ୍ରା କ୍ୱିଟୋଭା (ଚେକ୍ ରିପବ୍ଲିକ୍)।

### ପୁରୁଷ ସିଙ୍ଗଲ୍ସ

ନୋଭାକ୍ ଜୋକୋଭିଚ୍ (ସର୍ବିୟା) ୬-୩, ୬-୨, ୬-୩ ବନାମ ରାଫାଲ ନାଡାଲ (ସ୍ପେନ)।

### ମହିଳା ଡବଲ୍ସ

ସାମନ୍ଥା ଷ୍ଟୋସୁର (ଅଷ୍ଟ୍ରେଲିଆ) ଶୁଆଇ ଝାଙ୍ଗ୍ (ଚାଇନା) ୬-୩, ୬-୪ ବନାମ ଟିମିଆ ବାବୋସ (ହଙ୍ଗେରୀ) କ୍ରିଷ୍ଟିନା ମ୍ଲାଡେନୋଭିଚ୍ (ଫ୍ରାନ୍ସ)।

### ପୁରୁଷ ଡବଲ୍ସ

ନିକୋଲାସ ମାହୁଟ- ପିଏରେ ହ୍ୟୁଗ୍ସ ହର୍ବର୍ଟ(ଫ୍ରାନ୍ସ) ୬-୪, ୭-୬(୭/୧) ବନାମ ହେନରି କୋଣ୍ଟିନେନ୍ (ଫିନ୍‌ଲାଣ୍ଡ) ଜନ୍ ପୀର୍‌ସ (ଅଷ୍ଟ୍ରେଲିଆ)

### ମିକ୍ସଡ ଡବଲ୍ସ

ବାର୍ବରା କ୍ରେଜିକୋଭା(ଚେକ୍ ରିପବ୍ଲିକ୍)-ରାଜୀବ ରାମ (ଆମେରିକା) ୭-୬ (୭/୩), ୬-୧ ବନାମ ଜନ୍ ପ୍ୟାଟ୍ରିକ ସ୍ମିଥ-ଆଷ୍ଟ୍ରା ଶାର୍ମା (ଅଷ୍ଟ୍ରେଲିଆ)।

### ବାଳିକା ସିଙ୍ଗଲ୍ସ

କ୍ଲାରା ଟୌସନ(ଡେନ୍‌ମାର୍କ) ୬-୪, ୬-୩ ବନାମ ଲେଇଲା ଆନେ ଫର୍ନାଣ୍ଡେଜ(କାନାଡ଼ା)।

### ବାଳକ ସିଙ୍ଗଲ୍ସ

ଲୋରେଞ୍ଜୋ ମୁସେଟ୍ଟି(ଇଟାଲୀ) ୪-୬, ୬-୨, ୭-୬(୧୪-୧୨) ବନାମ ଇମିଲିଓ ନାଭା(ଆମେରିକା)।

### ବାଳିକା ଡବଲ୍ସ

ନାତ୍‌ସୁମି କାୱାଗୁଚି(ଜାପାନ) ଆଡ୍ରିଏନ ନାଗି (ହଙ୍ଗେରୀ) ୬-୪, ୬-୪ ବନାମ ଚୋଲି ବେକ୍-ଇମା ନାଭାରୋ(ଆମେରିକା)

### ବାଳକ ଡବଲ୍ସ

ଜୋନାସ ଫୋର୍‌ଜେକ-ଡାଲିବର ସ୍ୱିର୍ନା(ଚେକ୍ ରିପବ୍ଲିକ୍) ୭-୬(୭/୫), ୬-୪ ବନାମ କାନନ କିଙ୍ଗ୍‌ସ୍ଲେ-ଇମିଲିଓ ନାଭା(ଆମେରିକା)।

## ଶୀର୍ଷରେ ଜୋକୋଭିଚ୍

ଚଳିତ ବର୍ଷର ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍। ଏହା ଥିଲା ଜୋକୋଭିଚ୍‌ଙ୍କ କ୍ୟାରିୟରର ୭ମ ଅଷ୍ଟ୍ରେଲିଆନ ଓ ୧୫ଶ ଗ୍ରାଣ୍ଡସ୍ଲାମ ଟାଇଟଲ। ଅଷ୍ଟ୍ରେଲିଆନ ଓପନକୁ ଛାଡ଼ିଦେଲେ ସେ ୪ଥର ୱିମ୍ବଲଡନ, ୩ ୟୁଏସ ଓପନ ଏବଂ ଥରେ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରିଛନ୍ତି। ୨୦୧୬ରେ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିବା ସହ ସେ ଟେନିସ ଇତିହାସରେ ୮ମ ଖେଳାଳିଭାବେ କ୍ୟାରିୟର ଗ୍ରାଣ୍ଡସ୍ଲାମ(ସମସ୍ତ ୪ଟି ଯାକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା) ହାସଲ କରିଥିଲେ। ଏହା ବ୍ୟତୀତ ସେ ତିନୋଟି ଭିନ୍ନ ସର୍ଫେସ ହାର୍ଡ କୋର୍ଟ, କ୍ଲେ ଓ ଗ୍ରାସ୍‌ରେ କ୍ରମାଗତ ୪ଟି ଟାଇଟଲ ହାସଲ କରିବାରେ ବିଶ୍ୱର ୩ୟ ଖେଳାଳି ହୋଇଥିଲେ। କ୍ୟାରିୟରରେ ୫ ଏଟିପି ଫାଇନାଲ୍ସ, ୩୨ ଏଟିପି ୱାର୍ଲ୍ଡ ଟୁର୍ ମାଷ୍ଟର୍ସ ୧୦୦୦ ସିରିଜ ଏବଂ ୧୨ ଏଟିପି ୱାର୍ଲ୍ଡ ଟୁର୍ ୫୦୦ ଟୁର୍ନାମେଣ୍ଟ ଟାଇଟଲ ଜିତି ସାରିଥିବା ଏହି ସର୍ବୀୟ ଖେଳାଳି ୨୩୦ରୁ ଉର୍ଦ୍ଧ୍ୱ ସପ୍ତାହଧରି ଏଟିପି ର୍ୟାଙ୍କିଙ୍ଗର ନମ୍ବର ୱାନ ସ୍ଥାନ ଦଖଲ କରି ଆସୁଛନ୍ତି। ସେ ଟେନିସ ଇତିହାସରେ ପ୍ରଥମ ଏବଂ ଏକମାତ୍ର ଖେଳାଳିଭାବେ ସମସ୍ତ ୯ଟି ଯାକ ମାଷ୍ଟର୍ସ ୧୦୦୦ ଟୁର୍ନାମେଣ୍ଟ ଏବଂ ସମସ୍ତ ୧୪ ଶୀର୍ଷ ଟୁର୍ନାମେଣ୍ଟର ଟାଇଟଲ ଜିତି କ୍ଲିନ୍ ସୁଇପ୍ କରିଛନ୍ତି।

ସର୍ବିୟାର ପ୍ରଥମ ଖେଳାଳିଭାବେ ସେ ସିଙ୍ଗଲ୍ସରେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସହ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ନମ୍ବର ୱାନରେ ରହିବାର ରେକର୍ଡ ବହନ କରୁଛନ୍ତି। ସେ ୬ ଥର ଆଇଟିଏଫ୍ ୱାର୍ଲ୍ଡ ଚାମ୍ପିୟନ ଏବଂ ୫ ଥର ଏଟିପି ର୍ୟାଙ୍କିଙ୍ଗ୍‌ରେ ନମ୍ବର ୱାନ ସ୍ଥାନରେ ରହି ବର୍ଷ ଶେଷ କରିଛନ୍ତି। ସଫଳ ପ୍ରଦର୍ଶନ ପାଇଁ ସେ କ୍ୟାରିୟରରେ ଅନେକ ପୁରସ୍କାର ପାଇଛନ୍ତି। ଏହା ମଧ୍ୟରେ ସ୍ପୋର୍ଟ୍ସ ମ୍ୟାନ ଅଫ ଦି ଇୟର ଭାବେ ୨୦୧୨, ୨୦୧୫ ଓ ୨୦୧୬ ଲୌରିୟସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ, ୨୦୧୧ରେ ବିବିସିର ଶ୍ରେଷ୍ଠ ବିଦେଶୀ କ୍ରୀଡ଼ା ବ୍ୟକ୍ତିତ୍ୱ ପୁରସ୍କାର ସାମିଲ।

## ଗ୍ରାଣ୍ଡସ୍ଲାମ କ୍ୟାରିୟର

୨୦୧୫ରେ ଆରମ୍ଭ ହୋଇଥିଲା ନାଓମି ଓସାକାଙ୍କ ଗ୍ରାଣ୍ଡସ୍ଲାମ କ୍ୟାରିୟର। ଏହି ବର୍ଷ ସେ ୱିମ୍ବଲଡନ ଓ ୟୁଏସ ଓପନରେ ଯୋଗ୍ୟତା ପର୍ଯ୍ୟାୟ ଖେଳି ସଫଳ ହୋଇ ନ ଥିଲେ। ୨୦୧୬ରେ ଅଷ୍ଟ୍ରେଲିଆନ ଓପନ, ଫ୍ରେଞ୍ଚ୍ ଓପନ ଏବଂ ୟୁଏସ ଓପନର ୩ୟ ରାଉଣ୍ଡ ପର୍ଯ୍ୟନ୍ତ ଯାଇପାରିଥିଲେ। ୨୦୧୭ରେ ଅଷ୍ଟ୍ରେଲିଆନ ଓପନର ୨ୟ, ଫ୍ରେଞ୍ଚ୍ ଓପନର ୧ମ, ୱିମ୍ବଲଡନର ୩ୟ ଓ ୟୁଏସ୍ ଓପନର ୩ୟ ରାଉଣ୍ଡରୁ ବିଦାୟ ନେଇଥିଲେ। ୨୦୧୮ରେ ସେ ଅଷ୍ଟ୍ରେଲିଆନ ଓପନର ୪ର୍ଥ ରାଉଣ୍ଡରେ ପ୍ରବେଶ କରିଥିବାବେଳେ ଫ୍ରେଞ୍ଚ୍ ଓପନ ଓ ୱିମ୍ବଲଡନର ୩ୟ ରାଉଣ୍ଡରୁ ବିଦାୟ ନେଇଥିଲେ। ତେବେ ୟୁଏସ ଓପନ ଟାଇଟଲ ଜିତି କ୍ୟାରିୟରରେ ବଡ଼ ସଫଳତା ପାଇଥିଲେ। ୨୦୧୯ରେ ଅଷ୍ଟ୍ରେଲିଆନ ଓପନରେ ଚାମ୍ପିୟନ ହୋଇ ଅଭିଯାନ ଆରମ୍ଭ କରଛନ୍ତି ଏହି ଜାପାନୀ ମହିଳା ଟେନିସ ତାରକା।



ବାର୍ବରା କ୍ରେଜିକୋଭା-ରାଜୀବ ରାମ



ସାମନ୍ଥା ଷ୍ଟୋସୁର- ଶୁଆଇ ଝାଙ୍ଗ୍



ନିକୋଲାସ ମାହୁଟ- ପିଏରେ ହ୍ୟୁଗ୍ସ ହର୍ବର୍ଟ



ନୋଭାକ୍ ଜୋକୋଭିଚ୍

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 71.08 (4) | 36,256.69 (665.44) | 10,830.95 (179.15) | 34,000.00 (₹70) | 41,350.00 (₹20) |

କର୍ମଚାରୀ ଅଭାବକୁ ନଜରରେ ରଖି ସରକାର ଇଏସ୍ଆଇସିର ୫ ହଜାର ମେଡିକାଲ ଏବଂ ପାରାମେଡିକାଲ ପଦବୀକୁ ପୂରଣ କରିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି।

–ସନ୍ତୋଷ କୁମାର ଗଙ୍ଗୱାର, କେନ୍ଦ୍ର ଶ୍ରମ ମନ୍ତ୍ରୀ



ଦେଶର ରାଷ୍ଟ୍ରାୟତ୍ତ ପରିବହନ ବ୍ୟବସ୍ଥାକୁ ଲଣ୍ଡନ ଢାଞ୍ଚାରେ ଉନ୍ନତୀକରଣ କରାଯିବ।

– ନୀତିନ ଗଡକରୀ, କେନ୍ଦ୍ର ପରିବହନ ମନ୍ତ୍ରୀ



## ସଂକ୍ଷେପରେ

### ବହୁ ସଂଖ୍ୟାରେ ଏସ୍‌ବିଆଇ ଆକାଉଣ୍ଟ ଲିକ୍

**ନୂଆଦିଲ୍ଲୀ,୩୧-୧:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଆକାଉଣ୍ଟଧାରୀଙ୍କ ତଥ୍ୟ ଲିକ୍ ହୋଇଯାଇଛି। ବ୍ୟାଙ୍କର ଗୋଟିଏ ଭୁଲ୍ କାରଣରୁ ଏହା ଘଟିଛି ବୋଲି କୁହାଯାଉଛି। ବ୍ୟାଙ୍କ ନିଜର ସର୍ଭରକୁ ସୁରକ୍ଷିତ ରଖିବା ଲାଗି ଭୁଲି ଯାଇଥିବାରୁ ଏଭଳି ଅଘଟଣ ଘଟିଛି ବୋଲି ମିଡିଆ ରିପୋର୍ଟରୁ ପ୍ରକାଶ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସର୍ଭରରୁ ଆକାଉଣ୍ଟଧାରୀଙ୍କ ଜମା ଟଙ୍କା ଏବଂ ସମ୍ବେଦନଶୀଳ ତଥ୍ୟ ପ୍ରଘଟ ହୋଇଯାଇଛି। ଟେକ୍‌କ୍ରଞ୍ଚର ରିପୋର୍ଟ ଅନୁଯାୟୀ, ଗବେଷଣା କରୁଥିବା ଜଣେ ବ୍ୟକ୍ତି ଏହି ଲିକ୍ ସମ୍ପର୍କରେ ଜଣାଇଥିଲେ। ସେ କହିଛନ୍ତି ଯେ, ବ୍ୟାଙ୍କ ଦ୍ୱାରା ସର୍ଭରରେ କୌଣସି ପାସୱାର୍ଡ ଦିଆଯାଇନାହିଁ। ଏପରି ସ୍ଥିତିରେ ଯେକୌଣସି ବ୍ୟକ୍ତି ଏସ୍‌ବିଆଇ ସର୍ଭରକୁ ଯାଇ ତଥ୍ୟ ଚୋରାଇ ନେଇପାରିବ। ତେବେ ସର୍ଭରଟି ବିନା ପାସୱାର୍ଡରେ କେତେଦିନ ଧରି ଚାଲିଥିଲା ତାହା ଜଣାପଡିନାହିଁ। ବ୍ୟାଙ୍କ ପକ୍ଷରୁ ଏ ସମ୍ପର୍କରେ କିଛି କୁହାଯାଇନାହିଁ। ଜଣାପଡିଛି ଯେ, ଏସ୍‌ବିଆଇ କ୍ୱିକ୍‌ରେ ପାସୱାର୍ଡ ଦିଆଯାଇ ନ ଥିଲା। ଏହା ଜରିଆରେ ବ୍ୟାଙ୍କ ପକ୍ଷରୁ ଆକାଉଣ୍ଟଧାରୀଙ୍କୁ ଫୋନ ଅଥବା ମେସେଜ ପଠାଯାଇଥାଏ। ବ୍ୟାଙ୍କ ୱେବସାଇଟ୍‌ରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ବ୍ୟବସ୍ଥା ଜରିଆରେ ଜଣେ ଆକାଉଣ୍ଟଧାରୀ ମାତ୍ର ଗୋଟିଏ ଫୋନ କଲ୍‌ରେ ନିଜର ଆକାଉଣ୍ଟ ସମ୍ପର୍କରେ ଜାଣିପାରନ୍ତି।

### ଫେବୃୟାରୀ ୪ରେ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଇବାକୁ ପ୍ରସ୍ତୁତି

**ନୂଆଦିଲ୍ଲୀ,୩୧-୧:** ମେକ୍ ଇନ୍ ଇଣ୍ଡିଆ ଯୋଜନା ଅଧୀନରେ ଦେଶରେ ନିର୍ମିତ ବନ୍ଦେ ଭାରତ ଏକ୍ସପ୍ରେସ(ଟ୍ରେନ୧୮)କୁ ଫେବୃୟାରୀ ୪ରେ ନୂଆଦିଲ୍ଲୀରୁ ବାରାଣସୀ ପର୍ଯ୍ୟନ୍ତ ଚଳାଇବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପୂର୍ବରୁ ଏହି ରୁଟ୍‌ରେ ଫେବୃୟାରୀ ୨ରେ ଏହାର ଟାଇମ ଟ୍ରାଏଲ କରାଯିବ। ମାତ୍ର ୮ ଘଣ୍ଟାରେ ପହଞ୍ଚିବାକୁ ଥିବା ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଟ୍ରେନର ଭଡ଼ା ଶତାବ୍ଦୀ ଏକ୍ସପ୍ରେସଠାରୁ ପ୍ରାୟ ୪୫ ପ୍ରତିଶତ ଅଧିକ ହେବ। ସେମି ବୁଲେଟ ଟ୍ରେନର ମାନ୍ୟତା ପାଇଥିବା ବନ୍ଦେ ଭାରତ ଏକ୍ସପ୍ରେସ ଦେଶର ସବୁଠୁ ଦ୍ରୁତଗାମୀ ଟ୍ରେନ ହେବାକୁ ଯାଉଛି, ଯାହା ଘଣ୍ଟାକୁ ୧୬୦କିମି ବେଗରେ ଗତି କରିବ। ଫେବୃୟାରୀ ୨ ସକାଳ ୬ଟାରେ ଏହି ଟ୍ରେନଟି ବାରାଣସୀ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିବ। ଏହା ନୂଆଦିଲ୍ଲୀରୁ କାନପୁର ହୋଇ ଆଲ୍ଲାହାବାଦ୍ ପହଞ୍ଚିବ ଏବଂ ସେଠାରେ ୧୦ ମିନିଟ୍‌ର ରହଣି ପରେ ମିର୍ଜାପୁର ହୋଇ ମଧ୍ୟାହ୍ନ ୨ଟାରେ ବାରାଣସୀରେ ପହଞ୍ଚିବ। ଏଥିରେ ୧୬ଟି କୋଚ୍ ରହିବ। ଅତ୍ୟାଧୁନିକ ସୁବିଧା ଥିବା ବନ୍ଦେ ଭାରତ ଏକ୍ସପ୍ରେସରେ ୨ଟି ଏକ୍‌ଜିକ୍ୟୁଟିଭ କୋଚ୍ ରହିବ ଯେଉଁଥିରେ ୫୬ ଆସନର ବ୍ୟବସ୍ଥା କରାଯାଇଛି। ଅବଶିଷ୍ଟ ୧୪ଟି ବଗିରେ ପ୍ରତ୍ୟେକ ୭୮ଟି ଲେଖାଏ ଚେୟାର ରହିବ। ବିକଳାଙ୍ଗଙ୍କ ପାଇଁ ଏହି ଟ୍ରେନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

### ସାହାରା ପ୍ରମୁଖଙ୍କୁ ହାଜର ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩୧-୧:** ସେବି-ସାହାରା ମାମଲାରେ ନିବେଶକଙ୍କୁ ଅର୍ଥ ଫେରସ୍ତ ଲାଗି ସାହାରା ଗ୍ରୁପ୍ ୨୫,୭୦୦ କୋଟି ଟଙ୍କା ଜମା କରି ନ ଥିବାରୁ ସୁପ୍ରିମକୋର୍ଟ ଗୁରୁବାର ସାହାରା ପ୍ରମୁଖ ସୁବ୍ରତ ରାୟ ସାହାରାଙ୍କୁ ଫେବୃୟାରୀ ୨୮ରେ ସର୍ବୋଚ୍ଚ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏତେ ବିଶାଳ ପରିମାଣ ଅର୍ଥ ଯୋଗାଡ଼ କରିବାକୁ ସାହାରା ଗ୍ରୁପ୍‌କୁ ଅଦାଲତ ୬ ମାସ ସମୟ ଦେଇଥିଲେ। ତେବେ ବିଗତ ଦିନ ଭିତରେ ଯାହା ଘଟିଲା ସେଥିରେ ଅଦାଲତଙ୍କ ଭରସା ଦୋହଲିଯାଇଛି ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ,ବିଚାରପତି ଏ.କେ.ସିକ୍ରି, ବିଚାରପତି ଏସ୍.କେ.କୌଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସାହାରା ମାତ୍ର ୧୫ ହଜାର କୋଟି ଟଙ୍କା ଜମା କରିଛି ବୋଲି ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି। ଉକ୍ତ ମାମଲାରେ ସାହାରା ପ୍ରମୁଖ ଓ ଏହାର ନିର୍ଦ୍ଦେଶକଙ୍କୁ ଆଉ ସମୟ ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ଦୋହରାଇଛନ୍ତି। ସୂଚନାଥାଉ କି, ପ୍ରାୟ ୨ ବର୍ଷ ଜେଲରେ ରହିବା ପରେ ସାହାରା ପ୍ରମୁଖ ସୁବ୍ରତ ରାୟ ୨୦୧୭ ମେ ୬ରେ ପାରୋଲରେ ବାହାରକୁ ଆସିଛନ୍ତି।

■ ଇନ୍‌କାଲ-୨୦୧୯ ଉଦ୍‌ଘାଟିତ

# ୫ ବର୍ଷରେ ଦୁଇଗୁଣ ହେବ ଆଲୁମିନିୟମ ବ୍ୟବହାର

ଭୁବନେଶ୍ୱର,୩୧-୧

ଆଲୁମିନିୟମ ଉତ୍ପାଦନରେ ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ସ୍ଥାନରେ ରହିଛି। ଦେଶରେ ୩.୮ ବିଲିୟନ ଟନ୍‌ର ବକ୍ସାଇଟ ଗଚ୍ଛିତ ଥିବା ବେଳେ ଏହାର ମାତ୍ର ୧୭% ଉତ୍ତୋଳନ କରାଯାଇଛି। ଏହି କ୍ଷେତ୍ରରେ ଅଧିକ ସୁଯୋଗ ତଥା ସମ୍ଭାବନା ରହିଛି। ଖଣି ଉତ୍ତୋଳନକୁ ପ୍ରୋତ୍ସାହିତ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏ ନେଇ ବିଭିନ୍ନ ଯୋଜନା ମଧ୍ୟ ହାତକୁ ନିଆଯାଉଛି। ଆଲୁମିନିୟମ ଶିଳ୍ପଗୁଡ଼ିକ କେବଳ ଉପଲବ୍ଧ ଥିବା ବକ୍ସାଇଟ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ନୂଆ ଖଣି ଉତ୍ତୋଳନ ଉପରେ ମଧ୍ୟ ନଜର ରଖିବା ଆବଶ୍ୟକ ବୋଲି କେନ୍ଦ୍ର ଖଣି ସଚିବ ଅନିଲ ମୋକିମ କହିଛନ୍ତି।

ଖଣି ମନ୍ତ୍ରଣାଳୟ ଅଧୀନ ଆଲୁମିନିୟମ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଆଲୁମିନିୟମ କନଫରେନ୍ସ(ଇନ୍‌କାଲ)କୁ ଉଦଘାଟନ କରି ମୋକିମ କହିଛନ୍ତି ଯେ, କମ୍ପାନୀଗୁଡ଼ିକ ଲୋଗ୍ରେଡ ବକ୍ସାଇଟରୁ ଆଲୁମିନା ଉତ୍ପାଦନ କରିବାକୁ ଟେକ୍ନୋଲୋଜି ଆଣିବା ଆବଶ୍ୟକ। ସେହିଭଳି ଭାଲ୍ୟୁ ଆଡିଶନ ଏବଂ ସ୍ୱଳ୍ପ ମୂଲ୍ୟରେ ଉତ୍ପାଦନ ଲାଗି ଅତ୍ୟାଧୁନିକ ଟେକ୍ନୋଲୋଜିକୁ ମଧ୍ୟ ବିଚାର କରିବା ଉଚିତ୍। ଆଲୁମିନିୟମ ମାନୁଫାକ୍‌ଚରିଂରୁ ନିର୍ଗତ ମଳରୁ ଲୁହା ଉତ୍ପାଦନ ପାଇଁ ଟେକ୍ନୋଲୋଜି ଉପରେ ସେ ଏଥିରେ ଗୁରୁତ୍ୱାରୋପ କରିଛନ୍ତି। ଦେଶରେ ବର୍ତ୍ତମାନ ୩.୪ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ ହେଉଥିବା ବେଳେ ମାତ୍ର ୩.୬ ନିୟୁତ ଟନ ଆଲୁମିନିୟମ ବ୍ୟବହାର କରାଯାଉଛି। ଏଭଳି ସ୍ଥିତିରେ ଘରୋଇ ବଜାରରେ ଆଲୁମିନିୟମ ଉତ୍ପାଦ ବ୍ୟବହାର ଆଗାମୀ ୫ ବର୍ଷରେ ଦୁଇଗୁଣକୁ ବୃଦ୍ଧି ଘଟିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ବିଶ୍ୱ ସ୍ତରର ଆଲୁମିନିୟମ ବଜାରରେ ଭାରତ ଏକ ପ୍ରମୁଖ ସ୍ଥାନରେ ରହିଥିବା ସେ ପ୍ରକାଶ କରିଛନ୍ତି। ଚାହିଦାକୁ ନଜରରେ ରଖି ଦେଶରେ ଗଚ୍ଛିତ ଥିବା ଖଣିଜ ସମ୍ପଦର ଉତ୍ତୋଳନ ପାଇଁ ଅଧିକ ନିବେଶ ମଧ୍ୟ ଜରୁରୀ । ସରକାର ଏମ୍‌ଏମ୍‌ଡିଆର୍ ଆକ୍ଟରେ ସଂଶୋଧନ ଆଣିବା ସହ ନ୍ୟାଶନାଲ ମିନେରାଲ ଏକ୍ସପ୍ଲୋରେଶନ ଟ୍ରଷ୍ଟ ଗଠନ କରିଛନ୍ତି। ଏଥିଲାଗି ବାର୍ଷିକ ୩୦୦ରୁ ୪୦୦ କୋଟି ଟଙ୍କା ସଂଗ୍ରହ ହେଉଛି। ବିଭିନ୍ନ ଖଣିଜର ୧୫୦ ପ୍ରକଳ୍ପକୁ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକର ରିପୋର୍ଟ ଆସିଲେ ଅଧିକରୁ ଅଧିକ ଖଣି ନିଲାମ ହେବ ବୋଲି ମୋକିମ୍ କହିଛନ୍ତି। କମ୍ପାନୀଗୁଡ଼ିକ ଗବେଷଣା ଏବଂ ଉନ୍ନତୀକରଣ ବାବଦକୁ ଅଧିକ ନିବେଶ କରିବା ସହ ସ୍ୱଳ୍ପ ଖର୍ଚ୍ଚରେ ଆଲୁମିନିୟମ ଉତ୍ପାଦନ, ଆଲୁମିନିୟମ କ୍ଷେତ୍ରରେ ଆନୁଷଙ୍ଗିକ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ମୋକିମ୍ ଗୁରୁତ୍ୱାରୋପ କରିଛନ୍ତି।

ଦେଶ ମଧ୍ୟରେ ଆଲୁମିନିୟମ ବ୍ୟବହାରକୁ ବୃଦ୍ଧି କରାଯିବାକୁ ପର୍ଯ୍ୟାପ୍ତ ସୁଯୋଗ ରହିଥିବା ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ କହିଛନ୍ତି। ଓଡ଼ିଶାକୁ ଦେଶର ଆଲୁମିନିୟମ କ୍ୟାପିଟାଲ କରିବା ଲାଗି ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟକ୍ରମ ଜାରି ରହିଥିବା ସେ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱ ସ୍ତରରେ ଭାରତକୁ ଏକ ନିବେଶ ଉପଯୋଗୀ ସ୍ଥାନ ଭାବେ ପ୍ରଦର୍ଶିତ କରିବା ପାଇଁ ସମୟ ଆସିଛି। ସେହିଭଳି ଆଲୁମିନିୟମକୁ ଏକ ଭବିଷ୍ୟତର ଧାତୁ ଭାବେ ବିଶ୍ୱସ୍ତରରେ ପ୍ରଦର୍ଶନ କରାଯାଉଥିବା ସେ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ୮୫୦ ପ୍ରତିନିଧି ଯୋଗ ଦେଇଛନ୍ତି। ଏହା ମଧ୍ୟରେ ୨୦ ଦେଶର ୩୦୦ ବିଦେଶୀ ପ୍ରତିନିଧି ରହିଛନ୍ତି। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀରେ ୧୨୦ ଶିଳ୍ପ ସଂସ୍ଥା ଆଲୁମିନିୟମକୁ ନେଇ ସେମାନଙ୍କ ସଦ୍ୟତମ ଜ୍ଞାନକୌଶଳ ପ୍ରଦର୍ଶନ କରିଛନ୍ତି। ଏଠାରେ ଜାତୀୟ ଏବଂ ବିଶ୍ୱ ସ୍ତରର ପ୍ରମୁଖ ଆଲୁମିନିୟମ ଉତ୍ପାଦନକାରୀ ସଂସ୍ଥା ଯୋଗଦେବା ସହ ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ଅଂଶ ଗ୍ରହଣ କରିଛନ୍ତି। ଏହା ଆସନ୍ତା ୩ ତାରିଖ ଯାଏ ଚାଲିବାକୁ ଥିବା ବେଳେ ଏଥିରେ ଆଲୁମିନିୟମ ଶିଳ୍ପର ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇବ।




## ରାଜ୍ୟରେ ଆଲୁମିନିୟମ ପାର୍କ ସ୍ଥାପନ କରିବ ବେଦାନ୍ତ

ବେଦାନ୍ତ ଲିମିଟେଡ ରାଜ୍ୟର ଝାରସୁଗୁଡାଠାରେ ଏକ ଆଲୁମିନିୟମ ପାର୍କ ସ୍ଥାପନ କରିବ। ବେଦାନ୍ତ ଲିମିଟେଡର ଆଲୁମିନିୟମ ଆଣ୍ଡ ପାୱାର ସିଇଓ ଅଜୟ ଦିକ୍ଷୀତ ଏହି ସୂଚନା ଦେଇଛନ୍ତି। ବେଦାନ୍ତର ଝାରସୁଗୁଡ଼ା ପ୍ଲାଣ୍ଟ ନିକଟରେ ଉକ୍ତ ପାର୍କ ପ୍ରତିଷ୍ଠା ନେଇ ଯୋଜନା ରହିଛି। ୨୪୦ ଏକର ଜମିରେ ଏହା ସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଜମି ଉପଲବ୍ଧ ହେଲେ ଉକ୍ତ ପାର୍କ କାର୍ଯ୍ୟ ଆଗେଇବ ବୋଲି ଦୀକ୍ଷିତ କହିଛନ୍ତି। ଜମି ଶୀଘ୍ର ଉପଲବ୍ଧ କରାଇବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିବା ସେ ପ୍ରକାଶ କରିଛନ୍ତି। ଏହି ପାର୍କ ଲାଗି ପ୍ରାଥମିକ ପର୍ଯ୍ୟାୟରେ ୨୫ ଶିଳ୍ପ ସଂସ୍ଥା ଆଗ୍ରହ ଦେଖାଇଥିବା ଜଣାପଡ଼ିଛି। ସେହିଭଳି ରାଜ୍ୟରେ କ୍ୟାପ୍ଟିଭ ଖଣି ସନ୍ଧାନରେ କମ୍ପାନୀ ରହିଛି। ଖଣି ନିଲାମ ହେଲେ ଏହା ଏଥିରେ ଭାଗ ନେବ ବୋଲି କହିଛି। ଆଲୁମିନିୟମର ଆନୁଷଙ୍ଗିକ ଶିଳ୍ପଗୁଡ଼ିକ ଲାଗି ଉକ୍ତ ପାର୍କରେ ବେଦାନ୍ତ ଭିତ୍ତିଭୂମି ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବ ବୋଲି ଦୀକ୍ଷିତ ପ୍ରକାଶ କରିଛନ୍ତି।

## ଜିଡିପି ହାର ସଂଶୋଧିତ ୬.୭% ବଦଳରେ ୭.୨%

ନୂଆଦିଲ୍ଲୀ, ୩୧-୧

ଆର୍ଥିକ ବର୍ଷ ୨୦୧୭-୧୮ର ମୋଟ ଘରୋଇ ଉତ୍ପାଦ(ଜିଡିପି) ହାର ସଂଶୋଧିତ ହୋଇଛି। ପୂର୍ବରୁ ଏହା ୬.୭% ରହିବ ବୋଲି ଅନୁମାନ କରାଯାଉଥିବା ବେଳେ ଏବେ ଏହା ୭.୨%ରେ ପହଞ୍ଚିଛି ବୋଲି କେନ୍ଦ୍ର ସରକାର କହିଛନ୍ତି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପକ୍ଷରୁ କୁହାଯାଇଛି ଯେ, ୨୦୧୭-୧୮ ଓ ୨୦୧୬-୧୭ରେ ବାସ୍ତବିକ ଅର୍ଥାତ୍ ୨୦୧୧-୧୨ର ସ୍ଥିର ମୂଲ୍ୟ ଆଧାରିତ ଜିଡିପି କ୍ରମଶଃ ୧୩୧.୮୦ ଲକ୍ଷ କୋଟି ଟଙ୍କା ଏବଂ ୧୨୨.୯୮ ଲକ୍ଷ କୋଟି ଟଙ୍କା ହୋଇଛି। ଏହା ୨୦୧୭-୧୮ରେ ୭.୨% ଏବଂ ୨୦୧୬-୧୭ରେ ୮.୨% ବୃଦ୍ଧି ଦର୍ଶାଉଛି। ସୂଚନାଥାଉ କି, ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ୭.୨% ରହିବ ବୋଲି ସିଏସ୍‌ଓ ଅନୁମାନ ଜାରି କରିଥିଲା। ସେହିପରି ସିଏସ୍‌ଓ ପକ୍ଷରୁ ୨୦୧୬-୧୭ ଲାଗି ରାଷ୍ଟ୍ରୀୟ ଆୟ, ଉପଭୋଗ ବ୍ୟୟ, ସଞ୍ଚୟ ତଥା ପୁଞ୍ଜି ସୃଷ୍ଟିର ଦ୍ୱିତୀୟ ସଂଶୋଧିତ ଅନୁମାନ ଜାରି କରିଛି। ସିଏସ୍‌ଓ ପକ୍ଷରୁ କୁହାଯାଇଛି ଯେ, ୨୦୧୭-୧୮ରେ ପ୍ରାଥମିକ କ୍ଷେତ୍ର(କୃଷି, ବନ, ମତ୍ସ୍ୟଚାଷ ଏବଂ ଖନନ), ଦ୍ୱିତୀୟ କ୍ଷେତ୍ର(ବିନିର୍ମାଣ, ବିଜୁଳି, ଗ୍ୟାସ୍, ଜଳଯୋଗାଣ,ଅନ୍ୟ ସେବା ତଥା ନିର୍ମାଣ) ଏବଂ ସେବା କ୍ଷେତ୍ରର ଅଭିବୃଦ୍ଧି କ୍ରମଶଃ ୫%, ୬% ଏବଂ ୮% ରହିବ ବୋଲି ଅନୁମାନ କରାଯାଉଛି। ଯାହାକି ଗତ ଆର୍ଥିକ ବର୍ଷରେ କ୍ରମଶଃ ୬.୮%, ୭.୫% ଓ ୮.୪% ରହିଥିଲା।

## ବହିଷ୍କାର ପରେ କୋଚ୍ଚର ଫେରାଇବେ ୩୪୩ କୋଟି

ନୂଆଦିଲ୍ଲୀ,୩୧-୧

ଭିଡିଓକନ ଋଣ ମାମଲାରେ ଜଷ୍ଟିସ ବି.ଏନ୍.ଶ୍ରୀକ୍ରିଷ୍ଣା କମିଟି ରିପୋର୍ଟ ଭିତ୍ତିରେ ଦୋଷୀ ସାବ୍ୟସ୍ତ ହେବା ପରେ ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚ୍ଚରଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ବହିଷ୍କାର କରିଛି। ଫଳରେ ବ୍ୟାଙ୍କ ଦେଇଥିବା ସମସ୍ତ ପ୍ରକାର ବୋନସ, ଭତ୍ତା, ଶେୟାର ଆଦିକୁ ଫେରାଇ ନେବ ବୋଲି ଘୋଷଣା କରିଛି। ସବୁକୁ ହିସାବକୁ ନେଲେ ଏହା ପ୍ରାୟ ୩୪୩ କୋଟି ଟଙ୍କା ହେବ ବୋଲି ଜଣାପଡିଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୨୦୦୯ରୁ ୨୦୧୮ ମଧ୍ୟରେ କୋଚ୍ଚରଙ୍କୁ ୯୪ ଲକ୍ଷ ଶେୟାର ଇସପ୍ ମାଧ୍ୟମରେ ମିଳିଛି। ଏହି ଅବଧିରେ ବ୍ୟାଙ୍କ ଦେଇଥିବା ସମସ୍ତ ଦେୟ ଲାଗି କ୍ଲବ୍ୟାକ୍ ଏବଂ ଷ୍ଟକ୍ ଅପ୍‌ସନ୍ସ ମାଗିଛି। ବ୍ୟାଙ୍କ ପକ୍ଷରୁ କୋଚ୍ଚରଙ୍କୁ ମିଳିଥିବା ମୋଟ୍ ଷ୍ଟକ୍ ଅପ୍‌ସନ୍ସର ମୂଲ୍ୟ ୩୪୩ କୋଟି ଟଙ୍କା ହେଉଛି। ବ୍ୟାଙ୍କର ୨୦୦୮-୦୯ ଏବଂ ୨୦୧୭-୧୮ ମଧ୍ୟରେ ବାର୍ଷିକ ରିପୋର୍ଟ ଦେଖିଲେ ଜଣାପଡୁଛି ଯେ, କୋଚ୍ଚରଙ୍କୁ ମୋଟ୍ ୧୦.୧୨ କୋଟି ଟଙ୍କା ନଗଦ ବୋନସ ଭାବେ ମିଳିଛି। ସେ ଏହି ଟଙ୍କା ଫେରାଇବେ। ଅର୍ଥାତ୍ କୋଚ୍ଚର ମୋଟ ୩୫୩.୧୨ କୋଟି ଟଙ୍କା ଆଇସିଆଇସିଆଇ ବ୍ୟାଙ୍କକୁ ଫେରାଇବେ।

## ପୂର୍ଣ୍ଣାଙ୍ଗ-ଅନ୍ତରୀଣ ବଜେଟ ମଧ୍ୟରେ ପାର୍ଥକ୍ୟ

ନୂଆଦିଲ୍ଲୀ,୩୧-୧

କେନ୍ଦ୍ର ସରକାର ଶୁକ୍ରବାର ଲୋକ ସଭାରେ ତାଙ୍କର ଅନ୍ତିମ ତଥା ଅନ୍ତରୀଣ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଅସୁସ୍ଥତା କାରଣରୁ ବିଦେଶରେ ଚିକିତ୍ସିତ ହେଉଥିବା ଅରୁଣ ଜେଟ୍‌ଲୀଙ୍କ ସ୍ଥାନରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ରହିଥିବା ରେଳମନ୍ତ୍ରୀ ପୀୟୂଷ ଗୋୟଲ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ନିର୍ବାଚନୀ ବର୍ଷରେ କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି ବୋଲି କଳ୍ପନାଜଳ୍ପନା ଭିତରେ ସରକାର ଏହାକୁ ନେଇ ସ୍ପଷ୍ଟୀକରଣ ଦେଇସାରିଛନ୍ତି। ତେବେ ପୂର୍ଣ୍ଣାଙ୍ଗ ଓ ଅନ୍ତରୀଣ ବଜେଟ ମଧ୍ୟରେ ପାର୍ଥକ୍ୟ କ'ଣ ସେ ସମ୍ପର୍କରେ ନିମ୍ନରେ ଉଲ୍ଲେଖ କରାଯାଉଛି।

### ପୂର୍ଣ୍ଣାଙ୍ଗ ବଜେଟ

ପୂର୍ଣ୍ଣାଙ୍ଗ ବଜେଟ ବା ସାଧାରଣ ବଜେଟକୁ କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରନ୍ତି। ଆସନ୍ତା ଆର୍ଥିକ ବର୍ଷ ପାଇଁ ଆୟବ୍ୟୟର ହିସାବ ଦିଆଯାଏ। ଦେଶର ସମ୍ବିଧାନରେ ବଜେଟ ବୋଲି କୌଣସି ଶବ୍ଦ ସମ୍ପର୍କରେ ଉଲ୍ଲେଖ କରାଯାଇନାହିଁ। ସମ୍ବିଧାନର ଧାରା ୧୧୨ରେ ବଜେଟକୁ 'ବାର୍ଷିକ ଆର୍ଥିକ ବିବରଣୀ' ବୋଲି ଉଲ୍ଲେଖ କରାଯାଇଛି। ସାଧାରଣ ଭାଷାରେ ଏହାକୁ ବଜେଟ ବୋଲି କୁହାଯାଏ। ଗୋଟିଏ ଆର୍ଥିକ ବର୍ଷରେ ଆନୁମାନିକ ଆୟ ଓ ବ୍ୟୟ ସମ୍ପର୍କରେ ସରକାର ସଂସଦକୁ ଜଣାଇଥାନ୍ତି। ଏହା ଦୁଇଟି ଭାଗରେ ବିଭକ୍ତ। ପ୍ରଥମ ଭାଗରେ ସରକାର ପୂର୍ବ ବର୍ଷର ଆୟ-ବ୍ୟୟ ସମ୍ପର୍କରେ ବିବରଣୀ ଉପସ୍ଥାପନ କରନ୍ତି। ଦ୍ୱିତୀୟ ଭାଗରେ ଆସନ୍ତା ଆର୍ଥିକ ବର୍ଷ ଲାଗି ଆୟ-ବ୍ୟୟର ଆନୁମାନିକ ହିସାବ ଉଲ୍ଲେଖ କରାଯାଏ।




### ଅନ୍ତରୀଣ ବଜେଟ

ଲୋକ ସଭା ନିର୍ବାଚନ ହେବାକୁ ଥିବା ବର୍ଷରେ ସରକାର ପୂର୍ଣ୍ଣାଙ୍ଗ ବଦଳରେ ଅନ୍ତରୀଣ ବଜେଟ ଉପସ୍ଥାପନ କରନ୍ତି। ଏହା ହିଁ ସଂସଦୀୟ ପରମ୍ପରା ରହିଛି। ନିର୍ବାଚନୀ ବର୍ଷରେ ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ ହେବାକୁ ଥିବା ଖର୍ଚ୍ଚର ବ୍ୟବସ୍ଥା ପାଇଁ ଅନ୍ତରୀଣ ବଜେଟ ଉପସ୍ଥାପିତ ହୁଏ। ଏଥିରେ ବିଦାୟୀ ସରକାର କୌଣସି ନୀତି ନିର୍ଦ୍ଧାରଣ ସମ୍ପର୍କିତ ଘୋଷଣା କରନ୍ତି ନାହିଁ କି ଏଥିପାଇଁ କୌଣସି ବ୍ୟବସ୍ଥା କରାଯାଏ ନାହିଁ। ଏହି ବଜେଟରେ ପ୍ରତ୍ୟକ୍ଷ ଟିକସରେ କୌଣସି ପରିବର୍ତ୍ତନ କରାଯାଇ ନଥାଏ। ତେବେ ସରକାର ଆମଦାନୀ, ରପ୍ତାନି ଅଥବା ସେବା ଟିକସରେ ରିହାତି ଘୋଷଣା କରିପାରନ୍ତି। ସରକାର ରାଜସ୍ୱକୁ ହିସାବକୁ ନେଇ ପାଣ୍ଠି ଘୋଷଣା କରନ୍ତି। ପରେ ଏହାକୁ ସଂସଦରେ ଅନୁମୋଦନ କରାଯାଏ।

**District Urban Development Agency, Sambalpur**
[D.R.D.A,Sambalpur] , e-mail Id - dudasambalpur@gmail.com
File No. xx-40/2019 Letter No. / DUDA Dated :
**Tender Call Notice for hiring of vehicle**
Sealed quotation are invited from travel agencies / transporters Tour operator / Individuals / Private Organisation situated within Sambalpur District for providing one A/C commercial diesel vehicle (Bolero) on monthly hiring basis to be used in District Urban Development Agency (DUDA) Sambalpur as per the following specification.
The details terms and condition will be available at district website **www.sambalpur.nic.in** till **12.02.2019**

**ODISHA RENEWABLE ENERGY DEVELOPMENT AGENCY**
S-3/59, MANCHESWAR INDUSTRIAL ESTATE, BHUBANESWAR-751010
Phone: (0674) 2588260, 2586398, 2580554, Fax: 2586368
Website: www.oredaorissa.com, Email: ceoreda@oredaorissa.com
**NOTICE INVITING TENDER**
No.: 472/OREDA Dtd. 30.01.2019
ODISHA RENEWABLE ENERGY DEVELOPMENT AGENCY invites sealed e-tenders in two part bidding system from manufacturer, system integrator for Design, Manufacture, Supply, Installation (Erection), Testing, Commissioning, including Warranty and Comprehensive Maintenance Contract for a period of 5 years of Solar energy based dual pump pipe water supply schemes in the state of Odisha under RWS&S and other Govt. Depts. on rate contract.

| | |
| --- | --- |
| Date of release of bid | Dt. 30.01.19 |
| Pre-bid conference | Dt. 07.02.19 at 11.30AM |
| Revised & final online bid document hoisting | Dt.08.02.19 |
| Date and time of last submission | Dt.21.02.19 at 5.00PM online |
| Date and time of submission of hard copy of documents | Dt.23.02.19 at 1.00PM |
| Opening of Techno-commercial bid (Part-I) | Dt.23.02.19 at 3.30PM |
| Date of opening of the price bid (Part-II) | To be informed to the qualified bidders |

Interested prospective bidders may visit OREDA's website www.oredaorissa.com and www.tenderwizard.com/OREDA for details relating bidding process and all other terms and conditions. The bidders can view the tender documents from www.oredaorissa.com website free of cost. Amendments if any will be published in the OREDA website only. No further notification will be made in the newspaper.
*Sd./- dt.30.01.2019*
*Chief Executive, OREDA*

See Career Appointment on every Wednesday & Saturday

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
**ODISHA UNIVERSITY OF AGRICULTURE & TECHNOLOGY**
Bhubaneswar - 751003, Odisha
Website : www.ouat.ac.in, Email : registrarouat@gmail.com, Ph : 0674-2397818/919, Fax : 0674-2397424
No. E-II-II-21/2018/1833/UAT Dated : 31.01.2019
**OFFICE ORDER**
The Advertisement for the Post of SMS Agrometerology and Agro Met Observer on contractual basis in District Agromet Unit (DAMU) in the KVKs under OUAT made vide advertisement No. 23773/UAT, Dated 10.10.2018 is hereby cancelled.
By order of the Vice-Chancellor
SD./- REGISTRAR

**OFFICE OF THE PRINCIPAL, CHIEF CONSERVATOR OF FORESTS : KENDU LEAVES, ORISSA, BHUBANESWAR**
GD 2/12, 5th Floor, Aranya Bhawan, Chandra Sekharpur, Bhubaneswar, Odisha, Pin - 751023,
Phone No. : 0674-2300915 /Fax No. : 0674- 2300514,
Email Id : pccfkldak@gmail.com
**TENDER NOTICE**
No. 27/ Dated : 31st January 2019
PROCUREMENT OF HESSIAN CLOTH AND HESSIAN TWINE
Sealed Tenders in prescribed format are invited from Companies / Firms/ Manufacturers / Traders of Hessian material for supply about 450 Bales of Hessian Cloth (Superior) and 15MT of Hessian Twine each of these products. Detailed Terms & Conditions etc. can be accessed from Kendu Leaf Organization Web Portal :- www.odishakenduleaves.com
**SCHEDULE OF TENDER**

| | |
| --- | --- |
| Sale of Tender Documents | 01st February, 2019 |
| Cost of Tender Documents (Non-Refundable) | Rs. 3000/- and Rs. 540/- for IGST/CGST/SGST |
| Last date of Submission of Tender | 5.00 P.M. of 02nd March, 2019 |
| Opening of Technical Bid and Evaluation | 11.00 A.M. of 06th March, 2019 |
| Opening of Financial Bid | 04.30 P.M. of 11th March, 2019 |

Downloaded Tender Document can be used and in that case the Tender has to submit cost of Tender Document in shape of Bank Draft along with Technical Bid.
Sd./- Assistant Chief Conservator of Forests, Kendu Leaves, Odisha

**BHUBANESWAR MUNICIPAL CORPORATION**
No.3429 COMPETITIVE BIDDING THROUGH e-Procurement Dt.28/01/19
**NOTICE INVITING TENDER**
**Bid Reference No. BMC-EED-II-36/2018-19 Dt.28.01.2019**
On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-II, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.
Only the Bid Reference **No.(BMC-EED-II-36/2018-19)** should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, (during office hours only) till the stipulated last date and time of submission of on-line tender.
1. Total No. of works for which Tenders invited: **08** Nos.
2. Place of Execution : Different locations in **Division-II** of Bhubaneswar Municipal Corporation
3. Estimated Cost of Individual Work : Rs. **49,760/- to Rs. 20,63,004/-**
4. Eligible Class of Contractors –: Registered Class of Contractors as indicated against each work mentioned in the tender call Notice Column No.7.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M on 29.01.2019 to 5 P.M on 07.02.2019** for online bidding.
7. Bids received online will be opened at **11.30 A.M on 13.02.2019.** The bidder must possess valid and Compatible **Digital Signature Certificate (DSC)**.
8. The bidders bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding .

**On behalf of Commissioner, BMC, Bhubaneswar**
Executive Engineer
BMC Division No.-II
Progress Through Partnership for a Better Bhubaneswar

# ଆରୋଜ-ନେରୋକା ମ୍ୟାଚ୍ ଆଜି

**ଭୁବନେଶ୍ୱର, ୩୧।୧(ସ୍ପୋର୍ଟ୍ସ ବ୍ୟୁରୋ)**

**ଆଇ-ଲିଗ୍ ଫୁଟ୍‌ବଲ**
- ସ୍ଥାନ- କଳିଙ୍ଗ ଷ୍ଟାଡିୟମ
- ସମୟ- ଅପରାହ୍ଣ ୨ଟା
- ପ୍ରସାରଣ- ଷ୍ଟାର୍ ସ୍ପୋର୍ଟ୍ସ-୩, ଜିଓ ଟିଭି

ଦ୍ୱାଦଶ ହିରୋ ଆଇ-ଲିଗ୍ ଫୁଟ୍‌ବଲର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଶୁକ୍ରବାର ମଣିପୁର ବେସଡ୍ ସାଇଡ୍ ନେରୋକା ଏଫ୍‌ସି ଘରୋଇ ଇଣ୍ଡିଆନ୍ ଆରୋଜ୍‌କୁ ଭେଟିବ। ଏହି ମ୍ୟାଚ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅପରାହ୍ଣ ୨ଟାରେ ଖେଳାଯିବ। ଗତବର୍ଷ ପଦାର୍ପଣ କରିଥିବା ନେରୋକା ଏଫ୍‌ସି ଏହି ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ପାଖାପାଖି ୨ୟ ସ୍ଥାନରେ ରହି ଅଭିଯାନ ଶେଷ କରିବା ଲକ୍ଷ୍ୟରେ ରହିଛି।

ନେରୋକା ବର୍ତ୍ତମାନ ସୁଦ୍ଧା ୧୪ ମ୍ୟାଚ୍‌ରୁ ୬ ବିଜୟ ଏବଂ ୪ଟି ଲେଖାଏ ଡ୍ର' ଓ ପରାଜୟ ସହ ୨୨ ପଏଣ୍ଟ ପାଇ ପଏଣ୍ଟ ଟେବୁଲରେ ୫ମ ସ୍ଥାନରେ ରହିଛି। ଶୀର୍ଷ ସ୍ଥାନରେ ରହିଥିବା ଚେନ୍ନାଇ ସିଟି (୩୦)ଠାରୁ ନେରୋକା ୮ ପଏଣ୍ଟ ପଛରେ ରହିଛି। ଅପରପକ୍ଷରେ କଳିଙ୍ଗ ଷ୍ଟାଡିୟମକୁ ଘରୋଇ ଭେନ୍ୟୁ କରିଥିବା ଆରୋଜ୍ ୧୪ଟି ମ୍ୟାଚ୍‌ରୁ ୪ ବିଜୟ, ୯ ପରାଜୟ ଓ ଗୋଟିଏ ଡ୍ର' ସହ ୧୩ ପଏଣ୍ଟ ପାଇ ଟେବୁଲ ତାଲିକାର ୮ମ ସ୍ଥାନରେ ରହିଛି। ଫଳରେ ପଏଣ୍ଟ ଟେବୁଲକୁ ନଜର ପକାଇଲେ ନେରୋକା ଏଫ୍‌ସି ଏହି ମ୍ୟାଚ୍‌ରେ ଫେଭରିଟ୍ ବିବେଚିତ ହେଉଛି। ଚର୍ଚ୍ଚିଲ ବ୍ରଦର୍ସ (୨୯), ରିୟଲ କଶ୍ମୀର (୨୯) ଓ ଇଷ୍ଟବେଙ୍ଗଲ (୨୫) ଯଥାକ୍ରମେ ପଏଣ୍ଟ ତାଲିକାର ୨ୟ, ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି।

ନେରୋକା ଏହାର ଅନ୍ତିମ ୩ଟି ମ୍ୟାଚ୍‌ରୁ ୨ଟି ପରାଜୟ ଓ ଗୋଟିଏ ଡ୍ର ରଖିଛି। ମୋହନ ବାଗାନ (୧-୦) ଓ ଚର୍ଚ୍ଚିଲ ବ୍ରଦର୍ସ (୨-୧)ଠାରୁ ହାରିଥିବାବେଳେ ଅନ୍ତିମ ମୁକାବିଲାରେ ଆଇଜଲ୍ ଏଫ୍‌ସି ବିପକ୍ଷରେ ଗୋଲଶୂନ୍ୟ ଭାବେ ଡ୍ର ରଖିଥିଲା। ତେଣୁ ଆରୋଜ୍ ବିପକ୍ଷ ମ୍ୟାଚ୍ ପୂର୍ବରୁ ନେରୋକାର ସ୍ପାନିଶ କୋଚ୍ ମାନୁଏଲ୍ ଫ୍ରାଇଲେ ଖେଳାଳିଙ୍କ ମନୋବଳ ବୃଦ୍ଧି କରିବାକୁ ଚେଷ୍ଟା କରିଛନ୍ତି। 'ଏଠାରେ ଆମର ପ୍ରସ୍ତୁତି ଭଲ ରହିଛି। ମ୍ୟାଚ୍‌ରୁ ଆମେ ପୂର୍ଣ୍ଣ ୩ ପଏଣ୍ଟ ହାସଲ କରିବାକୁ ଆଶାରଖିଛୁ। ଯୁବ ଖେଳାଳିଙ୍କୁ ନେଇ ଆରୋଜ ଗଠିତ ହୋଇଛି ଏବଂ ଏକ କଷ୍ଟସାଧ ଦଳ। କିନ୍ତୁ ଆମେ ମ୍ୟାଚ୍‌ରେ ପୂରା ଦମ୍ ଲଗାଇ ଖେଳିବୁ। ଆମ ନିକଟରେ ଅଭିଜ୍ଞତା ସମ୍ପନ୍ନ ଖେଳାଳି ରହିଛନ୍ତି। ଆମେ ମୋହନ ବାଗାନ ଓ ଚର୍ଚ୍ଚିଲ ବ୍ରଦର୍ସଠାରୁ ହାରିଯାଇଥିଲେ ମଧ୍ୟ ଏହା ଅତୀତ ହୋଇସାରିଛି' ବୋଲି ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମାନୁଏଲ୍ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଘରୋଇ ଇଣ୍ଡିଆନ୍ ଆରୋଜର କୋଚ୍ ଫ୍ଲୋଏଡ୍ ପିଣ୍ଟୋ ଯୁବ ଖେଳାଳିଙ୍କୁ ନେଇ ବେଶ୍ ଆଶାବାଦୀ ରହିଛନ୍ତି। 'ଘରୋଇ ପଡ଼ିଆକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଖୁସି ଲାଗୁଛି। ନେରୋକା ଏଫ୍‌ସି ସହ ଯେତେବେଳେ ମ୍ୟାଚ୍ ଖେଳିଛୁ ଏହା ଆମପାଇଁ ସେତେଟା ସହଜ ହୋଇନାହିଁ। ଯଦି ପଏଣ୍ଟ ଟେବୁଲକୁ ନଜର ପକାଯାଏ ତେବେ ଆମେ ବର୍ତ୍ତମାନ ସୁଦ୍ଧା ଭଲ ପ୍ରଦର୍ଶନ କରିଆସିଛୁ। ଚଳିତ ସିଜନରେ ମ୍ୟାଚ୍ ଯେତେ ଆଗକୁ ବଢୁଛି ଆମର ଖେଳାଳିଙ୍କ ପ୍ରଦର୍ଶନ ସେତେ ଉନ୍ନତି କରୁଛି। ଆମ ପାଇଁ ବର୍ତ୍ତମାନ ପଏଣ୍ଟ ଅର୍ଜନ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଶୁକ୍ରବାର ମ୍ୟାଚ୍‌ରୁ ପଏଣ୍ଟ ହାସଲ କରିବୁ' ବୋଲି ପିଣ୍ଟୋ ଆଶାବାଦୀ ରହିଛନ୍ତି।


ଗୁରୁବାର ଅଭ୍ୟାସ ସେସନ ଅବସରରେ ନେରୋକା ଏଫ୍‌ସିର ଖେଳାଳିମାନେ।

■ ଫେଡେରେଶନ କପ୍ ନେଟ୍‌ବଲ କ୍ରିକେଟ

# ଓଡ଼ିଶା-ତାମିଲନାଡୁ ଫାଇନାଲ



ଅତିଥି ଶିବୁ ପ୍ରକାଶ ଘୋଷ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

**କଟକ ଅଫିସ,୩୧।୧**

ନିମପୁର ଗ୍ରାଉଣ୍ଡରେ ଚାଲିଥିବା ୭ମ ଫେଡେରେଶନ କପ୍ ନେଟ୍‌ବଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଶୁକ୍ରବାର ଆୟୋଜକ ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ବିଜୟୀ ହୋଇଛନ୍ତି। ଓଡ଼ିଶା ପୂର୍ବ ମ୍ୟାଚରେ ୧୬୫ ରନରେ ତେଲେଙ୍ଗାନାକୁ ପରାସ୍ତ କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି।

ଗୁରୁବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ତାମିଲନାଡୁ ୯୯ ରନରେ ମୁମ୍ବାଇକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ତାମିଲନାଡୁ ୬ ଉଇକେଟ ହରାଇ ୧୬୬ ରନ କରିଥିଲା। ଦଳ ପକ୍ଷରୁ ଏସ୍. ଶ୍ରାବଣ ସର୍ବାଧିକ ୪୯ ରନ କରିଥିଲେ। ଜବାବରେ ମୁମ୍ବାଇ ୬୭ ରନରେ ଅଲ୍‌ଆଉଟ ହୋଇଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ତାମିଲନାଡୁ ୯ ରନରେ ଆନ୍ଧ୍ରପ୍ରଦେଶ ଠାରୁ ପରାସ୍ତ ହୋଇଥିଲା। ଆନ୍ଧ୍ରପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୧୦୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ତାମିଲନାଡୁ ୧୦୦ ରନରେ ଅଲଆଉଟ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଦୁର୍ନୀତି ନିବାରଣ ଅଧିକାରୀ ଶିବୁ ପ୍ରକାଶ ଘୋଷ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ରାଉତ, ରଞ୍ଜନ ବର୍ଦ୍ଧନ, ବ୍ରଜ କିଶୋର ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶା ନେଟ୍‌ବଲ ସଂଘ କାର୍ଯ୍ୟକାରୀ ସଭାପତି ଦେବାଶିଷ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ମହେଶ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। ଦୁର୍ଗାଦତ୍ତ ମହାପାତ୍ର, ସାବିତ୍ରୀ ସିଂ, ବିବେକାନନ୍ଦ ରାଉତ, ବୀରବର ନାୟକ ଖେଳ ପରିଚାଳନା କରିଥିଲେ। ସୂଚନା ଥାଉକି, ପ୍ରତିଯୋଗିତାରେ ୮ଟି ରାଜ୍ୟ ଅଂଶ ଗ୍ରହଣ କରିଛନ୍ତି।

ସିନିୟର ପୁରୁଷ ହକି

# ଓଡ଼ିଶାର ବିଜୟ ଅଭିଯାନ

**କଟକ ଅଫିସ,୩୧।୧**

ମଧ୍ୟପ୍ରଦେଶର ଗ୍ୱାଲିୟରରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୯ମ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ(ଡିଭିଜନ-ଏ)ର ପ୍ରଥମ ମ୍ୟାଚରେ ଓଡ଼ିଶା ବିଜୟୀ ହୋଇଛି। ଓଡ଼ିଶା ୩-୨ ଗୋଲରେ ନାମଧାରୀ ଏକାଦଶ ଦଳକୁ ପରାସ୍ତ କରିଥିଲା। ପ୍ରଥମ କ୍ୱାର୍ଟରର ୫ମ ମିନିଟରେ ଓଡ଼ିଶା ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ କ୍ରୀଷ୍ଟା ତିର୍କୀ। ମ୍ୟାଚ୍‌ର ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ହୋଇଥିଲା। ୧୯ତମ ମିନିଟରେ ସୂରଜ ମିଞ୍ଜ ଓ ୩୦ତମ ମିନିଟରେ ନାମଧାରୀ ପକ୍ଷରୁ ମଲକ ସିଂ ଗୋଲ ଦେଇଥିଲେ। ଓଡ଼ିଶା ୨-୧ ଗୋଲରେ ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରର ୩୫ତମ ମିନିଟରେ ଶିଳାନନ୍ଦ ଲାକ୍ରା ଏକ ଗୋଲ ଦେଇ ଓଡ଼ିଶାକୁ ୩-୧ରେ ଆଗୁଆ କରିଥିଲେ। ଏହାର ଏକ ମିନିଟ ପରେ ନାମଧାରୀ ପକ୍ଷରୁ ଲୋଭପ୍ରୀତ ସିଂଙ୍କ ଗୋଲ ବଳରେ ମ୍ୟାଚ୍ ୩-୨ ସ୍ଥିତିରେ ପହଞ୍ଚିଥିଲା। ଚତୁର୍ଥ କ୍ୱାର୍ଟର ଗୋଲଶୂନ୍ୟ ରହିବା ଫଳରେ ଓଡ଼ିଶା ବିଜୟ ପଏଣ୍ଟ ହାସଲ କରିଛି। ସୂଚନାଥାଉ କି, ଓଡ଼ିଶା ପ୍ରତିଯୋଗିତାର ପୁଲ-ଡି'ରେ ସ୍ଥାନ ପାଇଛି। ଆସନ୍ତା ୩ରେ ଦଳ ପରବର୍ତ୍ତୀ ମ୍ୟାଚ କାନାରା ବ୍ୟାଙ୍କ ବିପକ୍ଷରେ ଖେଳିବ।

# ଡରହମ କୋଚ୍ ଜେମ୍ସ ଫ୍ରାଙ୍କଲିନ

**ଡରହାମ,୩୧।୧**

ପୂର୍ବତନ ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ଜେମ୍ସ ଫ୍ରାଙ୍କଲିନ କାଉଣ୍ଟି କ୍ରିକେଟ କ୍ଲବ ଡରହମ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି। ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ୩୮ ବର୍ଷୀୟ ପୂର୍ବତନ କ୍ରିକେଟର ଦାୟିତ୍ୱ ସମ୍ଭାଳିବେ। ସେ ପୂର୍ବତନ ଡରହମ ଖେଳାଳି ନିଲ କିଲିନ (ବୋଲିଂ କୋଚ୍) ଓ ଆଲାନ ୱାକର (ଆସିଷ୍ଟାଣ୍ଟ କୋଚ)ଙ୍କ ସହ କାର୍ଯ୍ୟ କରିବେ। ମୋତେ ଡରହାମ ଭଳି କାଉଣ୍ଟି କ୍ଲବର କୋଚିଂ ଦଳର ନେତୃତ୍ୱ ନେବାକୁ ସୁଯୋଗ ଦିଆଯାଇଥିବାରୁ ମୁଁ ଖୁସି। ଦଳ ସହ ଆଗାମୀ ଦୁଇ ବର୍ଷ ନିଶ୍ଚିତ ଚ୍ୟାଲେଞ୍ଜ ହେବ ବୋଲି ସେ କହିଛନ୍ତି। ଫ୍ରାଙ୍କଲିନ ନ୍ୟୁଜିଲାଣ୍ଡ ପକ୍ଷରୁ ୩୧ ଟେଷ୍ଟ, ୧୧୦ ଦିନିକିଆ ଓ ୮ ଟି୨୦ ମ୍ୟାଚ୍ ଖେଳିଛନ୍ତି।


## COLLECTOR & DISTRICT MAGISTRATE, KEONJHAR

**WITHDRAWAL NOTIFICATION**

**SPL. LAO.R.I.P.- JAJ-33/2017/ 2864 / R.I.P. Sukinda Dated 22.12.18**

**No. V-59:-** In Exercise of Powers conferred by Section 93(1) of the R.F.C.T.L.A.R&R, Act. 2013 (Act-1 of 2013), the Government of Odisha are proposed to withdraw from the acquisition of Land to the extent of Ac.3.64 as per scheduled of land attached out of the total area Ac. 21.200 required to be taken by Government at the Public expenses for construction of Main Canal of Rengali Irrigation Project (Left), L.B.C.-II in the village- Narada, P.S.- Ramachandrapur, No.-103, District- Keonjhar covered by Revenue Department Notification No.: 932/R.I.P./JAJ, Dated: 24.05.2018 published in the Extraordinary issue of the Odisha Gazette No.: 994/ Date: 20.06.2018.

By the order of Government

*Sd./- Spl. L.A.R. & R.O., R.I.P., Sukinda* — *Sd./- Collector & District Magistrate, Keonjhar*

**ପ୍ରତ୍ୟାହାର ଜମି ଅନୁସୂଚୀ**

ଗ୍ରାମର ନାମ: ନରଦା, ଥାନାର ନାମ: ରାମଚନ୍ଦ୍ରପୁର ନଂ.: ୧୦୩, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝର

ଜମି ଅଧିଗ୍ରହଣ କେସ୍ ନଂ.:

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ପ୍ରତ୍ୟାହାର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୬ | ୮୧୨ | ୦.୧୫ | ୦.୦୭ | ୦.୦୭ | ଅପର୍ତ୍ତି କାଣ୍ଡି, ପିତା: ବରକୁ କାଣ୍ଡି ଓଗେର, ଜା: ତନ୍ତି, ବା: ଅଳତି | |
| ୨ | ୮ | ୩୬୩ | ୦.୬୨ | ୦.୦୧ | ୦.୦୧ | ଅମ୍ବି ଦାସ, ସ୍ୱାମୀ: ସୁକୁଟି ଦାସ ଓଗେର, ଜାତି: ଖଣ୍ଡାୟତ, ବା: ନିଜଗାଁ | |
| ୩ | ୧୬ | ୩୨୭ | ୦.୧୩ | ୦.୦୬ | ୦.୦୬ | ଉପେନ୍ଦ୍ର ବେହେରା, ପିତା: ମାଗୁଣି ବେହେରା, ଜାତି: ଗୋପାଳ, ବା: ନିଜଗାଁ | |
| ୪ | | ୨୮୮/୧୦୩୬ | ୦.୭୨ | ୦.୨୨ | ୦.୨୨ | ଉପେନ୍ଦ୍ର ବେହେରା, ପିତା: ମାଗୁଣି ବେହେରା, ଜାତି: ଗୋପାଳ, ବା: ନିଜଗାଁ | |
| ୫ | ୨୭ | ୪୦୦ | ୦.୬୧ | ୦.୨୫ | ୦.୨୫ | କୀର୍ତ୍ତନ ସେନାପତି, ପିତା: ଶଙ୍କର ସେନାପତି, ଜାତି: ପାଟରା, ବା: ନିଜଗାଁ | |
| ୬ | ୩୯ | ୮୦୨ | ୦.୨୦ | ୦.୧୩ | ୦.୧୩ | ଗୋପିନାଥ ବେହେରା, ପିତା: ମାଧ ବେହେରା, ଜାତି: ଖଣ୍ଡାୟତ, ବା: କରଡ଼ାମାଳି | |
| ୭ | ୪୫ | ୩୯୯ | ୦.୧୯ | ୦.୧୫ | ୦.୧୫ | ଚମ୍ପା ବେହେରା, ସ୍ୱାମୀ: କରୁଣାକର ବେହେରା, ଜାତି: ଗୋପାଳ, ବା: ନିଜଗାଁ | |
| ୮ | ୪୮ | ୮୦୩ | ୦.୪୭ | ୦.୧୩ | ୦.୧୩ | ଚେମେଇ ସାହୁ, ପିତା: ସିନ୍ଧୁ ସାହୁ, ଜାତି: ଗୁଡ଼ିଆ, ବା: ଅଳତି | |
| ୯ | ୫୩ | ୩୩୫ | ୦.୨୯ | ୦.୧୨ | ୦.୧୨ | ଦଇନ ଜେନା, ପିତା: ଅଇଁଠୁ ଜେନା, ଜାତି: ପାଣ, ବା: ନିଜଗାଁ | |
| ୧୦ | ୫୪ | ୩୩୧ | ୧.୧୩ | ୦.୪୧ | ୦.୪୧ | ଦାମୋଦର ସେନାପତି, ପିତା: ଶଙ୍କର ସେନାପତି ଓଗେର, ଜାତି: ପାଟରା, ବା: ନିଜଗାଁ | |
| ୧୧ | | ୩୩୩/୯୭୪ | ୦.୦୮ | ୦.୦୫ | ୦.୦୫ | ଦାମୋଦର ସେନାପତି, ପିତା: ଶଙ୍କର ସେନାପତି ଓଗେର, ଜାତି: ପାଟରା, ବା: ନିଜଗାଁ | |
| ୧୨ | ୬୫ | ୩୨୨ | ୧.୮୮ | ୦.୧୨ | ୦.୧୨ | ଦୈତାରି ପେରେଇ, ପିତା: ରଥ ପେରେଇ, ଜାତି: ପାଣ, ବା: ନିଜଗାଁ | |
| ୧୩ | ୭୧ | ୩୨୮ | ୦.୩୪ | ୦.୧୦ | ୦.୧୦ | ନନ୍ଦ ବେହେରା, ପିତା: ଶିବ, ଜାତି: ଗୋପାଳ, ବା: ନିଜଗାଁ | |
| ୧୪ | | ୩୩୭ | ୦.୨୨ | ୦.୧୪ | ୦.୧୪ | ନନ୍ଦ ବେହେରା, ପିତା: ଶିବ, ଜାତି: ଗୋପାଳ, ବା: ନିଜଗାଁ | |
| ୧୫ | ୭୩ | ୩୩୪ | ୦.୨୪ | ୦.୧୨ | ୦.୧୨ | ନରି ଜେନା, ପିତା: ଅଇଁଠୁ ଜେନା, ଜାତି: ପାଣ, ବା: ନିଜଗାଁ | |
| ୧୬ | ୭୫ | ୭୯୩ | ୦.୭୧ | ୦.୧୯ | ୦.୧୯ | ନରସିଂହ ବେହେରା, ପିତା: ମାଧ ବେହେରା, ଜାତି: ଖଣ୍ଡାୟତ, ବା: କରଡ଼ାମାଳି | |
| ୧୭ | ୭୯ | ୮୦୧ | ୦.୮୨ | ୦.୩୦ | ୦.୩୦ | ନାରଣ ଜେନା, ପିତା: ସୁନେଇ ଜେନା, ଜାତି: ପାଣ, ବା: ନିଜଗାଁ | |
| ୧୮ | ୯୯ | ୩୯୮ | ୦.୨୪ | ୦.୧୦ | ୦.୧୦ | ବାମନ ବେହେରା, ପିତା: ସନାତନ ବେହେରା, ଜାତି: ଗୋପାଳ, ବା: ନିଶାଣିଆ | |
| ୧୯ | ୧୧୩ | ୮୧୭ | ୦.୭୩ | ୦.୦୧ | ୦.୦୧ | ଭାଇଗ ମଳିକ, ପିତା: ଭଜନ ମଳିକ, ଜାତି: ପାଣ, ବା: ତିଗିରିଆ | |
| ୨୦ | ୧୧୪ | ୩୯୭ | ୦.୧୪ | ୦.୦୨ | ୦.୦୨ | ଭାସ୍କର ସ୍ୱାଇଁ, ପିତା: ସପନି ସ୍ୱାଇଁ, ଜାତି: ମାସ୍ତାନୀ ବ୍ରାହ୍ମଣ, ବା: ନିଜଗାଁ | |
| ୨୧ | ୧୨୫ | ୩୩୨ | ୦.୧୧ | ୦.୦୫ | ୦.୦୫ | ମୁରଲୀ ଜେନା, ପିତା: ଅଇଁଠୁ ଜେନା, ଜାତି: ପାଣ, ବା: ନିଜଗାଁ | |
| ୨୨ | ୧୩୦ | ୩୩୬ | ୦.୧୭ | ୦.୦୧ | ୦.୦୧ | ରଙ୍କ ଜେନା, ପିତା: ଅଇଁଠୁ ଜେନା, ଜାତି: ପାଣ, ବା: ନିଜଗାଁ | |
| ୨୩ | ୧୩୭ | ୩୩୦ | ୦.୨୫ | ୦.୧୦ | ୦.୧୦ | ରତ୍ନାକର ବେହେରା, ପିତା: ହରିହର ବେହେରା, ଜାତି: ଗୋପାଳ, ବା: ନିଜଗାଁ | |
| ୨୪ | ୧୩୭ | ୩୬୭ | ୦.୧୯ | ୦.୧୨ | ୦.୧୨ | ରତ୍ନାକର ବେହେରା, ପିତା: ହରିହର ବେହେରା, ଜାତି: ଗୋପାଳ, ବା: ନିଜଗାଁ | |
| ୨୫ | ୧୫୫ | ୩୭୮ | ୦.୬୨ | ୦.୦୨ | ୦.୦୨ | ଶ୍ରୀଧର ମଳିକ, ପିତା: ଶମ୍ଭୁ ମଳିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୨୬ | ୧୬୯/୧୧ | ୨୮୮ | ୧.୪୪ | ୦.୨୮ | ୦.୨୩ | ଶ୍ରୀମତୀ ଗୁରୁବାରି ବେୱା, ସ୍ୱାମୀ: ମକର ବେହେରା ଓଗେର, ଜାତି: ଗୋପାଳ, ବା: ନିଜଗାଁ | |
| ୨୭ | ୧୬୯/୧୬ | ୩୬୮ | ୦.୧୭ | ୦.୦୫ | ୦.୦୫ | ଅନାଦି ଚରଣ ବେହେରା, ପିତା: ରତ୍ନାକର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୨୮ | ୧୬୯/୫୨ | ୩୪୦ | ୦.୫୨ | ୦.୦୧ | ୦.୦୧ | ଶ୍ରୀକାନ୍ତ ଜେନା, ପିତା: ଦଇନ ଜେନା ଓଗେର, ଜାତି: ପାଣ, ବା: ନିଜଗାଁ | |
| ୨୯ | ୧୬୯/୫୩ | ୩୪୦/୧୧୧୨ | ୦.୨୦ | ୦.୦୫ | ୦.୦୫ | ଶ୍ରୀକାନ୍ତ ଜେନା, ପିତା: ଦଇନ ଜେନା ଓଗେର, ଜାତି: ପାଣ, ବା: ନିଜଗାଁ | |
| ୩୦ | ୧୬୯/୫୭ | ୩୨୯ | ୦.୨୬ | ୦.୧୦ | ୦.୧୦ | ଶ୍ରୀକାନ୍ତ ଜେନା, ପିତା: ଦଇନ ଜେନା ଓଗେର, ଜାତି: ପାଣ, ବା: ନିଜଗାଁ | |
| ୩୧ | ୧୬୯/୧୪୧ | ୩୬୬ | ୦.୩୭ | ୦.୧୮ | ୦.୧୮ | ଚତୁର୍ଭୁଜ ନାଏକ, ପିତା: ଦିବାକର ନାଏକ, ଜା: ମହାଲାଏକ, ବା: ଗଡ଼ବାନ୍ଧଗୋଡ଼ା | |
| ୩୨ | ୧୬୯/୧୪୭ | ୮୧୧ | ୦.୨୦ | ୦.୦୨ | ୦.୦୨ | ଗୌରାଙ୍ଗ ଚରଣ ବେହେରା, ପିତା: ରତ୍ନାକର ବେହେରା, ଜାତି: ଗୋପାଳ, ବା: ନିଜଗାଁ | |
| | | | | ମୋଟ | ୩.୬୪ | | |

ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୩୨ (ବତିଶି), ମୋଟ ପ୍ରତ୍ୟାହାର ରକବା: ୩.୬୪ ଏକର

ସ୍ୱା./- ମଣ୍ଡଳ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

24045/14/0049/1819



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LIMITED**

(A Government of Odisha Undertaking)

E.H.T. (O&M) Division, Jayanagar-764005 CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from Contractors having valid Licence, I.T PAN No and GST Registration Certificate for **Tender Call No:21(A):** Construction of New G.I pipe earth pits in 33KV Side S/Y at Grid S/S, Sunabeda **(B)** Constructions of different sizes of RCC Cable trench slabs in 220KV,132KV & 33KV S/Y and Construction of DG Set shed at Grid S/S, Jayanagar under EHT (O&M) Division, Jayanagar. **Cost of tender papers**: are of Rs. 2, 240/- and Rs. 672/- (non-refundable) in shape of Cash. **EMD:**1% of quoted value. **Sale of tender documents**: from Dt. 29. 01. 2019 to upto 11:30 AM of Dt. 06.02.2019. **Last date of submission of tender**: on or before Dt. 06. 02. 2019 upto 02:00 PM. **Tenders will be opened**: on Dt. 06. 02. 2019 at 04:30 PM.

**Corrigendum, if any, will be published in the website only.** Sd/- **DGM (Ele.)**

Please connect us: optcl.odisha optcl_odisha energyodisha



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

**ODISHA UNIVERSITY OF AGRICULTURE & TECHNOLOGY**

BHUBANESWAR-751003, ODISHA

Website: www.ouat.ac.in

Email: registrarouat@gmail.com, Ph: 0674-2397818/919, Fax: 0674-2397424

No. E-II-II-21/2018/ 1864 / UAT., Date: 31.01.2019

**INDICATIVE ADVERTISEMENT**

Applications are invited from the eligible candidates for recruitment to the following posts on contractual basis under District Agroment Unit in different Krishi Vigyan Kendras (KVK) of OUAT.

| Sl. No. | Name of the Post | Vacancy | Scale of Pay |
|---|---|---|---|
| 1. | Subject Matter Specialist (Agrometeorology) | 09 | Rs. 15,600- 39,100/- + G.P.- Rs. 5,400/- |
| 2. | Agromet Observer | 09 | Rs. 5,200-20,200/- + G.P.- Rs. 2,000/- |

The number of vacancies, reservation of posts, prescribed application form, information sheet containing the details of qualification, experience, scale of pay, age and other required conditions in respect of each post, general information and instruction to the candidate can be downloaded from University website: ouat.nic.in.

Last date of receipt of application: in 20.02.2019 upto 5.00PM

***Sd./- REGISTRAR***



**OFFICE OF THE**

**MUNICIPAL COUNCIL, SONEPUR**

**"e" Procurement Notice**

**BID Identification No. SNP-MUN-07/2018-19**

**Tender Call Notice No. 201/ Date: 31.01.2019**

Bid documents consisting of Work, Estimated Cost, Cost of Tender paper, EMD, time of completion, Class of contractors and the set of terms and conditions of contract & other necessary documents can be seen in Govt. website i.e. www. tendersodisha.gov.in.

1. Name of the work : As per DTCN
2. No. of works : 1 No.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.01.02.2019 from 11.00AM
6. Last Date & Time for Receipt of tenders through online : Upto Dt.13.02.2019 upto 5.00PM
7. Submission of Original Document : On or before Dt. 14.02.2019 within 5.00PM
8. Bids received online shall be opened on : On Dt.15.02.2019 at 11.00AM
9. Name and address of the Officer inviting Bid : Executive Officer, Sonepur Municipality

Further details can be seen from the procurement portal i.e. www.tendersodisha.gov.in

***Sd./- Executive Officer, Sonepur Municipality***



**ODISHA STATE WAREHOUSING CORPORATION**

**PLOT NO. 2, CUTTACK ROAD**

**BHUBANESWAR-751006**

**No. COM/TR/TEN/03/2018-19/407 Dt.30.01.2019**

**NOTICE INVITING e-TENDER**

No.CAD-1344: The Odisha State Warehousing Corporation, Bhubaneswar invites online tenders through e-Tender portal from the interested parties for appointment of regular H&T contractor(s) for handling and transportation/ handling of foodgrains of different depositors at 21 locations of the OSWC for a period of two years. The tender documents containing detailed terms and conditions can be obtained from the website https://tendersodisha.gov.in and www.oswc. in from dt.04.02.2019. The last date and time of online submission of bid is dt.25.02.2019 upto 5 PM.

Future amendments, corrigendum or other communication regarding this tender will be available only on https://tendersodisha.gov.in and will not be published in print media.

The Managing Director reserves the right to accept or reject any or all tenders without assigning any reasons thereof.

39003/11/0018/1819 **Sd/- Managing Director**



**BHUBANESWAR SMART CITY LIMITED**

**Block-1, 5th Floor, BMC Bhawani Mall, Saheed Nagar, Bhubaneswar-751007**

**e-mail Id : bbsr.bscl@gmail.com,**

**CIN : U74990OR2016PLC020016**

No. 448-C

**ADVERTISEMENT FOR CONTRACTUAL ENGAGEMENT**

**No. 275** **Date : 31.01.2019**


1. Applications are invited from the eligible candidates for engagement with Bhubaneswar Smart City Limited (BSCL) on contractual basis for a period of 3 years.

| Sr. No. | Designation | Number of Contractual engagements |
|---|---|---|
| 1 | Manager (Roads and Infrastructure) | 1 |
| 2 | Manager (Operation and Maintenance) | 1 |
| 3 | Manager (Procurement) | 1 |
| 4 | Manager (Admin/ HR) | 1 |
| 5 | Manager (Urban Planning) | 1 |
| 6 | Manager (Accounts) | 1 |
| 7 | Manager (Bhubaneswar Operations Centre) | 1 |
| 8 | Manager (Coordination) | 1 |
| 9 | Manager (Communication Network) | 1 |
| 10 | Manager (E-Governance) | 1 |
| 11 | Manager (Traffic & Surveillance) | 1 |
| 12 | Manager (Parking) | 1 |
| 13 | Manager (Transit) | 1 |

2. Details of the "Job Description" for each post along with all other terms and conditions shall be available in the website : www.smartcitybhubaneswar.gov.in. The eligible candidates may apply by submitting their application in the prescribed application form (attached along with Job Description) through Registered Post/ Speed Post / Courier along with their CV and self-attested copies of required documental proof on or before 15.02.2019.

**Sd./- Chief Executive Officer**
**Bhubaneswar Smart City Limited**

13070/11/0043/1819



“ ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଦିନିକିଆରେ ଆମେ ଶୋଚନୀୟ ପରାଜୟ ବରଣ କରିଥିବାରୁ ସିରିଜର ଅବଶିଷ୍ଟ ମ୍ୟାଚ ପାଇଁ ଆମକୁ ସତର୍କ ରହିବାକୁ ପଡ଼ିବ ।
– ଭୁବନେଶ୍ୱର କୁମାର, ଭାରତୀୟ ପେସ୍ ବୋଲର



“ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ଆମେ ବୃହତ୍ ବିଜୟ ହାସଲ କରିପାରିଥିବାରୁ ଦ୍ୱିତୀୟ ଟେଷ୍ଟ ପାଇଁ ଦଳରେ କୌଣସି ପରିବର୍ତ୍ତନର ଆବଶ୍ୟକତା ନାହିଁ।
– ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ୱାର୍ମଅପ୍‌ରେ ନ୍ୟୁଜିଲାଣ୍ଡ, ବାଂଲାଦେଶ ବିପକ୍ଷରେ ଖେଳିବ ଭାରତ

ଦୁବାଇ, ୩୧।୧ (ପି.ଟି.)-ମେ ୩୦ରୁ ଆରମ୍ଭ ହେବାକୁଥିବା ଆଇସିସି ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପୂର୍ବରୁ ଭାରତ ଏହାର ୱାର୍ମଅପ୍ ମ୍ୟାଚ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ବିପକ୍ଷରେ ଖେଳିବ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ସମସ୍ତ ୧୦ଟି ଦଳ ଦୁଇଟି ଲେଖାଏଁ ୱାର୍ମଅପ୍ ଖେଳିବେ। ମେ ୨୪ରୁ ୨୮ ପର୍ଯ୍ୟନ୍ତ ୫ ଦିନ ଧରି ଏହି ମ୍ୟାଚଗୁଡ଼ିକ ଟୁର୍ନାମେଣ୍ଟର ୪ଟି ଅଫିସିଆଲ ଭେନ୍ୟୁ ଯଥା ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ, କାର୍ଡିଫ୍ ୱେଲ୍ସ ଷ୍ଟାଡିୟମ, ହାମ୍ପଶାୟାର ବାଓଲ ଏବଂ ଦି ଓଭାଲଠାରେ ଖେଳାଯିବ ବୋଲି ଇଣ୍ଟରନ୍ୟାନାଲ କ୍ରିକେଟ କାଉନ୍‌ସିଲ(ଆଇସିସି) ପକ୍ଷରୁ କୁହାଯାଇଛି। କାର୍ଯ୍ୟସୂଚୀ ଅନୁସାରେ ମେ ୨୫ରେ ଦି ଓଭାଲଠାରେ ଭାରତ ନ୍ୟୁଜିଲାଣ୍ଡକୁ ଏବଂ ମେ ୨୮ରେ କାର୍ଡିଫଠାରେ ବାଂଲାଦେଶକୁ ଭେଟିବ। ୱାର୍ମଅପ୍ ମ୍ୟାଚଗୁଡ଼ିକ ୫୦ ଓଭର ବିଶିଷ୍ଟ ହେବ। ଏଗୁଡ଼ିକ ଅଫସିଆଲ ମାନ୍ୟତା ପାଇବ ନାହିଁ। ଦଳଗୁଡ଼ିକ ସେମାନଙ୍କର ସମସ୍ତ ୧୫ଜଣ ଖେଳାଳିଙ୍କୁ ଏଥିରେ ଖେଳାଇପାରିବେ ବୋଲି ବିଶ୍ୱକପ୍ ୨୦୧୯ ପରିଚାଳନା ନିର୍ଦ୍ଦେଶକ ଷ୍ଟିଭ୍ ଏଲଓର୍ଦ୍ଦି ପ୍ରକାଶ କରିଛନ୍ତି।

### କ୍ଲାସମେଟ ଥିଲେ ସାକ୍ଷୀ, ଅନୁଷ୍କା

ନୂଆଦିଲ୍ଲୀ, ୩୧।୧: ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଓ ସାକ୍ଷୀ ଧୋନୀ ବିଶ୍ୱର ଦୁଇ ଲୋକପ୍ରିୟ କ୍ରିକେଟର ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀଙ୍କୁ ବିବାହ କରିଛନ୍ତି। ମାତ୍ର ଉଭୟଙ୍କ ମଧ୍ୟରେ ଏହା ହିଁ ଏକମାତ୍ର ସମାନତା ନୁହେଁ। ସେମାନେ ସ୍କୁଲ ବେଳୁ ପରସ୍ପରକୁ ଜାଣନ୍ତି। ଅନୁଷ୍କାଙ୍କ ବାପା ଅବସର ପ୍ରାପ୍ତ କର୍ନଲ ଅଜୟ କୁମାର ଶର୍ମା। ସେ ଆସାମରେ ଡ୍ୟୁଟି କରୁଥିବାବେଳେ ଅନୁଷ୍କା ମାର୍ଘେରିଟାସ୍ଥିତ ସେଣ୍ଟ ମେରୀ ସ୍କୁଲରେ ନାମ ଲେଖାଇଥିଲେ। ସାକ୍ଷୀ ଏହି ସ୍କୁଲର ଛାତ୍ରୀ ଥିଲେ। ଉଭୟ ଉକ୍ତ ସ୍କୁଲର ବାର୍ଷିକ ଉତ୍ସବର ଏକ ଫଟୋରେ ସ୍ଥାନ ମଧ ପାଇଥିଲେ। ମାତ୍ର ସେଠାରେ ପରସ୍ପରକୁ ଜାଣି ନ ଥିଲେ। ଫଟୋରେ ସାକ୍ଷୀ ପରୀଙ୍କ ଭଳି ଡ୍ରେସ ପିନ୍ଧି ଥିବାବେଳେ ଅନୁଷ୍କା ଘାଘରା ପିନ୍ଧିଥିବା ଦେଖିବାକୁ ମିଳୁଛି। ତେବେ ଗ୍ରାଜୁଏଶନ ପରେ ଦୁହେଁ ଗୋଟିଏ ସ୍କୁଲରେ ପଢୁଥିବା ଜାଣିବାକୁ ପାଇଥିଲେ। ଉଲ୍ଲେଖଥାଉ କି, ଅନୁଷ୍କାଙ୍କୁ ଅନ୍ତିମ ଥର ଶାହାରୁଖ ଖାନଙ୍କ ଫିଲ୍ମ 'ଜୀରୋ'ରେ ଦେଖିବାକୁ ମିଳିଥିଲା।

### ୨୪ରୁ ବେସାମରିକ ଭଲିବଲ ପ୍ରତିଯୋଗିତା

ଭୁବନେଶ୍ୱର,୩୧।୧ (ସ୍ପୋର୍ଟ୍ସ ବ୍ୟୁରୋ)- ଆସନ୍ତା ୨୪ ତାରିଖରେ ଚଣ୍ଡିଗଡର ସେକ୍ଟର-୭ ଓ ସେକ୍ଟର ୪୨ରେ ଏକ ସର୍ବଭାରତୀୟ ବେସାମରିକ ଭଲିବଲ ପ୍ରତିଯୋଗିତା ଆରମ୍ଭ ହେବ। ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ସ୍ଥାନୀୟ ୟୁନିଟ-୧ କିଶୋର କ୍ଲବ୍ ଖେଳ ପଡିଆରେ ଆୟୋଜନ ହେବ। ଚୟନ ପ୍ରକ୍ରିୟା ଆସନ୍ତା ୩ ତାରିଖ ସକାଳ ୭.୩୦ ମିନିଟରେ ଆରମ୍ଭ ହେବ। ଏହି ଖେଳରେ କେବଳ ନିୟମିତ ଚାକିରି କରୁଥିବା ବ୍ୟକ୍ତିମାନେ ଅଂଶଗ୍ରହଣ କରିପାରିବେ। ଖେଳରେ ଭାଗନେବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ସେମାନଙ୍କ ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ସରକାରୀ ପରିଚୟ ପତ୍ର ସହ ପାସପୋର୍ଟ ସାଇଜ୍‌ର ଫଟୋ ଆଣି ନିର୍ଦ୍ଧାରିତ ସମୟରେ ପଞ୍ଜିକରଣ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘର ସଭାପତି ଦେବୀଦତ୍ତ ମିଶ୍ର ଜଣାଇଛନ୍ତି।

### ପାରାମାଉଣ୍ଟକୁ ଜିତାଇଲେ ପ୍ରଜ୍ଞାନ

ଭୁବନେଶ୍ୱର, ୩୧।୧(ସ୍ପୋର୍ଟ୍ସ ବ୍ୟୁରୋ)- ପ୍ରଗତି ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଭୁବନେଶ୍ୱର ଲିଟିଲ୍ ଷ୍ଟାର କ୍ରିକେଟ ଲିଗ୍‌ରେ (୧୨ ବର୍ଷରୁ କମ୍) ବୁଧବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ପାରାମାଉଣ୍ଟ ସ୍ପୋର୍ଟିଂ ବିଜୟ ଲାଭ କରିଛି। ଏହି ଲୋ-ସ୍କୋରିଂ ମ୍ୟାଚ୍‌ରେ ପାରାମାଉଣ୍ଟ ୭ ଉଇକେଟ୍‌ରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟାଉନ୍ କ୍ଲବ ପ୍ରଜ୍ଞାନ ପତ୍ରିଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୮.୧ ଓଭରରେ ୬୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅନୁରାଗ ସାମନ୍ତରାୟ (୨୦) ଓ ନିହାର ମିଶ୍ର (୧୬) ଦୁଇଅଙ୍କ ବିଶିଷ୍ଟ ସ୍କୋର କରିଥିଲେ। ପ୍ରତିପକ୍ଷ ବୋଲର ପ୍ରଜ୍ଞାନ ୭.୧ ଓଭରରେ ୧୪ ରନ୍ ବିନିମୟରେ ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ପାରାମାଉଣ୍ଟ ସ୍ପୋର୍ଟିଂ ୧୬ ଓଭରରେ ୩ ଉଇକେଟ୍ ହରାଇ ଟାର୍ଗେଟ୍ ହାସଲ କରିନେଇଥିଲା। ମ୍ୟାଚ୍ ବିଜୟୀ ସ୍ପେଲ ଲାଗି ପ୍ରଜ୍ଞାନଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଶୁକ୍ରବାର ଜାଗୃତି ଓ ଓସ୍କାର କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ନ୍ୟୁଜିଲାଣ୍ଡର ବୃହତ ବିଜୟ

ହାମିଲଟନ, ୩୧।୧(ପି.ଟି.)



୫ ଉଇକେଟ ଅକ୍ତିଆର କରିଥିବା ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ।

ନିୟମିତ ଅଧିନାୟକ ବିରାଟ କୋହଲି ଓ ଆହତ ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତିରେ ଭାରତୀୟ ବ୍ୟାଟିଂ ସାଂଘାତିକ ଭାବେ ଫେଲ୍ ମାରିଛି। ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଭାରତ ପ୍ରଥମ ୩ଟି ମ୍ୟାଚ୍ ଜିତି ୩-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଥିଲେ ମଧ ଚତୁର୍ଥ ଦିନିକିଆରେ ଘରୋଇ ଦଳଠାରୁ ଲଜ୍ଜାଜନକ ଭାବେ ୮ ଉଇକେଟରେ ପରାଜୟ ବରଣ କରିଛି। ପରାଜୟ ସତ୍ତ୍ୱେ ଭାରତ ୩-୧ରେ ଅଗ୍ରଣୀ ବଜାୟ ରଖିଛି। ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରି ନ୍ୟୁଜିଲାଣ୍ଡ ବୋଲରମାନେ ଭାରତୀୟ ଦୃଢ ବ୍ୟାଟିଂ ଲାଇନର ବିପର୍ଯ୍ୟୟ ଘଟାଇଥିଲେ। ଭାରତ ପ୍ରଥମେ ବ୍ୟାଟିଂ କରି ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୩୦.୫ ଓଭରରେ ମାତ୍ର ୯୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୨ ଉଇକେଟ ହରାଇ ୧୪.୪ ଓଭରରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ୧୦ ଓଭର ବୋଲିଂ କରି ୪ ମେଡେନ ନେବା ସହ ମାତ୍ର ୨୧ ରନ ବ୍ୟୟ କରି ମୂଲ୍ୟବାନ ୫ ଉଇକେଟ ନେଇ ଭାରତୀୟ ବ୍ୟାଟିଂ ଲାଇନ୍‌କୁ ଧ୍ୱସ୍ତ କରିଥିବା ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଅଧିନାୟକ ରୋହିତ ଶର୍ମା ଏହି ଦିନିକିଆରେ ୨୦୦ତମ ମ୍ୟାଚ୍ ଖେଳିଥିଲେ। ତେବେ ଏହା ତାଙ୍କ ପାଇଁ ଏକ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ଭାରତ ସର୍ବାଧିକ ବଲ (୨୧୨) ବାକି ଥାଇ ପରାଜୟ ବରଣ କରିବାରେ ଶୀର୍ଷରେ ରହି ଏକ ଅଲୋଡା ରେକର୍ଡ ସୃଷ୍ଟି କରିଛି। ରବିବାର ୱେଲିଂଟନର ୱେଷ୍ଟପାକ୍ ଷ୍ଟାଡିୟମରେ ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳାଯିବ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଅବଶ୍ୟ ଭଲ ଆରମ୍ଭ କରିବାକୁ ପ୍ରୟାସ କରିଥିଲା। ଦଳର ସ୍କୋର ୨୧ ରନ ଥିବା ବେଳେ ଶିଖର ଧାୱନଙ୍କ ରୂପେ ପ୍ରଥମ ଉଇକେଟର ପତନ ହୋଇଥିଲା। ତେବେ ଏହା ପରେ ଭାରତୀୟ ଇନିଂସ ତାସ୍ ଘର ପରି ଭୁଶୁଡି ପଡିଥିଲା। ଭାରତର ୪ ବ୍ୟାଟ୍ସମ୍ୟାନଙ୍କ ବାଦ୍ ଦେଲେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଦ୍ରୁତ ଗତିରେ ବଲ୍ ପଡିବା ସହ ସୁଇଙ୍ଗ୍ ହୋଇଥିଲା। ପୁଣି ବେପରୁଆ ଶଟ୍ ଖେଳି ଭାରତୀୟ ବ୍ୟାଟ୍ସମ୍ୟାନ ଜଣକ ପରେ ଜଣେ ପ୍ୟାଭିଲିୟନ ଫେରିଥିଲେ। ଧାୱନ ୧୩ ରନ କରି ଆଉଟ ହେବା ପରେ କାମଚଳା ଅଧିନାୟକ ରୋହିତ ଶର୍ମା ୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ଦୁଇ ଓପନର ବୋଲ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଦୁଇ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ଖାତା ଖୋଲିବା ପୂର୍ବରୁ ଦ୍ରୁତ ବୋଲର କଲିନ୍ ଡି ଗ୍ରାଣ୍ଡହୋମ୍‌ଙ୍କ ଗୋଟିଏ ଓଭରରେ ଆଉଟ ହୋଇଥିଲେ। ଏହାପରେ ପାଳି ପଡିଥିଲା ଦିନିକିଆ ପଦାର୍ପଣ କରିଥିବା ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍‌ଙ୍କର। ଖାସ୍ କିଛି କରି ନ ପାରି ସେ ୯ ରନ କରିଥିବା ବେଳେ ବୋଲ୍ଟଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ସେ ୨୧ଟି ବଲର ସମ୍ମୁଖୀନ ହୋଇ ଗୋଟିଏ ଚୌକା ମାରିଥିଲେ। ଉପଯୋଗୀ ବ୍ୟାଟିଂ କରିଆସୁଥିବା କେଦାର ଯାଦବ ମଧ୍ୟ ବିଫଳ ହୋଇଥିଲେ। ସେ ମାତ୍ର ୧ ରନ କରିଥିବା ବେଳେ ବୋଲ୍ଟଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଭୁବନେଶ୍ୱର କୁମାର ୧ ରନ କରିଥିବା ବେଳେ ଗ୍ରାଣ୍ଡହୋମଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୪ ଚୌକା ସହ ଦ୍ରୁତ ୧୬ ରନ କରି ଉଇକେଟକିପର ଟମ୍ ଲଥାମଙ୍କୁ କ୍ୟାଚ୍ ଦେଇ ବୋଲ୍ଟଙ୍କ ଅନ୍ତିମ ତଥା ପଞ୍ଚମ ଶିକାର ହୋଇଥିଲେ। ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ନବମ ଉଇକେଟ ଯୋଡିରେ ୨୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ କୁଲଦୀପ ୧୫ ରନ କରିଥିବା ବେଳେ ଟୋଡ ଆସ୍‌ଲେଙ୍କ ବଲ୍‌ରେ ଗ୍ରାଣ୍ଡହୋମଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଶେଷରେ ଅନ୍ତିମ ଉଇକେଟ ଭାବେ ଖଲିଲ ଅହମ୍ମଦ ୫ ରନ କରିଥିବା ବେଳେ ଜେମ୍ସ ନିଶାମଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଚହଲ ୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ବୋଲ୍ଟଙ୍କ ୫ ଉଇକେଟ ସଫଳତାକୁ ବାଦ୍ ଦେଲେ ଗ୍ରାଣ୍ଡହୋମ ୩, ଆସଲେ ଓ ନିଶାମ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

୯୩ ରନର ଛୋଟିଆ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ଅତି ସହଜରେ ବିଜୟ ହାସଲ କରି ନେଇଥିଲା। ଓପନର ମାର୍ଟିନ ଗୁପ୍ଟିଲ ୧୪ ଓ ଅଧିନାୟକ କେନ୍ ୱିଲିୟମସନ ୧୧ ରନ କରି ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ହେନେରୀ ନିକୋଲ୍ସ ଓ ରସ୍ ଟେଲର ଯଥାକ୍ରମେ ୩୦ ଓ ୩୭ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୩୦.୫ ଓଭରରେ ୯୨ ଅଲଆଉଟ (ଚହଲ- ୧୮*, ପାଣ୍ଡ୍ୟା- ୧୬, କୁଲଦୀପ- ୧୫, ଧାୱନ- ୧୩, ବୋଲ୍ଟ- ୫/୨୧, ଗ୍ରାଣ୍ଡହୋମ- ୩/୨୬)।
ନ୍ୟୁଜିଲାଣ୍ଡ ୧୪.୪ ଓଭରରେ ୯୩/୨ (ଟେଲର- ୩୭*, ନିକୋଲ୍ସ- ୩୦*, ଭୁବନେଶ୍ୱର- ୨/୨୫)।

**ଦିନିକିଆରେ ଭାରତର ସର୍ବନିମ୍ନ ଦଳଗତ ସ୍କୋର**

| ସ୍କୋର | ଓଭର | ରନ୍‌ରେଟ୍ | ବିପକ୍ଷ | ଭେନ୍ୟୁ | ବର୍ଷ |
|---|---|---|---|---|---|
| ୫୪ | ୨୬.୩ | ୨.୦୩ | ଶ୍ରୀଲଙ୍କା | ଶାରଜା | ୨୦୦୦ |
| ୬୩ | ୨୫.୫ | ୨.୪୩ | ଅଷ୍ଟ୍ରେଲିଆ | ସିଡ୍‌ନୀ | ୧୯୮୧ |
| ୭୮ | ୨୪.୧ | ୩.୨୨ | ଶ୍ରୀଲଙ୍କା | କାନପୁର | ୧୯୮୬ |
| ୭୯ | ୩୪.୨ | ୨.୩୦ | ପାକିସ୍ତାନ | ସିଆଲକୋଟ | ୧୯୭୮ |
| ୮୮ | ୨୯.୩ | ୨.୯୮ | ନ୍ୟୁଜିଲାଣ୍ଡ | ଡାମ୍ବୁଲା | ୨୦୧୦ |
| ୯୧ | ୨୯.୧ | ୩.୧୨ | ଦ.ଆଫ୍ରିକା | ଡର୍ବାନ | ୨୦୦୬ |
| ୯୨ | ୩୦.୫ | ୨.୯୮ | ନ୍ୟୁଜିଲାଣ୍ଡ | ହାମିଲଟନ୍ | ୨୦୧୯ |

## ଇଂଲଣ୍ଡ ଲାୟନ୍ସ ଜିତିଲା

ଥିରୁଭାନନ୍ତପୁରମ, ୩୧।୧(ପି.ଟି.)

ବେନ୍ ଡକେଟ୍‌ଙ୍କ ଅପରାଜିତ ୭୦ରନ (୧୦ ଚୌକା ଓ ୧ ଛକା) ସହାୟତାରେ ଇଂଲଣ୍ଡ ଲାୟନ୍ସ ଏଠାରେ ଗୁରୁବାର ଖେଳାଯାଇଥିବା ୫ମ ତଥା ଅନ୍ତିମ ଅନ୍ ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ଏ'କୁ ୧ ଉଇକେଟରେ ପରାସ୍ତ କରିଛି। ଦଳ ଏହାଦ୍ୱାରା ଭାରତ ଏ'କୁ କ୍ଲିନ୍ ସୁଇପ୍ ବିଜୟରୁ ବଞ୍ଚିତ କରିପାରିଛି। ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଲୋ ସ୍କୋରିଂ ମ୍ୟାଚର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଭାରତ ଏ' ୩୫ ଓଭରରେ ୧୨୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସିଦ୍ଧାର୍ଥ ଲାଡ୍ ସର୍ବାଧିକ ୩୬ ରନ କରିଥିବାବେଳେ ଅକ୍ଷର ପଟେଲ ୨୩ ଓ ଦୀପକ ଚହର ୨୧ ରନ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ଜେମି ଓଭରଟନ ୨୪ ରନ ବିନିମୟରେ ୩ ଏବଂ ଟମ୍ ବେଲି ୨୩ରନ ଦେଇ ୨ଟି ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ଲାୟନ୍ସ ଦଳ ୩୦.୩ ଓଭରରେ ୯ଉଇକେଟ ବିନିମୟରେ ୧୨୫ ରନ କରି ମ୍ୟାଚ ଜିତିନେଇଥିଲା। ବେନ୍ ଡକେଟ୍‌ଙ୍କ ଅପରାଜିତ ୭୦ରନକୁ ଛାଡ଼ିଦେଲେ ସାମ୍ ହେନ୍ ୧୨ରନ କରିଥିଲେ। ଭାରତ ପକ୍ଷରୁ ଦୀପକ ଚହର ଏବଂ ରାହୁଲ ଚହର ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅକ୍ଷର ପଟେଲ ୨୨ ରନ ବିନିମୟରେ ଦୁଇ ଉଇକେଟ ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ଏ':** ୩୫ ଓଭରରେ ୧୨୧/ଅଲଆଉଟ (ସିଦ୍ଧେଶ ଲାଡ୍-୩୬, ଅକ୍ଷର ପଟେଲ-୨୩, ଦୀପକ ଚହର-୨୧, ଜେମି ଓଭରଟନ-୩/୨୪, ଟମ୍ ବେଲି-୨/୨୩)।
**ଇଂଲଣ୍ଡ ଲାୟନ୍ସ:** ୩୦.୩ ଓଭରରେ ୧୨୫/୯ (ବେନ୍ ଡକେଟ୍-୭୦*, ଦୀପକ ଚହର-୩/୨୫, ରାହୁଲ ଚହର-୩/୪୩, ଅଖର ପଟେଲ ୨/୨୨)।

## ଫୁଟ୍‌ବଲ ଶିବିରରେ ୪ ଓଡ଼ିଆ


ଝୁନୁ କୁଲଦି


ଏ. ଶିବ ପ୍ରସାଦ


ଅଜୟ ଟପ୍ପୋ


ବିଶାଲ ଓରାମ

କଟକ ଅଫିସ,୩୧।୧

୧୫ ବର୍ଷରୁ କମ୍ ବାଳକ ଜାତୀୟ ଫୁଟ୍‌ବଲ ଦଳର ଚୟନ ଓ ପ୍ରସ୍ତୁତି ଶିବିରରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲର ଝୁନୁ କୁଲଦି, ଏ. ଶିବ ପ୍ରସାଦ, ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ଅଜୟ ଟପ୍ପୋ, ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ବିଶାଲ ଓରାମ। ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଏହି ଶିବିର ଶୁକ୍ରବାରଠାରୁ କଟକରେ ଆରମ୍ଭ ହେବ। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଏହି ୪ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ୨ୟ ସର୍ବନିମ୍ନ ସ୍କୋର

ହାମିଲଟନ,୩୧।୧– ଚତୁର୍ଥ ଦିନିକିଆରେ ଭାରତ ୯୨ ରନରେ ଅଲଆଉଟ ହୋଇ ଅଲୋଡା ରେକର୍ଡ ସୃଷ୍ଟି କରିଛି। ଦିନିକିଆରେ ଏହା ମୋଟ ଉପରେ ଭାରତର ସପ୍ତମ ସର୍ବନିମ୍ନ ସ୍କୋର ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର। ତେବେ ଦିନିକିଆରେ ଭାରତର ସର୍ବନିମ୍ନ ସ୍କୋର ହେଉଛି ୫୪। ୨୦୦୦ରେ ଶାରଜାରେ ଭାରତ ଶ୍ରୀଲଙ୍କା ବିପକ୍ଷରେ ଏହି ସ୍କୋରରେ ଅଲଆଉଟ ହୋଇ ଅଲୋଡା ରେକର୍ଡ ସୃଷ୍ଟି କରିଥିଲା। ପୁଣି ଦିନିକିଆ ଫର୍ମାଟରେ ଭାରତ ସପ୍ତମଥର ପାଇଁ ୧୦୦ ରନ ପାର କରିବାରେ ବିଫଳ ହୋଇଛି। ଏହି ଭେନ୍ୟୁରେ ଭାରତର ସ୍କୋର ସର୍ବନିମ୍ନ ସ୍କୋର ସାବ୍ୟସ୍ତ ହୋଇଛି। ଏହାପୂର୍ବରୁ ଭାରତ ୧୨୨ ରନରେ ଅଲଆଉଟ ହୋଇଥିଲା ଓ ସେତେବେଳେ ଏହା ସର୍ବନିମ୍ନ ସ୍କୋର ଥିଲା। ଶ୍ରୀଲଙ୍କାର ଦାମ୍ବୁଲାରେ ମଧ୍ୟ ଭାରତ ଏକ ଦିନିକିଆ ମ୍ୟାଚ୍‌ରେ ୮୮ ରନରେ ଅଲଆଉଟ ହୋଇଥିଲା।

## ଲୋମା, ସ୍ମୃତିରଞ୍ଜନଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର,୩୧।୧(ସ୍ପୋର୍ଟ୍ସ ବ୍ୟୁରୋ)

ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଗତ ୨୭ରୁ ୩୧ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ୨୩ତମ ଜାତୀୟ ବଧିର ସିନିୟର ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ଓ ଜାତୀୟ ସବଜୁନିୟର ଏବଂ ଜୁନିୟର ବଧିର ସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରତିଯୋଗୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଜୁଡୋ ୫୭ କେ.ଜି. ବର୍ଗରେ ଲୋମା ସ୍ୱାଇଁ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଜୁନିୟର ବାଳକ ଆଥଲେଟିକ୍ସ ହାଇଜମ୍ପରେ ସ୍ମୃତିରଞ୍ଜନ ବାରିକ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଜୁନିୟର ବାଳକ ଲଙ୍ଗଜମ୍ପରେ ଶୁଭଙ୍କର ନାୟକ ତୃତୀୟ, ସିନିୟର ପୁରୁଷ ୪୦୦ମିଟର ହର୍ଡଲ୍ସ ରେସ୍‌ରେ ସୋମନାଥ କର ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ସିନିୟର ଭଲିବଲ୍‌ରେ ଓଡ଼ିଶା ବ୍ରୋଞ୍ଜ ପଦକ ସହ ଟ୍ରଫି ହାସଲ କରିଛି। ଦଳର କୋଚ୍ ତଥା ମ୍ୟାନେଜର ଦାୟିତ୍ୱରେ ଥିଲେ ସୁବୀର କୁମାର ନାୟକ, ଶରତ ଚନ୍ଦ୍ର ମଲିକ। ସ୍ନେହାଶିଷ ପଟ୍ଟନାୟକ ଚିଫ୍-ଇନ୍- ମିଶନ ଦାୟିତ୍ୱରେ ଥିଲେ।

**ଜାତୀୟ ବଧିର ସିନିୟର ସ୍ପୋର୍ଟ୍ସ ଚାମ୍ପିୟନଶିପ୍**




କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ଭାରତ-ସ୍ପେନ୍ ମ୍ୟାଚ୍ ଡ୍ର



ମହିଳା ହକି: ଭାରତ-ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ମୁର୍ସିଆ (ସ୍ପେନ୍), ୩୧।୧(ପି.ଟି.)

ସ୍ପେନ୍ ଓ ଭାରତ ମହିଳା ହକି ଦଳ ମଧ୍ୟରେ ଅନୁଷ୍ଠିତ ଚତୁର୍ଥ ତଥା ଅନ୍ତିମ ମ୍ୟାଚ୍ ୨-୨ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୨ଗୋଲରେ ଆଗୁଆ ରହିଥିଲା। ମାତ୍ର ଆୟୋଜକ ଦଳ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ମ୍ୟାଚକୁ ଡ୍ର ରଖିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଦୀପଗ୍ରେସ୍ ଏକ୍କା (୮ମ ମିନିଟ) ଓ ନଭନିତ କୌର (୨୬ତମ) ଏବଂ ସ୍ପେନ୍ ତରଫରୁ ଲୁସିଆ ଜିମେଞ୍ଜ (୩୫ତମ ଓ କ୍ଲାରା ୱାଇକାର୍ଟ (୩୯ତମ) ଗୋଲ ସ୍କୋର କରିଥିଲେ। ଏହି ଡ୍ର' ଦ୍ୱାରା ଦୁଇ ଦଳ ମଧ୍ୟରେ ୪ମ୍ୟାଚ ବିଶିଷ୍ଟ ସିରିଜ ୧-୧ରେ ବରାବର ଭାବେ ଶେଷ ହୋଇଛି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସ୍ପେନ୍ ୩-୨ ଗୋଲରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚ ୨-୨ରେ ଡ୍ର ରହିଥିଲା। ଭାରତ ତୃତୀୟ ମ୍ୟାଚରେ ୫-୨ ଗୋଲରେ ବିଜୟୀ ହୋଇଥିଲା। ଭାରତ ବର୍ତ୍ତମାନ ଫେବୃୟାରୀ ୨ରେ ୨୦୧୮ ବିଶ୍ୱକପ୍ ରୌପ୍ୟ ବିଜେତା ଆୟର୍ଲାଣ୍ଡକୁ ଭେଟିବ।

## ଲାଲ୍‌ମନି କ୍ରିକେଟ୍: ସେମିରେ କରିମ ସ୍ପୋର୍ଟ୍ସ

ସୋନପୁର,୩୧।୧(ନି.ପ୍ର.)

ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ କରିମ ସ୍ପୋର୍ଟ୍ସ(ନାଗପୁର) ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟର ଷଷ୍ଠ ଦିବସରେ କରିମ ସ୍ପୋର୍ଟ୍ସ ଓ ସେର୍‌ସା, ଆଦ୍ରା ପଶ୍ଚିମବଙ୍ଗ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେରସା ଆଦ୍ରା ଟସ୍ ଜିତି କରିମ୍ ସ୍ପୋର୍ଟ୍ସକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। କରିମ ସ୍ପୋର୍ଟ୍ସ ଟି୨୦ ମ୍ୟାଚ୍‌ରେ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ ଜ୍ୟୋତିକର ୨୮, ବୈଭବ ଲାଣ୍ଡେକର ୨୩, ବୈଭବ ଚୌକସି ୧୧ ରନ ଏବଂ କାର୍ତ୍ତିକ ନାଇଡୁ ୩୨ ରନ ସ୍କୋର କରିଥିଲେ। ସେରସା ଆଦ୍ରା ପକ୍ଷରୁ ଅଙ୍କିତ ରାଜ ୧୮ ରନ ବିନିମୟରେ ସର୍ବାଧିକ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସେର୍‌ସା ନିର୍ଦ୍ଧାରିତ ୨୦ ଓଭରରେ ୧୪୫ ରନ କରି ପାରିଥିଲା। ଦଳ ପକ୍ଷରୁ ହର୍ଷ କୁମାର ସିଂଙ୍କ ୩୭, ରାଜନ ସିଂ ୩୦, ବିକାଶ କୁମାରଙ୍କ ଅପରାଜିତ ୧୯, କୁମାର ସୁନୀଲ କାଶ୍ୟପ ୧୯ ଓ ଅଜୟ ମଧୁକର ୧୩ରନ କରିଥିଲେ। କରିମ ସ୍ପୋର୍ଟ୍ସ ପକ୍ଷରୁ ମହମ୍ମଦ କରିମ, ସାଗର ଝଡିଆ ଓ କାର୍ତ୍ତିକ ନାଇଡୁ ପ୍ରତ୍ୟେକେ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଟି୧୦ ମ୍ୟାଚ୍‌ରେ କରିମ ସ୍ପୋର୍ଟ୍ସ ଦଳ ଚିତ୍ତାକର୍ଷକ ବ୍ୟାଟିଂ ପ୍ରଦର୍ଶନ କରି ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୫ ଉଇକେଟରେ ୧୫୧ ରନର ବିଶାଳ ରନ ସଂଗ୍ରହ କରିଥିଲେ। ରବିନ ସିଂ ୩୨ ବଲରୁ ଦ୍ରୁତ ୯୫ ରନ ଓ ବୈଭବ ଲାଣ୍ଡେଙ୍କ ୧୮ବଲରୁ ୪୫ ରନ କରିଥିଲେ। ସେର୍‌ସା ଆଦ୍ରା ପକ୍ଷରୁ ହର୍ଷ କୁମାର ସିଂ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସେରସା ଆଦ୍ରା ୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଅଙ୍କିତ ରାଜ ୩୦, ରାଜନ ସିଂ ୧୯, ରାଜୁ କୁମାର ୧୬ ଓ ଅମନ ରାଜ ୧୬ରନ କରିଥିଲେ। କରିମ ସ୍ପୋର୍ଟ୍ସ ପକ୍ଷରୁ ମହମ୍ମଦ କରିମ ୩ଟି, କାର୍ତ୍ତିକ ନାଇଡୁ ୭ ରନରେ ସର୍ବାଧିକ ୫ଟି ଉଇକେଟ ଅକ୍ତିଆର କରିଥିଲେ। କରିମ ସ୍ପୋର୍ଟ୍ସର ରବିନ ସିଂଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଅମିୟ ଭୂଷଣ ସାହୁ ଓ ସଚ୍ଚିଦାନନ୍ଦ ପଣ୍ଡା। ସ୍କୋରର ଥିଲେ ବିନୋଦ ପାତ୍ର। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶନୀ ମିଶ୍ର, ଅଚ୍ୟୁତ ମିଶ୍ର ଓ ବି. ଏସ୍ ରାଓ। ଶୁକ୍ରବାର ସେରସା ରାଞ୍ଚି ଓ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କଠାରୁ ରବିନ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧/୨୦୧୯ Bhubaneswar, Friday, February 1/ 2019

## ସଂକ୍ଷେପରେ

### ବିଜେଡି ଯୁବ ସଭାପତିଙ୍କୁ ବୋମାମାଡ଼ ଘଟଣାରେ ଜଣେ ଗିରଫ

ଧର୍ମଶାଳା, ୩୧।୧(ଡି.ଏନ୍.ଏ.)- ଧର୍ମଶାଳା ଥାନା ନାକପୋଲକ ଛକ ନିକଟରେ ବିଜେଡି ବ୍ଲକ ସଭାପତିଙ୍କ ଉପରେ ବୋମାମାଡ଼ ଘଟଣାରେ ବୁଧବାର ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଥାନୁଆଳ ଗ୍ରାମର ଦୁଃଖିଶ୍ୟାମ ଡୋରା। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଉମାକାନ୍ତ ନାୟକ କହିଛନ୍ତି। ପ୍ରକାଶ ଯେ, ଗତ ୨୬ତାରିଖରେ ପୂର୍ବାହ୍ନ ୮ଟାରେ ଧର୍ମଶାଳା ବ୍ଲକ ବିଜେଡି ସଭାପତି ତଥା ଥାନୁଆଳ ସମିତି ସଭ୍ୟ ପ୍ରସନ୍ନ କୁମାର ରାଉତ କାରରେ ଜାରକା ଅସୁଥିବାବେଳେ ନାକପୋଲ୍ ଛକ ନିକଟରେ ତାଙ୍କ କାର୍ ଉପରକୁ ଦୁଃଖିଶ୍ୟାମ ବୋମାଡ଼କରି ଫେରାର୍ ହୋଇଯାଇଥିଲେ। ଏଥିରେ ପ୍ରସନ୍ନଙ୍କ କାର କାଚ ଭାଙ୍ଗିଥିବା ବେଳେ ତାହାଣ ହାତରେ ଆଘାତ ଲାଗିଥିଲା। ଏ ନେଇ ପ୍ରସନ୍ନ ଦୁଃଖିଶ୍ୟାମଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୩୦/୧୯) ରୁଜୁକରି ଘଟଣାର ତଦନ୍ତ ଚଲାଇଥିଲା। ଗତ ୨୮ ତାରିଖରେ ଦୁଃଖିସ୍ୟାମ ସହ ଅନ୍ୟ ଅଭିୁକ୍ତାମନେ ବ୍ୟବହାର କରିଥିବା ଏକ ଅଲ୍‌ଟୋ କାର୍‌କୁ ପୋଲିସ ଜବତ କରିଥିଲା। ତେବେ ଡୋରା ଘରେ ଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ପୋଲିସ ବୁଧବାର ବିଳମ୍ବିତ ରାତିରେ ତାଙ୍କୁ ଗିରଫ କରିଥିଲା।

### ଯାଜପୁରରୋଡ ଡିଡିଏମଙ୍କ ବଦଳି

ଯାଜପୁର ଅଫିସ,୩୧।୧- ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟର ଖଣି ଉପନିର୍ଦ୍ଦେଶକ(ଡିଡିଏମ୍) ପ୍ରଭାସ କୁମାର ଓଝାଙ୍କ ବଦଳି ହୋଇଛି । ତାଙ୍କୁ ବଲାଙ୍ଗୀର ଜିଲା ଖଣି କାର୍ଯ୍ୟାଳୟକୁ ବଦଳି ହୋଇଥିବା ସୂଚନା ମିଳିଛି। ତେବେ ଯାଜପୁରରୋଡ ଭାରପ୍ରାପ୍ତ ଡିଡିଏମ ଭାବେ ଫୁଲବାଣୀର ଜିଲା ଖଣି ଅଧିକାରୀ ସନ୍ଦୀପ କୁମାର ବଳଙ୍କୁ ନିଯୁକ୍ତି ହୋଇଛି। ଡିଡିଏମ ଓଝା ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରେ ୨୦୧୭ ଫେବୃୟାରୀ ମାସରେ ଯୋଗ ଦେଇଥିଲେ।

# ପାଇପ ପାଣି ପାଇବାରୁ ୭୪% ଗ୍ରାମବାସୀ ବଞ୍ଚିତ

**ଯାଜପୁର ଜିଲା**

- ୧୫୯୭ ଗ୍ରାମରୁ ମାତ୍ର ୪୨୩ ଗ୍ରାମକୁ ପାଇପ ପାଣି ଯୋଗାଣ
- ୩୦୧ ପ୍ରକଳ୍ପ ସମ୍ପୂର୍ଣ୍ଣ, ୪୨ ନିର୍ମାଣାଧୀନ

ଯାଜପୁର ଅଫିସ/ ବିରଜାକ୍ଷେତ୍ର ୩୧।୧, (ଡି.ଏନ.ଏ.),



ବିକାଶରେ ଯାଜପୁର ଜିଲା ବେଶ୍ ଅଗ୍ରଣୀ ବୋଲି ନେତା ଓ ମନ୍ତ୍ରୀ ଉଦ୍‌ବୋଧନ ଦିଅନ୍ତି। ରାଜ୍ୟରେ ୧୯ବର୍ଷ ଧରି ଚଳିତ ସରକାର ଶାସନ କରିଆସୁଥିଲେ ସୁଦ୍ଧା ଯାଜପୁର ଜିଲାରେ ଏବେବି ୫୦ପ୍ରତିଶତ ଗ୍ରାମକୁ ପାଇପ ଜଳଯୋଗାଣ ଅପହଞ୍ଚ ରହିଛି। ଏଥିରୁ ଜିଲା ଶାସକ ଦଳର ନେତୃବର୍ଗଙ୍କ କାର୍ଯ୍ୟ ଦକ୍ଷତା ନେଇ ଅଙ୍ଗୁଳି ଉଠିବା ସ୍ୱାଭାବିକ। ସ୍ୱଚ୍ଛ ପାଣି ଯୋଗାଣରେ ବାସ୍ତବ ଚିତ୍ର ଅତ୍ୟନ୍ତ ନଗ୍ନ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଜିଲାର ସମୁଦାୟ ୧୫୯୭ ରାଜସ୍ୱ ଗ୍ରାମ ମଧ୍ୟରୁ ୩୦୧ ପ୍ରକଳ୍ପ ମାଧ୍ୟମରେ ମାତ୍ର ୪୨୩ ଗ୍ରାମକୁ ପାଇପ ଜଳ ସଂଯୋଗ ହୋଇଛି। ଏପରି କି ଅଚଳ ପ୍ରକଳ୍ପକୁ ସଚଳ ବୋଲି ଭୁଲ ତଥ୍ୟ ଦେଇ ସରକାରଙ୍କୁ ବିଭ୍ରାନ୍ତ କରୁଥିବା ପୂର୍ବରୁ ବହୁ ନଜିର ରହିଛି। ଗତ ଡିସେମ୍ବର ୩୧ସୁଦ୍ଧା ୧୨ଟି ସୋଲାର ଦ୍ୱାରା ପରିଚାଳିତ ପାଇପ ଜଳଯୋଗାଣ ପ୍ରକଳ୍ପ ଅଚଳ ଥିବା ଓରେଡାରୁ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ଜିଲାର ୧୦ ବ୍ଲକରେ ୧୫୯୭ ରାଜସ୍ୱ ଗ୍ରାମରେ ୩,୭୮,୬୪୫ ପରିବାର ବାସ କରୁଛନ୍ତି। ୨୦୦୬ରୁ ରାଜ୍ୟରେ ପାନୀୟ ଜଳଯୋଗାଣ ବିଭାଗ ପଞ୍ଚାୟତ ବିଭାଗ ଅଧୀନରେ କାର୍ଯ୍ୟ କରିଆସୁଛି। ଏଥିପାଇଁ ପ୍ରତିବର୍ଷ କୋଟିକୋଟି ଟଙ୍କା ଆବଣ୍ଟିତ ହେଉଛି। ହେଲେ ଅଧିକାଂଶ ଗ୍ରାମବାସୀ ପାଇପ ଜଳଯୋଗାଣରୁ ବଞ୍ଚିତ ହେଉଛନ୍ତି। ଅନ୍ୟାନ୍ୟ ଉତ୍ସରୁ ପାଣି ବ୍ୟବହାର କରୁଥିବାରୁ ଅନେକ କିଡ୍‌ନୀ ଭଳି ରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ବିଶେଷକରି ଜିଲାର ଭୂତଳ ଜଳରେ ବହୁ ପରିମାଣରେ ମେଟାଲିକ ଅଂଶ ରହିଥିବା ପରୀକ୍ଷାରୁ ଜଣାପଡିଛି । ତେଣୁ ନଦୀନାଳରୁ ପାଣି ବିଶୋଧନ କରି ପାଇପ ଯୋଗେ ଜଳଯୋଗାଣ କରାଗଲେ ଜିଲାବାସୀ ସ୍ୱଚ୍ଛ ପାନୀୟ ପାଇ ପାରିବେ ବୋଲି ମତପ୍ରକାଶ ପାଇଛି । ୨୦୨୨ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ ଜଳଯୋଗାଣ କରିବାକୁ କେନ୍ଦ୍ର ସରକାର ସମୟ ସୀମା ଧାର୍ଯ୍ୟ କରିଛନ୍ତି। କିନ୍ତୁ ଯୋଜନା କାର୍ଯ୍ୟକାରୀ ହେବାର ଦୀର୍ଘ ୧୨ ବର୍ଷ ବିତିଯାଇଥିଲେ ମଧ ମାତ୍ର ୨୬ପ୍ରତିଶତ ଗ୍ରାମାଞ୍ଚଳ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରେ ସକ୍ଷମ ହୋଇପାରିଛନ୍ତି। ଜାତୀୟ ଗ୍ରାମୀଣ ପାନୀୟ ଜଳଯୋଗାଣ କାର୍ଯ୍ୟକ୍ରମ (ଏନ୍‌ଆର୍‌ଡବ୍ଲ୍ୟୁ)ଅନୁଯାୟୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ପ୍ରତିଶତ ଲେଖାଏଁ ଅନୁଦାନ ଦେଉଛନ୍ତି। ବଡ଼ଚଣା ବ୍ଲକରେ ୨୨୬ ଗ୍ରାମରୁ ୫୩, ବରୀ ବ୍ଲକରେ ୯୭ଟି ଗ୍ରାମରୁ ୩୮, ଧର୍ମଶାଳାର ୨୪୭ ଗ୍ରାମରୁ ୫୯, ରସୁଲପୁର ବ୍ଲକର ୧୬୧ରୁ ୪୧, ଯାଜପୁର ବ୍ଲକର ୧୮୨ ରୁ ୪୪, ବିଞ୍ଝାରପୁରର ୧୦୬ ରୁ ୩୭, ଦଶରଥପୁରର ୧୫୧ ରୁ ୫୧, ସୁକିନ୍ଦାର ୧୦୫ରୁ ୩୧, କୋରେଇର ୨୧୬ରୁ ୪୮ ଓ ଦାନଗଦୀ ବ୍ଲକର ୧୦୬ଗୋଟି ରାଜସ୍ୱ ଗ୍ରାମରୁ ୨୧ରାଜସ୍ୱ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। କିନ୍ତୁ ବାସ୍ତବ ପକ୍ଷେ ସେଥିରୁ ୩୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଅଚଳ ରହୁଛି। ଅଧିକାଂଶ ପ୍ରକଳ୍ପ ଦ୍ୱାରା ନିର୍ଦ୍ଧାରିତ ଲୋକ ପାଇପ ଜଳ ପାଉ ନାହାନ୍ତି। ଏପରି କି ବହୁ ଚର୍ଚ୍ଚିତ ଡଙ୍କାରୀକୁ ଦୀର୍ଘ ୩ ବର୍ଷ ହେଲା ପାଇପ୍ ଜଳ ଯୋଗାଣ ହୋଇପାରି ନାହିଁ। ଏସଂକ୍ରାନ୍ତରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଅମୀୟ କୁମାର ପରିଜାଙ୍କୁ ପଚାରିବାରୁ ସେ କହିଛନ୍ତି ବର୍ତ୍ତମାନ ୩୦୧ଟି ଗ୍ରାମରେ ପାଇପ ଜଳଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଏଯାଏ ୪୨ଟି ପ୍ରକଳ୍ପ ନିର୍ମାଣାଧିନ ରହିଛି। ଆସନ୍ତା ଖରାମାସ ଆରମ୍ଭ ହେବା ପୂର୍ବରୁ ନିର୍ମାଣାଧିନ ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଆଶା ରଖିଛୁ। ବହୁ ଚର୍ଚ୍ଚିତ ଡଙ୍କାରୀକୁ ଦୀର୍ଘ ୩ ବର୍ଷ ହେଲା ପାଇପ୍ ଜଳ ଯୋଗାଣ ହୋଇପାରି ନାହିଁ।




## ପୋଖରୀ ଭିତରକୁ ଓଲଟିଲା ସ୍କୁଲ ଭ୍ୟାନ, ବର୍ତ୍ତିଲେ ୧୧ବିଦ୍ୟାର୍ଥୀ



ସ୍କୁଲ ଭ୍ୟାନ ଓଲଟି ପଡିଛି ।

ରସୁଲପୁର,୩୧।୧(ଡି.ଏନ୍.ଏ.)

ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଫଳରେ ଏକ ସ୍କୁଲ ଭ୍ୟାନ ପୋଖରୀ ଭିତରକୁ ଖସି ପଡ଼ିଛି। ତେବେ ତତ୍‌କ୍ଷଣାତ ଗ୍ରାମବାସୀଙ୍କ ଉପସ୍ଥିତି ଯୋଗୁ ୧୧ଜଣ ବିଦ୍ୟାର୍ଥୀ ଏକ ବଡ଼ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଏଭଳି ଏକ ଘଟଣା ଘଟିଛି ରସୁଲ୍‌ପୁର ବ୍ଲକ ଅନ୍ତର୍ଗତ ଅତଲାପରୁ ଗ୍ରାମରେ। ଗୁରୁବାର ସକାଳ ସାଢେ ୮ଟା ସମୟରେ ଓଆର୦୪-ଏନ୍-୮୬୫୭ ନମ୍ବର ବିଶିଷ୍ଟ ଏକ ଭ୍ୟାନ୍‌ରେ ଗୋଟିଏ ଘରୋଇ ସ୍କୁଲର ପିଲାମାନେ ବିଦ୍ୟାଳୟକୁ ଯାଉଥିଲେ। ଗାଁ ରାସ୍ତାରେ ଡ୍ରାଇଭର ଭ୍ୟାନକୁ ବୁଲାଇବାବେଳେ ଏହା ଭାରସାମ୍ୟ ହରାଇ ପୋଖରୀ ମଧ୍ୟକୁ ଖସିପଡ଼ିଥିଲା। ଏହା ଦେଖି ନିକଟରେ ଥିବା ଲୋକମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗି ଭ୍ୟାନରେ ଥିବା ୧୧ଜଣ ପିଲାଙ୍କୁ ସୁରକ୍ଷିତଭାବେ ବାହାରକୁ ବାହାର କରିଥିଲେ। ଉଦ୍ଧାର ହୋଇଥିବା ପିଲାଙ୍କ ମଧ୍ୟରୁ ୩ଜଣ ପିଲା ଆହତ ହୋଇଥିଲେ। ଆହତମାନେ ସେକ୍ ଜମିଲ ଉଦ୍ଦିନର ୮ବର୍ଷର ପୁଅ ମୋଇନ, ଅସରଫର ଦୁଇ ଝିଅ ଓମି କୁସୁମ(୫) ଓ ତବାସୁମ୍(୬) ବୋଲି ଜଣାପଡିଛି । ସେମାନଙ୍କୁ ଚିକିତ୍ସା ପାଇଁ ହରିପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଭ୍ୟାନର ଚାଳକ ରଘୁଆ ପଣ୍ଡାଙ୍କ ଅସାବଧାନତା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି ବୋଲି ଦେଖଣାହାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଖବର ପାଇ କୁଆଖିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

## ଭିଜିଲାନ୍ସ ଜାଲରେ ଟମକା ଥାନା ଏଏସ୍‌ଆଇ
## ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଗିରଫ

କଳିଙ୍ଗନଗର, ୩୧।୧(ଡି.ଏନ୍.ଏ.)

ଭିଜିଲାନ୍ସ ଜାଲରେ ଟମକା ଥାନା ଏଏସ୍‌ଆଇ ବିଜୟ କୁମାର ଦାସ। ଏକ ମାମଲାକୁ ଆପୋସ ସମାଧାନ ପାଇଁ ଏଏସ୍‌ଆଇ ବିଜୟ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଯାଜପୁର ଭିଜିଲାନ୍ସ ପକ୍ଷରୁ ଏ ନେଇ ଏକ ମାମଲା (୪/୧୯) ରୁଜୁ କରାଯାଇ ବିଜୟଙ୍କୁ କଟକ ଭିଜିଲାନ୍ସ ଅଦାଲତକୁ ପଠାଯାଇଥିବା ଜଣାପଡିଛି। ହୋଇଥିବା ଚଢାଉରେ ଯାଜପୁର ଭିଜିଲାନ୍ସ ଅଧିକାରୀ ଅନସୂୟା ସେନାପତିଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଜିଲା ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ର ନାଥ ରାଏ ଗୁରୁ ଓ



ଏଏସ୍‌ଆଇ ବିଜୟ କୁମାର ଦାସ।

ଇନ୍‌ସ୍ପେକ୍ଟର ବିଜୟ କୁମାର ସେଠୀ ସହଯୋଗ କରିଥିଲେ । ପ୍ରକାଶ ଯେ, ଗତ ୨୩।୧।୧୯ରେ ଟମକା ଥାନା ଅନ୍ତର୍ଗତ ଜନିନ୍ଦାପାଳ ଗ୍ରାମରେ ଏକ ମାରପିଟ ଘଟଣାକୁ ନେଇ ଗ୍ରାମର ସୁରେଶ ମହନ୍ତ ଉକ୍ତ ଗ୍ରାମର ଅମରେନ୍ଦ୍ର ରାୟଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମମଲା (୪/୧୯) ରୁଜୁ କରିଥିଲା। ଏହି ଘଟଣାର ତଦନ୍ତ ପାଇଁ ଏଏସ୍‌ଆଇ ବିଜୟ କୁମାରଙ୍କୁ ଥାନାଧିକାରୀ ଦାୟିତ୍ୱ ପ୍ରଦାନ କରିଥିଲେ। କିନ୍ତୁ ଘଟଣାର ଆପୋସ ସମାଧାନ କରିବା ନିମନ୍ତେ ବିଜୟ ଅମରେନ୍ଦ୍ରଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହେଲେ ଅମରେନ୍ଦ୍ର ୫ ହଜାର ଟଙ୍କା ଦେବା ପାଇଁ ରାଜି ହେବା ସହ ଏ ସମ୍ପର୍କରେ ଭିଜିଲାନ୍ସରେ ଜଣାଇଥିଲେ। ଗୁରୁବାର ଅପରାହ୍ନ ୧୨ଘଟିକା ସମୟରେ ଅମରେନ୍ଦ୍ର ୫ ହଜାର ଟଙ୍କା ଏଏସ୍‌ଆଇଙ୍କୁ ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇ ଲାଞ୍ଚ ଟଙ୍କା ଜବତ କରବା ସହ ତାଙ୍କୁ ଗିରଫ କରାଯାଇଥିଲା ।

## ସେକ୍ସ ର୍‍ୟାକେଟ ଠାବ: ୨ ଗିରଫ

କଳିଙ୍ଗନଗର/ଯାଜପୁରରୋଡ (ଡିଏନଏ/ନି.ପ୍ର.),୩୧।୧

କୋରେଇ ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥ କଡ଼ ଲକ୍ଷ୍ମୀନଗର ଛକ ନିକଟସ୍ଥ ଏକ ପରିତ୍ୟକ୍ତ କୋଠାଘରେ ସେକ୍ସ ର୍‍ୟାକେଟ ଚାଲିଥିବା ପୋଲିସ ଖବର ପାଇଥିଲା। ଏ ନେଇ ଗୁରୁବାର ରାତିରେ କୋରେଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ସେଠାରୁ ୨ଜଣ ଯୁବକଙ୍କୁ ଗିରଫ କରିଥିବା ବେଳେ ଜଣେ ଦଲାଲ ଓ ଜଣେ ଯୁବତୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଯୁବକଙ୍କ ଘର କବାଟବନ୍ଧ ଅଞ୍ଚଳରେ ବୋଲି ଜଣାପଡ଼ିଛି। ୨ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଥିବା ବେଳେ ଉକ୍ତ ଦଲାଲକୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଛି। ଦୀର୍ଘ ଦିନ ଧରି ଉକ୍ତ ଘରେ ଏଭଳି ଅନୈତିକ କାର୍ଯ୍ୟ ଚାଲିଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଖବର ଲେଖାହେବା ବେଳକୁ ଅଟକ ଯୁବକଙ୍କ ପରିଚୟ ମିଳିପାରି ନାହିଁ।





For Franchisee enquiries, please contact Milon Mohapatra, Mob: 70777 21612 • For Trade enquiries, Call +91 70777 21602 • For Clean Home products trade enquiries, Call +91 90739 09475

Prestige | Xclusive
BHUBANESWAR 105, Bapujinagar: Post office lane; Near Yes Bank, Landline : 0674 -2597141, Mob : 9937138998 Pani Tanki Lane; Ph: 9777744071/0674 2597685; 10, Janpath, Satyangar, Ph: 0674 2573408, 8280056821; IRC Village, I.D. Market, Mob: 9861404879; RAGHUNATHPUR: Nandankanan Road, Ph-7205876694; CUTTACK Buxi Bazaar Manisahoo Chhak: Ph No : 6371736954, Dolmundai: Haripur Road, Ph: 0671 2411580; Mob: 9658725456 CDA: Markat Nagar, Ph: 0671-2366774, Mob: 8917442506; PURI Behind Gundicha Temple, Ph-7978547991; ROURKELLA: Near Daily Market, Ph No - 9777457774, SAMBALPUR Golbazaar: Mob: 9338194750; KENDRAPARA: Kakat Chhak, Ph: 06727 221241; Mob: 9040562233 JAGATSINGHAPUR: Central Market, 06724221090 / 06724221080; DHENKANAL: I.G. Super Market, Mob: 9777190558; BERHAMPUR: One Way Traffic Road, Mob: 9437358402 / 06802222145; BOLANGIR: A.B.S.S. Road, Ph: 06652 232419; Mob : 9437331171, 9437241863; Rayagada: Main Road, Ph-9439239394 / 8249517365, SEMILIGUDA: Near Semiliguda College Chhak, Ph No - 8328800974, JEYPORE: Main Road, Ph: 06854 231221, Mob: 7008402905; SUNDERGARH: Nehru Market Complex; Mob: 9438076828, 9438575757; BARGARH: NH-6, Main Road, PH-9937171761 / 9556446300, 06646230124

PRESTIGE PRIORITY RETAILER :- BHUBANESWAR: Reeta, Ph: 0674-2597111, Utkal Light House, Ph: 9937019272; CUTTACK : Union Sales Emporium, Ph:2307878. AUTHORISED DISTRIBUTORS:- BHUBANESWAR- Manorama Trading Co., Ph No. 9437279239; Rath Distributors, Ph.No. 9338547101 (For Chimney & Cleaning Solutions); JATINI- Kanha Agencies, Ph. No. 9437090516; CUTTACK- Mahavir Enterprise, Chauliganga, Ph. No.9937092599; TALCHER- Sidharth Enterprises, Hatatota, Ph. No.9437003384 ROURKELA- Shah Distributor, Ph-0661-2506904, 9438712456; SAMBALPUR- Gayatri Traders, Ph-9937074072,9437925273; BALASORE- Satyabhama Sales, Ph. No.7008096876; BHADRAK- Akhandalamani Enterprise, Ph No. 9437436221, 9437960230; MAYURBHANJ- Cooling Point, Ph No. 9437161333; KEONJHAR- Hridhaan Enterprises , Ph. No. 9777642632; GANJAM & PHULBANI– Sri Sitaram Enterprises, Ph. No.9437216521; BALANGIR & KALAHANDI- Ably Info Solutions Ph No. 9437025475. AUTHORISED DEALERS :- BHUBANESWAR:- Royal Care, Ph 9937057177. Anu Agency, Ph 9437034488. Swosti Agency, Ph. 9439433333. Spectra Vision, Ph.-9937722277. Crockery Plaza, Ph. 0674-2534631. Maa Santoshi Agency, Ph. 9778289266. Kitchen Gallery, Ph-9437185026. Gharsansar, Ph 9437040438, Shreeji, Ph. 9861085294. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226; Shri Jaganath Enterprises, Ph.9861150572. Baba Enterprises- 99178550816. Swana Electronics , Ph.9938274127. Sai Associates-7381065641. Sonamona Variety Store, Ph.9437287620. Situ Plastic, Ph. 9861772109. S.R. Electronics, Ph.-6861155300. Kitchen Queen, Ph.7894082707. Karan Electricals, Ph.-9778337345. A.S. Enterprises, Ph.8249658303. Das & DAS Home Appliances & Fan , Ph.8895014877.Galaxy Enterprises, Ph. 9937133040. Utkal Sales, Ph9853150619. Nilakantha Agency- 9937346923, SB Enterprise-9861155551; CUTTACK:- Janata General Store ,Ph-2419948, Arbind Plastic, Ph 8763923528. Patra Electronics, Ph. 2631222, SALEPUR:- Sanjay Electronics NX, Ph. 9777777329. ANGUL:- Saralia Trading Co. Ph-9439471222, Shree Agency-Ph 9437013144. TALCHER- Beauty Palace-9437118065, Home Maker-9776173777 DHENKANAL:- Beauty House-9777190558.NTPC:- Pani Enterprise, Ph 9437056860. PARADEEP:- Krishna Enterprise, Ph. 9937451474. KENDRAPARA:- Purnamasi Electrical, Ph. 9937070448. UMARKOT:- Balaji Metal Store, Ph 9437524982. ROURKELA:- Prestige, Ph-2642265. City Super Bazar, Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. BK Enterprises, Ph 9861339753. RAJGANGPUR- Pradeep Store, Ph-9437244015. Kitchen Plaza, Ph. 9937109583. SUNDARGARH- Laxmi Steel, Ph-9776164771. Satyam Enterprises, Ph. 9937425413; KANTABANJI:- Ganapati Electricals,Ph.9938669100. BARIPADA:- Aerovision, Ph 9861828643. BALASORE:- United Sales Agency-9583519516; AUTHORISED SERVICE CENTRE:- Cuttack: TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House, Ph 0671-2367499; Bhubaneswar- Ph -9776322880. Rourkela- Ph. 9853522686. Berhampur - Ph. 0680-2228066. Sambalpur- Ph. 8895149244; Bolangir- Ph 06652-234443. Angul- Ph. 9437903195. Balasore: Ph. 9937393936, Jeypore: Ph. 9438445339, 06854-232339; Jajpur Road: Ph 9658464643;

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଖ୍ୟାତି ହେଲା ବୀରତ୍ୱପୂର୍ଣ୍ଣ କାର୍ଯ୍ୟର ସୁଗନ୍ଧ।
- ସକ୍ରେଟିସ

## ସଂକ୍ଷେପରେ

### ଏସ୍‌ସିଏସ୍ କଲେଜର ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ପୁରୀ ଅଫିସ, ୩୧।୧:** ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ(ସ୍ୱୟଂଶାସିତ)ନୂତନ ଅଧକ୍ଷ ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କଲେଜ ପରିସରରେ ଆୟୋଜିତ ଉତ୍ସବରେ ସେ ପୂର୍ବତନ ଅଧକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ କଲେଜର ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ଅଧାପକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ମହାନ୍ତି କହିଲେ, କଲେଜର ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷାର ମାନରେ ବିକାଶ, ପିଲାଙ୍କ ଦକ୍ଷତା ବିକାଶ ତଥା କଲେଜରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ସେ ଦୃଷ୍ଟି ଦେବେ। ସେ ଆହୁରି କହିଲେ, ଏହି ମହାବିଦ୍ୟାଳୟର ମୁଁ ଛାତ୍ର ଥିଲି। ଏହି କଲେଜରେ ଅଧକ୍ଷ ଭାବେ ଦାୟିତ୍ୱ ନେବା ମୋ ପାଇଁ ଏକ ଗୌରବ ବିଷୟ। ଏମ୍‌ଫିଲ ପାଠ୍ୟକ୍ରମ ଅନୁମୋଦନ ପ୍ରସଙ୍ଗରେ କହିଲେ, ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ବହୁବାର ଯୋଗାଯୋଗ କରାଯାଇଛି। ଚଳିତ ଶିକ୍ଷା ବର୍ଷରେ ପୁଣି ଥରେ ଅନୁରୋଧ କରାଯିବ। ପ୍ରଥମ ବ୍ୟାଚ ଛାତ୍ରୀଛାତ୍ର ଚଳିତ ବର୍ଷ ପାସ୍ କରିବେ। ତା' ପୂର୍ବରୁ ଅନୁମୋଦନ ଲାଗି ଉଦ୍ୟମ କରାଯିବ। କଲେଜର ବିଭିନ୍ନ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେବେ ବୋଲି ମହାନ୍ତି କହିଥିଲେ। ଅନ୍ୟପକ୍ଷରେ ଅବସର ଗ୍ରହଣ କରିଥିବା ପୂର୍ବତନ ଅଧକ୍ଷ ମିଶ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ତାଲିମ ନେଲେ ୯୫ ବରିଷ୍ଠ ପୋଲିସ ଅଫିସର

**ବ୍ରହ୍ମପୁର ଅଫିସ୍,୩୧।୧:** ଦକ୍ଷିଣାଞ୍ଚଳ ଏବଂ ଦକ୍ଷିଣ ପଶ୍ଚିମାଞ୍ଚଳର ୧୧ ପୋଲିସ ଜିଲାର ୯୫ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ବ୍ରହ୍ମପୁରରେ ଗୁରୁବାର ଦିନିକିଆ ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଦକ୍ଷିଣାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତାଲିମ ଶିବିରକୁ ରାଜ୍ୟ ସହକାରୀ ନିର୍ବାଚନ ଅଧିକାରୀ ଏସ୍.ଆର୍. ଯାଦବ ଉଦ୍‌ଘାଟନ କରିଥିଲେ । ଏଥିରେ ଆଇନ ଶୃଙ୍ଖଳା ଆଇଜି ଅମିତାଭ୍ ଠାକୁର୍ ଓ ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ପ୍ରଶିକ୍ଷକ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର୍ ଜାନକୀ ବଲ୍ଲଭ ମିଶ୍ର, ଓଏଏସ୍ ଅଫିସର୍ ରବୀନ୍ଦ୍ରନାଥ ସାହୁ ଏବଂ ଓକାକ୍‌ର ବରିଷ୍ଠ ସଫ୍ଟୱେର୍ ଇଞ୍ଜିନିୟର୍ ସୁବ୍ରତ କୁମାର ମହାନ୍ତି ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନକୁ ନିରପେକ୍ଷ, ଅବାଧ ଓ କରିବା ଦିଗରେ ପ୍ରଶିକ୍ଷଣ ଦେଇଥିଲେ । ଏଠାରୁ ତାଲିମ ନେବା ପରେ ବରିଷ୍ଠ ପୋଲିସ ଅଧିକାରୀମାନେ ସେମାନଙ୍କ ଜିଲାସ୍ତରରେ ପ୍ରଶିକ୍ଷଣ ଦେବେ ବୋଲି ସୂଚନା ମିଳିଛି । ପ୍ରଥମ ଅଧିବେଶନରେ, ୨୦୧୯ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ସମୟରେ ପୋଲିସ ଅଫିସର୍‌ଙ୍କ ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିପରି ସମ୍ବେଦନଶୀଳ ବୁଥ୍‌ଗୁଡିକ ଚିହ୍ନଟ କରି ସେଗୁଡିକରେ ନିର୍ବାଚନ ପରିଚାଳନା କିଭଳି ସୁରୁଖୁରୁରେ ହେବ ସେନେଇ ତାଲିମ ଦିଆଯାଇଥିଲା । ସେହିପରି ନୂତନ ନିର୍ବାଚନ ଆଚରଣ ବିଧି ସମ୍ପର୍କରେ ସମସ୍ତ ପୋଲିସ ଅଫିସରମାନଙ୍କୁ ସଚେତନ କରାଯାଇଥିଲା।

### ସାଂଗଠନିକ ବୈଠକ

**ବୋଲଗଡ,୩୧।୧(ଡି.ଏନ.ଏ.):** ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳ ଏବଂ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ସମର୍ଥକମାନଙ୍କୁ ସଂଗଠିତ କରିବା ପାଇଁ ଲାଗିପଡିଛନ୍ତି । ବେଗୁନିଆ ନିର୍ବାଚନ ମଣ୍ଡଳୀର ବୋଲଗଡ଼ ବ୍ଲକ ଅଞ୍ଚଳରେ ମଧ ଆଶାୟୀ ପ୍ରାର୍ଥୀମାନେ ସାଂଗଠନିକ ବୈଠକ କରୁଛନ୍ତି । 'ଆମ ଗାଁ ଆମ ସଂଗଠନ ଆମରି ବଳ' ଡାକରା ଦିଆଯାଇ କୃଷ୍ଣ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏକ ସାଂଗଠନିକ ବୈଠକ ବଡକୁମାରୀ ପଞ୍ଚାୟତ ଅଧୀନ ସାନକୁମାରୀସ୍ଥିତ ମା'ମଙ୍ଗଳାଙ୍କ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉଭୟ ବୋଲଗଡ଼ ଏବଂ ବେଗୁନିଆ ବ୍ଲକର ୩୦୦ରୁ ଉର୍ଦ୍ଧ୍ୱ ସମର୍ଥକ ଓ କର୍ମୀ ଯୋଗଦେଇଥିଲେ।

■ ଶ୍ରୀ ରଘୁନାଥଜୀଉ ମନ୍ଦିର

# ମାଳତି ଛାମୁଡ଼ିଆକୁ ପକ୍କା କରିବାକୁ ଦାବି

**ଓଡ଼ଗାଁ, ୩୧।୧ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ସହିତ ବହୁ କିମ୍ବଦନ୍ତୀ, ପରମ୍ପରା ଓ ଲୋକବିଶ୍ୱାସ ଜଡ଼ିତ । ଏଠାରେ ୯ ଦିନ ଧରି ପାଳିତ ହେଉଥିବା ଶ୍ରୀରାମ ନବମୀ ମହୋତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଉଲ୍ଲେଖଯୋଗ୍ୟ କି, ମନ୍ଦିର ବେଢ଼ାରେ ଥିବା ବହୁ ପୁରାତନ ଅଶୋକ, ବଉଳ, ମଧୁମାଳତୀ ଓ ବଣମାଳତୀ ଛାମୁଣ୍ଡିଆ ମନ୍ଦିରର ଶୋଭାବର୍ଦ୍ଧନ କରିଥାଏ। ଅଶୋକାଷ୍ଟମୀରେ ଅଶୋକ ପୁଷ୍ପକୁ ସେବନ କଲେ ରୋଗଶୋକରୁ ମୁକ୍ତି ମିଳିବା ବିଶ୍ୱାସ ରହିଛି। ବଉଳ ଫୁଲ ମାଳ ଶ୍ରୀଜୀଉମାନଙ୍କୁ ଲାଗି ହୋଇଥାଏ। ତେବେ ମନ୍ଦିର ଉତ୍ତର ବେଢା ନିକଟରେ ମଧୁମାଳତୀ ଫୁଲ ଛାମୁଡ଼ିଆ ସହ ପୂଜାବିଧିର ନିବିଡ଼ ସମ୍ପର୍କ ରହିଛି । ଦୈନିକ ଭୋରରେ ମାଳତୀ ପତ୍ରରେ ହିଁ ଶ୍ରୀ ଜୀଉଙ୍କ ଗମ୍ଭୀରାରେ ବଲ୍ଲଭ ଓ ମୁଆଁଭୋଗ ଲାଗି ହୋଇଥାଏ । ତେବେ



ମାଳତି ଛାମୁଡିଆ ନିକଟରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

ମନ୍ଦିର ଦକ୍ଷିଣ ଦ୍ୱାର ଖଜା ଦୋକାନ ସାମନାରେ ବାଉଁଶ ଓ ନଡିଆ ଡାଳରେ ନିର୍ମିତ କାମଚଳା ଭାବେ ରହିଛି ଶତାୟୁ ବଣମାଳତୀ ଛାମୁଡିଆ। ଏହାକୁ ପକ୍କା ଛାମୁଡିଆ କରିବାକୁ ସାଧାରଣରେ ଦାବି ହେଉଛି । କାରଣ ଏହି ଛାମୁଡିଆ ତଳୁ ହିଁ ଶ୍ରଦ୍ଧାଳୁମାନେ ମନ୍ଦିର ଉପରେ ଥିବା ୩ ସୁବର୍ଣ୍ଣ କଳଶକୁ ଦର୍ଶନ କରିଥାନ୍ତି । ଖରାଦିନେ ମନ୍ଦିର ବେଢ଼ା ବୁଲିବା ପରେ ଟିକେ ଥଣ୍ଡା ପବନ ପାଇଁ ଲୋକେ ମାଳତୀ, ବଣମାଳତୀ ଛାମୁଡ଼ିଆ ତଳେ ସ୍ୱଳ୍ପ ସମୟ ନିମନ୍ତେ ଆଶ୍ରୟ ନେଇଥାନ୍ତି। କଳଙ୍କି ଲାଗିଯିବା ଯୋଗୁ ଛାମୁଡ଼ିଆ ପାଇଁ ଥିବା ଲୁହା ଖମ୍ବ ଓ ତାର ଜାଲିକୁ ବାହାର କରି କେବଳ ବାଉଁଶ ଓ ନଡିଆ ବାହୁଙ୍ଗା ବ୍ୟବହାର କରାଯାଇଛି। ତେଣୁ ସୌନ୍ଦର୍ଯ୍ୟ ଓ ସୁରକ୍ଷା ଦୃଷ୍ଟିରୁ ବଣମାଳତୀ ଛାମୁଡ଼ିଆକୁ ପ୍ରଶାସନ ପକ୍ଷରୁ ପକ୍କା କରିବା ନିମନ୍ତେ ପୂଜକ ପରିଷଦ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଦାଶ, ଶ୍ରୀ ରଘୁନାଥଜୀଉ ସେବକ ମହାସଂଘ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଓ ସୁଆର ସେବକ ପରିଷଦ ସମ୍ପାଦକ କାର୍ତ୍ତିକ ପଣ୍ଡା ଦାବି କରିଛନ୍ତି ।

# ନିର୍ମାଣ ଶ୍ରମିକ ସଂଘର ବିକ୍ଷୋଭ, ଦାବିପତ୍ର ପ୍ରଦାନ

**ଭାପୁର,୩୧।୧(ଡି.ଏନ୍.ଏ.)**

ଭାପୁର ବ୍ଲକରେ ଗୁରୁବାର ମଧ୍ୟାହ୍ନରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ତରଫରୁ ଏକ ବିକ୍ଷୋଭ ସମାବେଶ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଭାପୁର ଶାଖା ତରଫରୁ ସଭାପତି ଆଡଭାକେଟ ଗଙ୍ଗାଧର ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଏକ ଶୋଭାଯାତ୍ରାରେ ବାଳିକା ଉଚ୍ଚବିଦ୍ୟାଳୟଠାରୁ ବାହାରି ବଜାର ପରିକ୍ରମାପୂର୍ବକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ଏଠାରେ ଏକ ସମାବେଶ ଓ ସଭା ହୋଇଥିଲା। ପରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ପରିଚୟ ପତ୍ର ପ୍ରଦାନ, ଆବାସ ଯୋଜନାରେ ସାମିଲ ଓ ଗୃହ ନିର୍ମାଣ କରିଥିବା ଶ୍ରମିକମାନଙ୍କୁ ତୁରନ୍ତ ଅର୍ଥ ପ୍ରଦାନ ରହିଛି।



ନିର୍ମାଣ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ ନ୍ୟାୟ ଦେବାରେ ପୋଲିସର ଅବହେଳା

# ଦଳିତ ଆଦିବାସୀ ମହାସଂଘର ବିକ୍ଷୋଭ




ଶୋଭାଯାତ୍ରାରେ ଦଳିତ ଆଦିବାସୀ ସଂଘର ସଦସ୍ୟ ଓ ଅନ୍ୟମାନେ।

**ପୁରୀ ଅଫିସ,୩୧।୧**

ଜାତୀୟ ଦଳିତ ଆଦିବାସୀ ମହାସଂଘ, ଓଡ଼ିଶା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମହାସଂଘ ପ୍ରତିନିଧି ୩ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ମହାସଂଘର ଶତାଧିକ ସଦସ୍ୟ ପିକେଡିଏ ଅଫିସ ନିକଟରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଅଟକାଇଥିଲା। ଫଳରେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ପୋଲିସର ବର୍ବରତା ବିରୋଧରେ ସେମାନେ ପ୍ରତିବାଦ କରିଥିଲେ।

ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ସତ୍ୟବାଦୀ, ପିପିଲି, ଚନ୍ଦନପୁର, ଡେଲାଙ୍ଗ, ବଳଙ୍ଗା ପ୍ରଭୃତି ଅଞ୍ଚଳରେ ଦିନକୁ ଦିନ ଅନୁସୂଚିତ ଜାତି ଉପରେ ଆକ୍ରମଣ, ହତ୍ୟା ଏବଂ ଅପହରଣ ହେଉଥିଲେ ମଧ ସେମାନଙ୍କୁ ନ୍ୟାୟ ମିଳୁନାହିଁ। ଏପରି କି ମାସ ମାସ ଧରି ଏହାର ତଦନ୍ତ କରାଯାଉ ନାହିଁ। ଅନ୍ୟପକ୍ଷରେ ମହାସଂଘର ୩ ଦଫା ଦାବି ମଧରେ ପିପିଲି ଥାନା ଅଧୀନ ମୁଦୁନିପୁର ଗ୍ରାମର ଅନୁସୂଚିତ ଜାତି ବର୍ଗର ସୁରେନ୍ଦ୍ର ବେହେରାଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ପ୍ରଫୁଲ୍ଲଙ୍କୁ ୪୮ ଘଣ୍ଟା ମଧରେ ଗିରଫ ସହିତ ନିର୍ଯାତିତ ପରିବାରକୁ ଅତ୍ୟାଚାର ନିରାକରଣ ଆଇନ ଅନୁଯାୟୀ କ୍ଷତିପୂରଣ ଦିଆଯାଉ। ସତ୍ୟବାଦୀ ଥାନା ଅନ୍ତର୍ଗତ ମହାବଳପଡ଼ା ଗ୍ରାମର ଗଦାଧର ଭୋଇଙ୍କୁ ଅପହରଣ ଏବଂ ବର୍ବରୋଚିତ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧରେ ଗିରଫ କରାଯାଉ। ସେହିପରି ନ୍ୟାୟ ଦେବାରେ ଅବହେଳା ଏବଂ ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ପିପିଲି ଏସ୍‌ଡିପିଓଙ୍କୁ ଏସ୍‌ସି/ଏସ୍‌ଟି ଆଇନରେ ଗିରଫ ସହ ବହିଷ୍କାର କରାଯାଉ ବୋଲି ଦାବି କରାଯାଇଛି।

ମହାସଂଘ ପୁରୀ ଜିଲା ସଭାପତି ଜୟଦେବ ବେହେରାଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଏବଂ ଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ ଲିଟୁ ଦାସ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଟିଙ୍କିନା ପରିଡ଼ା, ଜଗନ୍ନାଥ ଭୋଇ, ବିଜୟ ଭୋଇ, କାଳନ୍ଦୀ ଭୋଇ, ବୈକୁଣ୍ଠ ମାଝି, ରମେଶ ବେହେରା, ମିନତୀ ବେହେରା, ସୁଷମା ବେହେରା ପ୍ରମୁଖ ସାମିଲ ଥିଲେ।

## ଗର୍ଭସ୍ଥ ଲିଙ୍ଗ ନିରୂପଣ ନ କରିବା ଉପରେ ଗୁରୁତ୍ୱ ଯାଞ୍ଚ କଡ଼ାକଡ଼ି କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

**ପୁରୀ ଅଫିସ,୩୧।୧:** ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍‌ପ୍ରସବ ନିଦାନ କୌଶଳ ଅଧିନିୟମ (ପିସିପିଏନ୍‌ଡିଟି) ସମ୍ପର୍କିତ ଜିଲା ଉପଦେଷ୍ଟା କମିଟି ବୈଠକ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଅଧକ୍ଷତା କରି ଗର୍ଭସ୍ଥ ଲିଙ୍ଗ ନିରୂପଣ ପରୀକ୍ଷା ନ କରିବା ଏବଂ ଏଥିପାଇଁ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଲିଙ୍ଗ ନିରୂପଣକୁ ରୋକିବା ପାଇଁ ଥିବା ବିଧିଗୁଡ଼ିକର କଡାକଡି ପାଳନ ହେବା ଆବଶ୍ୟକ। ବାଳିକାମାନଙ୍କ ପ୍ରତି ପକ୍ଷପାତିତା ମନୋଭାବକୁ ପରିବର୍ତ୍ତନ ପାଇଁ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏଥିସହ ସ୍କ୍ୱାଡ୍ ଗଠନ କରି କ୍ଲିନିକଗୁଡ଼ିକ ଯାଞ୍ଚ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭାସ୍କର ଚନ୍ଦ୍ର ସାମନ୍ତରାୟ କହିଥିଲେ, ପୁରୀ ଜିଲାରେ ୧୩ଟି ଅଲଟ୍ରାସାଉଣ୍ଡ ୟୁନିଟ୍ କାର୍ଯ୍ୟ କରୁଛି। ସେଥିମଧରୁ ୭ଟି ୟୁନିଟ୍ ପରିଦର୍ଶନ ଏବଂ ଯାଞ୍ଚ କରାଯାଇଛି। ଅବଶିଷ୍ଟ ୟୁନିଟ୍‌ଗୁଡ଼ିକୁ ଶୀଘ୍ର ଯାଞ୍ଚ କରାଯିବ। ଶିଶୁକନ୍ୟା ସୁରକ୍ଷା ନିମନ୍ତେ ସଚେତନତା ଅଭିଯାନ କରାଯାଇଛି। ଏଥିପାଇଁ ଜିଲା ସଦର ମହକୁମା ଓ ବ୍ଲକରେ ସଚେତନତା ଶୋଭାଯାତ୍ରା ହୋଇଛି। ହୋର୍ଡିଂ, ଲିଫ୍‌ଲେଟ, ମାଇକ ପ୍ରଚାର ମାଧ୍ୟମରେ ଶିଶୁକନ୍ୟା ସୁରକ୍ଷା ଓ ଗର୍ଭସ୍ଥ ଲିଙ୍ଗ ନିରୂପଣ ବନ୍ଦ ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି ବୋଲି କହିଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଡା. ଶିଶିର କୁମାର ରଥଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘର ବିକ୍ଷୋଭ

**ପୁରୀ ଅଫିସ,୩୧।୧**

ବକେୟା ବର୍ଦ୍ଧିତ ପେନ୍‌ସନ୍ ପ୍ରଦାନ ଦାବିରେ ସେସ୍କୋ, ଗ୍ରୀଡ୍‌କୋ ଅବସରପାପ୍ତ ଶ୍ରମିକ, କର୍ମଚାରୀ କଲ୍ୟାଣ ସଂଘ ପକ୍ଷରୁ ଗୁରୁବାର ସେସୁ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗ୍ରୀଡ୍‌କୋ, ଓପିଟିସିଏଲରୁ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଉଛି। ଅଥଚ ସେସୁ କର୍ମଚାରୀଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। ଏନେଇ ସେସୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ସଂଘ ସଭାପତି ତ୍ରିଲୋଚନା ମହାପାତ୍ର କହିଛନ୍ତି। ଏହି ଆନ୍ଦୋଳନକୁ ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସମର୍ଥନ କରିଥିଲା। ପୁରୀ ବିଦ୍ୟୁତ୍ କର୍ମଚାରୀ ସଂଘ ସଭାପତି କୈଳାସ ଚନ୍ଦ୍ର ରାଓ ଯୋଗଦେଇ ସେସୁ କର୍ତ୍ତୃପକ୍ଷଙ୍କ ଅବହେଳାକୁ ତୀବ୍ର ନିନ୍ଦା କରିଥିଲେ। ଏନେଇ ସେସୁ କର୍ତ୍ତୃପକ୍ଷ ପୁନଃ ଆଲୋଚନା ଲାଗି ନିଷ୍ପତ୍ତି ନେଇଥିଲେ। କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୨୨ ତାରିଖରେ ପୁଣି ଧାରଣା ଦେବାକୁ ସ୍ଥିର କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।



ଧାରଣାରତ ବିଦ୍ୟୁତ ବିଭାଗର ପୂର୍ବତନ କର୍ମଚାରୀ।

## ପୁରୀ ହିଂସା, ପୁଣି ଜଣେ ଗିରଫ

**ପୁରୀ ଅଫିସ,୩୧।୧:** ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସା ଘଟଣାରେ ଏବେ ବି ପୋଲିସର ଗିରଫଦାରି ଜାରି ରହିଛି। ଗୁରୁବାର ସିଂହଦ୍ୱାର ଥାନା ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ବଡ଼ଦାଣ୍ଡସ୍ଥିତ ଗ୍ରାଣ୍ଡ ସେଣ୍ଟର ଭଙ୍ଗାରୁଜା କରିବା ଅଭିଯୋଗରେ ଥାନାରେ ରୁଜୁ କେସ୍ ନଂ.୭୯/୧୮ରେ ମାଳତୀପାଟପୁରର ରତିକାନ୍ତ ଦାଶ (୨୯)ଙ୍କୁ ଗିରଫ କରାଯାଇଥିବା ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ ମହାରଣା କହିଛନ୍ତି। ସେ ଏଠାରେ ରହି ପୂଜାର୍ଚ୍ଚନା କରିଥାନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଅକ୍ଟୋବର ୩ରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ ଏହା ହିଂସାର ରୂପ ନେଇଥିଲା।

# ଭାଗବତ ମହୋତ୍ସବ ଓ ପ୍ରତିଯୋଗିତା

**ବୋଲଗଡ଼,୩୧।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଅସରଳାଠାରେ ଆୟୋଜିତ ହେଉଛି ସିଂହବାହିନୀ ମା'କାଳିକା ଭାଗବତ ମହୋତ୍ସବ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ । ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ଗ୍ରାମର ମା'କାଳିକାଙ୍କ ପୀଠରେ ଅସରଳା ଭାଗବତ ମଣ୍ଡଳୀ ପକ୍ଷରୁ ଖଞ୍ଜଣି ଭଜନ ପରିବେଷଣ ହୋଇଥିଲା। ପରେ ଗ୍ରାମର ମହାବୀର ଭଜନଧାରା ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଜଗନ୍ନାଥ ଦାସଙ୍କ ଲିଖିତ ଓଡିଆ ଭାଗବତରେ ଥିବା ଭାବ, ଜ୍ଞାନ, ତତ୍ତ୍ୱକୁ ନେଇ କରାଯାଇଥିବା ଭାଗବତ ପ୍ରତିଯୋଗିତାରେ ୩ ବ୍ଲକରୁ ୪ଟି ଭାଗବତ ମଣ୍ଡଳୀ ଅଂଶଗ୍ରହଣ କରିବେ। ଗ୍ରାମାଞ୍ଚଳ ସାଂସ୍କୃତିକ ଜୀବନରେ ଭାଗବତବାଣୀର ପ୍ରସାର, ପ୍ରଚାର ଓ ଖଞ୍ଜଣି ଭଜନର ମହତ୍ତ୍ୱ ନେଇ ଏଭଳି ପ୍ରତିଯୋଗିତା ହେଉଥିବା ଆୟୋଜକ ପ୍ରକାଶ କରିଛନ୍ତି।



ଜଣେ କଳାକାର ଭଜନ ପରିବେଷଣ କରୁଛନ୍ତି।

■ ଜିଲା କଂଗ୍ରେସ କମିଟି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ମାଟିର ପୁଅ ହେବେ ପାର୍ଟିର ପ୍ରାର୍ଥୀ

**ପୁରୀ ଅଫିସ, ୩୧।୧**

■ ଆଶାୟୀଙ୍କଠାରୁ ଆବେଦନପତ୍ର ଗ୍ରହଣ


■ ପିପିଲିରୁ ସର୍ବାଧିକ ୫ ଆଶାୟୀ

ଅଠରନଳାସ୍ଥିତ ଶ୍ରୀନାରାୟଣ ମଣ୍ଡପରେ ଗୁରୁବାର ପୁରୀ ଜିଲା କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସତ୍ୟବ୍ରତ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପିସିସି ଉପସଭାପତି ତଥା ପୁରୀ ଜିଲା ପ୍ରଭାରୀ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ଯୋଗଦେଇଥିଲେ। ଜିଲା ସଭାପତି ପାତ୍ର କହିଥିଲେ ଯେ, ନିର୍ବାଚନ ଆଉ କମ୍ ଦିନ ରହିଲା। ତେଣୁ ଜିଲାର ଲୋକ ସଭା ଏବଂ ବିଧାନସଭା କ୍ଷେତ୍ର ପାଇଁ ଆଶାୟୀଙ୍କଠାରୁ ଆବେଦନପତ୍ର ଗ୍ରହଣ କରାଯାଇଛି। ଶନିବାର ଏହି ଆବେଦନପତ୍ର ପିସିସିକୁ ପଠାଯିବ। ପୁରୀ ଜିଲାର ୬ଟି ବିଧାନସଭା କ୍ଷେତ୍ର ମଧରୁ ସର୍ବାଧିକ ୫ ଜଣ ପିପିଲିରୁ ଆବେଦନ କରିଛନ୍ତି। ସେହିପରି ପୁରୀ ସଦରରୁ ୪, ବ୍ରହ୍ମଗିରି ୩, କାକଟପୁର ୩, ସତ୍ୟବାଦୀରୁ




ବୈଠକରେ ଯୋଗଦେଇଥିବା କଂଗ୍ରେସ କର୍ମକର୍ତ୍ତା।

୨ ଜଣ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଆବେଦନ ପତ୍ର ଦେଇଛନ୍ତି। ନିମାପଡ଼ାରୁ ଏକମାତ୍ର ସେ ହିଁ ଆବେଦନ କରିଥିବା ପାତ୍ର କହିଛନ୍ତି। ସେହିପରି ପୁରୀ ଲୋକ ସଭା ପାଇଁ ୩ ଜଣ ଆବେଦନପତ୍ର ଦେଇଛନ୍ତି। ଏହି ଆବେଦନ ପତ୍ର ପିସିସିକୁ ପଠାଯିବା ପରେ ସେଠାରେ ଶୃଙ୍ଖଳା କମିଟି ଏହାକୁ ସ୍କ୍ରିନିଂ କରି ଏଆଇସିସିକୁ ପଠାଇବ। ମୁଖ୍ୟତଃ ଯାହାଙ୍କର ଜିତିବା ସମ୍ଭାବନା ଅଧିକ ଥିବ ଏବଂ ଲୋକେ ତାଙ୍କ ଉପରେ ଭରସା କରିପାରୁଥିବେ ସେହିଭଳି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। କିନ୍ତୁ ବାହାରୁ କୌଣସି ପ୍ରାର୍ଥୀ ନୁହେଁ, ମାଟିର ପୁଅକୁ ପାର୍ଟିର ପ୍ରାର୍ଥୀ କରାଯିବ ବୋଲି କହିଛନ୍ତି ଜିଲା ସଭାପତି। ସେହିପରି ଆଗାମୀ ଦିନରେ ଜୋନ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ସମ୍ପୃକ୍ତ ଜୋନ୍ ଅଧୀନରେ ଥିବା ଦଳର ନିର୍ବାଚିତ ଏବଂ ପରାଜିତ ଜନପ୍ରତିନିଧି ଏବଂ ନେତୃବୃନ୍ଦ ଯୋଗଦେବେ। ତୃଣମୂଳସ୍ତରରେ କିପରି ଦଳକୁ ଆହୁରି ସୁସଙ୍ଗଠିତ କରାଯିବ ସେ ନେଇ ଯୋଜନା ପ୍ରସ୍ତୁତ ହେବ। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଅବହେଳାକୁ ଲୋକଙ୍କ ସମ୍ମୁଖରେ ଉତ୍ଥାପନ କରି ଦଳ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବ ବୋଲି ସଭାପତି ପାତ୍ର କହିଥିଲେ। ଏହି ବୈଠକରେ ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର, ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, ପୂର୍ବତନ ବିଧାୟକ କେଦାର ସାମନ୍ତରାୟ, ଜିଲା ସାଧାରଣ ସମ୍ପାଦକ ନିରଞ୍ଜନ ରଥ, କାର୍ଯ୍ୟକାରୀ ସଭାପତି ଅଜିତ ମଙ୍ଗରାଜ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ନଗର କଂଗ୍ରେସ ସଭାପତି ଛବୀନ୍ଦ୍ର ପଢ଼ିହାରୀ, ଇଂ. ଅରୋପ୍ରସାଦ ମିଶ୍ର, ଜୟୀନାରାୟଣ ପଟ୍ଟନାୟକ, ବିଶ୍ୱଭୂଷଣ ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ, ସରସ୍ୱତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପଦ୍ମପତ୍ରରେ ଥିବା ପାଣି ଯେଭଳି ଢଳଢଳ ହୁଏ, ଜୀବନ ସେହିପରି ଚଞ୍ଚଳ।

- ଆଦି ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ମଧ୍ୟଖଣ୍ଡରେ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ



**ଦଶପଲ୍ଲା,୩୧।୧(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜ୍ୟପୂଜା ସମିତିର ସଭାପତି ଅଦ୍ୱୈତ୍ୟ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ ପରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନୟାଗଡ ଓକିଲ ସଂଘର ସଭାପତି ଅମୀୟ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମହମଦ୍ ଓମାର୍ ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଡଭୋକେଟ୍ ଶରତ ବେହେରା ଓ ସମ୍ମାନିତ ବକ୍ତା ଭାବେ ସରପଞ୍ଚ ଗଣେଶ୍ୱର ନାୟକ ଯୋଗ ଦେଇଥିଲେ। ଅତିଥିମାନେ ଗାନ୍ଧିଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିତ୍ୱ, କଳାକାର, ଆଦର୍ଶ ଚାଷୀ, କ୍ରୀଡାବିତ୍ ଏବଂ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶପଲ୍ଲା ସ୍ଥିତ ଜୟମହାବୀର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ପାଳନ କରାଯାଇଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦଶପଲ୍ଲା,୩୧।୧(ଡି.ଏନ.ଏ.):** ଦଶପଲ୍ଲା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭିକାରୀ ଚରଣ ବେହେରାଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ମନୋଜ ପଣ୍ଡା, ପ୍ରଭାକର ସାହୁ , ଶିକ୍ଷୟିତ୍ରୀ ନିର୍ମଳା କୁମାରୀ ଦାସ, ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ବେହେରା ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧରେ ସୁସମ୍ପର୍କ ସ୍ଥାପନ ପାଇଁ ଆହ୍ୱାନ କରିଥିଲେ।

### ୪ରେ ଧାରଣା ଦେବେ ସରପଞ୍ଚ, ୱାର୍ଡମେମ୍ବର

**ଖୋର୍ଦ୍ଧା ଅଫିସ,୩୧।୧:** ରାଜ୍ୟ ସରପଞ୍ଚ ମହାସଂଘ ପରିଚାଳନା କମିଟି ପକ୍ଷରୁ ଏକ ବୈଠକ ମହାସଂଘର କାର୍ଯ୍ୟାଳୟ ତମାଣ୍ଡୋଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୧ଦଫା ଦାବି ନେଇ ଫେବୃୟାରୀ ୪ରେ ପିଏମଜି ଠାରେ ସରପଞ୍ଚ ଓ ୱାର୍ଡମେମ୍ବରମାନେ ସମୂହ ଧାରଣା ଦେବେ ବୋଲି ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସଭାପତି ଜଗମୋହନ ପ୍ରଧାନ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି। ସରକାର ସରପଞ୍ଚ ଓ ୱାର୍ଡମେମ୍ବରମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି। ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ମାସିକ ଦରମା ଓ ଗସ୍ତ ଭତ୍ତା ଏବଂ ଅବସର ପରେ ପେନଶନ, ପଞ୍ଚାୟତ ସ୍ତରରେ ଖାଲିପଡିଥିବା ପିଅନ, ରାତ୍ର ଜଗୁଆଳି ପରି କମଚାରୀଙ୍କ ପଦବିରେ ନିଯୁକ୍ତି, ୩୮ଟା ବିଭାଗ ପଞ୍ଚାୟତକୁ ସମ୍ପୂର୍ଣ୍ଣ ହସ୍ତାନ୍ତର, ଉନ୍ନୟନ କାର୍ଯ୍ୟରେ ଜିଲା ଓ ବ୍ଲକ ପ୍ରଶାସନର ସହଯୋଗ ଆଦି ଦାବି ନେଇ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ।

### ଚୋରି ଅଭିଯୋଗରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୩୧।୧:** ଚୋରି ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ପଲ୍ଲାର ବିରଜା ନାୟକ(୨୫)। ସୂଚନା ଅନୁଯାୟୀ, ବିରଜା ଶିଆଳିଆଠାରେ ଥିବା ପ୍ରଫୁଲ୍ଲ ରଥଙ୍କ କ୍ରସରରୁ କିଛି ଉପକରଣ ଚୋରି କରି କବାଡିଆଙ୍କୁ ବିକ୍ରି କରିଥିଲା। ଏ ନେଇ ପ୍ରଫୁଲ୍ଲଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

### ରାଉତପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ

**ଖୋର୍ଦ୍ଧା ଅଫିସ,୩୧।୧:** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡା ଦକ୍ଷିଣେଶ୍ୱର ନୂଆସାହିରେ ହେଉଥିବା ଅଷ୍ଟପ୍ରହର ନାମଯଜ୍ଞରେ ଗୁରୁବାର ରାଉତପଡା, ଲୋକିପୁର, ଦେଉଳି ସାମନ୍ତରାପୁରର ନାମ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ କରିଥିଲେ। ଶୁକ୍ରବାର ନଗରକୀର୍ତ୍ତନ ଓ ମହୋତ୍ସବ ହେବ ବୋଲି ପୂଜା କମିଟି ସଦସ୍ୟ ମଙ୍ଗୁଳି ପାତ୍ର ସୂଚନା ଦେଇଛନ୍ତି।

■ ଛାତ୍ରୀଛାତ୍ରଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ମାରଣନୀତିକୁ ବିରୋଧ

# ୨ରେ ଯୁବ ବିଜେଡିର ସ୍ୱାକ୍ଷର ଅଭିଯାନ

**ନୟାଗଡ଼ ଅଫିସ,୩୧।୧**

ନୟାଗଡ଼ ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଫେବୃୟାରୀ ୨ ତାରିଖରେ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ଆରମ୍ଭ ହେବ। କେନ୍ଦ୍ରରେ ଭାଜପା ସରକାର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ଛାତ୍ରବୃତ୍ତିର ଅଂଶଧନ କାଟିଦେବାକୁ ବିରୋଧ କରି ଏହି ସ୍ୱାକ୍ଷର ଅଭିଯାନ କରାଯିବ। କେନ୍ଦ୍ର ସରକାର ଓଡ଼ିଶାର ଅନୁସୂଚିତ ଜାତି ଜନଜାତି ଛାତ୍ରୀଛାତ୍ରଙ୍କ ଛାତ୍ରବୃତ୍ତିର ଅଂଶଧନ କାଟି ଦେଉଥିବାରୁ ଏହାର ପ୍ରତିବାଦରେ ଚଳିତମାସ ୪ ତାରିଖରୁ ଭୁବନେଶ୍ୱର ଲୋୟର ପିଏମ୍‌ଜି ଠାରେ ଏହି ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ସ୍ୱାକ୍ଷର ଅଭିଯାନ ୨୫ଟି ଜିଲାରେ ଶେଷ ହୋଇଛି।

ନୟାଗଡ଼ ଜିଲାରେ ୨ ତାରିଖରେ ବିଜୁ ଯୁବ ଜନତା ଦଳ ତରଫରୁ ୧୪ଟି ସ୍ଥାନରେ ଓ ୧୧ଟି କଲେଜ ଆଗରେ ଏହି ସ୍ୱାକ୍ଷର ଅଭିଯାନ କରାଯିବ। ଉକ୍ତ ଦିନ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ସ୍ୱାକ୍ଷର ସଂଗ୍ରହ କରାଯିବ ବୋଲି ନୟାଗଡ଼ ବିଜେଡ଼ି କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ



ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ସଦସ୍ୟମାନେ।

■ ୨୫ ସ୍ଥାନରେ କରାଯିବ ସଂଗ୍ରହ

■ ୯୦ ପ୍ରତିଶତ ଛାତ୍ରବୃତ୍ତି ୨୦କୁ ସୀମିତ

ସୂଚନା ଦେଇଛନ୍ତି ଛାତ୍ର ବିଜେଡ଼ି ରାଜ୍ୟ ମହାସଚିବ ହରିଶଙ୍କର ରାଉତ। ରାଉତ ଅଭିଯୋଗ କରିଛନ୍ତି ଯେ କେନ୍ଦ୍ର ସରକାର ରାଜ୍ୟରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ଛାତ୍ରବୃତ୍ତିର ସମ୍ପୂର୍ଣ୍ଣ ଢାଞ୍ଚା ପରିବର୍ତ୍ତନ କରିଛନ୍ତି। ପୂର୍ବରୁ କେନ୍ଦ୍ର ସରକାର ୯୦ ପ୍ରତିଶତ ଛାତ୍ରବୃତ୍ତି ପ୍ରଦାନ କରୁଥିବା ବେଳେ ବର୍ତ୍ତମାନ ୨୦ ପ୍ରତିଶତରେ ଏହାକୁ ସୀମିତ କରିଛନ୍ତି। କେନ୍ଦ୍ରର ଏହି ମାରଣନୀତିକୁ ବିରୋଧ କରି ଫେବୃୟାରୀ ୪ ପର୍ଯ୍ୟନ୍ତ ବଳକା ଥିବା ଜିଲାରେ ଏହି ସ୍ୱାକ୍ଷର ଅଭିଯାନ କରାଯାଇ ରାଷ୍ଟ୍ରପତିଙ୍କ ନିକଟକୁ ସ୍ୱାକ୍ଷର ସମ୍ବଳିତ ପତ୍ର ପଠାଯିବ। ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଗୁରୁତ୍ୱ ଦେଇ ବିଭିନ୍ନ ସମୟରେ କାର୍ଯ୍ୟ କରୁଥିବା ବେଳେ କେନ୍ଦ୍ର କାହିଁକି ଏଥିରୁ ନିବୃତ୍ତ ରହୁଛି ସେଥିନେଇ ମଧ ରାଉତ ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ମଳୟ ରଞ୍ଜନ ପତି, ନୟାଗଡ଼ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ରମେଶ କୁମାର ସାହୁ, ନୟାଗଡ଼ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ନୀଳମାଧବ ପଣ୍ଡା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ୧୦୦୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଆବାସ ଯୋଜନାରୁ ବଞ୍ଚିତ

**ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରଦାନରେ ବିଳମ୍ବ ନେଇ ଅସନ୍ତୋଷ**

**ଭାପୁର,୩୧।୧(ଡି.ଏନ୍.ଏ.)**

ଗରିବ ଶ୍ରମିକମାନଙ୍କୁ ପକ୍କାଘର ଯୋଗାଇ ଦେବା ଲକ୍ଷ୍ୟରେ ସରକାର ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ଆରମ୍ଭ କରିଛନ୍ତି। ମାତ୍ର ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ ମନୋଭାବ ଏହି ଖଟିଖିଆ ଶ୍ରମିକଙ୍କ ସ୍ୱାର୍ଥର ବିରୋଧାଭାସ ତଥା ସରକାରଙ୍କ ଆବାସ ଯୋଜନାର ପରିପନ୍ଥୀ ପାଲଟିଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲା ଭାପୁର ବ୍ଲକରେ ଏହା ଦେଖିବାକୁ ମିଳିଛି। ଏଠାରେ ଅଧିକାଂଶ ବ୍ୟକ୍ତି ଦିନ ମଜୁରିଆ ଓ ଶ୍ରମିକ ଭାବେ କାମ କରି ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି। ଏମାନେ ଭଙ୍ଗା, ମାଟି ଚାଳ ଘରେ ରହୁଥିବା ବେଳେ ବ୍ଲକ ପ୍ରଶାସନର ଅବହେଳା ଯୋଗୁ ସେମାନଙ୍କୁ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାର ସୁଫଳ ମିଳିପାରିନାହିଁ। ୨ ମାସ ହେଲା ଜିଲା ପ୍ରକଳ୍ପ କାର୍ଯ୍ୟାଳୟରୁ ବ୍ଲକରେ ବାସ କରୁଥିବା ୧୦୮୦ ଜଣ ନିର୍ମାଣ ଶ୍ରମିକଙ୍କ ନାମ ତାଲିକା ଭାପୁର ବ୍ଲକ ପ୍ରଶାସନକୁ ଆସିଛି। ଶ୍ରମିକଙ୍କ ମଧ୍ୟରୁ ସରକାରୀ ପକ୍କାଘର ପାଇବାକୁ ଯୋଗ୍ୟ ବ୍ୟକ୍ତିମାନଙ୍କ ତାଲିକା ତୁରନ୍ତ ପଠାଇବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ତେବେ ବ୍ଲକ ପ୍ରଶାସନ ବିଭିନ୍ନ କାରଣ ଦର୍ଶାଇ କାର୍ଯ୍ୟରେ ବିଳମ୍ବ କରିବା ନେଇ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ବ୍ଲକ ପ୍ରଶାସନ ଏ ପର୍ଯ୍ୟନ୍ତ କାମ ଆରମ୍ଭ କରିନି କି ଜିଲା ପ୍ରଶାସନ ଏ ନେଇ କୌଣସି ସମୀକ୍ଷା କରୁ ନ ଥିବା ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ କି, ମାତ୍ର ୧ ମାସ ମଧ୍ୟରେ ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବାକୁ ଯାଉଛି। ଏଭଳି ପରିସ୍ଥିତିରେ ଏକ ହଜାରରୁ ଊର୍ଦ୍ଧ୍ୱ ଏହି ଗରିବ ଶ୍ରମିକମାନଙ୍କ ବାସଗୃହ ପାଇଁ ଆସିଥିବା କୋଟି କୋଟି ଟଙ୍କାର ଅନୁଦାନ ଅର୍ଥକୁ ରୋକିବାର ଅଧିକାର ସ୍ଥାନୀୟ ପ୍ରଶାସନକୁ ଦେଲା କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି? ଏହା କ'ଣ ଗରିବ ମାରଣ ତଥା ସରକାରୀ ନୀତି ବିରୋଧୀ ନୁହେଁ କି ବୋଲି ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି? ଏହି ଘଟଣା ନେଇ ଭାପୁର ବିଡିଓ ଅନ୍ତର୍ଯାମୀ ଦାସ କହିଛନ୍ତି, ଉକ୍ତ ତାଲିକା ଡିଆର୍‌ଡିଏ (ନୟାଗଡ଼)ରୁ ଆସିଥିଲା। ତେବେ ଆମେ କାଳିଆ, ପିଠା କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଛୁ। ଏଥିପାଇଁ ସମୟ ଦେଇପାରିନୁ।

# ଓଲଟିଲା ଗାଡ଼ି, ୩ ଗୁରୁତର

**ନୂଆଗାଁ,୩୧।୧ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ଥାନା ଲୁଣିସରା ଗ୍ରାମ ନିକଟରେ ଗୁରୁବାର ଏକ ଟାଟା ଏସିଇ ଗାଡି ଓଲଟି ପଡିବା ଫଳରେ ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ହୋଇଛି । ପ୍ରକାଶ ଯେ, ଓଡଗାଁ ଥାନା ଭାଲିଆଡିହି ଗ୍ରାମର ୧୦ ଜଣ ଶ୍ରମିକ କୂଅ ଖୋଳିବା ପାଇଁ ବିଭିନ୍ନ ସରଞ୍ଜାମ ସହ ଟାଟା ଏସିଇ ଗାଡି (ନଂ.ଓଡି ୨୫ ଜି ୩୮୪୭) ଯୋଗେ ଫୁଲବାଣୀ ଯାଉଥିଲେ। ମଧ୍ୟାହ୍ନ ୧୨ଟାରେ ଲୁଣିସରା ନିକଟସ୍ଥ ୫୭ ନଂ ଜାତୀୟ ରାଜପଥରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଫଳରେ ସେଥିରେ ଥିବା ଶ୍ରମିକମାନଙ୍କ ମଧ୍ୟରୁ ୪ ଜଣ ଆହତ ହୋଇଥିଲେ । ନୂଆଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ତିନି ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଆହତମାନେ ହେଲେ ଭାଲିଆଡିହି ଗ୍ରାମର ନିରଞ୍ଜନ ଜେନା,କବିରାଜ ଜେନା,ବିଜୟ ବେହେରା ଓ ବାବାଜୀ ସେଠୀ । ନୂଆଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିଛି ।



ଦୁର୍ଘଟଣାରେ ଗୁରୁତର ଶ୍ରମିକମାନେ।

■ ୨ ହଜାର ଟଙ୍କା ଲାଞ୍ଚ ନେଇ

# ଭିଜିଲାନ୍ସ ଜାଲରେ ତହସିଲ ମୁଖ୍ୟ କିରାଣି

**ରଣପୁର,୩୧।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ତହସିଲ କାର୍ଯ୍ୟାଳୟରେ ଗୁରୁବାର ଜଣେ ବ୍ୟକ୍ତିଙ୍କଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମୁଖ୍ୟ କିରାଣି ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସେ ହେଉଛନ୍ତି ଦିଗାମ୍ବର ମହାନ୍ତି (୪୭)। ଜଣେ ବ୍ୟକ୍ତିଙ୍କ ଘରବାରି ମାପ ଚିହ୍ନଟ କରିବା ପାଇଁ ଦିଗାମ୍ବର ଟଙ୍କା ନେଉଥିବାବେଳେ ଭୁବନେଶ୍ୱରସ୍ଥ ୬ଜଣିଆ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଅଧିକାରୀମାନେ କାର୍ଯ୍ୟାଳୟର ବିଭିନ୍ନ କାଗଜପତ୍ର ତନଖି କରି ଦିଗାମ୍ବରଙ୍କ ଆଲ୍‌ମିରାରେ ଥିବା ନଗଦ ୧ଲକ୍ଷ ୩ ହଜାର ଟଙ୍କା ମଧ ଜବତ କରିଥିଲେ । ଏହି ଟଙ୍କା ବିଷୟରେ ତାଙ୍କୁ ପଚାରିବାରୁ ସେ ଠିକ୍ ତଥ୍ୟ ଦେଇପାରି ନ ଥିଲେ। ଉକ୍ତ ଘଟଣା ନେଇ ଅଭିଯୋଗ ନଂ ୬/୧୯ ରେ ଏକ ମାମଲା ରୁଜୁ କରାଯାଇ ସେଠାରୁ ମୁଖ୍ୟ କିରାଣିଙ୍କୁ ଗିରଫ ପରେ ଭୁବନେଶ୍ୱର ନେଇ ତଦନ୍ତ କରାଯାଉଛି । ଦିଗାମ୍ବରଙ୍କ ପୈତୃକ ଘର ପୁରୀ ଜିଲା କାକଟପୁର ଗ୍ରାମରେ ମଧ ସନ୍ଧ୍ୟାରେ ଏକ ଟିମ୍ ଚଢ଼ାଉ କରିଛି । ଦୀର୍ଘ ଦିନ ହେବ ଏକ

**ତହସିଲଦାର, କର୍ମଚାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ**



ଭିଜିଲାନ୍ସ ପକ୍ଷରୁ ଦିଗାମ୍ବରଙ୍କୁ ପଚରାଉଚରା କରାଯାଉଛି।

ଘରବାରି ମାପ କରିବା ପାଇଁ ତହସିଲକୁ ଦୌଡିଦୌଡି କାମ ନ ହେବାରୁ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ଏହି ତହସିଲ ଅନ୍ତର୍ଗତ ଚାନ୍ଦପୁର ଆର୍‌ଆଇ ସର୍କଲରେ ଥିବା କୃଷ୍ଣଚନ୍ଦ୍ରପୁର ଗ୍ରାମର ବିଜୟ ସାହୁ। ଘଟଣାରୁ ପ୍ରକାଶ , ବିଜୟଙ୍କ ସହିତ ତାଙ୍କ ପଡୋଶୀ ଅରୁଣ ପାତ୍ରଙ୍କ ଏକ ଘରବାରି ମାପ ଚିହ୍ନଟକୁ ନେଇ ଦୀର୍ଘ ଦିନ ହେବ ଗଣ୍ଡଗୋଳ ଲାଗି ରହିଥିଲା । ଭଦ୍ରଲୋକଙ୍କ ଉପସ୍ଥିତିରେ ଘରବାରିକୁ ମପାଯିବା ପାଇଁ ତହସିଲଦାରଙ୍କ ପାଖରେ ବିଜୟ ଆବେଦନ କରିଥିଲେ । ହେଲେ ମୁଖ୍ୟ କିରାଣି ଏହା କରାଇ ଦେଉ ନ ଥିଲେ। ଏ ନେଇ ତହସିଲଦାରଙ୍କୁ ବିଜୟ ଅଭିଯୋଗ କଲେ ମଧ ସେ ମୁଖ୍ୟ କିରାଣିଙ୍କ ସହିତ କଥା ହେବାକୁ କହୁଥିଲେ । ଗତ ୨୮ତାରିଖରେ ଦିଗାମ୍ବର ମାପକାର୍ଯ୍ୟ ପାଇଁ ଅଢେଇ ହଜାର ଟଙ୍କା ଦାବି କରିଥିଲେ । ସେହିଦିନ ୫ଶହ ଟଙ୍କା ଦିଗାମ୍ବରଙ୍କୁ ବିଜୟ ଦେଇଥିଲେ । ଅବଶିଷ୍ଟ ଟଙ୍କା ଗୁରୁବାର ଦେବେ ବୋଲି ସେ କହିଥିଲେ । ଏହା ପରେ ବିଜୟ ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ । ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଅନୁପମା ମହାପାତ୍ରଙ୍କ ନେତୃତ୍ୱରେ ୬ଜଣିଆ ଟିମ୍ ଗଠନ କରାଯାଇଥିଲା । ସେହି ଅନୁସାରେ ବିଜୟଙ୍କୁ ରାସାୟନିକ ପ୍ରଲେପବୋଳା ୨ହଜାର ଟଙ୍କା ଦିଆଯାଇଥିଲା । ବିଜୟ ଗୁରୁବାର ମଧ୍ୟାହ୍ନ ୧୨.୩୦ରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସେହି ଟଙ୍କା ମୁଖ୍ୟ କିରାଣି ଦିଗାମ୍ବରଙ୍କୁ ଦେଇ ବାହାରକୁ ଚାଲି ଆସିଥିଲେ । ଏହା ପରେ କାର୍ଯ୍ୟାଳୟ ବାହାରେ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ଦିଗାମ୍ବରଙ୍କୁ କାବୁକରି ତାଙ୍କଠାରୁ ୪ଟି ୫ଶହ ଟଙ୍କିଆ ନୋଟ୍ ଜବତ କରିଥିଲା । ତେବେ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ ହେଉଥିବା ଜାଣିବା ପରେ ତହସିଲଦାର ଓ କର୍ମଚାରୀମାନେ ନିଜ ସିଟ୍‌ରେ ଅନୁପସ୍ଥିତ ଥିବା ଜଣାପଡ଼ିଛି । ତହସିଲଦାର ଏବଂ କର୍ମଚାରୀମାନେ କାର୍ଯ୍ୟାଳୟ ଛାଡି ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଥିଲା। ଉଲ୍ଲେଖଯୋଗ୍ୟ କି, ରଣପୁର ତହସିଲରେ ସାଧାରଣ ଲୋକଙ୍କ ପଟ୍ଟା, ସାର୍ଟିଫିକେଟ, ଦାଖଲ, ଖାରଜ ଓ ବିଭିନ୍ନ କାର୍ଯ୍ୟ ନିମନ୍ତେ କର୍ମଚାରୀମାନେ ଅର୍ଥ ଦାବି କରୁଥିବା ଅଭିଯୋଗ ହୋଇଆସୁଥିଲା। ବିଭାଗୀୟ ଉଚ୍ଚ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଲୋକେ ହଇରାଣ ହେଉଥିଲେ।

# ପରିବେଶ ସଚେତନତା ପାଇଁ ବାଇକ୍ ରାଲି

**ଗଣିଆ,୩୧।୧(ଡି.ଏନ.ଏ.)**

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଓ ମା' କାଳୀ ଯୁବ ପରିଷଦ ମିଳିତ ଆନୁକୂଲ୍ୟରେ ଗୁରୁବାର ପରିବେଶ ସଚେତନତା ପାଇଁ ଏକ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ପୂର୍ବାହ୍ନରେ ଛାମୁଣ୍ଡିଆ ବଜାରସ୍ଥିତ ହନୁମାନ ମନ୍ଦିରଠାରୁ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଅପରାହ୍ନରେ ବାରନାଳିଆ ମଠଠାରେ ଉଦ୍‌ଯାପିତ ହୋଇଥିଲା । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯୁବ ପରିଷଦର ସଭ୍ୟମାନେ ହାତରେ ବ୍ୟାନର,ପ୍ଲାକାର୍ଡ ପ୍ରଦର୍ଶନ ଏବଂ ସ୍ଲୋଗାନ ଦେଇ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ବର୍ଜନ କରିବା, ପରିବେଶ ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା, ବନ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା କରିବା ସହ ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିଥିଲେ । ଏଥିସହ ଜଙ୍ଗଲ ଧ୍ୱଂସ, ଜଙ୍ଗଲ ପୋଡ଼ି ଓ ବନ୍ୟଜନ୍ତୁ ଶିକାରର କୁପରିଣତି ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ । ଏହି ସଚେତନତା ରାଲି ଛାମୁଣ୍ଡିଆ ପଞ୍ଚାୟତର କୁମ୍ଭୀରଖଣି, ଧୋବାବରେଇ, ରାଜିଙ୍ଗି, ମହନାପଦା, ରାଇଗାଡିଆ, ମାଳିସାହି, ଈଶ୍ୱରପୁର, ବେଣ୍ଟପଡା, ଗୋପୀନାଥପୁର, ହରିପୁର, ଛାମୁଣ୍ଡିଆ, କନ୍ଧଜିଲିଣ୍ଡା, ବେଠିଆସାହି, ମୁଦୁଲିଗାଡିଆ, ବଡ଼ମୂଳପାଟଣା ଓ ବଡ଼ମୂଳ ମାଳିସାହି ଗ୍ରାମ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, ଫରେଷ୍ଟର ଗୋଲଖ ବିହାରୀ ବେହେରା, ଲକ୍ଷ୍ମୀନାରାୟଣ ପଣ୍ଡା,ଦୀପ୍ତିରଞ୍ଜନ ଆଚାର୍ଯ୍ୟ,ଲୋକନାଥ ସେଠୀ, ମା'କାଳୀ ଯୁବ ପରିଷଦର ସଭାପତି ହେମନ୍ତ କୁମାର ମାଝି, ସୁଶୀଲ କୁମାର ସାହୁ, ନାରାୟଣ ଦଳେଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଯୁବକ ଓ ବନ କର୍ମଚାରୀମାନେ ବାଇକ ରାଲିରେ ଯୋଗଦେଇଥିଲେ । ଯୁବଗୋଷ୍ଠୀଙ୍କ ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।



ବାଇକ୍ ଶୋଭାଯାତ୍ରାରେ ବନକର୍ମଚାରୀ ଓ ମା' କାଳୀ ଯୁବ ପରିଷଦର ସଦସ୍ୟମାନେ।

## ଭିନ୍ନକ୍ଷମ ଅଧିକାର ଅଧିନିୟମ ଉପରେ ଆଲୋଚନାଚକ୍ର

**ଦଶପଲ୍ଲା,୩୧।୧(ଡି.ଏନ.ଏ.)**

ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଡିଜାବଲ୍ ରିଲିଫ୍ ଅର୍ଗାନାଇଜେଶନ୍ ପକ୍ଷରୁ ଭିନ୍ନକ୍ଷମ ଅଧିକାର ଅଧିନିୟମ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ ଅଧିକାର ଅଧିନିୟମ ଓଡ଼ିଶାରେ ଜାନୁୟାରୀ ୨୦୧୮ରୁ ଲାଗୁ କରାଯାଇଛି। ଏହି ଆଇନ ସମ୍ବନ୍ଧୀୟ ସୁବିଧା ସୁଯୋଗ ଗୁଡିକୁ ସାଧାରଣ ଲୋକଙ୍କ ନିକଟରେ ପହଁଚାଇବା ଲକ୍ଷ୍ୟରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶପଲ୍ଲାର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ସାମାଜିକ କର୍ମୀ, ଭିନ୍ନକ୍ଷମ ଶିଶୁ ଏବଂ ଅଭିଭାବକମାନେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଡା. ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ଓ ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀଧର ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

# ଓଭରହେଡ୍ ପାଣିଟାଙ୍କି ନିର୍ମାଣର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

**ଭାପୁର,୩୧।୧(ଡି.ଏନ୍.ଏ.)**

ଭାପୁର ବ୍ଲକର ସର୍ବାଧିକ ଜଳକ୍ଲିଷ୍ଟ ଗ୍ରାମପଞ୍ଚାୟତ ଭାବେ ପରିଚିତ ଚକ୍ରଧରପ୍ରସାଦର ପାନୀୟ ଜଳ ସମସ୍ୟା ଦୂରକରିବା ପାଇଁ ଏକ ବୃହତ୍ତ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ଅନୁଷ୍ଠିତ ହୋଇଛି। ବିଧାୟକ ଅନୁଭବ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୬୪ଲକ୍ଷ ୬୬ହଜାର ଟଙ୍କା ବ୍ୟୟରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଉକ୍ତ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ହେବ। ଏକ ପମ୍ପହାଉସରୁ ୭ କି.ମି. ୩୦୦ ମିଟର ପର୍ଯ୍ୟନ୍ତ ନୂତନ ପାଇପ୍ ଲାଇନ ବିଛା ଯିବ। ଏହାଦ୍ୱାରା ଚକ୍ରଧରପ୍ରସାଦ ଓ ଗଡ଼ଖୋଲ ଗ୍ରାମର ୪ ହଜାର ଲୋକ ଉପକୃତ ହେବେ। ସ୍ଥାନୀୟ ଯୁବନେତା ରମେଶ କୁମାର ନାଥ, ନୀଳକଣ୍ଠ ପାଇକରାୟ, ଭାଗୀରଥି ନାଥ, କବି ଚନ୍ଦ୍ର ମଲିକ, ନିତ୍ୟାନନ୍ଦ ସାହୁ, ଦୀପକ କୁମାର ନାଥ ଓ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହାପରେ ଗ୍ରାମର ମହାଦେବଙ୍କ ମନ୍ଦିର ନିକଟରେ ଏକ ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀରେ ବିଧାୟକ ଯୋଗଦେଇଥିଲେ।